

'ଦାୟରା'ର ସୁଟିଂ ଆରମ୍ଭ କଲେ କରିନା

▶ପୃଷ୍ଠା ୧୧ ଦେଖନ୍ତୁ...


RNI REGD NO: 42041/83

www.sakalaepaper.com

/sakalanews

/sakalanews

www.thesakala.in

# ସକାଳ

THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-101 •TUESDAY •7 OCTOBER 2025 •PAGE-12 •₹ 6.00

PANIKOILI

•ବର୍ଷ-୪୩ •ସଂଖ୍ୟା-୧୦୧ •ମଙ୍ଗଳବାର •୭ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ସାରା ରାଜ୍ୟକୁ ବ୍ୟାପିଛି ପୁଲିସ ଏସ୍‌ଆଇ ଚାକିରି ବିକ୍ରିର ବୁଢ଼ିଆଣୀ ଜାଲ

# ଢୋଲ ଭିତରେ ମୂଷା

■ ଭୁବନେଶ୍ୱର,୬ ।୧୦(ସମିସ): ଓଡ଼ିଶାରେ ପୁଲିସ ଚାକିରି ବେପାର ଘଟଣା ସାରା ଦେଶରେ ଆଲୋଡ଼ନ ସୃଷ୍ଟି କରିଛି । ଅତ୍ୟନ୍ତ ବ୍ୟବସ୍ଥିତ ଭାବରେ କରାଯାଇଥିବା ଏହି ଷଡ଼ଯନ୍ତ୍ରର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ହାତରେ କିଛି ତଥ୍ୟ ମଧ୍ୟ ଲାଗିଛି । ମାତ୍ର

### ସେପ୍ଟେମ୍ବର ମାସରେ ପରୀକ୍ଷା ଅଭ୍ୟାସ କରିଛନ୍ତି ଆହୁରି ୩ଶହ ଆଶାୟୀ

### ଶଙ୍କରର ବ୍ୟାଙ୍କ ଆକାଉଣ୍ଟରେ ହୋଇଛି କୋଟି କୋଟି ଟଙ୍କା କାରବାର

ସଂଗଠିତ ଭାବରେ ଚାକିରି ବିକ୍ରିର ଚେର ଯାଏ କ୍ରାଇମବ୍ରାଞ୍ଚ ପହଞ୍ଚି ପାରିନାହିଁ । ଯେଉଁ ସ୍ଥାନରେ କ୍ରାଇମବ୍ରାଞ୍ଚ ଚଢ଼ଉ କରୁଛି, ସେଠାରେ ସେପରି କିଛି ଶକ୍ତ ସୁରାକ ନ ମିଳିବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଚଢ଼ଉ ସୂଚନା ପାଇ ଅଭିଯୁକ୍ତମାନେ ଆଗୁଆ ପ୍ରମାଣ ଗାଏବ କରିବାକୁ ସମର୍ଥ ହେଉଥିବା ଏବେ ସନ୍ଦେହ କରାଯାଉଛି । ଗତକାଲି ରଘୁନାଥପୁରରେ ଲିଙ୍ଗରାଜ ଇନ୍‌ଫୋସେଲ ପରୀକ୍ଷା ସେଣ୍ଟରରେ ଚଢ଼ଉ ସମୟରେ ଏହାର ଉଦାହରଣ ଦେଖିବାକୁ ମିଳିଛି । ପରୀକ୍ଷାକେନ୍ଦ୍ର ପାଇଁ ମନୋନୀତ ହୋଇଥିବା ଏହି ସ୍ଥାନରୁ ସବୁ ସାମଗ୍ରୀ କୁଆଡ଼େ ଗଲା ତାହା ସ୍ୱାଭାବିକ ସନ୍ଦେହ ସୃଷ୍ଟି କରିଛି । ତେଣୁ କେଉଁ ସ୍ଥାନରେ ଚଢ଼ଉ ହେବ ସେ ସମ୍ପର୍କରେ ଅଭିଯୁକ୍ତମାନେ ହୁଏତ ଆଗୁଆ ସୂଚନା ସଂଗ୍ରହ କରିବାକୁ ସମର୍ଥ ହେଉଛନ୍ତି ବା ସେମାନଙ୍କୁ କେହି ଆଗୁଆ ସୂଚନା ଦେଉଥାଇପାରନ୍ତି ବୋଲି ଆଶଙ୍କା କରାଯାଉଛି ।

ଅନ୍ୟପକ୍ଷରେ ଶ୍ରୀକାକୁଳମରୁ ଗିରଫ ୧୧୪ ଜଣ ପରୀକ୍ଷାର୍ଥୀଙ୍କ ପୂର୍ବରୁ ବାଲେଶ୍ୱର, ମୟୂରଭଞ୍ଜ ଓ ଅବିଭକ୍ତ କୋରାପୁଟ ଜିଲ୍ଲାରୁ ପ୍ରାୟ ୩୦୦ ଆଶାୟୀଙ୍କୁ ମଧ୍ୟ ପଡ଼ୋଶୀ ରାଜ୍ୟରେ ତାଲିମ ଦିଆଯାଇଥିବା ଅଭିଯୋଗ ହୋଇଛି । ତେଣୁ ଏହି ପରୀକ୍ଷାର୍ଥୀମାନେ କେଉଁଠି କୋଚିଂ ନେଇଥିଲେ ସେ ସମ୍ପର୍କରେ କ୍ରାଇମବ୍ରାଞ୍ଚ ଖୋଳତାଡ଼ ଆରମ୍ଭ କରିଛି । କୌତୂହଳର କଥା ହେଉଛି ପ୍ରତି ପରୀକ୍ଷାର୍ଥୀଙ୍କଠାରୁ ଆଗୁଆ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆଦାୟ ହୋଇଥିବା ତଦନ୍ତକାରୀ ଅଧିକାରୀମାନେ କହୁଥିବାବେଳେ ଏହି ଟଙ୍କା କେଉଁଠି ଓ କାହାପାଖରେ ଅଛି ତାହାର ସନ୍ଧାନ ମିଳିନାହିଁ । ଚାକିରି ପାଇଁ ଟଙ୍କା ଦେଇଥିବା ପିଲାମାନେ ଜେଲ୍‌ରେ ଥିବାବେଳେ ଚାକିରି ଦେବାକୁ ଟଙ୍କା ନେଇଥିବା ଲୋକମାନେ କୁଆଡ଼େ ଗଲେ ବୋଲି ସ୍ୱାଭାବିକ ପ୍ରଶ୍ନ ଉଠିଛି । ଏହି ଟଙ୍କା ଶଙ୍କର ପୃଷ୍ଟି ପାଖରେ ଅଛି ନା ଏଥିରୁ ଆଉ କିଏ ଭାଗ ନେଇଛନ୍ତି ତାହା ତଦନ୍ତ ସାପେକ୍ଷ ବୋଲି କୁହାଯାଉଛି ।

ସେହିପରି ଶଙ୍କରର ମହାରାଷ୍ଟ୍ର ଲିଙ୍କ୍ ଆସିବା ପରେ କ୍ରାଇମ୍‌ବ୍ରାଞ୍ଚ ଏକ ଟିମ୍ ସେଠାକୁ ତଦନ୍ତ ପାଇଁ ଯାଇଥିବା ଜଣାପଡ଼ିଛି । ସେଠାରେ ଥିବା ଶଙ୍କରର ଏକ ଘରେ ଚଢଉ କରାଯାଇଥିଲେ ବି ସେପରି କିଛି ଗୁରୁତ୍ୱପୂର୍ଣ୍ଣ ଦସ୍ତାବିଜ କ୍ରାଇମବ୍ରାଞ୍ଚ ପାଇ ନ ଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି । ତେଣୁ ଚଢ଼ଉ ସମ୍ପର୍କରେ ଶଙ୍କର ପୃଷ୍ଟିକୁ ଆଗୁଆ ସୂଚନା ମିଳିଥିବା ସ୍ୱାଭାବିକ ସନ୍ଦେହ କରାଯାଉଛି । ଏପଟେ ଶଙ୍କର ସହ ଯୋଗସୂତ୍ରରେ ଥିବା ଅନେକ ବ୍ୟକ୍ତିଙ୍କ ସୂଚୀ କ୍ରାଇମବ୍ରାଞ୍ଚ ପ୍ରସ୍ତୁତ କରିଛି । ତାର ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ବେଳେ ବିପୁଳ ଅର୍ଥ କାରବାର ହୋଇଥିବା କ୍ରାଇମବ୍ରାଞ୍ଚ ସୂଚନା ପାଇଛି । ▶ପୃଷ୍ଠା-୭

### ବାଲେଶ୍ୱରରୁ ଆଉ ଜଣେ ଗିରଫ

■ଭୁବନେଶ୍ୱର,୬ ।୧୦(ସମିସ): ପୁଲିସ ଏସ୍‌ଆଇ ଚାକିରି ବିକ୍ରି ଘଟଣାରେ ବାଲେଶ୍ୱରର ରଣସାହି ପଞ୍ଚାୟତର ଜଣେ ବ୍ୟକ୍ତି ଚନ୍ଦନ ମଲ୍ଲିକଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ । ଗିରଫ ଚାକିରି ଆଶାୟୀମାନଙ୍କୁ ପଚରାଉଚରା କରିବା ପରେ ଚନ୍ଦନ ନାମ ପଦାକୁ ଆସିଥିଲା । ଏହାପରେ ଗତକାଲି ବିଳମ୍ବିତ ରାତ୍ରିରେ ତାଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରି ବ୍ରହ୍ମପୁର ଜେଏମଏଫସି ଗ୍ରାମାଞ୍ଚଳ କୋର୍ଟରେ ହାଜର କରିଛି । ଜାମିନ ନାମଞ୍ଜୁର ହେବା ପରେ ତାଙ୍କୁ ଜେଲ ପଠାଇଛି କ୍ରାଇମବ୍ରାଞ୍ଚ । ଚନ୍ଦନଙ୍କୁ ଗିରଫ ପରେ ମୋଟ ଗିରଫଦାରୀ ସଂଖ୍ୟା ୧୨୦ରେ ପହଞ୍ଚିଛି । ଚନ୍ଦନ ଚାକିରି ▶ପୃଷ୍ଠା-୭

### କିଏ ଦେବ ଅବୁଝା ପ୍ରଶ୍ନର ଉତ୍ତର

- କିଣିବାବାଲା ଜେଲରେ, ଚାକିରି ବିକିବାବାଲା ଗଲେ କୁଆଡ଼େ ?
- ଚାକିରି ପାଇଁ ଆଦାୟ ବିପୁଳ ଅଗ୍ରୀମ ଟଙ୍କା କାହା ପାଖରେ ?
- କିଏ ଦେଇଥିଲା ନିଯୁକ୍ତି ପରୀକ୍ଷା ପରିଚାଳନା ସବ୍‌ଲେଟ୍ ଅନୁମତି ?
- ସିଲିକନ୍‌ରୁ ପଞ୍ଚସଫ୍ଟ ସବ୍‌ଲେଟ୍ ବେଳେ କାହିଁକି ଚୁପ୍ ଥିଲା ଓପିଆରବି ?
- ଫେରାର ଶଙ୍କର ମୁଣ୍ଡରେ ଦୋଷ ଅଜାଡ଼ି ଫିଟିଯିବେ କି ବଡ଼ବଡ଼ିଆ ?

# ଦୁଇ ପର୍ଯ୍ୟାୟରେ ବିହାର ନିର୍ବାଚନ

## ନଭେମ୍ବର ୬ ଓ ୧୧ରେ ଭୋଟ୍, ୧୪ରେ ଗଣତି

■ ନୂଆଦିଲ୍ଲୀ, ୬।୧୦(ଏଜେନ୍ସି): ବିହାରରେ ବିଧାନସଭା ନିର୍ବାଚନ ଲାଗି ନିର୍ବାଚନ କମିସନ ଆଜି ତାରିଖ ଘୋଷଣା କରିଛନ୍ତି । ଏହି ନିର୍ବାଚନ ଆସନ୍ତା ନଭେମ୍ବର ୬ ଏବଂ ୧୧ ତାରିଖରେ ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ । ରାଜ୍ୟ ବିଧାନସଭାର ୨୪୩ ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୨୧ଟି ଆସନରେ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ଅବଶିଷ୍ଟ ୧୨୨ ଆସନରେ ଭୋଟ ଗ୍ରହଣ କରାଯିବ । ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ । ବିହାର ବିଧାନସଭାର କାର୍ଯ୍ୟକାଳ ନଭେମ୍ବର ୨୨ ସମାପ୍ତ ହେଉଥିବାରୁ ନିର୍ବାଚନ ପ୍ରକ୍ରିୟା ୧୬ ତାରିଖ ସୁଦ୍ଧା ଶେଷ ହେବ । ତାରିଖ ଘୋଷଣା ସହିତ ରାଜ୍ୟରେ ଆଦର୍ଶ ଆଚରଣବିଧି ଲାଗୁ ହୋଇଯାଇଛି ।

ଆଜି ଏଠା ।ାରେ ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାର ନିର୍ବାଚନ ତାରିଖ ଘୋଷଣା କରି କହିଛନ୍ତି ଯେ ଭୋଟଦାନକୁ ସ୍ୱଚ୍ଛ ଓ ନିରପେକ୍ଷ କରିବା ଲାଗି ସବୁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ । ସମସ୍ତ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯିବ ଏବଂ ଇଭିଏମରେ ପ୍ରଥମ ଥର ଲାଗି ପ୍ରାର୍ଥୀମାନଙ୍କର ରଙ୍ଗିନ ଫଟୋ ▶ପୃଷ୍ଠା-୭

### ନଭେମ୍ବର ୧୧ରେ ନୂଆପଡ଼ା ଉପନିର୍ବାଚନ

■ ଭୁବନେଶ୍ୱର, ୬।୧୦ (ସମିସ): ନୂଆପଡ଼ା ବିଧାନସଭା ଉପନିର୍ବାଚନ ପାଇଁ ସୋମବାର କାର୍ଯ୍ୟସୂଚୀ ଘୋଷଣା ହୋଇଛି । ଆସନ୍ତା ନଭେମ୍ବର ୧୧ ତାରିଖରେ ନୂଆପଡ଼ାରେ



**ଆସନ୍ତା ୧୩ ତାରିଖରୁ ନାମାଙ୍କନ ଦାଖଲ**

**ମତଦାନ ନିମନ୍ତେ ୩୫୮ କେନ୍ଦ୍ର ପ୍ରସ୍ତୁତ**

**ସମସ୍ତ ବୁଥିରେ ୱେବ୍ କାଷ୍ଟିଂ ବ୍ୟବସ୍ଥା**

ମତଦାନ ହେବ । ନଭେମ୍ବର ୧୪ ତାରିଖରେ ଭୋଟ ଗଣତି ସହିତ ଫଳାଫଳ ପ୍ରକାଶ ପାଇବ । ଏଥିପାଇଁ ଆସନ୍ତା ଅକ୍ଟୋବର ୧୩ ତାରିଖ ଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ । ଅକ୍ଟୋବର ୨୦ ତାରିଖକୁ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ରଖାଯାଇଥିବା ବେଳେ ଅକ୍ଟୋବର ୨୨ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ । ଅକ୍ଟୋବର ୨୪ରେ ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିବ । ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ) ଆର୍. ସନ୍ତଗୋପାଳନ୍ ତାରିଖ ଘୋଷଣା କରିବା ▶ପୃଷ୍ଠା-୭

### ସିଜେଆଇଙ୍କୁ ଜୋତା ଫିଙ୍ଗିଲେ ଆଇନଜୀବୀ



■ ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ସୁପ୍ରିମକୋର୍ଟରେ ରବିବାର ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । କୋର୍ଟ ରୁମ୍‌ରେ ଶୁଣାଣି ଚାଲିଥିବା ବେଳେ ପ୍ରଧାନ ବିଚାରପତି ଜଷ୍ଟିସ ବିଆର୍ ଗଭାଇଙ୍କ ଉପରେ ଆକ୍ରମଣ ଉଦ୍ୟମ କରିଛନ୍ତି ଜଣେ ବୟସ୍କ ଓକିଲ । ରାକେଶ କିଶୋର ନାମକ ୭୧ ବର୍ଷୀୟ ଏହି ଓକିଲ ଜଷ୍ଟିସ ଗଭାଇଙ୍କ ଉପରକୁ ଜୋତା ଫିଙ୍ଗିଥିଲେ । ତେବେ ଏହି ଜୋତା ତାଙ୍କ ବେଞ୍ଚ୍ ପର୍ଯ୍ୟନ୍ତ ପହଞ୍ଚି ନଥିଲା । ▶ପୃଷ୍ଠା-୭

## ପୁଲିସ ଏସ୍‌ଆଇ ନିଯୁକ୍ତି ପରୀକ୍ଷା କେଳେଙ୍କାରୀ

# ଗର୍ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳ




**ସିବିଆଇ ତଦନ୍ତ ପାଇଁ ଏତେ ଭୟ କାହିଁକି?**

**ଚାକିରି ବିକି ୨୦୦ କୋଟି ରୋଜଗାର**

**ଘଟଣାରେ ବିଜେପି ନେତା ଓ ମନ୍ତ୍ରୀଙ୍କ ସମ୍ପୃକ୍ତି**

**ଲାଞ୍ଚ ନେଇଥିବା ଲୋକ ଗଲେ କୁଆଡ଼େ?**

■ ଭୁବନେଶ୍ୱର, ୬।୧୦(ସମିସ): ପୁଲିସ ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ଘଟଣାରେ ଆଶାୟୀଙ୍କୁ ନ୍ୟାୟ ଦାବି ସହ ଅନିୟମିତା ବିରୋଧରେ ସୋମବାର ଗର୍ଜିଛି ବିଜୁ ଯୁବ, ଛାତ୍ର ଜନତା ଦଳ । ଏସ୍‌ଆଇ ନିଯୁକ୍ତି ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ନେଇ ଦଳ ପକ୍ଷରୁ ମାଷ୍ଟର କ୍ୟାଣ୍ଟିନଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଜୋରଦାର ପ୍ରତିବାଦ କରାଯାଇଛି । ଘଟଣାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆ ନ ଗଲେ, ଆଗକୁ ଜୋର୍‌ଦାର୍ ଆନ୍ଦୋଳନ କରାଯିବ ବୋଲି ଯୁବ, ଛାତ୍ର ନେତାମାନେ ଚେତାବନୀ ଦେଇଛନ୍ତି ।

ସୋମବାର ଯୁବ, ଛାତ୍ର ଜନତା ଦଳର ବହୁ ସଂଖ୍ୟକ କର୍ମୀ ଏହି ଏସ୍‌ଆଇ ନିଯୁକ୍ତି କେଳେଙ୍କାରୀ ବିରୋଧରେ ମାଷ୍ଟରକ୍ୟାଣ୍ଟିନ ଛକଠାରେ ଏକତ୍ରିତ ହୋଇଥିଲେ । ସରକାରଙ୍କ ବିରୋଧରେ ସେମାନେ ନାରାବାଜି କରିବା ସହ ମାଷ୍ଟରକ୍ୟାଣ୍ଟିନ ଛକଠାରୁ ବିଧାନସଭା ଆଡ଼କୁ ମାଡ଼ି ଆସିଥିଲେ । ପୁଲିସ ସେମାନଙ୍କୁ ଅଟକାଇବାକୁ ପ୍ରୟାସ କରିବା ବେଳେ ଧସ୍ତାଧସ୍ତି ମଧ୍ୟ ହୋଇଥିଲା । ଦଳର ଏହି ଦୁଇ ଛାମୁଆ ସଂଗଠନର ଅଭିଯୋଗ ଅନୁଯାୟୀ, ବିଜେପି ଶାସନରେ ମହିଳା ଓ ଶିଶୁଙ୍କ ବିରୋଧରେ ଅପରାଧ ଅହେତୁକ ବୃଦ୍ଧି ପାଇ ଓଡ଼ିଶା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିନ୍ଦିତ ଓ ଲଜ୍ଜିତ ହୋଇଥିବା ବେଳେ ଏବେ ସରକାରୀ ଚାକିରି ବିକ୍ରି ଭଳି ସାଂଘାତିକ ଅଭିଯୋଗ ସାମ୍ନାକୁ ଆସିଛି । ଗତ ୧୫ ମାସରେ ୧୬ଟି ନିଯୁକ୍ତି ପରୀକ୍ଷା ଶେଷ ମୁହୂର୍ତ୍ତରେ ବାତିଲ ହୋଇଛି, ଯାହା ଯୋଗୁଁ ନିଯୁକ୍ତି ଆଶାୟୀମାନେ ହତାଶ ହୋଇଛନ୍ତି । ପୁଲିସ ଏସଆଇ ପଦ ପାଇଁ ଚଳିତ ବର୍ଷ ମାର୍ଚ୍ଚ ୮ ଓ ୯ରେ ହେବାକୁ ଥିବା ଲିଖିତ ପରୀକ୍ଷାକୁ ଶେଷ ମୁହୂର୍ତ୍ତରେ ବାତିଲ କରାଯାଇଥିଲା । ▶ପୃଷ୍ଠା-୭

## ପୁଲିସ ବଳୟରେ କଟକ

# ଆଉ ୨୪ ଘଣ୍ଟା ଇଣ୍ଟରନେଟ୍ ସେବା ବନ୍ଦ



■ କଟକ,୬ ।୧୦(ସମିସ): ଶାନ୍ତ ହେଉଛି ଅଶାନ୍ତ କଟକ । ଉତ୍ତେଜନା କ୍ରମଶଃ ହ୍ରାସ ପାଇଥିବା ବେଳେ ପୁଲିସର କଡ଼ା ସୁରକ୍ଷା ବଳୟରେ ରହିଛି ରୌପ୍ୟନଗରୀ । ଦୁର୍ଗାପୂଜା ଭସାଣି ଗୋଷ୍ଠୀ ସଂଘର୍ଷ ପ୍ରତିବାଦରେ କଟକ ବନ୍ଦ ଡାକରା ଦେଇଥିବା ବିଶ୍ୱ ହିନ୍ଦୁ ପରିଷଦର କର୍ମୀ ଓ ପୁଲିସ ମଧ୍ୟରେ ଗତକାଲି ଖଣ୍ଡଯୁଦ୍ଧ ହୋଇଥିଲା । ଏଥି ଯୋଗୁଁ କଟକ ଅଶାନ୍ତ ହୋଇ ପଡ଼ିଥିବା ବେଳେ ୩୬ଘଣ୍ଟିଆ କର୍ଫ୍ୟୁ ଘୋଷଣା କରାଯାଇଥିଲା । ଏହାର ୨୪ଘଣ୍ଟା ଶାନ୍ତିପୂର୍ଣ୍ଣ ଭାବେ ଅତିବାହିତ ହୋଇଥିବା ବେଳେ ▶ପୃଷ୍ଠା-୭

**୪ଟି ମାମଲା ରୁଜୁ: ୮ ଜଣ ଗିରଫ**

**୧୩ଟି ଥାନା ଅଞ୍ଚଳରୁ ୩୦୦ ଆଇନ ଉଲ୍ଲଙ୍ଘନକାରୀ ଅଟକ**

### ଜନଜୀବନ କଲବଲ

■ କଟକ,୬ ।୧୦(ସମିସ): କର୍ଫ୍ୟୁ ଯୋଗୁଁ ସାରା ସହରରେ ଜୀବନଯାତ୍ରା ସମ୍ପୂର୍ଣ୍ଣ ରୂପେ ବାଧାପ୍ରାପ୍ତ ହୋଇଛି । ଦିନ ତମାମ ସହରବାସୀ ହାଇରାଣ ହରକତ ହୋଇଥିବା ନଜରକୁ ଆସିଛି । ମୁଖ୍ୟତଃ ଇଣ୍ଟରନେଟ୍ ସେବା ଅଚଳ ହୋଇଯିବାରୁ ବ୍ୟାଙ୍କ୍, ହସ୍ପିଟାଲ୍, ସରକାରୀ ଓ ବେସରକାରୀ କାର୍ଯ୍ୟାଳୟଗୁଡ଼ିକରେ ସେବା ବାଧାପ୍ରାପ୍ତ ହୋଇଛି । ଇଣ୍ଟରନେଟ୍ ଅଚଳ ହୋଇଯିବାରୁ ସହରରେ ଥିବା ହସ୍ପିଟାଲ୍‌ଗୁଡ଼ିକରେ ଆୟୁଷ୍ମାନ୍ କାର୍ଡର ସୁଫଳ ରୋଗୀମାନେ ପାଇ ପାରିନଥିଲେ । ଅନେକ ▶ପୃଷ୍ଠା-୭

**ବୀମା, ବ୍ୟାଙ୍କ୍ ଓ ସ୍ୱାସ୍ଥ୍ୟ ସେବା ପ୍ରଭାବିତ**


**ବସ୍ ଚଳାଚଳ ବ୍ୟାହତ; ଯାତ୍ରୀ ହଟହଟା**






# ଘଣ୍ଟାଏ ଭିତରେ ଯେକୌଣସି ସ୍ଥାନକୁ ହେବ ଡେଲିଭରି

ୱାସିଂଟନ, ୬।୧୦ (ଏଜେନ୍ସି): ଆମେରିକାରୁ ଏକ ଆଶ୍ଚର୍ଯ୍ୟଜନକ ଖବର ସାମ୍ନାକୁ ଆସିଛି। ଆମେରିକାର ଏକ ଏରୋସ୍ପେସ ତଥା ଡିଫେନ୍ସ କମ୍ପାନୀ 'ଇନଭର୍ଜନ' ବିଶ୍ୱର ପ୍ରଥମ ମହାକାଶ ଯାନ ପ୍ରସ୍ତୁତ କରିଛି। ଏହି ଯାନ ମାଧ୍ୟମରେ ପୃଥିବୀର ନିମ୍ନ କକ୍ଷରୁ ଯେକୌଣସି ସ୍ଥାନକୁ ଘଣ୍ଟାଏରୁ କମ୍ ସମୟ ମଧ୍ୟରେ ସାମଗ୍ରୀ ପହଞ୍ଚାଇ ହେବ। ଏହି ଯାନ ୨୨୭ କେଜି ଓଜନ ପର୍ଯ୍ୟନ୍ତ ଭାର ତଥା ଜରୁରୀ ସାମଗ୍ରୀ ନେଇପାରିବ। ଏହି ଯାନର ନାମ 'ଆର୍କ' ରଖାଯାଇଛି। କମ୍ପାନୀ ଏକ କାର୍ଯ୍ୟକ୍ରମରେ ଏହି ଯାନ ଲଞ୍ଚ୍ କରିଛି।



ଇନଭର୍ଜନର ସହ-ପ୍ରତିଷ୍ଠାତା ଜଷ୍ଟିସ ଫିୟାସ୍କେଟି ଏବଂ ଅଷ୍ଟିନ ବ୍ରିଗ୍ସ କହିଛନ୍ତି ଯେ ଏହା ଏକ ନୂଆ ଲଜିଷ୍ଟିକ ପ୍ଲାଟଫର୍ମ। ଏହା ମହାକାଶରେ ଏକ ନେଟୱର୍କ ପ୍ରସ୍ତୁତ କରି ପୃଥିବୀକୁ ପୂର୍ବାପେକ୍ଷା ଅଧିକ ସୁଗମ (ଆକ୍ସେସେବୁଲ) କରିବ। ଏହି ଯାନ ଘଣ୍ଟା ପ୍ରତି ୨୪, ୭୦୦ କିମି ବେଗରେ ଗତି କରିବ। ମହାକାଶ ଯାନ ତୁଳନାରେ ଏହା ବହୁତ କ୍ଷୁଦ୍ର। ଏହି ଯାନର ଉଚ୍ଚତା ୮ ଫୁଟ ଏବଂ ଓସାର ୪ ଫୁଟ। ଏହା ମାଧ୍ୟମରେ ମେଡିକାଲ ଉପକରଣ ଏବଂ ଔଷଧଠାରୁ ନେଇ ଡ୍ରୋନ ପର୍ଯ୍ୟନ୍ତ ସାମଗ୍ରୀ ରପ୍ତାନୀ କରିହେବ।

ମହାକାଶରେ ପୁଣିଥରେ ପହଞ୍ଚିବା ପରେ ଆର୍କ ନିଜକୁ ନିୟନ୍ତ୍ରଣ କରିପାରିବ। ଏହା ପାରାଚୁଟ ମାଧ୍ୟମରେ ବିନା ରନୱେରେ ଅବତରଣ ମଧ୍ୟ କରିବାରେ ସକ୍ଷମ। ସାମଗ୍ରୀ ପହଞ୍ଚାଇବା ପାଇଁ ଡିଜାଇନ କରାଯାଇଥିବାରୁ ଏହା ମନୁଷ୍ୟକୁ ନେଇ ଯାଉଥିବା ଯାନ ତୁଳନାରେ ଶସ୍ତା। ଆର୍କ ପୁନଃବ୍ୟବହାରକ୍ଷମ ଏବଂ ସଠିକ ଭାବେ ଅବତରଣ କରିପାରିବ। ଏବେ ସୁଦ୍ଧା ଏହି ଯାନର ଅନେକ ପରୀକ୍ଷଣ ସଫଳ ହେଲାଣି। ଆର୍କକୁ ପୃଥିବୀ କକ୍ଷରେ ରଖାଯିବ। ଏହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିପାରିବ। ଆବଶ୍ୟକ ପଡ଼ିଲେ ପୃଥିବୀର ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଘଣ୍ଟାଏ ମଧ୍ୟରେ ସାମଗ୍ରୀ ପହଞ୍ଚାଇବ।

# ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବ ରୁଷ୍

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ରୁଷିଆ ପାକିସ୍ତାନକୁ ଜେଏଫ୍-୧୭ ଜେଟ୍ ଇଞ୍ଜିନ୍ ବିକ୍ରି କରିବାକୁ ଯାଉଛି। ଏହା ଭାରତକୁ ପରୋକ୍ଷରେ ଫାଇଦା ପହଞ୍ଚାଇବ ବୋଲି ରୁଷିଆର ପ୍ରତିରକ୍ଷା ବିଶେଷଜ୍ଞ ପିଓଟର ଟୋପିଚକାନୋଭ କହିଛନ୍ତି। ଜେଏଫ୍-୧୭ରେ ବ୍ୟବହାର ପାଇଁ ଆରଡି- ୯୩ ଇଞ୍ଜିନ୍ ରୁଷିଆ ପାକିସ୍ତାନକୁ ଦେବ। କିନ୍ତୁ ଏହା ଭାରତକୁ ଫାଇଦା ପହଞ୍ଚାଇବା ନେଇ ଟୋପିଚକାନୋଭ ଦୁଇଟି ତର୍କ ଦେଇଛନ୍ତି। ପ୍ରଥମଟି ହେଲା ଚୀନ୍ ଓ ପାକିସ୍ତାନ ସାଥି ହୋଇ ରୁଷୀୟ ଇଞ୍ଜିନର ବିକଳ୍ପ ପ୍ରସ୍ତୁତି କରିପାରିବେ ନାହିଁ। ଏଥିପାଇଁ ପାକିସ୍ତାନ ଚୀନ୍‌ର ଲଢୁଆ ବିମାନ ପାଇଁ ରୁଷ ଇଞ୍ଜିନ କ୍ରୟ କରୁଛି। ଦ୍ୱିତୀୟଟି ହେଲା ଅପରେସନ ସିନ୍ଦୂର ଚାଲିଥିବା ବେଳେ ପାକିସ୍ତାନ ଚୀନର ଜେଏଫ୍-୧୭ ବିମାନର ବହୁଳ ବ୍ୟବହାର କରିଥିଲା। ଏପରିସ୍ଥଳେ ଯଦି, ପାକିସ୍ତାନ ତା'ର ଫାଇଟର ଜେଟ୍‌ରେ ଯଦି ରୁଷର ଇଞ୍ଜିନ ବ୍ୟବହାର କରେ, ତେବେ ଭାରତ ଏହି ବିମାନର କାର୍ଯ୍ୟକଳାପ ଓ ଉଡାଣ ସମ୍ପର୍କରେ ଅତି ସହଜରେ ଅବଗତ ହେବ। ତେଣୁ ପାକିସ୍ତାନ କୌଣସି ବଡ଼ ଧରଣର କାଣ୍ଡ ଘଟାଇବା ପୂର୍ବରୁ ଭାରତ ଆଗୁଆ ଜାଣିବାରେ ସହଜରେ ସକ୍ଷମ ହେବ ବୋଲି ଟୋପିଚକାନୋଭ କହିଛନ୍ତି। ପୁଣି ଆରଡି- ୯୩ ଇଞ୍ଜିନ ସମ୍ପୂର୍ଣ୍ଣ ଭାବେ ବ୍ୟବସାୟିକ ହେବ ଓ ଏଥିରେ ପାକିସ୍ତାନ ସହ କୌଣସି ବୈଷୟିକ ନେଣଦେଣ ହେବନି ବୋଲି ରୁଷିଆ ଭାରତକୁ ପ୍ରତିଶ୍ରୁତି ଦେଇଛି। ଅନ୍ୟପଟେ ରୁଷିଆ ଭାରତକୁ ଦେଇଥିବା ଆରଡି- ୯୩ ଇଞ୍ଜିନ୍‌ର ବୈଷୟିକ ସ୍ଥାନାନ୍ତରଣ ହୋଇପାରିବ। ଉଲ୍ଲେଖଥାଉ କି, ୨୦୦୦ ପରେ ଚୀନ୍, ପାକିସ୍ତାନ ଓ ରୁଷିଆ ମଧ୍ୟରେ ଏକ ଚୁକ୍ତି ହୋଇଥିଲା।



# ଆମେରିକାରେ ଭାରତୀୟ ମ୍ୟାନେଜରଙ୍କୁ ହତ୍ୟା

ପେନସିଲଭାନିଆ,୬।୧୦(ଏଜେନ୍ସି): ଆମେରିକାର ଆଉ ଜଣେ ଭାରତୀୟଙ୍କୁ କରାଯାଇଛି। ପିଟ୍‌ସବର୍ଗରେ ଜଣେ ଭାରତୀୟ ବଂଶୋଦ୍ଭବ ମୋଟେଲ ମ୍ୟାନେଜର ୫୧ ବର୍ଷୀୟ ରାକେଶ ଏହାଗାବାନଙ୍କୁ ଅତି ନିକଟରୁ ଗୁଳିକରି ହତ୍ୟା କରାଯାଇଛି। ସେ ରବିନସନ ଟାଉନସିପ୍‌ର ପିଟସବର୍ଗ ମୋଟେଲ ପରିଚାଳନା କରୁଥିଲେ। ଶୁକ୍ରବାର ଦ୍ୱିପହରରେ ଏହି ଘଟଣା ଘଟିଥିଲା। ମୋଟେଲର ପାର୍କିଂ ଏରିଆରେ ଏକ ବିବାଦ ପରେ ହୋହଲ୍ଲା ସୃଷ୍ଟି ହୋଇଥିଲା। ଏହାକୁ ଶୁଣି ରାକେଶ ବାହାରକୁ ଆସିଥିଲେ। ଦୁଇଜଣ ଲୋକ ପରସ୍ପର ମଧ୍ୟରେ ଝଗଡ଼ା କରୁଥିବା ବେଳେ ରାକେଶ ଦୁହିଁଙ୍କୁ ସେଥିରୁ ନିବୃତ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଫଳ ଓଲଟା ହୋଇଥିଲା। ୩୭ ବର୍ଷୀୟ ଷ୍ଟେନଲି ୟୁଗେନ୍ ରାକେଶଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ଗୁଳି ମାରିଥିଲେ। ଫଳରେ ସେ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଥିଲେ। ଏହାପୂର୍ବରୁ ୟୁଗେନ ମୋଟେଲ ବାହାରେ ଜଣେ ମହିଳାଙ୍କୁ ମଧ୍ୟ ଗୁଳି ମାରିଥିଲେ। ୟୁଗେନ୍‌ଙ୍କୁ ପୁଲିସ ପିଛା କରିଥିଲା। କିନ୍ତୁ ପୁଲିସ ଉପରକୁ ସେ ଗୁଳି ଚଳାଇଥିଲା। ପୁଲିସର ପାଲଟା ଗୁଳିରେ ସେ ଆହତ ହୋଇଥିଲା। ୟୁଗେନ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ, ଜୀବନକୁ ବିପଦ ପକାଇବାକୁ ପ୍ରୟାସ କରିବାର ଅଭିଯୋଗ ହୋଇଛି।

# ଆମେରିକାରେ ମୁହାଁମୁହିଁ, ହଜାରେରୁ ଊର୍ଦ୍ଧ୍ୱ ଗିରଫ

ୱାଶିଂଟନ, ୬।୧୦ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଇଲିନୟ ରାଜ୍ୟର ଚିକାଗୋରେ ଅପରାଧ ବୃଦ୍ଧି ଏବଂ ବିକ୍ଷୋଭକୁ ଦେଖି ୩୦୦ ନ୍ୟାସନାଲ ଗାର୍ଡ୍ସ ମୁତୟନ କରିଛନ୍ତି। ଏହାକୁ ନେଇ ଅନେକ ସ୍ଥାନରେ ନ୍ୟାସନାଲ ଗାର୍ଡ୍ସ ଏବଂ ବିକ୍ଷୋଭକାରୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ଏହି ମାମଲାରେ ହଜାରେରୁ ଊର୍ଦ୍ଧ୍ୱ ପ୍ରଦର୍ଶନକାରୀଙ୍କୁ ଗିରଫ କରାଯାଇଛି। ହୋମଲାଣ୍ଡ ସିକ୍ୟୁରିଟି ଡିପାର୍ଟମେଣ୍ଟ (ଡିଏଚଏସ)ର ଅପରେସନ ମିଡୱେ ବ୍ଲିଟଜ୍ ଅଧିନରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ସେପ୍ଟେମ୍ବରରେ ଏହି ଅଭିଯାନ ଆରମ୍ଭ ହୋଇଥିଲା। ଏହା ଅଧିନରେ ଅପରାଧି ଏବଂ ବେଆଇନ ପ୍ରବାସୀଙ୍କୁ ଗିରଫ କରାଯାଇଛି। ହ୍ୱାଇଟ ହାଉସର ପ୍ରବକ୍ତା ଅବିଗେଲ ଜ୍ୟାକ୍ସନ କହିଛନ୍ତି ଯେ ଟ୍ରମ୍ପ ସହରରେ ଅପରାଧକୁ ରୋକିବାକୁ ଚାହୁଁଥିଲେ। ଏହି ସୈନିକ ଜନତାଙ୍କ ଅଧିକାର ଏବଂ ସାମଗ୍ରୀକୁ ସୁରକ୍ଷା ଦେବେ।

# ୧୪ ବର୍ଷ ପରେ ସିରିଆରେ ନିର୍ବାଚନ

ଦାମାସକସ୍,୬।୧୦(ଏଜେନ୍ସି): ପାଖାପାଖି ଦୀର୍ଘ ୧୪ ବର୍ଷ ପରେ ମଧ୍ୟପ୍ରାଚ୍ୟ ଦେଶ ସିରିଆରେ ସଂସଦୀୟ ନିର୍ବାଚନ ଅନୁଷ୍ଠିତ ହୋଇଛି। ରବିବାର ସକାଳେ ରାଜଧାନୀ ଦାମାସକସ୍‌ରେ ମତଦାନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବସର ଅଲ- ଅସଦଙ୍କ ଏକଛତ୍ରବାଦୀ ଶାସନରେ ଦୀର୍ଘ ୧୩ ବର୍ଷର ଗୃହଯୁଦ୍ଧ ବିଭୀଷିକାରେ ଏହି ସିରିଆ ବିପର୍ଯ୍ୟସ୍ତ ହୋଇପଡିଥିଲା। ଗତ ଡିସେମ୍ବରରେ ଅନ୍ତରୀଣ ରାଷ୍ଟ୍ରପତି ଭାବେ ଅହମ୍ମଦ ଅଲ-ଶରା ଶାସନଭାର ହାତକୁ ନେବା ପରେ ନିର୍ବାଚନ କରାଇବାକୁ ପ୍ରତିଶ୍ରୁତି ଦେଇଥିଲେ। ଶେଷ ସେ ଏହାକୁ କାର୍ଯ୍ୟକାରୀ କରିଛନ୍ତି। ଫଳରେ ସିରିଆରେ ଗଣତନ୍ତ୍ରର ଏକ ନୂଆଯୁଗ ଆରମ୍ଭ ହୋଇଛି ବୋଲି କୁହାଯାଉଛି। ଏହି ନିର୍ବାଚନରେ ଅଲ-ସରା ବିଜୟୀ ହେବା ଏକପ୍ରକାର ନିଶ୍ଚିତ ବୋଲି କୁହାଯାଉଛି। ତେବେ ଜନସାଧାରଣ ଓ ରାଜନୈତିକ ଦଳଗୁଡିକୁ ଦୂରେଇ ରଖାଯିବାରୁ ଏହି ନିର୍ବାଚନକୁ ସମାଲୋଚନା କରାଯାଉଛି। ସିରିଆ ପାର୍ଲାମେଣ୍ଟରେ ୨୧୦ଟି ସିଟ୍ ରହିଛି। ଏଥିରୁ ୧୪୦ଟି ସିଟ୍ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଛି। ବାକି ୭୦ଟି ସିଟ୍‌ରେ ରାଷ୍ଟ୍ରପତି ସିଧାସଳଖ ନିଯୁକ୍ତି ଦେବେ। ଏହି ସିଟ୍‌ଗୁଡିକ ମହିଳା, ସଂଖ୍ୟାଲଘୁ ସମ୍ପ୍ରଦାୟର ପ୍ରତିନିଧିଙ୍କୁ ରାଷ୍ଟ୍ରପତି ମନୋନିତ କରିବେ।

# ଜୟପୁର ହସ୍ପିଟାଲରେ ନିଆଁ

## ଜୀବନ ହରାଇଲେ ୮ ରୋଗୀ

ଜୟପୁର,୬।୧୦(ଏଜେନ୍ସି): ରାଜସ୍ଥାନର ଜୟପୁରସ୍ଥିତ ସବାଇ ମାନସିଂ (ଏସ୍‌ଏମ୍‌ଏସ୍) ହସ୍ପିଟାଲରେ ନିଆଁ ଲାଗି ୮ ଜଣ ରୋଗୀ ମୃତ୍ୟୁବରଣ କରିଛନ୍ତି। ହସ୍ପିଟାଲର ଟ୍ରମା ସେଣ୍ଟରର ଇଣ୍ଟେନସିଭ କେୟାର ୟୁନିଟ୍ (ଆଇସିୟୁ)ରେ ରବିବାର ବିଳମ୍ବିତ ରାତିରେ ନିଆଁ ଲାଗିଥିଲା। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ସାମିଲ ଅଛନ୍ତି। ନିଆଁ ଲାଗିବା ପରେ ହସ୍ପିଟାଲରେ ଆତଙ୍କ ଖେଳିଯାଇଥିଲା। ଦୌଡ଼ାଦୌଡ଼ି ଭିତରେ ଅନ୍ୟମାନଙ୍କୁ ଉଦ୍ଧାର କରାଯାଇଥିଲା। ରାତି ୧୧.୨୦ରେ ଟ୍ରମା ସେଣ୍ଟରର ନ୍ୟୁରୋ ଆଇସିୟୁ ୱାର୍ଡର ଷ୍ଟୋରରେ ନିଆଁ ଲାଗିଥିଲା। ଏଠାରେ କାଗଜ, ଆଇସିୟୁରେ ବ୍ୟବହାର ହେଉଥିବା ଜିନିଷ ଓ ବ୍ଲଡ୍ ସାମ୍ପଲର ଟ୍ୟୁବ ଥିଲା। ସର୍ଟ ସାର୍କିଟ ଯୋଗୁ ନିଆଁ ଲାଗିଛି ବୋଲି ଟ୍ରମା ସେଣ୍ଟରର ବରିଷ୍ଠ ଅଧିକାରୀ ଓ ଡାକ୍ତରମାନେ ଆଶଙ୍କା ପ୍ରକାଶ କରିଛନ୍ତି। ଘଟଣା ବେଳେ ଆଇସିୟୁରେ ୧୧ ଜଣ ରୋଗୀ ଥିଲେ। ନିକଟରେ ଥିବା ଅନ୍ୟଏକ ଆଇସିୟୁରେ ୧୩ ଜଣ ରୋଗୀ ମଧ୍ୟ ଥିଲେ। ଏହି ଅଗ୍ନିକାଣ୍ଡର ଯାଞ୍ଚ ପାଇଁ ରାଜ୍ୟ ସରକାର ଏକ ୬ ସଦସ୍ୟ ବିଶିଷ୍ଟ କମିଟି ଗଠନ କରିଛନ୍ତି। ଫରେନସିକ ସାଇନ୍ସ ଲାବୋରାଟୋରୀ (ଏଫ୍‌ଏସ୍‌ଏଲ୍) ଟିମ୍ ଘଟଣାସ୍ଥଳରେ ପହଞ୍ଚି ପ୍ରମାଣ ଏକାଠି କରୁଛି।




ସୂଚନା ମିଳିବା ମାତ୍ରେ ଦମକଳ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେତେବେଳେ ପୂରା ୱାର୍ଡରେ ଧୂଆଁ ଭରିଯାଇଥିଲା। ଭିତରକୁ ଯିବାର କୌଣସି ରାସ୍ତା ନଥିଲା ଦମକଳ ବିଭାଗର କର୍ମଚାରୀ ଅବଧେଶ ପାଣ୍ଡେ କହିଛନ୍ତି। ଫଳରେ ବିଲ୍ଡିଂର ଅନ୍ୟପଟେରୁ ଝରକା କାଚ କାଢ଼ି ପାଣି ସ୍ପ୍ରେ କରାଯାଇଥିଲା। ଫଳରେ ନିଆଁ ଓ ଧୂଆଁକୁ ଆୟତ କରାଯାଇଥିଲା। କିନ୍ତୁ ଏଥିପାଇଁ ଏକରୁ ଦେଢ଼ ଘଣ୍ଟା ସମୟ ଲାଗିଥିଲା। ସବୁ ରୋଗୀଙ୍କୁ ଶଯ୍ୟା ସମେତ ବାହାର ସଡ଼କକୁ ସ୍ଥାନାନ୍ତର କରାଯାଇଥିଲା ବୋଲି ସେ କହିଛନ୍ତି। ନିଆଁ ଲାଗିବାର ୨୦ ମିନିଟ ପୂର୍ବରୁ ଧୂଆଁ ଉଠିଥିଲା। ଏ ନେଇ ହସ୍ପିଟାଲ କର୍ମଚାରୀଙ୍କୁ ଅବଗତ କରାଯାଇଥିଲେ ମଧ୍ୟ ଏହାକୁ କେହି ଗୁରୁତ୍ୱ ଦେଇ ନଥିଲେ।

# ମେଡିସିନ୍‌ରେ ତିନି ବୈଜ୍ଞାନିକଙ୍କୁ ମିଳିଲା ନୋବେଲ

## ଇମ୍ୟୁନୋ ସେଲ୍‌ର ଆକ୍ରମଣକୁ ପ୍ରତିହତ କରୁଥିବା 'ଟି' କୋଷିକାର ସନ୍ଧାନ କରିଥିଲେ

ଷ୍ଟକ୍‌ହମ, ୬।୧୦ (ଏଜେନ୍ସି): ଚଳିତ ବର୍ଷ ପାଇଁ ନୋବେଲ ପୁରସ୍କାର ଘୋଷଣା ଆରମ୍ଭ ହୋଇଛି। ନୋବେଲ ସପ୍ତାହର ପ୍ରଥମ ଦିନରେ ସୋମବାର ମେଡିସିନ ତଥା ଫିଜିଓଲୋଜି ପାଇଁ ବିଜେତାଙ୍କ ନାମ ଘୋଷଣା କରାଯାଇଛି। ପେରିଫେରିଆଲ ଇମ୍ୟୁନୋ ଟଲେରାନ୍ସ କ୍ଷେତ୍ରରେ କରିଥିବା ଉଦ୍ଭାବନା ପାଇଁ ବୈଜ୍ଞାନିକ ମେରି ଇ ବ୍ରନକୋ, ଫ୍ରେଡ ରାମ୍ସଡେଲ ଏବଂ ସିମନ ସାକାଗୁଚାଙ୍କୁ ଚଳିତ ବର୍ଷ ପାଇଁ ନୋବେଲ ଦିଆଯିବ। ସ୍ୱିଡେନର କାରୋଲିନସ୍କା ଇନଷ୍ଟିଚ୍ୟୁଟ ମେଡିକାଲ ୟୁନିଭର୍ସିଟିର ନୋବେଲ ଆସେମ୍ବ୍ଲି ପକ୍ଷରୁ ଏହି ବିଜେତାଙ୍କୁ ବଛା ଯାଇଛି। ଏହି ବୈଜ୍ଞାନିକଙ୍କୁ ପୁରସ୍କାର ବାବଦକୁ ୧୧ ନିୟୁତ ସ୍ୱେଡିଶ କ୍ରାଉନ ତଥା ୧.୨ ନିୟୁତ ଡଲାର ସହିତ ସ୍ୱର୍ଣ୍ଣ ମୁଦ୍ରା ପ୍ରଦାନ କରାଯିବ।

ଭୁଲ୍‌ରେ ବି ଅଙ୍ଗପ୍ରତ୍ୟଙ୍ଗ ଉପରେ ଆକ୍ରମଣ ନ କରିବା ପାଇଁ ଶରୀରର ଶକ୍ତିଶାଳୀ ଇମ୍ୟୁନୋ ସିଷ୍ଟମକୁ କେଉଁ ଭଳି ଭାବେ ନିୟନ୍ତ୍ରଣ କରାଯାଏ ତାହାର ସନ୍ଧାନ ଏହି ବୈଜ୍ଞାନିକମାନେ କରିଥିଲେ। ଆମ ଶରୀରର ଇମ୍ୟୁନୋ ସିଷ୍ଟମ ତଥା ରୋଗ ପ୍ରତିରୋଧୀ ବ୍ୟବସ୍ଥା ପ୍ରତି ଦିନ ଲକ୍ଷାଧିକ ସୂକ୍ଷ୍ମଜୀବନଙ୍କଠାରୁ ଶରୀରକୁ ସୁରକ୍ଷା ଦେଇଥାଏ। ଏହି ସବୁ ସୂକ୍ଷ୍ମ ଜୀବନ ଅଲଗା ଅଲଗା ଦେଖାଯାଆନ୍ତି। ଅନେକ ଜୀବନ ନିଜକୁ ମାନବ କୋଷିକା ଭଳି ଦେଖାଇବାର କ୍ଷମତାକୁ ବିକଶିତ କରିନେଇଛନ୍ତି। ଏହା ଦ୍ୱାରା କାହା ଉପରେ ଆକ୍ରମଣ କରାଯିବ ଏବଂ କାହାକୁ ସୁରକ୍ଷା ଦିଆଯିବ ତାହା ଚିହ୍ନଟ କରିବା ଇମ୍ୟୁନୋ ସିଷ୍ଟମ ପାଇଁ କଷ୍ଟସାଧ ହୋଇଯାଇଥାଏ। ଆମେରିକା ସିଟେଲ ସ୍ଥିତ 'ଇନଷ୍ଟିଚ୍ୟୁଟ୍ସ ଫର ସିଷ୍ଟମ ବାୟୋଲୋଜି'ରେ କାର୍ଯ୍ୟରତ ମେରି, ସାନ୍ ଫ୍ରାନ୍‌ସିସିକୋର ସୋନୋମା ବାୟୋଥେରେପ୍ୟୁଟିକ୍ସ ରାମ୍ସଡେଲ ଏବଂ ଜାପାନର ଓସାକା ୟୁନିଭର୍ସିଟିର ସାକାଗୁଚାଙ୍କୁ ଇମ୍ୟୁନୋ ସିଷ୍ଟମର ସୁରକ୍ଷାଗାର୍ଡ ତଥା ରେଗୁଲେଟରି ଟି-ସେଲ୍ସର ଚିହ୍ନଟ କରିଥିଲେ। ଇମ୍ୟୁନୋ ସେଲ୍ ଶରୀର ଉପରେ ଆକ୍ରମଣ ନ କରିବା ପାଇଁ ଏଗୁଡିକ ସୁନିଶ୍ଚିତ କରିଥାନ୍ତି। ଏହି ଅନୁସନ୍ଧାନ ଗବେଷଣା କ୍ଷେତ୍ରକୁ ନୂଆ ଦିଗ ଦେଇଛି। କର୍କଟ ଏବଂ ଅଟୋଇମ୍ୟୁନୋ ରୋଗର ଚିକିତ୍ସା ଖୋଜା ଯାଉଛି। ଏହା ଦ୍ୱାରା ଅଙ୍ଗପ୍ରତିରୋପଣରେ ମଧ୍ୟ ସହାୟତା ମିଳୁଛି। ଏହା ବ୍ୟତୀତ ଅନେକ ଚିକିତ୍ସା ଏବେ କ୍ଲିନିକାଲ ଟ୍ରାଏଲ ଦେଇ ଗତି କରୁଛି। ଏହି ତିନି ବୈଜ୍ଞାନିକଙ୍କୁ ଡିସେମ୍ବର ୧୦ରେ ଷ୍ଟକହୋମରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ୧୦.୩ କୋଟି ଟଙ୍କା, ସ୍ୱର୍ଣ୍ଣ ମୁଦ୍ରା ଏବଂ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯିବ।



# ୨୭ ଦିନରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା

## ୨ ବର୍ଷରେ ୫ ପ୍ରଧାନମନ୍ତ୍ରୀ ଛାଡ଼ିଲେଣି ପଦ

ପ୍ୟାରିସ,୬।୧୦(ଏଜେନ୍ସି): ମାତ୍ର ୨୭ ଦିନ ମଧ୍ୟରେ ଫ୍ରାନ୍ସ ପ୍ରଧାନମନ୍ତ୍ରୀ ସେବାଷ୍ଟିଆନ୍ ଲେକର୍ଣ୍ଣୁ ନିଜ ପଦରୁ ଇସ୍ତଫା ଦେଇଛନ୍ତି। ସେ ସେପ୍ଟେମ୍ବର ୯ରେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଓ ଅକ୍ଟୋବର ୬ରେ ପଦ ଛାଡ଼ିଛନ୍ତି। ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନ୍ ତାଙ୍କ ଇସ୍ତଫା ପତ୍ର ଗ୍ରହଣ କରିଛନ୍ତି। ରବିବାର ଲେକର୍ଣ୍ଣୁ ନୂଆ ମନ୍ତ୍ରୀମଣ୍ଡଳର ଘୋଷଣା କରିଥିଲେ ମଧ୍ୟ ଏହାର ମାତ୍ର ୧୨ ଘଣ୍ଟା ପରେ ହିଁ ଏହି ନିଷ୍ପତ୍ତି ନେଇ ସମସ୍ତଙ୍କୁ ଚକିତ କରିଛନ୍ତି। ଫ୍ରାନ୍ସ ଇତିହାସରେ ସେ ପ୍ରଧାନମନ୍ତ୍ରୀ ଭାବେ ସବୁଠାରୁ କମ୍ ସମୟ ଦାୟିତ୍ୱରେ ରହି ଅଲୋଡା ରେକର୍ଡର ଅଧିକାରୀ ହୋଇଛନ୍ତି। ଏଥିସହ ଗତ ଦୁଇବର୍ଷ ମଧ୍ୟରେ ୫ଜଣ ପ୍ରଧାନମନ୍ତ୍ରୀ ପଦ ଛାଡ଼ିଛନ୍ତି। ଏହାପୂର୍ବରୁ ୩୯ ବର୍ଷୀୟ ଲେକର୍ଣ୍ଣୁ ସର୍ବକନିଷ୍ଠ ପ୍ରତିରକ୍ଷା ମନ୍ତ୍ରୀ ଭାବେ ଦାୟିତ୍ୱ ସମ୍ପାଦନ କରିଥିଲେ। ୨୦୨୨ରୁ ସେ ଏହି ଦାୟିତ୍ୱରେ ଥିଲେ। କନଜରଭେଟିଭ ପାର୍ଟିରୁ ରାଜନୈତିକ କ୍ୟାରିଅର ଆରମ୍ଭ କରିଥିଲେ ମଧ୍ୟ ସେ ମାକ୍ରୋନଙ୍କ ସେଣ୍ଟ୍ରିଷ୍ଟ ପାର୍ଟିରେ ଯୋଗ ଦେଇଥିଲେ। ତାଙ୍କୁ ମାକ୍ରୋନଙ୍କ ନିକଟତର ବୋଲି ବିବେଚନା କରାଯାଏ। ରାଜନୈତିକ ଦଳଗୁଡିକ ମଧ୍ୟରେ ସନ୍ତୁଳନ ତଥା ସମନ୍ୱୟ ରହୁ ନଥିବାରୁ ସେ ପଦ ଛାଡିଛନ୍ତି ବୋଲି କହିଛନ୍ତି। ବୁଝାମଣା କରିବାକୁ ରାଜିଥିଲେ ମଧ୍ୟ କିନ୍ତୁ କେହି କାହାକୁ ସହଯୋଗ କରିବାକୁ ରାଜି ନଥିବାରୁ ପଦ ଛାଡିବାକୁ ନିଷ୍ପତ୍ତି ନେଲି ବୋଲି ସେ କହିଛନ୍ତି।



# ୱାଙ୍ଗଚୁକ୍ ମାମଲାରେ କେନ୍ଦ୍ରକୁ ନୋଟିସ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୬।୧୦ (ଏଜେନ୍ସି): ସୁପ୍ରିମକୋର୍ଟରେ ସୋମବାର ଲଦାଖ ହିଂସା ମାମଲାରେ ଗିରଫ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକଙ୍କ ସମ୍ବନ୍ଧିତ ହେବିୟସ କର୍ପସ ତଥା ବନ୍ଦୀ ପ୍ରତ୍ୟକ୍ଷୀକରଣ ମାମଲାର ଶୁଣାଣି ହୋଇଛି। ଏହାକୁ ନେଇ ଜଷ୍ଟିସ ଅରବିନ୍ଦ କୁମାର ଏବଂ ଜଷ୍ଟିସ ଏନଭି ଅଞ୍ଜାରିଆଙ୍କ ଖଣ୍ଡପୀଠ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋଙ୍କ ଏହି ଆବେଦନ ଉପରେ ଜବାବ ମାଗିଛନ୍ତି। ଏଥିରେ ଜାତୀୟ ସୁରକ୍ଷା ଆଇନ ତଥା ଏନ୍‌ଏସଏ ଅଧିନରେ ସ୍ୱାମୀଙ୍କ ଗିରଫକୁ ଚ୍ୟାଲେଞ୍ଜ କରାଯାଇଥିଲା। ତାଙ୍କୁ ତୁରନ୍ତ ମୁକ୍ତି କରିବାକୁ ଦାବି କରାଯାଇଥିଲା। ଏବେ କୋର୍ଟ ମାମଲାର ଶୁଣାଣିକୁ ୧୪ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖିଛନ୍ତି।



ଆଜିର ଶୁଣାଣି ସମୟରେ ୱାଙ୍ଗଚୁକଙ୍କ ଓକିଲ କପିଲ ସିବଲ କହିଥିଲେ ଯେ ଯେଉଁ କାରଣ ପାଇଁ ସାମାଜିକ କର୍ମୀଙ୍କୁ ଗିରଫ କରାଯାଇଛି ତାହାର କପି ତଥା ନକଲ ପରିବାରକୁ ଦିଆଯାଇ ନାହିଁ। ତେବେ ହେପାଜତକୁ ନେବାର କାରଣ ୱାଙ୍ଗଚୁକଙ୍କୁ ଜଣାଇ ଦିଆଯାଇଛି। ଏହାର ନକଲ ତାଙ୍କ ପତ୍ନୀଙ୍କୁ ଦେବା ପାଇଁ ବିଚାର କରାଯାଇପାରେ ବୋଲି କେନ୍ଦ୍ର ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଥିଲେ। ସୂଚନା ଅନୁଯାୟୀ ଗତ ୨୪ ତାରିଖରେ ଲଦାଖରେ ହୋଇଥିବା ହିଂସା ମାମଲାରେ ୨୬ରେ ୱାଙ୍ଗଚୁକଙ୍କୁ ଗିରଫ କରାଯାଇଥିଲା। ସେବେଠାରୁ ସେ ଯୋଧପୁର ଜେଲ୍‌ରେ ଅଛନ୍ତି। ଗତ ୨ ତାରିଖରେ ସୋନମଙ୍କ ପତ୍ନୀ ସୁପ୍ରିମକୋର୍ଟରେ ହେବିୟସ କର୍ପସ ଦାଏର କରିଥିଲେ। ସ୍ୱାମୀଙ୍କ ଗିରଫକୁ ସେ ବେଆଇନ ବୋଲି କହିଥିଲେ।

# ଆକ୍ରମଣରେ ପଶ୍ଚିମବଙ୍ଗ ସାଂସଦଙ୍କ ମୁଣ୍ଡ ଫାଟିଲା

କୋଲକାତା, ୬।୧୦ (ଏଜେନ୍ସି): ପଶ୍ଚିମବଙ୍ଗର ନାଗ୍ରାକାଟା ଅଞ୍ଚଳରେ ବିଜେପି ସାଂସଦ ଖଗେନ ମୁର୍ମୁ ଓ ସ୍ଥାନୀୟ ଶଙ୍କର ଘୋଷଙ୍କ ଉପରେ ଆକ୍ରମଣ ହୋଇଛି। ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ବେଳେ ସ୍ଥାନୀୟ ଲୋକେ ଏକାଠି ହୋଇ ଏହି କାଣ୍ଡ ଘଟାଇଥିଲେ। ଫଳରେ ଖଗେନଙ୍କ ମୁଣ୍ଡ ଫାଟିଛି ଓ ସେ ଗୁରୁତର ଭାବେ ଆହତ ହୋଇଛନ୍ତି। ଖଗେନ ମାଲଦାର ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ସେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ସାମଗ୍ରୀ ବାଣ୍ଟିବାକୁ ଯାଇଥିଲେ। ଏହାପରେ ୫୦୦ରୁ ଊର୍ଦ୍ଧ୍ୱ ଲୋକ ଏକାଠି ହୋଇ ଫେରିଯାଇ ବୋଲି ସ୍ଲୋଗାନ ଦେଇଥିଲେ। ଆକ୍ରମଣ ପରେ ତାଙ୍କ ମୁଣ୍ଡରୁ ପ୍ରଚୁର ରକ୍ତସ୍ରାବ ହୋଇଥିଲା ଓ ସେ ଗାଡ଼ିରେ ବସିଥିବାର ଦେଖାଯାଇଛି। ସାଂସଦଙ୍କ ଉପରେ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ର ଗୁଣ୍ଡାମାନେ ଆକ୍ରମଣ କରିଛନ୍ତି ବୋଲି ବିଜେପି ତରଫରୁ ଅଭିଯୋଗ କରାଯାଇଛି। ଜଣେ ସମ୍ମାନୀତ ଆଦିବାସୀ ନେତା ଓ ଦୁଇଥର ସାଂସଦ ଭାବେ ନିର୍ବାଚିତ ହୋଇଥିବା ଖଗେନଙ୍କୁ ଆକ୍ରମଣକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ପୁଲିସର ଉପସ୍ଥିତିରେ ଏହି ଆକ୍ରମଣ ହୋଇଥିବାରୁ ବିରୋଧୀ ଦଳ ନେତା ତଥା ବିଜେପି ବିଧାୟକ ଶୁଭେନ୍ଦୁ ଅଧିକାରୀ ଟିଏମ୍‌ସିକୁ ଏଥିପାଇଁ ଦାୟୀ କରିଛନ୍ତି।



# ନେତନ୍ୟାହୁଙ୍କ ଉପରେ ଟ୍ରମ୍ପ କ୍ଷୁବ୍ଧ

ୱାସିଂଟନ, ୬।୧୦ (ଏଜେନ୍ସି): ଗାଜା ଯୁଦ୍ଧ ସମାପ୍ତ କରିବା ପାଇଁ ପ୍ରୟାସ କରୁଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ଟ୍ରମ୍ପ ରାଗି ଯାଇ ଫୋନ୍‌ରେ ଗାଳି ମଧ୍ୟ ଦେଇଛନ୍ତି। ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ବୋଲି ସେ ନେତନ୍ୟାହୁଙ୍କୁ ପ୍ରଶ୍ନ କରିଛନ୍ତି। ସୂଚନା ଅନୁଯାୟୀ ଗାଜାରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଟ୍ରମ୍ପ ଗତ ୨୯ ତାରିଖରେ ୨୦ ସୂତ୍ରୀ ଯୋଜନା ଆଣିଛନ୍ତି। ଏହି ଯୋଜନାକୁ ଇସ୍ରାଏଲ ସ୍ୱୀକାର କରିଛି। ମାତ୍ର ହମାସ ଆଂଶିକ ଭାବେ ପାଳନ କରିବାକୁ ରାଜି ହୋଇଛି। ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ସହମତି ପ୍ରକାଶ କରିଛି। ଏହାର ସୂଚନା ଦେବା ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀଙ୍କୁ ଟ୍ରମ୍ପ ଫୋନ୍ କରିଥିଲେ। ଟ୍ରମ୍ପ ଏହାକୁ ସକାରାତ୍ମକ



## ସର୍ବଦା ନକାରାତ୍ମକ ରହୁଛ କାହିଁକି

ସୂଚନା କହିଥିଲେ। ମାତ୍ର ଏହା କୌଣସି ବଡ଼ କଥା ନୁହେଁ ବୋଲି ନେତନ୍ୟାହୁ ଉଲ୍ଲେଖ କରିଥିଲେ। ଏହା ଶୁଣିବା ମାତ୍ରେ ଆମେରିକା ରାଷ୍ଟ୍ରପତି କ୍ଷୁବ୍ଧ ହୋଇ ଯାଇଥିଲେ। ସେ କ୍ରୋଧରେ ନେତନ୍ୟାହୁଙ୍କୁ ଗାଳି ଦେଇଥିଲେ। ଟ୍ରମ୍ପ କହିଥିଲେ ଯେ ତୁମେ ସବୁବେଳେ ଏତେ ନକାରାତ୍ମକ କାହିଁକି ରହୁଛ ମତେ ଜଣା ନାହିଁ। ଏହାକୁ ବିଜୟ ଭାବେ ଦେଖି ସ୍ୱୀକାର କର। ଏହା ଏକ ଭଲ ଖବର।

ଅନ୍ୟପଟେ ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଟ୍ରମ୍ପ କହିଥିଲେ ଯେ ସପ୍ତାହନ୍ତରେ ହମାସ ଏବଂ ବିଶ୍ୱର ଅନ୍ୟ ଦେଶ ସହ ବହୁତ ଭଲ ଆଲୋଚନା ହୋଇଛି। ଗାଜା ଯୁଦ୍ଧ ବନ୍ଦ, ପଣବନ୍ଦୀଙ୍କୁ ମୁକ୍ତି ଏବଂ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଏହାର ଉଦ୍ଦେଶ୍ୟ। ଅତି ଉତ୍ତମ ଭାବେ ଏ ନେଇ ଆଲୋଚନା ହେଉଛି। ଏହି ପୁରୁଣା ଝଗଡ଼ା ଉପରେ ମୁଁ ନଜର ରଖିବି। ସମୟ ଅତି ମୂଲ୍ୟବାନ, ନଚେତ ବେଶୀ କ୍ଷତି ହେବ। ଏପରି ହେଉ ବୋଲି କେହି ଚାହୁଁନାହାନ୍ତି। ସୂଚନା ଅନୁଯାୟୀ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବକୁ ହମାସ ସ୍ୱୀକାର କରି ୨୫୦ ପାଲେଷ୍ଟିନୀୟ ବନ୍ଦୀଙ୍କ ବଦଳରେ ଇସ୍ରାଏଲ ପଣବନ୍ଦୀଙ୍କୁ ମୁକ୍ତ କରିବା ପାଇଁ ହମାସ ରାଜି ହୋଇଥିଲା। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଟ୍ରମ୍ପ ଏହି ପଦକ୍ଷେପକୁ ସ୍ୱାଗତ କରିଥିଲେ। କାତାରରେ ଥିବା ହମାସର ରାଜନୈତିକ ଅଫିସ ପକ୍ଷରୁ କୁହାଯାଇଥିଲା ଯେ ଉପଯୁକ୍ତ ସର୍ତ୍ତ ବଳରେ ଏହି ଚୁକ୍ତିକୁ ଗୋଷ୍ଠୀ ସ୍ୱୀକାର କରୁଛି। ଜୀବିତ ଏବଂ ମୃତଥିବା ପ୍ରତ୍ୟେକ ପଣବନ୍ଦୀଙ୍କୁ ମୁକ୍ତ କରାଯିବ। ଏହି ଯୋଜନା ଅଧିନରେ ହମାସ ତିନି ଦିନ ମଧ୍ୟରେ ପ୍ରାୟ ୪୮ ପଣବନ୍ଦୀଙ୍କୁ ମୁକ୍ତି କରିବ। ଏମାନଙ୍କ ମଧ୍ୟରୁ ୨୦ ଜଣ ଜୀବିତ ଥିବା ଆଶା କରାଯାଉଛି। ଏହି ଗୋଷ୍ଠୀ କ୍ଷମତା ଏବଂ ଅସ୍ତ୍ରବିରତି ପାଇଁ ମଧ୍ୟ ରାଜି ହୋଇଛି। ଟ୍ରମ୍ପ ଏବଂ ଅନ୍ୟ ବିଶ୍ୱନେତା ଏହାକୁ ସ୍ୱାଗତ କରିଥିବାବେଳେ ଯୁଦ୍ଧ ସମାପ୍ତ କରିବା ପାଇଁ କିଛି କହିନାହାନ୍ତି।

# ଦିଲ୍ଲୀରେ ମାସେ ଧରି ଡାକ୍ତରୀ ଛାତ୍ରୀଙ୍କୁ ଦୁଷ୍କର୍ମ

ନୂଆଦିଲ୍ଲୀ,୬।୧୦(ଏଜେନ୍ସି): ଦିଲ୍ଲୀରେ ଏକମାସ ଧରି ଜଣେ ୧୮ ବର୍ଷୀୟା ମେଡିକାଲ ଛାତ୍ରୀଙ୍କୁ ଦୁଷ୍କର୍ମ କରାଯିବାର ଘଟଣା ସମ୍ନାକୁ ଆସିଛି। ପୀଡିତା ଏ ନେଇ ଶୁକ୍ରବାର ମାମଲା ଦାଏର କରିଛନ୍ତି। ଫଳରେ ଏହି ଘଟଣା ଏବେ ସାମ୍ନାକୁ ଆସିଛି। ସ୍ଥାନୀୟ ଆଦର୍ଶ ନଗରସ୍ଥିତ ଏକ ହୋଟେଲକୁ ୨୦ ବର୍ଷର ଯୁବକ ଅମନପ୍ରୀତ ପୀଡିତାଙ୍କୁ ପାର୍ଟିରେ ଯୋଗ ଦେବା ପାଇଁ ଡକାଇଥିଲେ। ସେଠାରେ ଯୁବକଙ୍କର ଦୁଇଜଣ ବନ୍ଧୁ ପୂର୍ବରୁ ଥିଲେ। ୩ ଜଣ ମିସି ପାନୀୟରେ ନିଶା ଦେଇଥିଲେ। ଫଳରେ ଯୁବତୀ ଜଣକ ବେହୋଶ ହୋଇଥିଲେ। ଏହାପରେ ମୁଖ୍ୟ ଅଭିଯୁକ୍ତ ଦୁଷ୍କର୍ମ କରିଥିଲେ ଓ ବାକି ଦୁଇଜଣ ସାଙ୍ଗ ଏହାର ଭିଡିଓ ରେକର୍ଡିଂ କରିଥିଲେ। ଦୁଇଜଣ ବନ୍ଧୁ ମଧ୍ୟ ତାଙ୍କର ଯୌନ ଉତ୍ପୀଡ଼ନ କରିଥିଲେ। ଏହାପରେ ଅଭିଯୁକ୍ତ ଏହି ଭିଡିଓ ଦେଖାଇ ପୀଡିତାଙ୍କୁ ବ୍ଲାକ୍‌ମେଲ କରିବା ସହ ସେପ୍ଟେମ୍ବର ମାସ ସାରା ବାରମ୍ବାର ଦୁଷ୍କର୍ମ କରିଥିଲେ।

ଅଭିଯୁକ୍ତ ଏହାକୁ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାକୁ ଧମକ ଦେଇଥିଲେ ବୋଲି ଯୁବତୀ ଜଣକ ଅଭିଯୋଗ କରିଛନ୍ତି। ପୀଡିତା ଜଣକ ହରିୟାଣାର ଓ ସେ ଡଃ ବିଆର ଆମ୍ବେଦକର ମେଡିକାଲ କଲେଜରେ ଏମ୍‌ବିବିଏସ୍ କରୁଛନ୍ତି। ସେ ରୋହିଣୀରେ ଏକ ହଷ୍ଟେଲରେ ରହୁଛନ୍ତି। ପୁଲିସ ଏହି ମାମଲାର ଯାଞ୍ଚ କରୁଛି ଓ ଅମନପ୍ରୀତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି।

## ଆଜିଠୁ କାର୍ତ୍ତିକ ବ୍ରତ
# ରହଣି କେନ୍ଦ୍ରରେ ରହିଲେ ହବିଷ୍ୟାଳି

ପୁରୀ, ୬।୧୦ (ସମିସ): ଆସନ୍ତାକାଲି (ମଙ୍ଗଳବାର)ଠାରୁ ପବିତ୍ର କାର୍ତ୍ତିକ ମାସ ଆରମ୍ଭ ହେଉଛି। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳି। ଏଥିପାଇଁ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ମଙ୍ଗଳବାର ଚଳିତ ବର୍ଷର ହବିଷ୍ୟାଳି ଯୋଜନାର ଶୁଭାରମ୍ଭ ହେବ। ଏଥିପାଇଁ ବୃନ୍ଦାବତୀ ନିବାସ ପରିସରରେ ଆନୁଷଙ୍ଗିକ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବ୍ରତଧାରୀଙ୍କ ଲାଗି ୪ଟି ରହଣି କେନ୍ଦ୍ର କରାଯାଇଛି। ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସ ବ୍ୟତୀତ ବଗଲା ଧର୍ମଶାଳା, ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ହବିଷ୍ୟାଳିଙ୍କୁ ରଖାଯାଇଛି। ଆଜି ସଂଧ୍ୟା ସୁଦ୍ଧା ୧୯୫୦ ହବିଷ୍ୟାଳି ପୁରୀରେ ପହଞ୍ଚିଥିବା ଜଣାଯାଇଛି।

ମଙ୍ଗଳବାରଠାରୁ ଆରମ୍ଭ ହେଉଥିବା ହବିଷ ବ୍ରତ ନଭେମ୍ବର ୫ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ। ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କୁ ଏଥର ୪ଟି ରହଣି କେନ୍ଦ୍ର (ବୃନ୍ଦାବତୀ ନିବାସ, ବଗଲା ଧର୍ମଶାଳା, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲୱେ ଟୁରିଷ୍ଟ କମ୍ପ୍ଲେକ୍ସ) ରେ ରଖାଯାଇଛି। ହବିଷ୍ୟାଳି ଯୋଜନାରେ ୭୦ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବିବାହିତ ମହିଳାମାନେ ଏହି ବ୍ରତ ପାଇଁ ଆବେଦନ ଅନ୍‌ଲାଇନ ମାଧ୍ୟମରେ କରିଥିଲେ।

### ଆଜି ଧରିବେ ବ୍ରତ

ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ସୋମବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସମେତ ଅନ୍ୟ ଅଧିକାରୀମାନେ ବିଭିନ୍ନ ରହଣି କେନ୍ଦ୍ର ବୁଲି ସ୍ଥିତି ପରଖିଛନ୍ତି। କ'ଣ ସୁବିଧା, ଅସୁବିଧା ରହିଛି, ବୁଝିବା ସହ ସମସ୍ତ ବ୍ୟବସ୍ଥା ବୁଲି ଦେଖିଛନ୍ତି।

ହବିଷ୍ୟାଳିମାନେ ଆସନ୍ତାକାଲି ଭୋରରୁ ଉଠି ନରେନ୍ଦ୍ର ପୁଷ୍କରିଣୀ ସମେତ ଶ୍ରୀକ୍ଷେତ୍ରର ବିଭିନ୍ନ ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ଶ୍ରୀମନ୍ଦିରକୁ ଯିବେ। ମହାପ୍ରଭୁଙ୍କ ମଙ୍ଗଳ ଆଳତି ଦର୍ଶନ କରିବା ସହ ବ୍ରତ ଧରିବେ। ତୁଳସୀ ଚଉରାମୂଳେ ରାଇଦାମୋଦରଙ୍କୁ ପୂଜା କରି ମାସଟା ଯାକ ଆଧ୍ୟାତ୍ମିକ ଭାବେ ବାନ୍ଧି ହୋଇ ରହିବେ। ପ୍ରତି ସନ୍ଧ୍ୟାରେ ଆକାଶ ଦୀପ ଟାଣିବେ। ପୁଣି ଶୁଣିବେ ଭଜନ, ଭାଗବତ, ପୁରାଣ ଓ ପ୍ରବଚନ। ଗୋଟିଏଥର ମହାପ୍ରସାଦ ସେବନ କରିବେ।

# ୫ ବର୍ଷର ଶିଶୁକୁ ପଥରରେ ଛେଚି ହତ୍ୟା

ଲାଞ୍ଜିଗଡ଼, ୬।୧୦ (ସମିସ): କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ୍, ଲାଞ୍ଜି ପଞ୍ଚାୟତ ଯେବା ଗାଁରେ ଜଣେ ୫ ବର୍ଷର ଶିଶୁକୁ ପଥରରେ ଛେଚି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତ ଶିଶୁଜଣଙ୍କ ହେଲା, ସୁଦର ମାଝୀଙ୍କ ପୁଅ ଚନ୍ଦନ ମାଝୀ (୫)। ଏହି ଘଟଣାରେ ବିଶ୍ୱନାଥପୁର ପୁଲିସ ସେହି ଗାଁର ବିଙ୍ଗରି ମାଝୀ (୩୭)କୁ ଗିରଫ କରି କୋର୍ଟଚାଲାଣ କରିଛି। ତେବେ କେଉଁ କାରଣରୁ ବିଙ୍ଗରି ଜଣେ ନିଷ୍ପାପ ଶିଶୁକୁ ହତ୍ୟା କଲା, ସେନେଇ ପୁଲିସ ତଦନ୍ତ କରୁଛି।

ସୂଚନାନୁସାରେ, ସୁଦର ଓ ତାଙ୍କ ପତ୍ନୀ ସନୁ ମାଝୀ ପଡ଼ୋଶୀ ଗାଁକୁ ଏକ ଦଶାହ କାର୍ଯ୍ୟରେ ଯାଇଥିବା ବେଳେ ବିଙ୍ଗରି ଘରେ ଥିଲା। ଏହି ସମୟରେ ବିସ୍କୁଟ୍ ଦେବାର ଲୋଭ ଦେଖାଇ ବିଙ୍ଗରି ତାକୁ ଦୋକାନକୁ ଡାକି ନେଇଥିଲା। ତେବେ ଫେରିବା ବେଳେ ସେ ଚନ୍ଦନର ମୁଣ୍ଡକୁ ପ୍ରଥମେ ଛୋଟ ଟେକା ମାରିଥିଲା। ଏଥିରେ ଚନ୍ଦନର ମୁଣ୍ଡ ଫାଟିଯିବା ସହ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲା। ତେବେ କାଳେ ଚନ୍ଦନ ଏ ସଂପର୍କରେ ତା'ର ପରିବାରକୁ ସବୁ କଥା ଜଣାଇଦେବ ବୋଲି ଭାବି ପୁଣି ତାକୁ କାଠଫାଳିଆରେ ଆକ୍ରମଣ କରିଥିଲା ଏବଂ ପରେ ମୁଣ୍ଡରେ ପଥର ଛେଚି ଦେଇଥିଲା। ଖବର ପାଇ ପରିବାରଲୋକ ରକ୍ତ ଜୁଡ଼ୁବୁଡ଼ୁ ଚନ୍ଦନକୁ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ଅତ୍ୟନ୍ତ ଗୁରୁତର ହେବାରୁ ତାକୁ ବୁର୍ଲାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତା'ର ମୃତ୍ୟୁ ଘଟିଥିଲା। ସୋମବାର ସକାଳେ ପରିବାର ପକ୍ଷରୁ ଏନେଇ ବିଶ୍ୱନାଥପୁର ଥାନାରେ ଅଭିଯୋଗ କରାଯାଇଥିଲା। ପୁଲିସ ଶବକୁ ବ୍ୟବଚ୍ଛେଦ କରାଇ ପରିବାରଲୋକଙ୍କୁ ହସ୍ତାନ୍ତର କରିବା ସହ ଏନେଇ ନଂ ୬୩/୨୫ରେ ଏକ ହତ୍ୟା ମାମଲା ରୁଜୁ କରିଛି। ସୋମବାର ଅଭିଯୁକ୍ତ ବିଙ୍ଗରିକୁ କୋର୍ଟଚାଲାଣ କରାଯାଇଥିବା ବିଶ୍ୱନାଥପୁର ଥାନା ଅଧିକାରୀ ତୁଳସୀରାମ ଶବର ସୂଚନା ଦେଇଛନ୍ତି।

## ଗାଁ ଦାଣ୍ଡରେ ଯୁବକଙ୍କୁ ଖଣ୍ଡାରେ ହାଣି ହତ୍ୟା

ତିର୍ତ୍ତୋଲ/କୁଜଙ୍ଗ, ୬।୧୦(ସମିସ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତିର୍ତ୍ତୋଲ ଥାନା ଅନ୍ତର୍ଗତ ବଣିତ ପଞ୍ଚାୟତର ସରିକି ଗ୍ରାମରେ ଜଣେ ଯୁବକଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ମୃତକ ହେଲେ, ଗ୍ରାମର ମନୋଜ ସ୍ୱାଇଁ (୪୫)। ଗତ ରାତିରେ ମନୋଜ ତାଙ୍କର କିଛି ସାଙ୍ଗଙ୍କ ସହ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିବା ବେଳେ ସେହି ଗାଁର ପରେଶ ସ୍ୱାଇଁ ତାଙ୍କୁ ଏକ ଖଣ୍ଡାରେ ହାଣି ହତ୍ୟା କରିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିବା ସହ ଅଭିଯୁକ୍ତ ପରେଶକୁ ଗିରଫ କରିଛି। ଏନେଇ ଥାନାରେ ଏକ ହତ୍ୟା ମାମଲା ରୁଜୁ ହୋଇଛି। ସୂଚନା ମୁତାବକ, ରବିବାର ରାତି ପ୍ରାୟ ୧୦ଟାରେ ମନୋଜ ଓ ଅନ୍ୟ ଯୁବକମାନେ ବୋଧେଇକୁ ଡ୍ରାମା ଦେଖିବାକୁ ଯିବା ପାଇଁ ଗାଁ ମୁଣ୍ଡ ଚାନ୍ଦିନୀରେ ବସିଥିଲେ। ସେହି ସମୟରେ ପରେଶ ସେଠାରେ ପହଞ୍ଚିଥିଲା। କେହି କିଛି ବୁଝିବା ପୂର୍ବରୁ ମନୋଜଙ୍କୁ ଏକ ଖଣ୍ଡାରେ ଆକ୍ରମଣ କରିଥିଲା। ଏଥିରେ ମନୋଜ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ତିନିଜଣ ଆହତ ହୋଇଥିଲେ। ମନୋଜଙ୍କୁ ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ତାଙ୍କ ପେଟ, ବେକ ଓ ହାତରେ ଗଭୀର କ୍ଷତ ହୋଇଥିବାରୁ ଡାକ୍ତର ତାଙ୍କୁ କଟକ ବଡ଼ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ବଶତ୍ରୁତାରୁ ଏହି ଆକ୍ରମଣ ହୋଇଥିବା ନେଇ ଆଲୋଚନା ହେଉଛି। ପୁଲିସ ଘଟଣାର ତଦନ୍ତ କରୁଛି।

## ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ
# ଉପନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ୧୧୦୦ କୋଟିର ପ୍ରକଳ୍ପ ଭେଟି

ନୂଆପଡ଼ା, ୬।୧୦ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦିନିକିଆ ନୂଆପଡ଼ା ଗସ୍ତରେ ଆସି ସୋମବାର ଦିନ ୧୧୦୧ କୋଟି ମୂଲ୍ୟର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ମୁଖ୍ୟମନ୍ତ୍ରୀ ୬୪ କୋଟି ୨ଲକ୍ଷ ଟଙ୍କା ମୂଲ୍ୟର ୧୦୯ଟି ପ୍ରକଳ୍ପର ଲୋକାର୍ପଣ ଏବଂ ୧୫୯ କୋଟି ୭୬ ଲକ୍ଷ ଟଙ୍କାର ୩୯ଟି ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। ଏହାସହ ୭୫କୋଟି ୩୭ଲକ୍ଷ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପ କରାଯିବ ବୋଲି ଘୋଷଣା କରିଛନ୍ତି। ଜିଲ୍ଲାରେ ଜଳସେଚନର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଭାବେ ୮୦୨କୋଟି ୯ଲକ୍ଷ ଟଙ୍କାର ବିଭିନ୍ନ ପ୍ରକଳ୍ପ ଘୋଷଣା କରିଥିଲେ। ସେହିପରି ଖରିଆରରୋଡ୍ ଏନ୍‌ଏସିକୁ ମ୍ୟୁନିସିପାଲିଟି ମାନ୍ୟତା, କୋମନା ବ୍ଲକ୍‌କୁ ଏନ୍‌ଏସି ମାନ୍ୟତା ଏବଂ ସିନାପାଲି ପଞ୍ଚାୟତ ଓ ଗୋଡାଲ ପଞ୍ଚାୟତକୁ ମିଶାଇ ସିନାପାଲି ଏନ୍‌ଏସିର ମାନ୍ୟତା ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ସୂଚନାନୁଯାୟୀ, ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ ଏକ ସ୍ୱତନ୍ତ୍ର ବିମାନରେ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ପହଞ୍ଚିଥିଲେ। ପରେ ଦିନ ପ୍ରାୟ ସାଢ଼େ ୧୧ଟାରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରକଳ୍ପ ଘୋଷଣା କରିଥିଲେ। ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମୁକେଶ ମହାଲିଙ୍ଗ, କଳାହାଣ୍ଡି ସାଂସଦ ମାଳବିକା

- ଖରିଆର ରୋଡ୍‌କୁ ମ୍ୟୁନିସିପାଲିଟି, କୋମନା ଏବଂ ସିନାପାଲିକୁ ନୂତନ ଏନ୍‌ଏସି ମାନ୍ୟତା ଘୋଷଣା
- ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ଲୋକଙ୍କୁ ଭୁତାଉଛନ୍ତି: ବିଜେଡି

ଦେବୀ, ରାଜ୍ୟସଭା ସାଂସଦ ସୁଜିତ କୁମାର, ଖରିଆରରୋଡ୍ ଏନ୍‌ଏସି ଅଧ୍ୟକ୍ଷା ସୋନିଆ ଜୈନ ପ୍ରମୁଖ ଯୋଗ ଦେଇଥିଲେ।

ତେବେ ଏହି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କୁ ଘେରିଛି ବିଜୁ ଜନତା ଦଳ। ଉପନିର୍ବାଚନର ତାରିଖ ଘୋଷଣା ହେବାର ଠିକ୍ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଏହି ଘୋଷଣା ସରକାରଙ୍କ ନିର୍ବାଚନୀ ଭେଟି ବୋଲି ଦଳ କହିଛି। ଏପରି କରି ମୁଖ୍ୟମନ୍ତ୍ରୀ ଲୋକଙ୍କୁ ଭୁତଉଛନ୍ତି। ବିଜେଡି ଜିଲ୍ଲା ସଭାପତି ଅବନୀ ରଞ୍ଜନ ଯୋଶୀ କହିଛନ୍ତି ଯେ ଦୁଇଦିନ ତଳେ ମୁଖ୍ୟମନ୍ତ୍ରୀ ଦିଲ୍ଲୀ ଗସ୍ତରେ ଯାଇଥିଲେ। ଠିକ ପରେପରେ ନୂଆପଡ଼ାକୁ ଆସି ଅପରାହ୍ଣ ୨ଟା ବେଳେ ଏଭଳି ପ୍ୟାକେଜ ଘୋଷଣା କରିବା ଏବଂ ଏହାର ୨ଘଣ୍ଟା ପରେ (ଅପରାହ୍ଣ ୪ଟାରେ) ନିର୍ବାଚନ କମିଶନ ଦିଲ୍ଲୀରୁ ନିର୍ବାଚନ ତାରିଖ ଘୋଷଣା କରିବା, ନୂଆପଡ଼ାବାସୀ ଠିକ୍ ବୁଝୁଛନ୍ତି। ଏହା କେବଳ ଏକ ନିର୍ବାଚନ ଏଜେଣ୍ଡା ବୋଲି ସେ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅମଳରେ ସ୍ୱର୍ଗତ ରାଜେନ୍ଦ୍ର ଢୋଲକିଆ ଜିଲ୍ଲାରେ ସମସ୍ତ ଉନ୍ନୟନମୂଳକ ପ୍ରକଳ୍ପ ଓ ଜନହିତକର ଯୋଜନା କାର୍ଯ୍ୟକାରୀ କରିଛନ୍ତି। କିନ୍ତୁ କ୍ଷମତାକୁ ଆସିବା ପରେ ପାଖାପାଖି ବିଜେପି ସରକାର ନୂଆପଡ଼ା ପାଇଁ କ'ଣ କରିଥିଲା, ତାହା ଜିଲ୍ଲାବାସୀ ଭଲ ଭାବେ ଜାଣିଛନ୍ତି। ବର୍ତ୍ତମାନ ନିର୍ବାଚନ ସମୟ ଦେଖି ଏଭଳି ଘୋଷଣା କରିଛନ୍ତି। ନୂଆପଡ଼ାରେ ଏକ ମେଡିକାଲ କଲେଜ ସ୍ଥାପନ ପାଇଁ ଦୀର୍ଘଦିନ ହେବ ଆମେ ଦାବି କରିଆସୁଛୁ। କିନ୍ତୁ ସରକାର ଶୁଣୁନାହାନ୍ତି ବୋଲି ଶ୍ରୀ ଯୋଶୀ କହିଛନ୍ତି।

# ରାଜ୍ୟର ସ୍ଥିତି ଗମ୍ଭୀର, ଉଦ୍‌ବେଗଜନକ
## ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ଦୁର୍ଭାଗ୍ୟଜନକ: ବିଜେଡି



ଭୁବନେଶ୍ୱର,୬।୧୦(ସମିସ): ଏକାଧିକ ପ୍ରସଙ୍ଗରେ ଏବେ ରାଜ୍ୟର ସ୍ଥିତି ଗମ୍ଭୀର, ଉଦ୍‌ବେଗଜନକ ଥିବାବେଳେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ବାଚନୀ ପ୍ରଚାର କରିବା ଦୁର୍ଭାଗ୍ୟଜନକ ବୋଲି ବିଜେଡି କହିଛି। କଟକରେ ପୂଜା ଭସାଣି ବେଳର ଗୋଷ୍ଠୀ ସଂଘର୍ଷକୁ ନେଇ ଉଦ୍‌ବେଗଜନକ ସ୍ଥିତି, ଗଜପତି ଜିଲ୍ଲାରେ ଭୂସ୍ଖଳନଜନିତ ସମସ୍ୟା, ୨୦୦ କୋଟି ଟଙ୍କାର ଏସ୍‌ଆଇ ଚାକିରି କେଲେଙ୍କାରୀ, ୫ଟି ଜିଲ୍ଲାରେ ବର୍ଷା ଜନିତ ବ୍ୟାପକ କ୍ଷୟକ୍ଷତି,

- ନୂଆପଡ଼ାରେ ଇଟା ଖଣ୍ଡେ ପକାଇ ନାହାନ୍ତି ଡବଲ ଇଞ୍ଜିନ ସରକାର
- ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ୧୧୦୦ କୋଟିର ନିର୍ବାଚନୀ ଥୋପ
- ନୂଆ ରଙ୍ଗ ମାରି ନବୀନ ସରକାରଙ୍କ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି

ରାଜ୍ୟରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିର ମୁକାବିଲା କରିବା ପରିବର୍ତ୍ତେ ମୁଖ୍ୟମନ୍ତ୍ରୀଙ୍କ ନୂଆପଡାରେ ନିର୍ବାଚନୀ ପ୍ରଚାରକୁ ଦଳ କଡ଼ା ନିନ୍ଦା କରିଛି।

ସୋମବାର ଶଙ୍ଖ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପସଭାପତି ସଞ୍ଜୟ କୁମାର ଦାସବର୍ମା, ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଓ ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର ନିର୍ବାଚନ ଆଚରଣ ବିଧି ଲାଗୁ ହେବାର ୨ ଘଣ୍ଟା ପୂର୍ବରୁ ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ୧୧୦୦ କୋଟିର ପ୍ରକଳ୍ପ ଘୋଷଣା କରିବା ଦୁର୍ଭାଗ୍ୟଜନକ ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଭାଇଚାରାର ସହର କଟକରେ କେବେ ନ ଦେଖିବା ସ୍ଥିତି ଆଜି ଡବଲ ଇଞ୍ଜିନ ସରକାରରେ ଦେଖିବାକୁ ମିଳିଛି। ଓଡ଼ିଶାର ସାଂସ୍କୃତିକ ପ୍ରାଣକେନ୍ଦ୍ର ତଥା ୧୦୦୦ ବର୍ଷର ଐତିହାସିକ ସହର କଟକର ଗରିମା ଆଜି ଭୁଲୋଟିତ ହୋଇଛି। ଏହାକୁ ନିୟନ୍ତ୍ରଣ କରିବାରେ ରାଜ୍ୟ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି। ସେହିଭଳି ଗଜପତି ଜିଲ୍ଲାରେ ଲଗାତାର ଭୂସ୍ଖଳନ ସ୍ଥିତିକୁ ପ୍ରଶାସନ ଗମ୍ଭୀରତାର ସହ ନ ନେବା ଚିନ୍ତାଜନକ। ରାଜ୍ୟର ୫ଟି ଜିଲ୍ଲାରେ ବର୍ଷାଜନିତ ବ୍ୟାପକ କ୍ଷୟକ୍ଷତି ପ୍ରତି ସରକାରଙ୍କ ନିଘା ନାହିଁ। ନିଯୁକ୍ତି ଆଶାୟୀ ଯୁବ ସମାଜକୁ ପ୍ରତାରଣା କରି ସରକାରୀ ପ୍ରୋତ୍ସାହନରେ ପୁଲିସ ଏସ୍‌ଆଇ ଚାକିରି ବିକ୍ରି ହେବା ଘଟଣା ରାଜ୍ୟବାସୀଙ୍କ ମନକୁ ଆନ୍ଦୋଳିତ କରିଛି। ଏଭଳି ସ୍ଥିତିରେ ନୂଆପଡ଼ାରେ ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର ରାଜ୍ୟବାସୀଙ୍କ ପ୍ରତି ସମ୍ବେଦନହୀନତାକୁ ଦର୍ଶାଉଛି।

ବରିଷ୍ଠ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଛନ୍ତି ଯେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ୬୪ କୋଟି ଟଙ୍କାରେ ନିର୍ମିତ ୧୦୮ଟି ପ୍ରକଳ୍ପରେ ଆଜି ରଙ୍ଗ ମାରି ମୁଖ୍ୟମନ୍ତ୍ରୀ ଫିତା କାଟିଛନ୍ତି। ସିନାପାଲିକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବରୁ ଏନ୍‌ଏସି ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ବିଜେପି ସରକାର ଘୋଷଣା କରିଥିବା ତାଲିକାରୁ ସିନାପାଲିର ନାଁକୁ କାଟି ଏବେ ଯୋଡ଼ିବାରେ ରାଜନୀତିର ଗନ୍ଧ ସ୍ପଷ୍ଟ ବାରି ହେଉଛି। ସେହିପରି ମୁଖ୍ୟମନ୍ତ୍ରୀ ଆଜି ଘୋଷଣା କରିଥିବା 'ଝିଅ ପାଇଁ ଗଛଟିଏ' କାର୍ଯ୍ୟକ୍ରମ ୨୦୨୩ ଏପ୍ରିଲରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଆରମ୍ଭ କରିଥିଲେ। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଜିଲ୍ଲା ଘୋଷଣା ମଧ୍ୟ ପୂର୍ବ ବିଜେଡି ସରକାର ସମୟରେ ୨୦୧୯ ରେ ହୋଇଥିଲା। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦ୍ୱାରା ୧୯୯୩ରେ ଜିଲ୍ଲା ଘୋଷଣା ହେବା ଠାରୁ ନୂଆପଡ଼ା ବିଜୁ ଜନତା ଦଳର ଫୋକସ୍‌ରେ ରହିଆସିଛି। ଗତ ୧୬ ମାସରେ ନୂଆପଡା ପାଇଁ ଇଟା ଖଣ୍ଡେ ଯୋଡି ନ ଥିବା ବିଜେପି ସରକାର, ନିର୍ବାଚନ ଘୋଷଣା ହେବା ସମୟରେ ନୂଆପଡ଼ାବାସୀଙ୍କୁ ବିଭ୍ରାନ୍ତ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ନୂଆପଡ଼ା ଗସ୍ତ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ।

ବିଧାୟକ ଅଶ୍ୱିନୀ ପାତ୍ର କହିଛନ୍ତି ଯେ ରାଜ୍ୟବାସୀଙ୍କ ସମସ୍ୟାକୁ ଅଣଦେଖା କରି ମୁଖ୍ୟମନ୍ତ୍ରୀ ନୂଆପଡ଼ାରେ ନିର୍ବାଚନ ପ୍ରଚାରରେ ବ୍ୟସ୍ତ। ଲଗାଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଏହାକୁ ଗୁରୁତ୍ୱର ସହ ନ ନେବା ଦୁଃଖଦାୟକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଏମ୍‌କେସିଜିରେ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍

ବ୍ରହ୍ମପୁର,୬।୧୦(ସମିସ): ଏମ୍‌କେସିଜିକୁ ଜାତୀୟସ୍ତରୀୟ ହସ୍ପିଟାଲରେ ପରିଣତ କରିବାକୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଚେଷ୍ଟା କରୁଛନ୍ତି। ଏଠାକୁ ଚିକିତ୍ସା ନିମନ୍ତେ ଆସୁଥିବା ରୋଗୀଙ୍କୁ ସମସ୍ତ ପ୍ରକାର ସେବା

- ହନ୍ତସନ୍ତ ଶିଶୁ ବିଭାଗର କୋମଳମତି ଶିଶୁ
- ଏକ୍ସ-ରେ ପାଇଁ ଦେବାକୁ ପଡୁଛି ୮ ଶହ ଟଙ୍କା

ଯୋଗାଇବାକୁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। କିନ୍ତୁ, ଶିଶୁ ବିଭାଗର ପରିଚାଳନା ତ୍ରୁଟି କାରଣରୁ ବହୁ କୋମଳମତି ଶିଶୁ ଉତ୍ତମ ଚିକିତ୍ସା ନିମନ୍ତେ ହନ୍ତସନ୍ତ ହେଉଥିବା ଅଭିଯୋଗ ହୋଇଛି। ଶିଶୁ ବିଭାଗର ଆଇସିୟୁରେ ଚିକିତ୍ସିତ ସଂକଟାପନ୍ନ ଶିଶୁଙ୍କ ନିମନ୍ତେ ରହିଥିବା ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମାସାଧିକ ସମୟ ହେବ ଅଚଳାବସ୍ଥାରେ ପଡ଼ି ରହିଛି। ଏଭଳି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବାରୁ ଆଇସିୟୁରେ ଚିକିତ୍ସିତ ସଙ୍କଟାପନ୍ନ ରୋଗୀ ଏକ୍ସ-ରେ' ସେବାରୁ ବଞ୍ଚିତ ହେଉଛନ୍ତି।

ଏମ୍‌କେସିଜି ମେଡିକାଲ ଶିଶୁ ବିଭାଗର ଅଧୀନରେ ପିକୁ, ନିକୁ ଓ ଏସ୍‌ଏନ୍‌ସିୟୁ



ଭଳି ବିଭିନ୍ନ ବିଭାଗ ରହିଛି। ବିଭାଗରେ ନବଜାତଠାରୁ ଆରମ୍ଭ କରି ୧୬ ବର୍ଷ ପର୍ଯ୍ୟନ୍ତ ସଂକଟାପନ୍ନ ଓ ଗୁରୁତର ଶିଶୁ ଚିକିତ୍ସିତ ହେଉଛନ୍ତି। ସେଥିମଧ୍ୟରୁ ଅନେକ ଶିଶୁ ଚିକିତ୍ସା ସମୟରେ ବାଧ୍ୟତାମୂଳକ ଭାବେ ଅକ୍ସିଜେନ୍ ଗ୍ରହଣ କରିଥା'ନ୍ତି। ଏଭଳି ସଙ୍କଟାପନ୍ନ ଶିଶୁଙ୍କ ଆବଶ୍ୟକତାସ୍ଥଳେ ରୋଗ ନିର୍ଣ୍ଣୟ ପାଇଁ ଡାକ୍ତର ଏକ୍ସ-ରେ' କରିବାକୁ ପରାମର୍ଶ ଦେଇଥାନ୍ତି। ଶିଶୁ ବିଭାଗରେ ଅକ୍ସିଜେନ୍ ସପୋର୍ଟରେ ଚିକିତ୍ସିତ ହେଉଥିବା ବେଳେ ଅନ୍ୟ ବିଭାଗକୁ ଯାଇ ଏକ୍ସ-ରେ' କରିବାରେ ଶିଶୁଙ୍କ ଜୀବନ ପ୍ରତି ବିପଦ ରହିଛି। ଏହାକୁ ଦୃଷ୍ଟିରେ ରଖି ମେଡିକାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ବିଭାଗର ତଳ ମହଲାରେ ଏକ ପୋର୍ଟେବଲ୍ ଏକ୍ସ-ରେ' ମେସିନର ବ୍ୟବସ୍ଥା କରାଯାଇଛି। କିନ୍ତୁ ଦୀର୍ଘ ଏକ ମାସରୁ ଅଧିକ ସମୟ ହେବ ଉକ୍ତ ମେସିନ ଅଚଳ ଅବସ୍ଥାରେ ପଡ଼ି ରହିଛି। ଏଭଳି କ୍ଷେତ୍ରରେ ଶିଶୁଙ୍କ ସମ୍ପର୍କୀୟମାନେ ଘରୋଇ ଡାଏଗ୍ନୋଷ୍ଟିକ ସେଣ୍ଟର୍ ଉପରେ ନିର୍ଭର କରୁଛନ୍ତି। ରୋଗୀ ସମ୍ପର୍କୀୟଙ୍କ ଅନୁରୋଧକ୍ରମେ ଡାଏଗ୍ନୋଷ୍ଟିକ ସେଣ୍ଟର୍‌ର କର୍ମଚାରୀମାନେ ମେଡିକାଲ ଶିଶୁ ବିଭାଗକୁ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ଆଣି ସଙ୍କଟାପନ୍ନ ଶିଶୁଙ୍କ ଏକ୍ସ-ରେ' କରୁଥିବା ଦେଖିବାକୁ ମିଳିଛି। ଏଥି ନିମନ୍ତେ ରୋଗୀଙ୍କୁ ୮ ଶହ ଟଙ୍କା ଦେବାକୁ ପଡୁଛି।

ବିଭାଗରେ ମାସାଧିକ କାଳ ହେବ ଏହି ଅତ୍ୟାବଶ୍ୟକ ଯନ୍ତ୍ରପାତି ଅଚଳ ପଡ଼ିଥିବା ବେଳେ ଏହାର ମରାମତି କିମ୍ବା ବିକଳ୍ପ ବ୍ୟବସ୍ଥା ବିଭାଗ କିମ୍ବା ମେଡିକାଲ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଉନି। ଏନେଇ ବିଭାଗ ପକ୍ଷରୁ ବାରମ୍ବାର କର୍ତ୍ତୃପକ୍ଷଙ୍କୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି। କିନ୍ତୁ ଅଚଳ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍ ମରାମତି ନିମନ୍ତେ ମେଡିକାଲ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରି ନଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷରେ ପୋର୍ଟେବଲ୍ ଏକ୍ସ-ରେ' ମେସିନ୍‌ର ଆଡପ୍ଟର ଖରାପ ରହିଥିବା ବେଳେ ତାହା ଖୁବ୍‌ଶୀଘ୍ର ମରାମତି କରାଯିବ ବୋଲି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀ କହିଛନ୍ତି।

## ଅଶାନ୍ତ ହେଉଛି ଶାନ୍ତିପ୍ରିୟ ଓଡ଼ିଶା
# ଦେଢ଼ ବର୍ଷର ସରକାରରେ ୩ ଟି କର୍ଫ୍ୟୁ

ଭୁବନେଶ୍ୱର,୬।୧୦(ସମିସ): ଦେଶକୁ ଶାନ୍ତି ଏବଂ ସୌହାର୍ଦ୍ଦ୍ୟର ବାର୍ତ୍ତା ଦେଉଥିବା ଓଡ଼ିଶାର ଅନେକ ସହରରେ ଭିନ୍ନ ଭିନ୍ନ ସମ୍ପ୍ରଦାୟ ମିଶି ପୂଜା ପାର୍ବଣ ଆୟୋଜନ କରୁଥିବାର ନଜିର ରହିଛି। ହେଲେ ଏବେ ରାଜ୍ୟର ବିଭିନ୍ନ ସ୍ଥାନରେ ବିଦ୍ୱେଷ ଓ ଅବିଶ୍ୱାସ ମାଡ଼ି ଚାଲିଛି। ଗତ ଦେଢ଼ ବର୍ଷ ମଧ୍ୟରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ସାମ୍ପ୍ରଦାୟିକ ସଦ୍‌ଭାବନା ବିଗିଡ଼ିଥିବା ବେଳେ ୩ଟି ସ୍ଥାନରେ କର୍ଫ୍ୟୁ ଲାଗୁ କରାଯାଇଛି।



ବିଭିନ୍ନ ସ୍ଥାନରେ ସାମାଜିକ ବିଶୃଙ୍ଖଳା ବଢ଼ିଚାଲିଥିବା ବେଳେ ସରକାର ଏଭଳି ଘଟଣାକୁ ଦମନ କରିବାରେ କାହିଁକି କିଛି ଠୋସ୍ ପଦକ୍ଷେପ ନେଇପାରୁ ନାହାନ୍ତି, ତାକୁ ନେଇ ବଡ଼ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।


ହଜାର ବର୍ଷର ଭାଇଚାରାକୁ ନେଇ କଟକ ସହର ଯେଉଁ ଗର୍ବ କରୁଥିଲା, ତାହା ମଧ୍ୟ ଏବେ ଧୂଳିସାତ୍ ହୋଇଯାଇଛି। କଟକରେ ମା' ଦୁର୍ଗାଙ୍କ ଭାସାଣି ସମୟରେ ହୋଇଥିବା ହିଂସା ଓ ଏହା ପରର ସ୍ଥିତି ଏତେ ଆଗକୁ ବଢ଼ିଯାଇଛି ଯେ ୨ ଦିନ ହେବ ସେଠାରେ କର୍ଫ୍ୟୁ ବଳବତ୍ତର ରହିଛି। କେବେ ଏଠାରେ ସ୍ଥିତି ସ୍ୱାଭାବିକ ହେବ ତାହା ବର୍ତ୍ତମାନ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। କେବଳ କଟକ ନୁହେଁ; ଏହା ପୂର୍ବରୁ ଖୋର୍ଦ୍ଧା ଜିଲ୍ଲା ମୁକୁନ୍ଦପ୍ରସାଦରେ ଅଗଷ୍ଟ ୨୦୨୪ରେ ମଧ୍ୟ କର୍ଫ୍ୟୁ ଲାଗିବା ସହ ଜୁନ୍ ମାସରେ ବାଲେଶ୍ୱରରେ ମଧ୍ୟ ସ୍ଥିତି ଉଦ୍‌ବେଗଜନକ ହେବା ଓ କର୍ଫ୍ୟୁ ଲାଗିଥିଲା। ୨୦୨୪ ସେପ୍ଟେମ୍ବର ଶେଷ ଆଡ଼କୁ ଭଦ୍ରକରେ ମଧ୍ୟ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି ହୋଇଥିଲା। ରାଜ୍ୟରେ ସରକାର ପରିବର୍ତ୍ତନ ହେବାର ଅଳ୍ପ

- ବିଗିଡ଼ିଗଲାଣି ରାଜ୍ୟର ସାମ୍ପ୍ରଦାୟିକ ସଦ୍‌ଭାବନା
- ହିଂସା ଉଦ୍ରେକକାରୀଙ୍କୁ ଦମନ କରିପାରୁନି ପୁଲିସ

କେଇ ଦିନ ମଧ୍ୟରେ ବାଲେଶ୍ୱରରେ ସାମ୍ପ୍ରଦାୟିକ ଘଟଣା ସାରା ରାଜ୍ୟବାସୀଙ୍କୁ ବ୍ୟଥିତ କରିଥିଲା। ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦ ଉଗ୍ର ହେବା ଓ ପୁଲିସ ଉପରେ ଆକ୍ରମଣ ରାଜ୍ୟ ସରକାର ଓ ପୁଲିସ ପ୍ରଶାସନର କାର୍ଯ୍ୟ ଦକ୍ଷତା ପ୍ରତି ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏଠାରେ ସ୍ଥିତି ସ୍ୱାଭାବିକ ଆଣିବାରେ ସରକାର ବିଫଳ ହେବା ସହ ପ୍ରାୟ ୧୭ ଦିନ କାଳ ୧୪୪ ଓ କର୍ଫ୍ୟୁ ଲାଗି ରହିଥିଲା। ଏଠାରେ ସ୍ଥାନୀୟ ଏସ୍‌ପିଙ୍କ ଉପରେ ଆକ୍ରମଣ ହେବା ସହ ସେ ଆହତ ହୋଇଥିଲେ। ଏବେ ବି ବାଲେଶ୍ୱର ପରିସ୍ଥିତି ସୁଧୁରି ନାହିଁ। ଗତକାଲି ମଧ୍ୟ ସହରରେ ପୁଲିସ ପକ୍ଷରୁ ଫ୍ଲାଗ୍‌ମାର୍ଚ୍ଚ କରାଯାଇଥିଲା। ସେହିପରି ଖୋର୍ଦ୍ଧାରେ ଭିନ୍ନ ଭିନ୍ନ ଭାବେ ଦୁଇଟି ସ୍ଥାନରେ ସାମ୍ପ୍ରଦାୟିକ ସଦ୍‌ଭାବନା ଭଙ୍ଗ ହେବା ସହ ଜିଲ୍ଲାରେ ଆଇନ୍ ଶୃଙ୍ଖଳା ସ୍ଥିତି ସୃଷ୍ଟି ହୋଇଥିଲା। ଜିଲ୍ଲାର ମୁକୁନ୍ଦ ପ୍ରସାଦରେ ଜଣଙ୍କ ମୃତ୍ୟୁ ମଧ୍ୟ ହୋଇଥିଲା। ଏଠାରେ ମାସେ କାଳ ଆଇଏନ୍‌ଏସ୍‌ର ୧୬୩ ଧାରା ଜାରି ରହିଥିଲା। ସେହିପରି ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ବ୍ଲକର ଛଣଗିରିରେ ମଧ୍ୟ ସ୍ଥିତି ବେକାବୁ ହେବା ସହ ଏଠାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଫଳରେ ସ୍ଥାନୀୟ ପ୍ରଶାସନକୁ ପ୍ରାୟ ୧୫ ଦିନ ଧରି ୧୬୩ ବଳବତ୍ତର ରଖିବାକୁ ପଡ଼ିଥିଲା।

ଲଗାତାର ଭାବେ ଏହିଭଳି ଘଟଣା ବଢ଼ି ଚାଲିଥିବାରୁ ସାରା ଦେଶରେ ଓଡ଼ିଶାର ଛବି ମଳିନ ହେବାରେ ଲାଗିଛି। ସଂପ୍ରତି ଜାତୀୟ ଗଣମାଧ୍ୟମଗୁଡ଼ିକରେ ଓଡ଼ିଶାର ହିଂସା ଖବର ପ୍ରମୁଖ ସ୍ଥାନ ନେଉଛି। ରାଜ୍ୟ ଏବେ ବିହାର ଓ ଉତ୍ତର ପ୍ରଦେଶ ଆଡ଼କୁ ଗତି କରୁଥିବା ଅଭିଯୋଗ ହୋଇଛି। ବଡ଼ କଥା ହେଉଛି ଯେ ଏଭଳି ଘଟଣାକୁ ଦମନ କରିବାରେ ପୁଲସ ପ୍ରଶାସନର ନିଷ୍କ୍ରିୟତା ଅନେକ ଦିଗକୁ ପ୍ରଶ୍ନ ଉଠାଉଛି। କଟକରେ ପ୍ରଥମେ ହିଂସା ହେବା ଓ ପରେ ଏତେ ବଡ଼ ବାଇକ ରାଲିକୁ କିଏ ଅନୁମତି ଦେଲା ତାକୁ ନେଇ ଏବେ ପ୍ରଶ୍ନ ଉଠିବାରେ ଲାଗିଛି। ଏହା ବ୍ୟତୀତ ଗୁଇନ୍ଦା ବ୍ୟବସ୍ଥା ଏଠାରେ କିପରି କାମ କରୁଥିଲା ତାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ରାଜ୍ୟରେ ସରକାର ପରିବର୍ତ୍ତନର କିଛି ଦିନ ମଧ୍ୟରେ ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଛୋଟମୋଟ ବିବାଦ ବଢ଼ିବା ଆରମ୍ଭ ହୋଇଥିଲା। ଏହାକୁ ନେଇ ଗତ ବର୍ଷ ଅଗଷ୍ଟ ମାସରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଚିନ୍ତା ପ୍ରକଟ କରି ରାଜ୍ୟର ସମ୍ପ୍ରଦାୟ ସମ୍ପ୍ରଦାୟ ମଧ୍ୟରେ ଦେଖା ଦେଇଥିବା ବିଭେଦ ଆଗାମୀ ଦିନରେ ରାଜ୍ୟର ଗରିମା କ୍ଷୁଣ୍ଣ କରିବା ଭଳି ପରିସ୍ଥିତି ସୃଷ୍ଟି କରିବା ନେଇ ଆଶଙ୍କା ପ୍ରକାଶ କରିଥିଲେ। ଏଥିସହ ସବୁ ବର୍ଗର ଲୋକଙ୍କ ସୁରକ୍ଷା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନେବାକୁ ରାଜ୍ୟ ସରକାର ଏବଂ ସମସ୍ତ ସରକାରୀ ଅଧିକାରୀଙ୍କୁ ଅନୁରୋଧ କରିଥିଲେ। ଏହା ସହ ନବୀନ ସମସ୍ତ ସମ୍ପ୍ରଦାୟକୁ ଓଡ଼ିଶାର ଭାବମୂର୍ତ୍ତି ତଥା ଗରିମା ରକ୍ଷା କରିବା ପାଇଁ ନିବେଦନ କରି ଏକ ଶାନ୍ତିପୂର୍ଣ୍ଣ ରାଜ୍ୟ ଭାବେ ଲୋକଙ୍କ ଧନଜୀବନର ସୁରକ୍ଷା ଓ ଆଇନଶୃଙ୍ଖଳା ବଜାୟ ରଖିବା ଦିଗରେ କାମ କରିବାକୁ ନିବେଦନ କରିଥିଲେ। ମାତ୍ର ସରକାର ଏ ଦିଗରେ ସେପରି ଠୋସ୍ ପଦକ୍ଷେପ ଗ୍ରହଣ ନ କରିବା ଓ ରାଜ୍ୟରେ ନୂଆ କରି ମୁଣ୍ଡ ଟେକୁଥିବା ସାମ୍ପ୍ରଦାୟିକ ବିଭେଦକୁ ଦୂର କରିବା ନେଇ କୌଣସି ଅପିଲ୍ ନ କରିବା ପୁଣି ଥରେ ରାଜ୍ୟରେ ସାମ୍ପ୍ରଦାୟିକ ସଦ୍‌ଭାବନାକୁ କୁଠାରଘାତ କରିବା ଭଳି ସ୍ଥିତି ସୃଷ୍ଟି କରିଛି।

# ମହିଳାଙ୍କୁ ଟାଣିନେଲା କୁମ୍ଭୀର



ବିଞ୍ଝାରପୁର/ବରୀ, ୬।୧୦ (ସମିସ): ବରୀ ବ୍ଲକ୍ ବୋଦୁଅ ପଞ୍ଚାୟତ କନ୍ତିଆ ଗାଁ ଦେଇ ଯାଇଥିବା ଖରସ୍ରୋତା ନଦୀରେ ଧୋଇ ହେଉଥିବା ବେଳେ ଜଣେ ମହିଳାଙ୍କୁ କୁମ୍ଭୀର ଟାଣି ନେଇଛି। ଆଜି ଅପରାହ୍ଣ ପ୍ରାୟ ୩ଟାରେ ଏହି ଅଘଟଣ ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଗ୍ରାମର ଶୁକଦେବ ମହଲାଙ୍କ ପତ୍ନୀ ସୌଦାମିନୀ ମହଲା। ସୂଚନା ମୁତାବକ, ସୌଦାମିନୀ ଆଜି ଦ୍ୱିପ୍ରହରେ ଖାଇ ସାରିବା ପରେ ବାସନ ମାଜିବାକୁ ନଦୀକୁ ଯାଇଥିଲେ। ବାସନ ମାଜି ସାରି ହାତଗୋଡ଼ ଧୋଇ ହେଉଥିବା ବେଳେ ଗୋଟିଏ କୁମ୍ଭୀର ତାଙ୍କୁ ଟାଣି ନେଇଥିଲା। ସୌଦାମିନୀର ହାତକୁ ଧରି କୁମ୍ଭୀର ନଦୀରେ ଟାଣିଟାଣି ନେଉଥିବା ଦୃଶ୍ୟ ଗ୍ରାମବାସୀ ଦେଖିଥିଲେ ହେଁ କୁମ୍ଭୀର ଆକ୍ରମଣ ଭୟ ଓ ନଦୀରେ ଅଧିକ ସ୍ରୋତ ଥିବାରୁ ତାଙ୍କୁ ଉଦ୍ଧାର କରିପାରିନଥିଲେ। ଖବର ପାଇ ଅଗ୍ନିଶମ ବିଭାଗ ନଦୀରେ ଖୋଜାଖୋଜି କରି ସୌଦାମିନୀଙ୍କ ମୃତଦେହ ଉଦ୍ଧାର କରିଥିଲା।

ଉଲ୍ଲେଖଯୋଗ୍ୟ, ପୂର୍ବରୁ ଏହି ନଦୀରେ କୁମ୍ଭୀର ବୁଲାବୁଲି କରୁଥିବା ଦୃଶ୍ୟ ମଧ୍ୟ ଅଞ୍ଚଳବାସୀ ଦେଖି ବନ ବିଭାଗକୁ ଜଣାଇଥିଲେ। ମାତ୍ର ବିଭାଗୀୟ ଅଧିକାରୀମାନେ କୁମ୍ଭୀରକୁ ନିଜ ଆୟତ୍ତକୁ ନେଇ ପାରି ନଥିବାରୁ ଆଜି ଏପରି ଏକ ଅଘଟଣ ଘଟିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ବନ ବିଭାଗ କର୍ମଚାରୀ ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ଆବଶ୍ୟକ କ୍ଷତିପୂରଣ ମିଳିବ ବୋଲି ସୂଚନା ଦେଇଛନ୍ତି।

# ମା' ଗଜଲକ୍ଷ୍ମୀଙ୍କ ପୂଜା ଓ କୁମାର ପୂର୍ଣ୍ଣିମା

**ପାଣିକୋଇଲି, ୬।୧୦(ସମିସ):** ଜଗତଜନନୀ ମା' ଗଜଲକ୍ଷ୍ମୀଙ୍କର ପବିତ୍ର ପୂଜା ଅବସରରେ ଚଳଚଞ୍ଚଳ ହୋଇ ଉଠିଛି ଗାଁ ଠୁ ସହର। ସବୁଠି ସୃଷ୍ଟି ହୋଇଛି ଭକ୍ତି ଭାବରେ ଭରା ପରିବେଶ। ଚଳିତ ବର୍ଷ ପାର୍ବଣ ଋତୁ ତଥା ମା'ଙ୍କ ପୂଜାର୍ଚ୍ଚନା ସବୁଠି ଧୁମଧାମରେ ପାଳିତ ହୋଉଛି। ଅଳତିରି ମା' ମହାଲକ୍ଷ୍ମୀ ପୀଠ, ଚାନ୍ଦପୁର, ସୋତି, ପାଣିକୋଇଲି ଧଳସାହି, ଓଟିନ୍ଦା ଓ ଓଟିନ୍ଦା ରୋଡ ସ୍ଥିତ ଲକ୍ଷ୍ମୀବିହାର ଲକ୍ଷ୍ମୀ ପୂଜା କମିଟି ପକ୍ଷରୁ ପୂଜା ମଣ୍ଡପରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ରୀତିକାନ୍ତି ଅନୁଯାୟୀ ପାଳିତ ହେଉଛି। ସୁସଜ୍ଜିତ ଆଲୋକମାଳ, ତୋରଣ ଭକ୍ତଙ୍କୁ ଆକର୍ଷିତ କରୁଛି। କୁମାର ପୂର୍ଣ୍ଣିମା ପାଇଁ ଗାଁ ଦାଣ୍ଡ ଉଠୁଛି ପଡୁଛି। କୁମାରୀମାନେ ନୂତନ ବସ୍ତ୍ର ପରିଧାନ କରି ଚଉଁରା ମୂଳେ ଚାନ୍ଦ ବନ୍ଦାଇଛନ୍ତି।



# ଡକାୟତି ଯୋଜନା ବେଳେ ୫ ଗିରଫ

**ଯାଜପୁରଟାଉନ,୬।୧୦(ସମିସ):**

ଯାଜପୁର ବ୍ଲକ ଏନ୍‌ସି କଲେଜ ପଛ ପଟ ଏକାନ୍ତ ସ୍ଥାନରେ କିଛି ଅସାମାଜିକ ଯୁବକ ଡକାୟତ କରିବାକୁ ଯୋଜନା କରୁଥିବା ବେଳେ ଧରାପଡ଼ିଛନ୍ତି। ସନ୍ଧ୍ୟା ସମୟରେ ପାଟ୍ରୋଲିଂ କରୁଥିବା ଟାଉନ ଥାନା ପୁଲିସ

**ବହୁ ମାରଣାସ୍ତ୍ର ସାମଗ୍ରୀ ଜବତ**

ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ସେମାନଙ୍କୁ ଧରିବାରେ ସକ୍ଷମ ହୋଇଛି। ଏମାନେ ଯାଜପୁରସହର ଏବଂ ନିକଟ ଗ୍ରାମାଞ୍ଚଳରବହୁ ଚୋରିସହିତ ସମ୍ପୃକ୍ତଥିବା ପୁଲିସ କହିଛି। ଏହି ଚଢ଼ାଉ ବେଳେ ଗୋଟେ ତେଲଙ୍ଗା କଟୁରି, ଲୁହା ରଡ଼, ଲଙ୍କା ଗୁଣ୍ଡ ଜବତ ହୋଇଛି। ଏହା ସହିତ ୯ଟି ପାଣି ପମ୍ପ, ଅନ୍ୟୁନ ୧୦କେଜି ଏସି କପର ପାଇପ୍, ୫କେଜି ତମ୍ବାତାର, ପାଣି ଟ୍ୟାପ ୨୦ଟି, ଠାକୁର ଘରେ ବ୍ୟବହାର ହେଉଥିବା ତମ୍ବା ବାସନ ପ୍ରଭୃତି ଜବତ ହେଇଛି। ଯାଜପୁର ଟାଉନ ଥାନା ପୁଲିସ ୫ ଜଣ ଡକାୟତଙ୍କୁ ଧରିଥିବା ବେଳେ, ଏମାନଙ୍କ ଠାରୁ ଚୋରି ଜିନିଷ କିଣା ଅଭିଯୋଗରେ ବୈଦ୍ୟରାଜପୁରର ଆକାଶ ସାହୁ ନାମକ ଦୋକାନୀକୁ ଗିରଫ କରି କୋର୍ଟଚାଲାଣ କରାଯାଇଛି। ନିକଟରେ ସ୍ଥାନୀୟ ଏନ୍‌ସି କଲେଜରେ ଲାଗିଥିବା ଏସି ପାଇପ୍‌କୁ ଦ୍ୱିପହରରେ ଚୋରି କଲାବେଳେ ସିସିଟିଭିରେ ସବୁ କୈଦ ହୋଇଥିଲା। ସେବେଠୁ ଯାଜପୁର ପୁଲିସ ଏମାନଙ୍କୁ ଧରିବାକୁ ଜାଲ ବିଛାଇଥିଲା। ଶେଷରେ ୫ ତାରିଖ ସନ୍ଧ୍ୟାରେ ସଫଳତା ମିଳିଥିଲା। ଧରାପଡ଼ିଥିବା ଡକାୟତମାନେ ସମସ୍ତେ ଅବଦଲପୁର ନାୟକସାହିର ଜିତେନ୍ଦ୍ର ନାୟକ, ଦୀପକ ନାୟକ, ସମ୍ବିତ ନାୟକ (ଟଗୁଲୁ), ଜୀବନ ଜ୍ୟୋତି ନାୟକ, ଅଭୟ ନାୟକ। ସେମାନଙ୍କୁ ଡାକ୍ତରୀ ମାଇନା କରାଯାଇ କୋର୍ଟଚାଲାଣ କରାଯାଇଛି।



## ମୁକ୍ତାକାଶ ମଣ୍ଡପକୁ ନେଇ ବାଦବିବାଦ

# ବନ୍ଦ ହେଲା ଅରେଇ ପାଲା ମହୋତ୍ସବ

**ବିଞ୍ଝାରପୁର,୬।୧୦(ସମିସ):** ପାଲାମଣ୍ଡପ ଯାଗାକୁ ନେଇ ବାଦବିବାଦ ଦେଖାଦେବାରୁ ବନ୍ଦ ହେଲା ଅରେଇ ରାଜ୍ୟସ୍ତରୀୟ ପାଲା ମହୋତ୍ସବ। ଆସନ୍ତା ୭ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ମା' ଜାଗୁଲାଇ ପାଲା ପରିଷଦ ଓ ଅରେଇ ଗ୍ରାମବାସୀଙ୍କ ସହଯୋଗରେ ଏହି ପାଲା ଆୟୋଜିତ ହେବାକୁ ଯାଉଥିଲା।

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ଗ୍ରାମ ପଞ୍ଚାୟତ ଅରେଇ ଛକରେ ଦୀର୍ଘ ୮୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଆସୁଅଛି। ଲକ୍ଷ୍ମୀ ପୂଜା ସହ ପାଲା, ବାଦିପାଲା, ଦାସକାଠିଆ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମମାନ ମଧ୍ୟ ଅନୁଷ୍ଠିତ ହେଇଆସୁଥିଲା। ତେବେ ଗତ ୯ ବର୍ଷ ଧରି ଏଠାରେ ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ହୋଇଆସୁଥିବା ବେଳେ ଚଳିତ ବର୍ଷ ୧୦ମ ବର୍ଷର ପାଲା ମହୋତ୍ସବ ଆୟୋଜନ ପାଇଁ ପ୍ରସ୍ତୁତି ସରିଥିଲା। ତେବେ ପାଲାମଣ୍ଡପ ଯାଗାକୁ ନେଇ ବିବାଦ ମୁଣ୍ଡ ଟେକିବାରୁ ଉତ୍ସବଟି ବନ୍ଦ ହୋଇଯାଇଥିବା ଆୟୋଜକ ମା' ଜାଗୁଳେଇ ପାଲା ପରିଷଦ ପକ୍ଷରୁ ସୂଚନା ଦିଆଯାଇଛି। ଚଳିତ ବର୍ଷ ଯେଉଁ ସ୍ଥାନରେ ମା' ଲକ୍ଷ୍ମୀ ପୂଜା ସହ ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ଥିଲା ସେ ସ୍ଥାନରେ ୧୬୧ ଧାରା ଲାଗୁ କରାଯାଇଛି। ଜଣେ ବ୍ୟକ୍ତି ବିଶେଷ ତାଙ୍କ ସମ୍ପତି ଉପରେ ଲକ୍ଷ୍ମୀପୂଜା କିମ୍ବା ରାଜ୍ୟସ୍ତରୀୟ ପାଲା ମହୋତ୍ସବ ଅନୁଷ୍ଠିତ ନ ହେବା ପାଇଁ ଏହି ୧୬୧ ଧାରା ଲାଗୁ କରିଛନ୍ତି ବୋଲି ପାଲାର ଆୟୋଜକମାନେ ପ୍ରକାଶ କରିବା ସହ ଏତେ ବଡ଼ ଉତ୍ସବ ବନ୍ଦ ହୋଇ ପଡ଼ିବା ନେଇ ଦୁଃଖ ପ୍ରକାଶ କରିଛନ୍ତି।




# ଦୁର୍ଘଟଣାରେ ବାଇକ୍ ଆରୋହୀ ଗୁରୁତର

**ପାଣିକୋଇଲି,୬।୧୦(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ବ୍ରଜନଗର ନିକଟରେ ରବିବାର ବିଳମ୍ବିତ ରାତ୍ରୀରେ ଏକ ବାଇକ ଆରୋହୀ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହୋଇ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରକାଶ ଥାଉକି ଭଦ୍ରକରୁ ଭୁବନେଶ୍ୱର ଅଭିମୁଖେ ବାଇକରେ ଜଣେ ଯୁବକ ଯାଉଥିଲେ। ହେଲେ ବ୍ରଜନଗର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ଡିଭାଇଡରେ ପିଟିହୋଇଥିଲେ। ଘଟଣାସ୍ଥଳରେ ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ।

## ■ ମାନସିଂପାଟଣା ଗାଁ ରାସ୍ତା ସମସ୍ୟା

# ତହସିଲଦାରଙ୍କୁ ଅବଗତ କଲେ ଗ୍ରାମବାସୀ



**ଦଶରଥପୁର,୬।୧୦(ସମିସ):** ଦଶରଥପୁର ବ୍ଲକ କନିକାପଡା ପଞ୍ଚାୟତ ମାନସିଂପାଟଣା ଗାଁ ରାସ୍ତା ସମସ୍ୟା ନେଇ ଦଶରଥପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି ଗ୍ରାମବାସୀ ଏବଂ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟା। ସୂଚନାରୁ ପ୍ରକାଶ ଯେ ମଙ୍ଗଳପୁର ନାରୀଗାଁ ମୁଖ୍ୟ ରାସ୍ତା ସଂଲଗ୍ନ ମାନସିଂପାଟଣା ଗ୍ରାମର ସେନାପତି ସାହି ଠାରୁ ଦଳିତ ସାହି ଯାଏଁ ଥିବା ରାସ୍ତାର ପ୍ରାରମ୍ଭରେ କିଛି ଅସାମାଜିକ ଲୋକ ଜାଗା ଅକ୍ତିଆର ପୂର୍ବକ ପାଚେରି, ଗୁହାଳ, ବାରଣ୍ଡା ଆଦି କରିନେଇଛନ୍ତି। ଫଳସ୍ୱରୂପ ଅଣଓସାରିଆ ହୋଇଯାଇଥିବା ଗାଁର ଏହି ରାସ୍ତାରେ ଦମକଳ ଗାଡି, ଆମ୍ବୁଲାନ୍ସ, ଜନନୀ ଏକ୍ସପ୍ରେସ ଭଳି ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଏମିତି କି ଛାତ୍ରଛାତ୍ରୀ ବିଦ୍ୟାଳୟ ଯାତାୟତ ସମୟରେ ଦୁର୍ଘଟଣାର ଶିକାର ହେଉଥିବା ନଜିର ମଧ୍ୟ ରହିଛି। ସରକାରୀ ଯୋଜନାରେ ମିଳୁଥିବା ଘର, ରାସ୍ତା, ନଳକୂପ ଆଦି ଲାଗି ବାଲି, ଗୋଡି, ରଡ଼ ଆଦି ଗାଡି ପହଞ୍ଚି ପାରୁନାହିଁ। ପ୍ରକାଶ ଥାଉ କି ନକ୍ସା ଅନୁସାରେ ରାସ୍ତାଟି ୨୦ କଡ଼ି ଥିବା ବେଳେ ଏହା ଅବରୋଧ ହୋଇ ମାତ୍ର ୧୦-୧୧ କଡ଼ି ରହିଛି (ପ୍ଲଟ ନଂ ୪୯୩୮)। ଯଦ୍ୱାରା ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ସମ୍ପୂର୍ଣ୍ଣ ଗ୍ରାମବାସୀ। ଫଳରେ ୫୦ରୁ ଉର୍ଦ୍ଧ୍ୱ ପରିବାର ବହୁ ସମସ୍ୟା ଭୋଗୁଛନ୍ତି। ତେଣୁ ଏହି ସମସ୍ୟାର ସମାଧାନ ନିମନ୍ତେ ଶେଷଦେବ ମଲିକ, ମହେଶ୍ୱର ବେହେରା, ବାସୁଦେବ ଦାସ, ରଙ୍ଗାଧର ମଲିକ, ସୁରେନ୍ଦ୍ର ପଣ୍ଡା, ବିଜୟ ମଲିକ, ଶେଷଦେବ ଯେନାଙ୍କ ସହ ଗ୍ରାମବାସୀ ଏବଂ ସପ୍ତମାତୃକା ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଦଶରଥପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି।

# ଲକ୍ଷ୍ମୀପୂଜାରେ ବିଦ୍ୟୁତକାଟ୍; ସାଧାରଣରେ ଅସନ୍ତୋଷ

**ପାଣିକୋଇଲି,୬।୧୦(ସମିସ):** ଆଜି ପବିତ୍ର ଗଜଲକ୍ଷ୍ମୀ ପୂଜା ଓ କୁମାରପୂର୍ଣ୍ଣିମା ପାଇଁ ଗାଁଠୁ ସହର ଉତ୍ସବ ମୁଖର ଥିବା ବେଳେ ବିଦ୍ୟୁତ କାଟ୍ ଜନଜୀନକୁ ପ୍ରଭାବିତ କରିବା ସହ ସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଛି। ଆଜି ଭଳି ଦିନରେ ବିଦ୍ୟୁତ ବିଭାଗ ମରାମତି ନାମରେ ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ କରିବାରୁ ସବୁ କିଛି କାର୍ଯ୍ୟ ଫିକା ପଡ଼ିଛି। ମରାମତି ପାଇଁ ବିଦ୍ୟୁତ କାଟ୍ ହେବା ସ୍ୱାଭାବିକ ପ୍ରକ୍ରିୟା। କିନ୍ତୁ ଲକ୍ଷ୍ମୀ ପୂଜାରେ ପାୱାରକାଟ କରିବା ଯୋଗୁ ସବୁ କିଛି ଶୂନସାନ ରହିଥିଲା। ଏମିତିକି ଲକ୍ଷ୍ମୀପୂଜାରେ ମାଇକ୍ ମଧ୍ୟ ବାଜିପାରିନଥିଲା। ଫଳରେ ବିଦ୍ୟୁତ ବିଭାଗ ଅନ୍ୟ ଦିନରେ ବିଦ୍ୟୁତ କାଟ ନକରି ପର୍ବରେ ବିଦ୍ୟୁତ କାଟକୁ ସାଧାରଣ ନାପସନ୍ଦ କରାଯାଇଛି। ବିଦ୍ୟୁତ ବିଭାଗ ଏହା ଜାଣି ପାରିନି ନା ଜାଣିଶୁଣି ଏଭଳି କରିଛି ତାହାକୁ ନେଇ ସବୁଠି ଚର୍ଚ୍ଚା ଜାରି ରହିଛି। ଯାହା ନେଇ ଆଜି ପାଣିକୋଇଲି ବିଦ୍ୟୁତ ଉପଖଣ୍ଡରେ ସାଧାରଣରେ ଅସନ୍ତୋଷ ଦେଖିବାକୁ ମିଳିଥିଲା।

# କଂଗ୍ରେସର ସାଙ୍ଗଠନିକ ବୈଠକ

**ଧର୍ମଶାଳା,୬।୧୦(ସମିସ):** ଧର୍ମଶାଳା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚୋରମୁହାଁ ଗ୍ରାମପଞ୍ଚାୟତ କଂଗ୍ରେସ ପକ୍ଷରୁ ଚୋରମୁହାଁ ଗ୍ରାମ ହାଟପଡିଆସ୍ଥିତ ମା' ଗୁଣ୍ଡିଚା ମନ୍ଦିର ପରିସରରେ ଏକ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ନେତା କିଶାନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କୃଷକ ନେତା ବସନ୍ତ ପରିଡା, ବ୍ଲକ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, କାର୍ତ୍ତିକ ସାହୁ, ଚୋରମୁହାଁ ପଚାୟତ କଂଗ୍ରେସ ସଭାପତି ସେକ୍ ଇଦୋ ପ୍ରମୁଖ ଯୋଗଦେଇଥିଲେ। ଏହି ବୈଠକରେ କଂଗ୍ରେସ କର୍ମୀ ଗଗନ ବିହାରୀ ରାଉତ, ଦେବାଶିଷ ପରିଡା, ବାବୁ ଖାଁ, ମହମ୍ମଦ ଇକବାଲ, ଅଜୁ ମହାନ୍ତି, ଟିକିନ ଖାଁ, ଗିରିଧରି ମଲିକ, ମିନ ମଲିକ, ସାନ୍ତନୁ ମଲିକଅନନ୍ତ ବେହେରା, ଅମିନ ମଲିକ, ଓଶି ଆଲମ, ରଘୁ ବାରିକ, ବିପିନ ମଲିକ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗଦେଇଥିଲେ। ଏହି ବୈଠକରେ ସଂଯୋଜକ ଭାବେ ଅଭିମନ୍ୟୁ ପଣ୍ଡା ଯୋଗଦେଇଥିଲେ।

# ଶିକ୍ଷୟିତ୍ରୀଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

**ହାତୀବାରି, ୬।୧୦(ସମିସ):** ହାତୀବାରି ଗ୍ରାମ ମଙ୍ଗରାଜପୁର ସାହି ପ୍ରକଳ୍ପ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିଭା ପୃଷ୍ଟିଙ୍କୁ ବିଦାୟୀକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ସମ୍ବର୍ଦ୍ଧନା ସଭାରେ ଶଶଧର ମୁଦୁଲି, ହୃଷୀକେଶ ବେହେରା, ବଂଶୀଧର ପରିଡ଼ା, ଅଶୋକଚନ୍ଦ୍ର ଦାସ, ରବୀନ୍ଦ୍ର ପ୍ରଧାନ, ଶ୍ରୀମନ୍ତ ଦେହୁରୀ, କାଞ୍ଚନବାଳା ଗଇପଇ ପ୍ରମୁଖ ଯୋଗ ଦେଇ ଶ୍ରୀମତୀ ପୃଷ୍ଟିଙ୍କ ବ୍ୟକ୍ତିତ୍ୱ ସଂପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ବହୁ ପୁରାତନ ଛାତ୍ରଛାତ୍ରୀ ଯୋଗ ଦେଇ ସେମାନଙ୍କ ପ୍ରିୟ ଶିକ୍ଷୟିତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

# ସାହିତ୍ୟ ପତ୍ରିକା 'ବର୍ତ୍ତିକା' ଉନ୍ମୋଚିତ

**କର୍ଯ୍ୟାଗୋଲା,୬।୧୦(ସମିସ):** ଦଶରଥପୁର ସାରସ୍ୱତ ସାହିତ୍ୟ ପରିଷଦର ମୁଖପତ୍ର 'ବର୍ତ୍ତିକା'ର ଦଶହରା ମହାବିଶେଷାଙ୍କ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପତ୍ରିକାର ମୁଖ୍ୟ ସମ୍ପାଦକ ଡ. ବିଜୟ ମୋହନ ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉନ୍ମୋଚନ ଉତ୍ସବରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ କବି ଧନଞ୍ଜୟ ସ୍ୱାଇଁ ଯୋଗଦେଇ ଭାଷା ସାହିତ୍ୟର ବିକାଶ ଦିଗରେ ପତ୍ରିକାର ବିଶେଷ ଭୂମିକା ରହିଛି। ଆଉ ଏଥିସହ ଗ୍ରାମାଞ୍ଚଳରୁ ନିରବଚ୍ଛିନ୍ନ ଭାବେ ୪୧ ବର୍ଷ ଧରି ପ୍ରକାଶ ପାଉଥିବା ପ୍ରତିଷ୍ଠିତ ସାହିତ୍ୟ ପତ୍ରିକା ବର୍ତ୍ତିକା ଆଜି ସାରା ରାଜ୍ୟରେ ଏକ ପ୍ରଭାବଶାଳୀ ସାହିତ୍ୟ ପତ୍ରିକା ଭାବେ ଉଭା ହୋଇଛି ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କବି ଡ. ଗୌତମ ଜେନା, ସମ୍ମାନିତ ଅତିଥି ଭାବେ କବି ଡ.ଚନ୍ଦ୍ରକାନ୍ତ ମହାନ୍ତି ଯୋଗଦେଇଥିଲେ। ସାରସ୍ୱତ ସାଂସ୍କୃତିକ ପରିଷଦର ସଭାପତି ପ୍ରାଧ୍ୟାପକ ଉମାକାନ୍ତ ସାହୁ, ସମ୍ପାଦକ ପ୍ରାଧ୍ୟାପକ ରବିନାରାୟଣ ଦାସ ଅନ୍ୟତମ ଅତିଥି ଭାବେ ଉତ୍ସବରେ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କବି ପ୍ରଭାତ କୁମାର ମଲ୍ଲିକ, ଯଯାତିକିଶୋର ସାହୁ, ରାମଚନ୍ଦ୍ର ଦାସ, ସ୍ମିତାରାଣୀ ଭଞ୍ଜ, ଲକ୍ଷ୍ମୀପ୍ରିୟା ପୃଷ୍ଟି, ସୁବାସ ଚନ୍ଦ୍ର ବେହେରା, ବିମନ କୁମାର ମଲ୍ଲିକ ପ୍ରମୁଖ ଯୋଗଦେଇଥିବା ବେଳେ ଆଶିଷ କୁମାର ମହାପାତ୍ର, ଦେବେନ୍ଦ୍ର ଦାସ, ମନିସ୍ କୁମାର ସାହୁ, ଲକ୍ଷ୍ମୀଧରା ତରାଇ, ଗୌରାଙ୍ଗ ବେହେରା ପ୍ରମୁଖ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।



# ରେଙ୍ଗାଲି ଡ୍ୟାମରେ ବଢୁଛି ଜଳସ୍ତର

**ଧର୍ମଶାଳା,୬।୧୦(ସମିସ):** ବ୍ରାହ୍ମଣୀ ନଦୀର ରେଙ୍ଗାଲି ଡ୍ୟାମରେ ଜଳସ୍ତର ବିପଦ ସଙ୍କେତର ଉର୍ଦ୍ଧ୍ୱରେ ପ୍ରବାହିତ ହେଉଛି। ଡ୍ୟାମର ସର୍ବାଧିକ ଜଳଧାରଣ କରିବାର କ୍ଷମତା ୧୨୩.୫୦ ମିଟର ରହିଥିବା ବେଳେ ଆଜି ଏହା ବୃଦ୍ଧି ପାଇ ୧୨୩.୫୮ ମିଟର ରହିଥିବା ବିଭାଗୀୟ ୱେବସାଇଟରୁ ଜଣାପଡିଛି। ଯାହାକି ପରବର୍ତ୍ତୀ ସମୟରେ ତଳିଆ ଅଞ୍ଚଳ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ନଦୀକୂଳିଆ ବାସିନ୍ଦା ଆଶଙ୍କା କରିଛନ୍ତି। କାରଣ ଡ୍ୟାମରେ ଏତେ ପରିମାଣର ଜଳ ରହିଥିବା ବେଳେ ଆଗକୁ ବଡ଼ଧରଣର ଲଘୁଚାପ ସୃଷ୍ଟି ହୋଇ ବର୍ଷା ଲାଗିରହିଲେ ପରିସ୍ଥିତି ଭୟାଭୟ ହେବାର ଆଶଙ୍କା ଉପୁଜିଛି। ନଦୀରେ ବନ୍ୟା ଆସିଲେ ବିଶେଷ ଭାବେ ଧର୍ମଶାଳା, ରସୁଲପୁର ବ୍ଲକ ପ୍ରଭାବିତ ହେବା ସହ ବରୀ ବ୍ଲକ ଅଞ୍ଚଳ ସର୍ବାଧିକ ପ୍ରଭାବିତ ହେବାର ଆଶଙ୍କା ଦେଖାଦେଇଛି।

# ପ୍ରେସ୍ କ୍ଲବ ପକ୍ଷରୁ ବୃକ୍ଷରୋପଣ



**ସୁକିନ୍ଦା,୬।୧୦(ସମିସ):** ସୁକିନ୍ଦା ପ୍ରେସ୍ କ୍ଲବ ଆନୁକୂଲ୍ୟରେ ଓ ବନବିଭାଗ ସହଯୋଗରେ ସୁକିନ୍ଦା ମହାବିଦ୍ୟାଳୟ ପଛପଟ ପଡ଼ିଆରେ ୨ହଜାର ବୃକ୍ଷ (ତାଳଗଛ) ରୋପଣ କରାଯାଇଛି। ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ଆୟୋଜିତ ଏହି ନିଆରା କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ବୃକ୍ଷରୋପଣ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। ବଜ୍ରପାତକୁ ପ୍ରତିହତ କରିବା ପାଇଁ ଏହାହିଁ ଉତ୍କୃଷ୍ଟ ଉପାୟ ବୋଲି ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ବଳସାମନ୍ତ ମତବ୍ୟକ୍ତ କରିଥିଲେ। ପ୍ରତ୍ୟେକ ବର୍ଷ ରାଜ୍ୟରେ ବଜ୍ରପାତ ଜନିତ ମୃତ୍ୟୁ ବଢିଚାଲିଥିବାରୁ ଏହାକୁ ରୋକିବା ପାଇଁ ଏହି ପଦକ୍ଷେପ ନିଆଯାଇଥିବା କ୍ଲବ ସଭାପତି ବିଶ୍ୱଜିତ୍ ନାୟକ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ପ୍ରଜ୍ଞାପରମିତା ପୃଷ୍ଟି, କଟକ ବନଖଣ୍ଡ ସହକାରୀ ବନ ସଂରକ୍ଷକ ସନ୍ତୋଷ ପତି, ରେଞ୍ଜର ଦେବେନ୍ଦ୍ର ମାଝୀ, ମହାବିଦ୍ୟାଳୟ ଅଧକ୍ଷ ହିମାଂଶୁ ଶେଖର ଦ୍ୱିବେଦୀ, ପୂର୍ବତନ ଜିଲ୍ଲା ପରିଷଦ ରମଣୀ ରଞ୍ଜନ ବଳସାମନ୍ତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ତାଳ ଗଛ ଲଗାଇଥିଲେ। ସୁକିନ୍ଦା ସଦର ମହକୁମା ସହ ଲେମ୍ବୋ, ବନ୍ଧଗାଁ, କୃହିକା, ପିମ୍ପୁଡ଼ିଆ, କାଙ୍କଡପାଳ ଓ ରାଂଶୋଳ ଆଦି ୮ଟି ପଞ୍ଚାୟତରେ ୨ହଜାର ତାଳଗଛ ଲଗାଇବାର ବ୍ୟବସ୍ଥା ହୋଇଛି। ଏହି କାର୍ଯ୍ୟକ୍ରମରେ ସୁକିନ୍ଦା ପ୍ରେସ୍ କ୍ଲବର ସମସ୍ତ କର୍ମକର୍ତ୍ତା, ସଭ୍ୟ ଓ ବନବିଭାଗ ଫରେଷ୍ଟର ମନୋରମା ହୋତା, ରାମ ତିରିଆଙ୍କ ସମେତ ଅନେକ ବନ କର୍ମଚାରୀ ଉପସ୍ଥିତି ରହି ବୃକ୍ଷ ରୋପଣ କରିଥିଲେ।

# ବାଲିପଡ଼ିଆରୁ ମୃତ କୁମ୍ଭୀର ଉଦ୍ଧାର



**ବାଲିଚନ୍ଦ୍ରପୁର,୬।୧୦(ସମିସ):** ବଡ଼ଚଣା ବ୍ଲକ ବାଲିପଡ଼ିଆ ପଞ୍ଚାୟତ ଅନ୍ତର୍ଗତ ମାତକତପୁର ଡ୍ରେନେଜ୍ କଟ୍‌ର ବାଲିପଡ଼ିଆ ଦଣ୍ଡାସାହି ତୁଠ ନିକଟରୁ ଆଜି ୬ ଫୁଟ ଲମ୍ବର ଏକ ମୃତ କୁମ୍ଭୀର ଭାସୁଥିବା ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକେ ଭାସୁଥିବା ଏହି କୁମ୍ଭୀରକୁ ଦେଖି ଛାନିଆ ହୋଇଯାଇଥିଲେ। ତେବେ କୁମ୍ଭୀରଟି ମୃତ ଅବସ୍ଥାରେ ଭାସୁଥିବା ଜାଣି ତାକୁ ଉଦ୍ଧାର କରି ପରେ ଜଙ୍ଗଲ ଭିଭାଗକୁ ଖବର ଦେଇଥିଲେ। ଖବର ପାଇ ଚଣ୍ଡିଖୋଲ ବନପାଳ ଘଟଣାସ୍ଥଳକୁ ଆସି ମୃତ କୁମ୍ଭୀରକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବିଭାଗୀୟ କାର୍ଯ୍ୟାଳୟକୁ ନେଇଯାଇଥିବା ଜଣାଯାଇଛି। ତେବେ ଏହି କୁମ୍ଭୀରଟି କୁଆଡୁ ଆଉ କେମିତି ଆସି ଏହି ଗ୍ରାମର ଦଣ୍ଡା ସାହି ତୁଠ ପର୍ଯ୍ୟନ୍ତ ମୃତ ଅବସ୍ଥାରେ ଭାସୁଥିଲା ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ବଧୂ ହତ୍ୟା ଅଭିଯୋଗରେ ଶାଶୂ ଗିରଫ

**କର୍ଯ୍ୟାଁଗୋଲା,୬।୧୦(ସମିସ):** ବଧୂ ହତ୍ୟା ମାମଲାରେ ଶାଶୂକୁ ପୁଲିସ୍ ଗିରଫ କରି ଅଦାଲତ ଚାଲାଣ କରିଛି। ଗତ ଜୁଲାଇ ମାସ ୨୭ ତାରିଖରେ ମଙ୍ଗଳପୁର ଥାନା କମାରଡିହ ପଞ୍ଚାୟତର ସହିମାଡ଼ ଗ୍ରାମରେ ଉର୍ବଶୀ ଯେନାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଉର୍ବଶୀର ବାପ ଘର ତରଫରୁ ମଙ୍ଗଳପୁର ଥାନାରେ ଏହା ଏକ ହତ୍ୟା ମାମଲା ବୋଲି ଅଭିଯୋଗ ହୋଇଥିଲା। ଏନେଇ ୧୮ ୯/୨୫ରେ ଏକ ମକଦ୍ଦମା ରୁଜ୍ଜୁ ହୋଇଥିଲା। ମଙ୍ଗଳପୁର ପୁଲିସ ତଦନ୍ତ ଚଳାଇ ଆଜି ଉର୍ବଶୀର ଶାଶୂ ସୀତାମଣି ଯେନା (୬୬)ଙ୍କୁ ଅଦାଲତ ଚାଲାଣ କରିଛି ବୋଲି ଏସ୍‌ଆଇ ଅନିତା ପ୍ରଧାନଙ୍କ ସୂତ୍ରରୁ ଜଣାପଡିଛି।

# ଯୁବ ବ୍ୟବସାୟୀଙ୍କ କିଡ୍‌ନୀ ରୋଗରେ ମୃତ୍ୟୁ

**ପାଣିକୋଇଲି,୬।୧୦(ସମିସ):** ପାଣିକୋଇଲିର ଜଣାଶୁଣା ଯୁବ ବ୍ୟବସାୟୀ ଟ୍ରାନ୍ସପୋର୍ଟ ତଥା ଟ୍ରକ୍ ବ୍ୟବସାୟ କରୁଥିବା ସୁନିଲ କୁମାର ନାୟକଙ୍କ ୪୩ ବର୍ଷରେ ଆଜି ମୃତ୍ୟୁ ଘଟିଛି। କିଛି ଦିନ ହେବ ସେ କିଡ୍‌ନୀ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ଦେହ ସୁସ୍ଥ ହେବା ପରିବର୍ତ୍ତେ ଅଧିକ ଅସୁସ୍ଥ ହେବାରୁ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ମାତ୍ର ଚିକିତ୍ସିତ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପ୍ରଚାରିତ ହେବା ମାତ୍ରେ ସମଗ୍ର ପାଣିକୋଇଲି ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିବା ବେଳେ ଟ୍ରକ୍ ମାଲିକ ସଂଘ ପକ୍ଷରୁ ଶୋକ ପ୍ରକାଶ ପାଇଥିଲା। ତାଙ୍କ ମରଶରୀରକୁ ପୁରୀ ସ୍ୱର୍ଗଦ୍ୱାର ନେଇ ଶେଷକୃତ କରାଯାଇଥିଲା। ଏକମାତ୍ର ପୁତ୍ର ଆୟୁଷ ନାୟକ ମୁଖାଗ୍ନୀ ଦେଇଥିଲେ। ପ୍ରକାଶ ଥାଉକି ପାଣିକୋଇଲି ପୂର୍ତ୍ତ ବିଭାଗ କାର୍ଯ୍ୟାଳୟର ମୁଖ୍ୟ କିରଣି ଭାବେ କାର୍ଯ୍ୟକରି ତାଙ୍କ ବାପା ସୁରେନ୍ଦ୍ର ନାୟକ ଦୀର୍ଘ ବର୍ଷ ହେବ ପଥରପଦା ବେଙ୍ଗାସାହି ନିକଟରେ ଘର କରି ରହୁଥିଲେ।



ଦ୍ୱାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ ପ୍ରଫୁଲ୍ଲ କୁମାରୀ ସାହୁ
ଆବିର୍ଭାବ: ୧୫.୦୩.୧୯୪୮
ତିରୋଧାନ: ୨୭.୦୯.୨୦୨୫
ମନେପଡୁଛି ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଏବଂ ଭଲପାଇବାର ସ୍ମୃତି । ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଠାରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ବନ୍ଧୁ ଓ ପରିବାରବର୍ଗ

## ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

# ୮୨ଟି ଅଭିଯୋଗର ତ୍ୱରିତ ଫଇସଲା

**ଯାଜପୁର,୬।୧୦(ସମିସ):**

ଆଜି ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କର ବିଭିନ୍ନ ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ଆଜି ମୋଟ ୧୬୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୪ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୨ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୮୦ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୮୨ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଯଶପ୍ରତାପ ଶ୍ରୀମାଲ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଯୁଧିଷ୍ଠିର ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଦେବୀ ପ୍ରସାଦ ମହାନ୍ତି, ଉପଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ହେମନ୍ତ କୁମାର ମହନ୍ତ, ତହସିଲଦାର ରବି ନାରାୟଣ ପାଢ଼ୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତି ଅଭିଯୋଗ ର ଶୁଣାଣି କରିଥିଲେ।



### ପୁନର୍ବାସ ଯୋଜନାରେ ଅନୁକମ୍ପା ନିଯୁକ୍ତିରୁ ୪୦୦ରୁ ଊର୍ଦ୍ଧ୍ୱ ବଞ୍ଚିତ

# କାର୍ଯ୍ୟକାରୀ ହେଉନି ସର୍ବୋଚ୍ଚ ନ୍ୟାୟାଳୟଙ୍କ ଆଦେଶ



### ଜନଶୁଣାଣିରେ ଜିଲ୍ଲାପାଳଙ୍କୁ ଗୁହାରି କଲେ ଆବେଦନକାରୀ

**ବାରିପଦା, ୬ ।୧୦(ସମିସ)**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାରେ ପୁନର୍ବାସ ଯୋଜନାରେ ଅନୁକମ୍ପା ମୂଳକ ନିଯୁକ୍ତି ପାଇଁ ଆଶାୟୀ ବା ଆବେଦନକାରୀ ଉପେକ୍ଷିତ ରହିଛନ୍ତି। ପ୍ରମାଣପତ୍ରର ଓ ସମସ୍ତ ଆବଶ୍ୟକୀୟ କାଗଜପତ୍ର ଯାଞ୍ଚ ହେବାର ଇତିମଧ୍ୟରେ ୬ମାସ ବିତିଥିଲେ ହେଁ ଜଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସେମାନଙ୍କ ନିଯୁକ୍ତି ଦିଆଯାଉ ନ ଥିବାରୁ ଏକ ପ୍ରତିନିଧି ଦଳ ସୋମବାର ବାରିପଦାରେ ଅନୁଷ୍ଠିତ ମିଳିତ ଜନଶୁଣାଣି ଶିବିରେ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ନ୍ୟାୟ ପାଇଁ ଗୁହାରି କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୪୦୦ ଯୁବକଯୁବତୀ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପୁନର୍ବାସ ଯୋଜନାରେ ନିଯୁକ୍ତି ପାଇଁ ଆବେଦନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟ ଚଳିତ ବର୍ଷ ଅପ୍ରେଲ ୪ ତାରିଖରେ ପ୍ରଦାନ କରିଥିବା ଆଦେଶ ଅନୁସାରେ ଶିକ୍ଷା ବିଭାଗରେ କାର୍ଯ୍ୟରତ ଅଭିଭାବକଙ୍କ ଅକାଳ ମୃତ୍ୟୁ ଘଟିଲେ ତାଙ୍କ ପରିବାରର ଜଣଙ୍କୁ ପୁନର୍ବାସ ଯୋଜନାରେ ଯୋଗ୍ୟତା ଆଧାରରେ ଅନୁକମ୍ପା ମୂଳକ ନିଯୁକ୍ତି ଦିଆଯିବା ନେଇ ରାୟ ପ୍ରକାଶ ପାଇଛି। ତଦନୁସାରେ ମୟୂରଭଞ୍ଜ ଜିଲ୍ଲାର ୪୦୦ରୁ ଊର୍ଦ୍ଧ୍ୱ ଆବେଦନକାରୀ ସେମାନଙ୍କ ଆବଶ୍ୟକ ପ୍ରମାଣପତ୍ର ସହିତ ନିଯୁକ୍ତି ପାଇଁ ଆବେଦନ କରିଥିଲେ। ସମସ୍ତଙ୍କ ପ୍ରମାଣପତ୍ର ଯାଞ୍ଚ କରାଯାଇ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଥିଲେ ହେଁ ୬ ମାସ ବିତିବା ପରେ ବି ହାରିକୁ ନିଯୁକ୍ତି ଦିଆଯାଉନାହିଁ। ଅପରପକ୍ଷରେ ସମାନ ଆଦେଶକୁ ଆଧାର କରି କଟକ ଓ ଭଦ୍ରକ ଜିଲ୍ଲାରେ ସମ୍ପୃକ୍ତ ଜିଲ୍ଲାର ଆବେଦନକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଗଲାଣି। ଯାହାର ସରକାରୀ ଚିଠିର ଏକକିତା ନକଲ ଦାଖଲ କରି ଆବେଦନକାରୀଙ୍କ ପକ୍ଷରୁ ଜିଲ୍ଲା ଜିଲ୍ଲା ମଧ୍ୟରେ ପାତରଅନ୍ତର ଘଟଣା ସମ୍ପର୍କରେ ଜିଲ୍ଲାପାଳ ଦ୍ୱାରସ୍ଥ ହୋଇ ସଭିଏଁ ନ୍ୟାୟ ଆଶା ରଖିଛନ୍ତି। ଯଥାଶୀଘ୍ର ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ପାଇଁ ସମସ୍ତେ ଦାବି କରିଛନ୍ତି। ପ୍ରତିନିଧି ଦଳରେ ସତ୍ୟ ପ୍ରକାଶ ଦାସ, ପୂର୍ଣ୍ଣେନ୍ଦୁ ପଣ୍ଡା, ଦେବାଶିଷ ନାଥ, ଅଭିଷେକ ବେହେରା, ସପ୍ରକାଶ ସାହୁ, କେତନ କୁମାର ମହାନ୍ତ, ଦୀପକ କୁମାର ନାଏକ, ଚନ୍ଦନ କୁମାର ସିଂ, ପୀତବାସ ମହାନ୍ତି, ସୁଶାନ୍ତ ସିଂ, ସଞ୍ଜିତ ସେଠୀ, ଦିପକ ଗିରି, ରାଜେଶ ମୁର୍ମୁ ଓ ମନୋରଞ୍ଜନ ଗିରି ପ୍ରମୁଖ ସାମିଲ ଥିଲେ।

## ପାଣିକୋଇଲି ଟ୍ରମାକେୟାର କାର୍ଯ୍ୟକ୍ଷମ ପାଇଁ ବୈଠକ



**ଯାଜପୁର, ୬।୧୦(ସମିସ):** ପାଣିକୋଇଲିଠାରେ ଟ୍ରମାକେୟାର ସେଣ୍ଟର କାର୍ଯ୍ୟକ୍ଷମ କରିବା ପାଇଁ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଜି ଅପରାହ୍ନରେ ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତା କରିଥିଲେ। ଏଥିରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ଅତିରିକ୍ତ ଡିଏମଇଟି (ଓ) ଯୋଗ ଦେଇଥିବା ବେଳେ ତାଙ୍କୁ ଟ୍ରମା କେୟାର ସ୍ୱାସ୍ଥ୍ୟ ସୁବିଧାର କାର୍ଯ୍ୟକ୍ଷମତା ସମ୍ପର୍କରେ ସୂଚନା ଦିଆଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ, ପୂର୍ତ୍ତବିଭାଗର ଅଧିକ୍ଷଣ ଯନ୍ତ୍ରୀଙ୍କୁ ଟ୍ରମାକେୟାର ସୁବିଧା ହସ୍ତାନ୍ତର ପାଇଁ ଶୀଘ୍ର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଏହା ସହିତ ଏକକାଳୀନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଡାକ୍ତରମାନଙ୍କୁ ମହାରାଜା ଯଯାତିକେଶରୀ ଭେଷଜ ମହାବିଦ୍ୟାଳୟ ଓ ଅଧାପନା ଚିକିତ୍ସାଳୟରୁ ନିଯୁକ୍ତି ଦିଆଯିବ ଏବଂ ସେମାନଙ୍କ ପାଇଁ ଆବଶ୍ୟକ ପ୍ରମାଣପତ୍ର, ଉପକରଣ, ଯନ୍ତ୍ରପାତି, ଫର୍ଣ୍ଣିଚର, ଔଷଧ ଏବଂ ଅନ୍ୟାନ୍ୟ ସୁବିଧା ଯୋଗାଇଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ବୈଠକରେ ମେଡିକାଲ କଲେଜ ଅଧ୍ୟକ୍ଷ ତଥା ଡିନ୍ ଡା ସୀତାରାମ ମହାପାତ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁପରିଟେଣ୍ଡେଣ୍ଟ ଡା. ମନୋଜ ସେନାପତିଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

## ଶିକ୍ଷୟିତ୍ରୀଙ୍କ ସ୍ମୃତିସଭା

**ବଡଚଣା, ୬।୧୦(ସମିସ):** ବଡ଼ଚଣା ବ୍ଲକ ଅଣକା ପଞ୍ଚାୟତ ରାହାଳ ଗ୍ରାମର ଶିକ୍ଷୟିତ୍ରୀ ବୀଣାଶ୍ରୀ କରଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧୋତ୍ସବ ଓ ତାଙ୍କ ସ୍ମୃତିରେ ସଂକଳିତ 'ଅପାଶୋରା ଅଭୁଲା ସ୍ମୃତି ବୀଣାଶ୍ରୀ' ରାହାଳଠାରେ ଉନ୍ମୋଚିତ ହୋଇଯାଇଛି। ଶିକ୍ଷାବିତ୍ ଦାମୋଦର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ ଡ. ଗିରିଶ ବିହାରୀ ମିଶ୍ର ମୁଖ୍ୟ ପ୍ରାଧାପକ, ଡ. ଦାମୋଦର ବେହେରା, ସମ୍ମାନିତ ଅତିଥି ଭାବେ ପଣ୍ଡିତ ସୁଶାନ୍ତ କୁମାର ଶତପଥୀ, ଡ. ଅଜୟ କୁମାର ମହାପାତ୍ର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯଶୋବନ୍ତ ଲେଙ୍କା, ରାଧାନାଥ ଦାଶ, ଅଜୟ କୁମାର ଲେଙ୍କା, ସାମ୍ବାଦିକ ମହେଶ୍ୱର ବଳ, ପତ୍ରିକା ସମ୍ପାଦକ ତଥା ସମାଜସେବୀ ଅଭିମନ୍ୟୁ ଧଳ, କୋରାପୁଟ ନନ୍ଦପୁର ବ୍ଲକ ପ୍ରାକ୍ତନ ଅଧ୍ୟକ୍ଷ ସୁରେନ୍ଦ୍ର ଧଳ, ପ୍ରାକ୍ତନ ସରପଞ୍ଚ ଗଣେଶ୍ୱର ସାମଲ, ଶିକ୍ଷକ ସଂଘ ସଭାପତି ସନ୍ତୋଷ ଜେନା, ପ୍ରଧାନ ଶିକ୍ଷକ ବୀରବର ମହାରଣା ଓ ପ୍ରଶାନ୍ତ କୁମାର ସାମନ୍ତରାୟ, ବଙ୍କୁଚରଣ ସିଂ, ରବୀନ୍ଦ୍ର ଲେଙ୍କା, ପ୍ରାକ୍ତନ ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ପାଲ, ଭଗବାନ ପଣ୍ଡା, ପଦ୍ମଚରଣ ରାଉତ, ଗୁରୁଚରଣ ବାରିକ, ପ୍ରଦୀପ କୁମାର ଧଳ ପ୍ରମୁଖ ଯୋଗ ଦେଇଥିଲେ।

## ନାବାଳିକାର ଆତ୍ମହତ୍ୟା; ଥାନାରେ ମାମଲା

**ବ୍ୟାସନଗର, ୬।୧୦(ସମିସ):** ଯାଜପୁର ରୋଡ୍ ଆଦର୍ଶ ଥାନା ମୁଣ୍ଡମାଳ ଡାଇସାହିରେ ଜନୈକା ନାବାଳିକା ଆତ୍ମହତ୍ୟା କରିଥିବା ନେଇ ଥାନାରେ ମାମଲା ପଞ୍ଜୀକୃତ ହୋଇଛି। ସୂଚନାନୁଯାୟୀ, ଗତ କିଛି ବର୍ଷ ହେବ ଯାଜପୁର ରୋଡ ଥାନା ମୁଣ୍ଡମାଳ ଡାଇସାହିରେ ଜନୈକ ବ୍ୟକ୍ତିଙ୍କ ନିକଟରେ ତାଙ୍କ ନାବାଳିକା ନାତୁଣୀ ରହି ଆସୁଥିଲା। ଗତ କିଛି ଦିନ ହେବ ନାତୁଣୀ କୌଣସି ରୋଗରେ ପୀଡ଼ିତ ଥିବା ବେଳେ ଗତ ଶନିବାର ସେ ଘର ଭିତରେ ଅଚେତ ଅବସ୍ଥାରେ ପଡ଼ିଥିବା ସାହିଲୋକ ଦେଖିବାକୁ ପାଇଥିଲେ। ତେବେ ତୁରନ୍ତ ସ୍ଥାନୀୟ ଲୋକେ ଏନେଇ ସ୍ଥାନୀୟ କାଉନସିଲରଙ୍କୁ ଖବର ଦେଇଥିଲେ। ଖବର ପାଇ ସ୍ଥାନୀୟ କାଉନସିଲର ଘଟଣାସ୍ଥଳରେ ପହଞ୍ଚି ନାବାଳିକା ମୃତ୍ୟୁବରଣ କରିଥିବା ଦେଖିବାକୁ ପାଇଥିଲେ। ତେଣୁ ସେ ଯାଜପୁର ରୋଡ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ରବିବାର ଯାଜପୁର ରୋଡ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରିବା ସହିତ ଆତ୍ମହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। ସେପଟେ ଜେଜେ ନାବାଳିକାକୁ ହତ୍ୟା କରିଥିବାକୁ ନେଇ ପଡୋଶୀ ଅଭିଯୋଗ କରିଛନ୍ତି। ହତ୍ୟା ଅଭିଯୋଗକୁ ଦୃଷ୍ଟିରେ ରଖି ଯାଜପୁର ରୋଡ ପୁଲିସ ସାଇଣ୍ଟିଫିକ ଟିମ୍ ଦ୍ୱାରା ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସବୁ ତଥ୍ୟ ଜଣାପଡ଼ିବ ବୋଲି ଥାନାଧିକାରୀ ଆଶିଷ କୁମାର ସାହୁ ସୂଚନା ଦେଇଛନ୍ତି।

## ସାପ କାମୁଡ଼ାରେ ଜଣେ ଗୁରୁତର

**ସୁକିନ୍ଦା, ୬।୧୦(ସମିସ):** ସୁକିନ୍ଦା ଥାନା ଅନ୍ତର୍ଗତ ଉପର କୋଇଲ ଗ୍ରାମରେ ଏକ ସାପ କାମୁଡ଼ାରେ ଜଣେ ଗୁରୁତର ଅବସ୍ଥାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ସୁକିନ୍ଦା ବ୍ଲକ ବନ୍ଧଗାଁ ପଞ୍ଚାୟତ ଅଧୀନ ଉପର କୋଇଲ ଗ୍ରାମର ଗୌରାଙ୍ଗ ନାୟକ ସୋମବାର ସାପ କାମୁଡ଼ାର ଶିକାର ହୋଇ ଗୁରୁତର ହୋଇପଡ଼ିଥିଲେ। ପରିବାର ଲୋକେ ଗୌରାଙ୍ଗଙ୍କୁ ତୁରନ୍ତ ଉଦ୍ଧାର କରି ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ଚାଲିଥିବା ସମୟରେ ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

## ପୂର୍ବତନ ମନ୍ତ୍ରୀଙ୍କ ଜନ୍ମଦିନ ପାଳିଲେ କର୍ମୀ

**ଦାନଗଦି, ୬।୧୦(ସମିସ):** ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡାଇଙ୍କ ଜନ୍ମଦିନ ଅବସରରେ ଦାନଗଦି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସକାଳୁ କର୍ମୀମାନେ ବଗେଇ ମହାଦେବଙ୍କ ପାଖରେ ପୂଜାର୍ଚ୍ଚନା କରିଥିଲେ। ଏହା ସହ ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀମାନଙ୍କୁ ଫଳ ବଣ୍ଟନ କରିବା ସହିତ ନୂଆଗାଁ ସ୍ଥିତ ଅନାଥ ଆଶ୍ରମରେ ପିଲାମାନଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ କରିଥିଲେ। ସେଠାରେ କେକ୍ କାଟି ଜନ୍ମଦିନ ପାଳନ କରାଯାଇଥିଲା।



## ଶ୍ୟାମାକାଳୀ ପୂଜା ନିମନ୍ତେ ମାଟି ଉଠାଣ



**ବ୍ୟାସନଗର, ୬।୧୦(ସମିସ):** ବ୍ୟାସନଗର ସହରର ଗଣପର୍ବ ମା' ଶ୍ୟାମାକାଳୀ ପୂଜା ମୂର୍ତ୍ତି ନିର୍ମାଣ ନିମନ୍ତେ ସହରର ୧୬ ଟି ପୂଜା କମିଟି ପକ୍ଷରୁ ବିଭିନ୍ନ ସ୍ଥାନରୁ ମାଟି ଉଠାଣ ହୋଇଛି। ସେଥିମଧ୍ୟରୁ ବ୍ରଜନଗର ବୈତରଣୀ ନଦୀ ଲିଙ୍ଗେଶ୍ୱର ଘାଟରୁ ମା' ଶ୍ୟାମା କାଳୀପୂଜା ମାଟି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି କୁମାର ପୂର୍ଣ୍ଣିମା ଅବସରରେ ସହରର ଷ୍ଟିଲସିଟି କ୍ଲବ, ଆର୍ଯ୍ୟନ କ୍ଲବ, ପାଣ୍ଟୀକା, ଦଳା ଛକ କାଳୀପୂଜା କମିଟି ପକ୍ଷରୁ ଷଠିପୁର ବ୍ରଜନଗର ସ୍ଥିତ ବୈତରଣୀ ନଦୀ ଲିଙ୍ଗେଶ୍ୱର ମହାଦେବ ମନ୍ଦିର ଘାଟରୁ ରୀତିନୀତି ଅନୁଯାଇ ପୂଜା ପାଠ ହୋମ କରାଯାଇ ମାଟି ଉଠାଣ କାର୍ଯ୍ୟ ସମ୍ପର୍ଣ୍ଣ ହୋଇଥିଲା। ପୂର୍ବାହ୍ନ ୯ ଘଟିକା ଠାରୁ ୧୧ ଘଟିକା ପର୍ଯ୍ୟନ୍ତ ଶୁଭବେଳା ଅନୁଯାଇ ନିର୍ଦ୍ଧାରିତ ସମୟରେ ଏହି ପୂଜାକାର୍ଯ୍ୟ ହୋଇଛି। ଉକ୍ତ ପୂଜା ମାଟିକୁ ଭଜନ କୀର୍ତ୍ତନ, ବାଜାବାଣ ରୋଷଣୀ କରି ମଣ୍ଡପ ଗୁଡିକୁ ନିଆଯାଇଛି।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ପାଇଁ ପ୍ରସ୍ତୁତି




**କୁଆଖିଆ, ୬।୧୦(ସମିସ):** ରସୁଲପୁର ବ୍ଲକ ଅନ୍ତର୍ଗତ ବଡକଇଁଚି ପଞ୍ଚାୟତ କୁଆଖିଆ-ଜେନାପୁର ରାସ୍ତାର ଚନ୍ଦନ ବଜାର ଠାରେ ନୂତନ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରତିଷ୍ଠା ପାଇଁ ଏକ ପ୍ରସ୍ତୁତି ବୈଠକ ରହାମ୍ବା ପଞ୍ଚାୟତର ଡିହକୁରାଂଶ ସ୍ଥିତ ପ୍ରଭୁ ଚନ୍ଦନେଶ୍ୱରଙ୍କ ପୀଠରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ମୁଖ୍ୟଅତିଥି ଭାବରେ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନର ସଦସ୍ୟ ରାଜକିଶୋର ପଣ୍ଡା, ନିମନ୍ତ୍ରିତ ଅତିଥି ଭାବରେ ପୂର୍ବତନ ଶିକ୍ଷକ ଦଣ୍ଡଧର ନାୟକ, ରଥ ସାହୁ, କୈଳାସ ଚନ୍ଦ୍ର ରାଉତ, ଗଣେଶ୍ୱର ବୋଇତାଇ, ମହେଶ୍ୱର ସାହୁ, ପ୍ରମୋଦ ବାରିକ, ସୁଧା ମିଶ୍ର, ଶିକ୍ଷକ ରଞ୍ଜନ କୁମାର ମିଶ୍ର, ଅନନ୍ତ ପାତ୍ର ପ୍ରମୁଖ ଯୋଗଦେଇଥିଲେ। ମଧୁବନ ଅଞ୍ଚଳର ଶିକ୍ଷାନୁଷ୍ଠାନ ପ୍ରେମୀ ଉଦୟନାଥ ପାଣିଙ୍କ ପ୍ରଚେଷ୍ଟାକୁ ଅତିଥିମାନେ ପ୍ରଶଂସା କରିଥିଲେ। ଏଥିସହ ମଧୁବନ ଅଞ୍ଚଳରେ ଏଭଳି ଏକ ଶିକ୍ଷାନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ମଣୀନାଥ ସ୍ୱାଇଁ, କୀର୍ତ୍ତନ ଚନ୍ଦ୍ର ସାହୁ, ଶ୍ରୀକାନ୍ତ ଦାଶ, ବିଘ୍ନେଶ୍ୱର ରଥ ପ୍ରମୁଖ ଅଭିଭାବକ ଓ ଶିକ୍ଷାପ୍ରେମୀମାନେ ମତବ୍ୟକ୍ତ କରିଥିଲେ। ସଞ୍ଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାନୁଷ୍ଠାନର ବାସ୍ତବ ରୂପରେଖ ଦେବା ପାଇଁ ଏକ ଉପଦେଷ୍ଟା ମଣ୍ଡଳି ଗଠନ କରାଯିବା ସହ ଉଦ୍ୟୋକ୍ତା ପାଣି ଏ ଦିଗରେ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ।

## ୟୁନାଇଟେଡ୍ ଚେସ୍ ସଂଘର ନିର୍ବାଚନ




**ବଡଚଣା, ୬।୧୦(ସମିସ):** ଅଲ୍ ଓଡ଼ିଶା ଚେସ୍ ଆସୋସିଏସନ୍ ଦ୍ୱାରା ଅନୁବନ୍ଧିତ ଯାଜପୁର ୟୁନାଇଟେଡ ଚେସ୍ ଆସୋସିଏସନ୍‌ର ନିର୍ବାଚନ ଆଜି ଚଣ୍ଡିଖୋଲ ଗାନ୍ଧୀ ଛକ ସ୍ଥିତ କାଲାମ ଇନଷ୍ଟିଚ୍ୟୁସନ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭାବ ତପନ କୁମାର ଷଡ଼ଙ୍ଗୀ, ଉପସଭାପତି ଭାବେ ଅଭିନାଶ ଜେନା, ପ୍ରିତମ କୁମାର ନାୟକ, ସମ୍ପାଦକ ଭାବେ ସମରେନ୍ଦ୍ର ସାହୁ, ସହ ସମ୍ପାଦକ ରଶ୍ମୀରଞ୍ଜନ ସାହାଣୀ, ନଗେଶ ଜେନା, କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ସ୍ୱାଇଁ, କାର୍ଯ୍ୟକାରୀ କମିଟି ସଭ୍ୟ ଭାବରେ ନୃସିଂହ ଚରଣ ନାୟକ, ଦେବେନ୍ଦ୍ର ସାମଲ, ସତ୍ୟବ୍ରତ ସେନାପତି, ନିଗମାନନ୍ଦ ମିଶ୍ର, ଅଶୋକ କୁମାର ସେନାପତି, ଚର୍ଚ୍ଚିତ ମାହାଲା ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଆଇନଜୀବୀ କୁମର ପ୍ରସାଦ ବେହେରା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଆଇନଜୀବୀ ଦେବରାଜ ବେହେରା, ମନୋଜ କୁମାର ପରିଡ଼ା, ସତ୍ୟରଞ୍ଜନ ଜେନା ଦେବେନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

### ସଂସ୍କାର ଶିଶୁ ମହୋତ୍ସବ 'ମୟୂରୀ'ର ଦ୍ୱିତୀୟ ପ୍ରସ୍ତୁତି ବୈଠକ

## ଶିମିଳିପାଳ ଥିମ୍ ଉପରେ ହେବ ବିଶାଳ ପେଣ୍ଟିଂ

**ବାରିପଦା ୬ ।୧୦(ସମିସ):** ଆସନ୍ତା ନଭେମ୍ବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ହେବାକୁ ଥିବା ସଂସ୍କାର ଶିଶୁ ମହୋତ୍ସବ ମୟୂରୀର ଦ୍ୱିତୀୟ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ଅଧ୍ୟକ୍ଷା ଡ.ବନଜା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକାଦଶତମ ସଂସ୍କାର ଶିଶୁ ମହୋତ୍ସବ ମୟୂରୀରେ ହେବାକୁ ପରିବେଶବିତ୍ ବିବେକାନନ୍ଦ ପଟ୍ଟନାୟକ, ବିଶେଶ୍ୱର ଦ୍ୱିବେଦୀ, ଡ. ସନ୍ଦୀପ ଚାନ୍ଦ, ଅବସରପ୍ରାପ୍ତ ପୁଲିସ ଅଧିକାରୀ ଦୁର୍ଗାପ୍ରସାଦ ମିଶ୍ର, ଡ.ଗଣେଶ୍ୱର ଭୋଇ, ଫାର୍ମାସୀ ଅଫିସର ମନୋଜ ଦାଶ, କବି ଅଜିତ ପାତ୍ର, ଯୋଗ ଗୁରୁ ରାକେଶ ମହାନ୍ତ, ଇଂ. ସୁନିଲ କୁମାର ପ୍ରଧାନ, ଆଡଭୋକେଟ କ୍ଷେତ୍ର ମୋହନ ପଣ୍ଡା, ଆର୍କିଟେକ୍ଟ ମନୋଜ କୁଁଅର, ପ୍ରଶାନ୍ତ କୁମାର ବେହେରା, ବିଶିଷ୍ଟ ଚିତ୍ରଶିଳ୍ପୀ




ଥିବା କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୟୂରୀର ପ୍ରତିଷ୍ଠାତା ସଞ୍ଜୟ କୁମାର ଚୌଧୁରୀ ଚଳିତ ବର୍ଷର ଶିଶୁ ମହୋତ୍ସବର ଥିମ୍ 'ଉନ୍ମେଷ' ରଖାଯାଇଛି ବୋଲି ସୂଚନା ଦେଇଥିଲେ। ଏହି ମହୋତ୍ସବ ଶିଶୁଙ୍କ ପାଇଁ ଯେତିକି ପ୍ରେରଣା ସେତିକ ଅଭିଭାବକଙ୍କ ପାଇଁ ମଧ ସେତିକି ଗୁରୁତ୍ୱପୂର୍ଣ୍ଣ। ଚଳିତ ବର୍ଷ ବିଶିଷ୍ଟ ଚିତ୍ରଶିଳ୍ପୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଶିମିଳିପାଳ ଥିମ୍‌ରେ କାନଭାସ ଉପରେ ଏକ ବିଶାଳ ପେଣ୍ଟିଂ କରାଯାଇ ପ୍ରଦର୍ଶିତ ହେବ ବୋଲି ଘୋଷଣା କରିଥିଲେ। ପଦ୍ମଲୋଚନ ଗିରି ଓ କଲ୍ୟାଣ ବାରିକ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନେ ବିଶିଷ୍ଟ ବାଲୁକା କଳାଶିଳ୍ପୀ ଦଶରଥ ମହାନ୍ତଙ୍କ ବାଲୁକା କଳା କର୍ମଶାଳାରେ ଭାଗ ନେଇ ସୂକ୍ଷ୍ମ କାରୁକାର୍ଯ୍ୟର ଅନୁଧ୍ୟାନ କରିବା ସହିତ ବିଶିଷ୍ଟ ଶିଳ୍ପୀ ସମରେନ୍ଦ୍ର ବେହେରାଙ୍କ ଦ୍ୱାରା ଗଛ ଦେହରେ ଖୋଦେଇ ଚିତ୍ର ଓ ପତ୍ର ଉପରେ ବିଭିନ୍ନ କଳା କୃତି ଅଙ୍କନର କଳା ହାସଲ କରିପାରିବେ। ପିଲାଙ୍କ ମନୋରଞ୍ଜନ ପାଇଁ ମ୍ୟାଜିକ ଶୋ ଏବଂ ବହୁ କାର୍ଯ୍ୟକ୍ରମ ରହିଥିବା ନେଇ ସୂଚନା ଦିଆଯାଇଛି। ଶେଷରେ ଅଙ୍କୁର ଖୁରାନା ଧନ୍ୟବାଦ ଅର୍ପଣ କରିଥିଲେ।

### ରେଳସେବାରେ କପ୍ତିପଦା ଉପଖଣ୍ଡକୁ କେନ୍ଦ୍ର ସରକାରଙ୍କ ଉପେକ୍ଷା

# ଉପସ୍ଥାପନ କରିବାରେ ଲୋକ ପ୍ରତିନିଧି ବିଫଳ

**ଉଦଳା, ୬।୧୦(ସମିସ)**




ଓଡ଼ିଶାରେ ରେଳ ସେବାର ବିକାଶ ପାଇଁ କେନ୍ଦ୍ର ସରକାର ବିଭିନ୍ନ ସମୟରେ ଅର୍ଥ ପ୍ରଦାନ କରିଆସୁଥିବାବେଳେ ଆଦିବାସୀ ବହୁଳ ମୟୂରଭଞ୍ଜ ଜିଲ୍ଲା କପ୍ତିପଦା ଉପଖଣ୍ଡରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ରେଳସେବା କ୍ଷେତ୍ରରେ କପ୍ତିପଦା ଉପଖଣ୍ଡ ସବୁଠାରୁ ପଛରେ ରହିଛି। ଏହି ଅଞ୍ଚଳବାସୀ ଆଜିଯାଏ ରେଳଗାଡିର ଛାଇ ବି ଦେଖିନାହାନ୍ତି। ସାଧୀନତାର ୭୮ ବର୍ଷ ପରେ ବି ରେଳସେବାରୁ ବଞ୍ଚିତ କପ୍ତିପଦା ଉପଖଣ୍ଡବାସୀ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ଏହି ଉପଖଣକୁ ଅଣଦେଖା କରାଯାଇଛି। ତେବେ ଜିଲ୍ଲାର ୩ଟି ପ୍ରକଳ୍ପକୁ ୬୨୯ ୫କୋଟିର ମଞ୍ଜୁରୀ ମିଳିଛି। ହେଲେ କପ୍ତି ପଦା ଉପଖଣ୍ଡର ମାତ୍ର ୭୫ କିମି ରେଳପଥ ପାଇଁ କିଛି ବି ବ୍ୟବସ୍ଥା ହୋଇନାହିଁ। ଫଳରେ ଏହି ଉପଖଣ୍ଡ ରେଳ ସେବା ପାଇବା ସପ୍ନ ଅଧୁରା ହୋଇରହିଛି। ସୂଚନାଯୋଗ୍ୟ ଯେ, ରେଳସେଠାରେ ବିକାଶ ହେଲେ ଉପଖଣ୍ଡର ଅର୍ଥନୈତିକ ସାମାଜିକ ଓ ସାଂସ୍କୃତିକ ବିକାଶର ଚିତ୍ର ବଦଳିପାରନ୍ତା ବୋଲି ବୁଦ୍ଧିଜୀବି ମତ ଦେଇଆସିଛନ୍ତି। ଶିମିଳିପାଳ ଅଭୟାରଣ୍ୟ ମଧ୍ୟରୁ ଅଦିବାସୀ ତଥା ଜନଜାତି ଦୈନନ୍ଦିନ ବିଭିନ୍ନ ପ୍ରକାର ଲଘୁବନଜାତ ଦ୍ରବ୍ୟ ସଂଗ୍ରହ କରି ଶାଗମାଛ ଦରରେ ବିକ୍ରି କରୁଛନ୍ତି। ସହର ତଥା ମହାନଗର ସହ ଏହି ଉପଖଣ୍ଡ ଯୋଗାଯୋଗ କ୍ଷେତ୍ରରେ ପଛରେ ପଡବା ନେଇ ଉଚିତ ମୂଲ୍ୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଅପରପକ୍ଷରେ ଜାତୀୟ ଉଦ୍ୟାନ ଶିମିଳିପାଳକୁ ରାଜ୍ୟ ତଥା ରାଜ୍ୟବାହାରୁଏପରିକି ବିଦେଶରୁ ପର୍ଯ୍ୟଟକଙ୍କ ଅଗମନ ପ୍ରାକୃତିକ ସୌନ୍ଦର୍ଯ୍ୟ ପାଇଁ ଆକର୍ଷିତ ହେଉଥିବା ବେଳେ ରେଳ ସେବା ନ ଥିବାରୁ ପର୍ଯ୍ୟଟକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ

### ଆନ୍ଦୋଳନ ପାଇଁ ସାମାଜିକ ସଂଗଠନ ସଜବାଜ

କପ୍ତିପଦା ଉପଖଣ୍ଡରେ ରେଳ ସେବାର ବିକାଶ ଏକାନ୍ତ ଜରୁରୀ ବୋଲି ଦୀର୍ଘଦିନ ହେଲା ଦାବି ହେଉଥିଲେ ମଧ୍ୟ ସରକାର ଶୁଣୁନାହାନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଗତ ୨୦୧୨ ମସିହାରେ ପୂର୍ବତନ ବିଧାୟକ ଓଡ଼ିଶା ସରକାରଙ୍କ ରେଳ ବିଭାଗର କମିଟି ସଦସ୍ୟ ଭାବେ ବାରିପଦାଠାରୁ ଯାଜପୁର ରୋଡ-ଭାୟା ଆନନ୍ଦପୁର ଶରତ କପ୍ତିପଦ ଓ ଉଦଳା ଦେଇ ରେଳ ଲାଇନର ସଂଯୋଗୀକରଣ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିଥିଲେ। ପରେ ରେଳ ବିଭାଗ ପକ୍ଷରୁ ଏହି ରାସ୍ତାର ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ଭଦ୍ରାଚଳମ-ଖଡ଼ଗପୁର ରେଳରୁଟ ପାଇଁ (୮୭୫ ଶରତ-କପ୍ତିପଦା-ଉଦଳା ଚାରିପଦା-ସର୍ଭେରେ ଶୁଳିଆପଦା ସ୍ଥାନ ପାଇଥିଲେ ହେଁ ରେଳ ବିଭାଗର ନାଲିଫିତା ତଳେ ବନ୍ଧା ହୋଇରହିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ନୀଳଗିରି କପ୍ତିପଦା ଉଦଳା ବାରିପଦା ପର୍ଯ୍ୟନ୍ତ ସମ୍ପ୍ରସାରଣ ଦିଗରେ ଚର୍ଚ୍ଚା ଜୋର ଧରିଲା। ମାତ୍ର ୭୫ କିମି ରେଲର୍ଟ ପାଇଁ ସବୁଜ ସଙ୍କେତ ମିଳିଥିଲେ ମଧ୍ୟ ଯାଏ ସ୍ଥିତି ସ୍ପଷ୍ଟ ହୋଇପାରିନି। ଅପରପକ୍ଷରେ ନୀଳଗିରି ପର୍ଯ୍ୟନ୍ତ ରେଳସେବା ସ୍ୱାଭାବିକ ହୋଇଥିଲେ ହେଁ ୭୫ କି. ମି. ରେଳପଥର ପ୍ରକ୍ରିୟା କେବଳ କାଗଜପତ୍ରରେ ସୀମିତ ରହିଛି। କପ୍ତିପଦା ଉପଖଣ୍ଡକୁ ରେଳ ସେବା ପାଇଁ ରାଜନୈତିକ ଉଦାସୀନତା ବିଶେଷ କରି ସ୍ଥାନୀୟ ନିର୍ବାଚିତ ପ୍ରତିନିଧିଙ୍କ ଦୁର୍ବଳ ଦାବି, ମିଛ ପ୍ରତିଶ୍ରୁତି ଓ କେନ୍ଦ୍ର ସରକାରଙ୍କ ଅବହେଳାକୁ ଦାୟୀ କରିବା ସହ ଦାବି ହାସଲ ପାଇଁ ଲଢେଇ କରିବାକୁ ପଡ଼ିବ ବୋଲି ଉପଖଣ୍ଡବାସୀ ବୁଝି ସାରିଲେଣି। ତେଣୁ ଉପଖଣ୍ଡବାସୀ ରେଳସେବା ପାଇଁ ଆନ୍ଦୋଳନର ରାସ୍ତା ହିଁ ଶେଷ ବିକଳ୍ପ ବୋଲି ସାମାଜିକ ସଂଗଠନ ପ୍ରସ୍ତୁତ ହେଉଥିବା ଆଲୋଚନା ଜୋର ଧରିଛି।

# ସମ୍ପାଦକୀୟ



କ୍ରମାଗତ ଅଭ୍ୟାସ ବଳରେ ସ୍ୱୟଂସମ୍ପୂର୍ଣ୍ଣତା ସମ୍ଭବ।
-ବ୍ରୁସ୍ ଲି

ସକାଳ
THE SAKALA

## ବ୍ୟବସ୍ଥିତ ଅବ୍ୟବସ୍ଥା

ଭାଇଚାରାର ସହର କଟକ। ଜାତି, ଧର୍ମ ବର୍ଣ୍ଣ ନିର୍ବିଶେଷରେ ପରସ୍ପର ମଧ୍ୟରେ ଶ୍ରଦ୍ଧା, ସମ୍ମାନ ଓ ସହନଶୀଳତାକୁ ଆଧାର କରି ଗଢ଼ି ଉଠିଥିବା ଏହି ସହର ନିଜ ନିଜ ସ୍ୱାତନ୍ତ୍ର୍ୟକୁ ଆଧାର କରି ପାଳିତ ହେଉଥିବା ମେଳା ଓ ଉତ୍ସବ ମିଳିତ ଭାବେ ମନେଇଥାନ୍ତି। ତେଣୁ ବର୍ଷ ତମାମ ଉତ୍ସବମୁଖର ଏହି ସହର ସର୍ବ ପୁରାତନ ସହରବାସୀଙ୍କ ଏହି ନିଆରା ସଦ୍‌ଭାବ ଓ ସଂପ୍ରୀତି ସମଗ୍ର ରାଜ୍ୟକୁ ପ୍ରଭାବିତ କରିଆସିଛି। ତେଣୁ ତ ସମଗ୍ର ଦେଶରେ ଆମ ରାଜ୍ୟର ଶାନ୍ତ ପରିବେଶ ଓ ପ୍ରାକୃତିକ ସୌନ୍ଦର୍ଯ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏସବୁ ସତ୍ତ୍ୱେ ବେଳେ ବେଳେ ଗୋଷ୍ଠୀ ସଂଘର୍ଷ ଓ ହିଂସାକାଣ୍ଡ ଯେ ନ ଉପୁଜେ ଏକଥା ନୁହେଁ। ତେବେ ତାହାକୁ ଆପୋଷ ବୁଝାମଣା ଏବଂ ଭାଇଚାରା ସମ୍ପର୍କର ପରିସରରେ ତୁଟାଇ ଦିଆଯାଇଥାଏ। ଆଗକୁ ଏଭଳି ଘଟଣାର ପୁନରାବୃତ୍ତି ଯେପରି ନ ହେବ ସେଥିପାଇଁ ଆମେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ସହ କିଛିଟା ଶୃଙ୍ଖଳାକୁ ଆଦରି ନେଇଥାଉ।

ନିକଟରେ ଦଶହରା ଭସାଣି ବେଳେ ସହରର ଦରଘାବଜାର ଅଞ୍ଚଳରେ ଉପୁଜିଥିବା ହିଂସା ଓ ଗୋଷ୍ଠୀ ସଂଘର୍ଷ କିଛି ପୁରୁଖା ଓ ମୁରବୀଙ୍କୁ ବ୍ୟଥିତ କରିଛି। ଭାଇଚାରା ସମ୍ପର୍କରେ ଏଭଳି ତିକ୍ତତାର ସ୍ଥାନ ନାହିଁ। ଏକଥା ସହରବାସୀ ଅଳ୍ପ ବହୁତେ ସମସ୍ତେ ହୃଦଙ୍ଗମ କରନ୍ତି। ସମୟ ବଦଳୁଛି, ନୂଆପିଢ଼ି ଦଶହରା ଓ ଦୁର୍ଗାପୂଜାର ମଙ୍ଗ ଧରିଛନ୍ତି। କଟକ ସହର ପୂଜା କମିଟି ଓ ଶାନ୍ତି କମିଟିରେ କିଛି ପୁରୁଖା ଏବେ ମଧ୍ୟ ଦାୟିତ୍ୱରେ ଅଛନ୍ତି। କ୍ଷମତାରେ ଥିବା ପ୍ରଶାସନ ଆସିବେ ଓ ଯିବେ। ସେମାନଙ୍କୁ ମାର୍ଗଦର୍ଶନ କରାଇବାର ଦାୟିତ୍ୱ ଏହି କମିଟିର ପୁରୁଖାଙ୍କର।

୧୯୯୯ରେ ସେହି ଭସାଣି ବେଳେ ଉପୁଜିଥିବା ଗୋଷ୍ଠୀ ସଂଘର୍ଷକୁ ନିୟନ୍ତ୍ରଣ କରିଥିବା ଅଧିକାରୀ ନ ଥାଇ ପାରନ୍ତି, କିନ୍ତୁ ମୁରବୀ ତ ଅଛନ୍ତି। ସେବେଠାରୁ ଏ ପର୍ଯ୍ୟନ୍ତ ପ୍ରାୟତଃ ଶାନ୍ତି ଶୃଙ୍ଖଳାରେ ଭସାଣ ଉତ୍ସବ ସମାପିତ ହୋଇ ଆସିଥିବା ବେଳେ ପୁଣି ହିଂସା ମୁଣ୍ଡ ଟେକିଲା କାହିଁକି? ଆମ ଜାଣିବାରେ, ସହରରେ ଭାଇଚାରା ସମ୍ପର୍କ ଅତୁଟ ରଖିବା ପାଇଁ କିଛି ଅଲିଖିତ ନିୟମ ଓ ଶୃଙ୍ଖଳା ସବୁପକ୍ଷ ଏପର୍ଯ୍ୟନ୍ତ ମାନି ଆସୁଥିଲେ। ତାହାର ଉଲ୍ଲଘଂନ ହେବାକୁ ଦେଲା କିଏ ? ମୁରବୀ ନା ପ୍ରଶାସନ ? କଣ ହେଲା କାହିଁକି ହେଲା ତାହା ଏଠାରେ ଆମେ ଉପସ୍ଥାପନ କରିବାକୁ ଚାହୁଁନା। କିଛି ତ ହୋଇଛି ଯାହା ହେବାର ନଥିଲା। ଆମକୁ ଏଠାରେ ସ୍ୱୀକାର କରିବାକୁ ହେବ ଯେ ଏଥି ସକାଶେ ପ୍ରାକ୍ ପ୍ରସ୍ତୁତି ମଧ୍ୟ ହେଉଥିଲା। ସହର ଶୃଙ୍ଖଳା ଦାୟିତ୍ୱରେ ଥିବା ପ୍ରଶାସନ ଓ ପୁଲିସର ଅନଭିଜ୍ଞତା ଓ ଅପରିପକ୍ୱତା ସ୍ପଷ୍ଟ ବାରି ହୋଇପଡୁଛି। ସଂଘର୍ଷ ଓ ହିଂସାକାଣ୍ଡରେ ଲିପ୍ତ ଥିବା ବ୍ୟକ୍ତି ବିଶେଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସକାଶେ ଡ୍ରୋନ ଓ ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ଅଥଚ ଏହି ସମ୍ବେଦନଶୀଳ ଅଞ୍ଚଳର ସ୍ଥିତି ଭସାଣୀ ପୂର୍ବରୁ ଯାଞ୍ଚ ବା ପରଖିବାରେ ଅସୁବିଧା କେଉଁଠି ଥିଲା ? ଅନ୍ୟପକ୍ଷରେ ଭସାଣୀବେଳେ ଉତ୍ତେଜନାର କାରଣ ମନେ ହେଉଥିବା କିଛି ନକାରାତ୍ମକ କାର୍ଯ୍ୟକୁ ମଧ୍ୟ ରୋକାଯାଇ ପାରିଥାନ୍ତା। କିନ୍ତୁ ସେଥିପ୍ରତି ପ୍ରଶାସନ ଆଦୌ ସଚେତନ ଥିଲା ଭଳି ମନେ ହେଉନି।

ସ୍ୱାଭାବିକ ଭାବେ ଦୁଇପକ୍ଷ ନିଜନିଜର ଏତଲା ଦେବେ ଓ ପ୍ରଶାସନ ମଧ୍ୟ ନିଜଆଡୁ ମାମଲା ରୁଜୁ କରିବ। ସଂଘର୍ଷରେ ୨ ଜଣ ଗୁରୁତର ଆହତ ଆଇସିୟୁରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ଅବସ୍ଥାନେଇ ସମସ୍ତେ ଚିନ୍ତିତ ଓ ଉଦ୍‌ବିଗ୍ନ। ଡିସିପିଙ୍କ ସମେତ ଅନ୍ୟ ଯେଉଁମାନେ ଆହତ ହୋଇଛନ୍ତି ତାହାକୁ ଘଟଣା ପ୍ରବାହର ଆରମ୍ଭ ବିଶେଷ ରୁପେ ଗ୍ରହଣ କରାଯାଇପାରେ। ସୋମବାର ବନ୍ଦ ପାଳନ ପାଇଁ ଦିଆଯାଇଥିବା ଆହ୍ୱାନ ଓ ପୂର୍ବଦିନ ସଂଧ୍ୟାରେ ଘଟଣାର ପ୍ରତିବାଦ ସ୍ୱରୂପ ବାହାରିଥିବା ଶୋଭାଯାତ୍ରାରୁ ଆଗକୁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବାର ସୂଚନା ମିଳିଥିଲା। ତେଣୁ ତୁରନ୍ତ ସାଂଧ୍ୟଆଇନ ଜାରି କରାଯିବାରୁ ଉତ୍ତେଜନା ପ୍ରଶମିତ ହେଉଥିବାର ଲକ୍ଷ୍ୟ କରାଯାଇଛି। ସର୍ବୋପରି ସହରରେ ଭାଇଚାରା ସଂପର୍କ ଯେପରି ଅତୁଟ ରହେ ତାହାକୁ ଦୃଷ୍ଟିରେ ରଖି ଦୁଇପକ୍ଷ ମଧ୍ୟରେ ଶାନ୍ତି ଓ ସଦ୍‌ଭାବନା ଫେରାଇ ଆଣିବା ଜରୁରୀ।

## ଶିକ୍ଷା, ଶିକ୍ଷକ ଓ ଏଆଇ

**ସୁପ୍ରିୟା ମିଶ୍ର**

ନିକଟରେ ଆମେରିକାର ଗୋଟିଏ ପ୍ରସିଦ୍ଧ ଏଆଇ ସେବା ଯୋଗାଇ ଦେଉଥିବା କମ୍ପାନୀର ଜଣେ ବରିଷ୍ଠ ଇଞ୍ଜିନିୟର କହିଲେ ଯେ ତାଙ୍କ କମ୍ପାନୀର ଏଆଇ ଟୁଲ୍‌ର ବୁଦ୍ଧି ଲବ୍ଧାଂଶ ବା ଆଇକ୍ୟୁ ଜଣେ ପିଏଚଡି ଧାରୀଙ୍କ ଠାରୁ ମଧ୍ୟ ଅଧିକ। କିଛି ଏଆଇ କମ୍ପାନୀମାନେ ଗୁରୁ ଦିବସ ଅବସରରେ ଭାରତୀୟ ଛାତ୍ରଛାତ୍ରୀମାନଙ୍କୁ ରିହାତି ମୂଲ୍ୟରେ ସେବା ଯୋଗାଇ ଦେବା ପାଇଁ ଇଣ୍ଟରନେଟରେ ବିଜ୍ଞାପନ ମଧ୍ୟ ପ୍ରକାଶିତ କରିଥିଲେ। ପ୍ରଶ୍ନ ଉଠୁଛି ଯେ କୃତ୍ରିମ ବୁଦ୍ଧିମତ୍ତା କ'ଣ ଶିକ୍ଷକଙ୍କ ସମ୍ପୂର୍ଣ୍ଣ ରୂପେ ବିକଳ୍ପ ହୋଇପାରିବ? ୟୁରୋପ, ଆମେରିକା ଓ ଚୀନରେ ପାରମ୍ପରିକ ଶ୍ରେଣୀ ଗୃହରେ ଏଆଇ ଦ୍ୱାରା ସଂଚାଳିତ ରୋବଟ୍ ମାଧ୍ୟମରେ ଶିକ୍ଷା ପ୍ରଦାନର ପରୀକ୍ଷଣ ଚାଲିଛି। ଭାରତରେ ମଧ୍ୟ ଏହାକୁ ପରୀକ୍ଷା କରାଯାଉଛି। ଗତବର୍ଷ କେରଳର କିଛି ମାଧ୍ୟମିକ ବିଦ୍ୟାଳୟରେ ରୋବଟ୍ ଶିକ୍ଷକଙ୍କୁ ପରୀକ୍ଷା କରାଯାଇଥିଲା।

କୃତ୍ରିମ ବୁଦ୍ଧିମତ୍ତା ଶିକ୍ଷା କ୍ଷେତ୍ରରେ ଅନେକ ନୂତନ ସମ୍ଭାବନା ସୃଷ୍ଟି କରିଛି। ଏହା ଛାତ୍ରଛାତ୍ରୀମାନଙ୍କୁ ବ୍ୟକ୍ତିଗତ ଶିକ୍ଷା ପ୍ରଦାନ କରୁଛି, ଯେଉଁଠି ଏକ ଛାତ୍ରର ନିର୍ଦ୍ଦିଷ୍ଟ ଆବଶ୍ୟକତା, ଶିକ୍ଷଣ ଶୈଳୀ ଓ ବୁଦ୍ଧି ଲବ୍ଧାଂଶ ଅନୁଯାୟୀ ପାଠ୍ୟକ୍ରମ ଡିଜାଇନ କରାଯାଉଛି। ଏହା ବିଦ୍ୟାର୍ଥୀମାନଙ୍କୁ ନିଜ ଗତି ଓ ସାମର୍ଥ୍ୟରେ ଶିକ୍ଷା ଗ୍ରହଣ କରିବାର ସୁଯୋଗ ଦେଉଛି। ଏଆଇ ଛାତ୍ରମାନଙ୍କର ଦୁର୍ବଳତା ଚିହ୍ନଟ କରି ସେମାନଙ୍କୁ ଅଧିକ ଅଭ୍ୟାସ କିମ୍ବା ବିଶେଷ ସମ୍ବଳ ପ୍ରଦାନ କରିପାରେ। ଏହାସହିତ ଏଆଇ-ଚାଳିତ ଚାଟ୍‌ବଟ୍ ଓ ଭର୍ଚୁଆଲ ସହାୟକ ଛାତ୍ରମାନଙ୍କୁ ଯେକୌଣସି ସମୟରେ ସମର୍ଥନ ଯୋଗାଇ ଦେଉଛି, ଯାହା ଶିକ୍ଷକଙ୍କ ପାଇଁ ସବୁବେଳେ ସମ୍ଭବ ନୁହେଁ। ତଥାପି, ଏହି ସବୁ ସୁବିଧା ସତ୍ତ୍ୱେ ଶିକ୍ଷା ବ୍ୟବସ୍ଥାରେ ଏଆଇ ଶିକ୍ଷକଙ୍କର ମୌଳିକ ଭୂମିକାର ଏକ ବିକଳ୍ପ କଦାପି ହୋଇ ପାରିବ ନାହିଁ।

ଶିକ୍ଷା କେବଳ ତଥ୍ୟ ଓ ଜ୍ଞାନ ପ୍ରଦାନ କରିବା ନୁହେଁ; ଏହା ଏକ ମାନବୀୟ ପ୍ରକ୍ରିୟା, ଯେଉଁଠି ଭାବନା, ଆତ୍ମବିଶ୍ୱାସ, ନୈତିକ ବୋଧ, ସହାନୁଭୂତି, ପ୍ରେରଣା ଓ ସାମାଜିକ ମୂଲ୍ୟବୋଧର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଇଂରେଜ ସରକାରଙ୍କ ଶାସନ ସମୟରେ ଭାରତରେ ପାଶ୍ଚାତ୍ୟ ପଦ୍ଧତିରେ ଶିକ୍ଷା ପ୍ରଦାନ ବ୍ୟବସ୍ଥା ଆରମ୍ଭ ହୋଇଥିଲେ ମଧ୍ୟ ଭାରତରେ ଶିକ୍ଷା ବ୍ୟବସ୍ଥାରେ ସର୍ବଦା ମାନବୀୟ ଗୁଣକୁ ବିକଶିତ କରିବା ପାଇଁ ଲକ୍ଷ୍ୟ ରଖାଯାଏ। ଯେତେବେଳେ ଜଣେ ବିଦ୍ୟାର୍ଥୀ କୌଣସି କାରଣରୁ ନିରାଶ ହୁଏ କିମ୍ବା କୌଣସି ବିଷୟରେ ଅସୁବିଧାର ସମ୍ମୁଖୀନ ହୁଏ, ଶିକ୍ଷକ ତାଙ୍କୁ ପ୍ରେରଣା ଦେଇପାରନ୍ତି ଏବଂ ସେମାନଙ୍କର ଆତ୍ମବିଶ୍ୱାସ ବୃଦ୍ଧି କରିପାରନ୍ତି। ଏଆଇ ଏହି ସହାନୁଭୂତି ଏବଂ ଭାବନାତ୍ମକ ସଂଯୋଗ ପ୍ରଦାନ କରିପାରେ ନାହିଁ। ଏଆଇ ଏକ ଯନ୍ତ୍ର ହିସାବରେ କେବଳ ଡାଟା ଓ ଅଲଗରିଦମ୍ ଉପରେ ନିର୍ଭର କରେ, ଯାହା ମାନବୀୟ ଭାବନାକୁ ବୁଝିବାରେ ଅକ୍ଷମ।

ଏହାସହିତ ଶିକ୍ଷକମାନେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମୂଲ୍ୟବୋଧ, ନୈତିକତା ଓ ସହଯୋଗ ଶିଖାଇଥା'ନ୍ତି। ଏକ ଶ୍ରେଣୀଗୃହରେ ଶିକ୍ଷକ ଛାତ୍ରମାନଙ୍କ ମଧ୍ୟରେ ଆଲୋଚନା, ଦଳଗତ କାର୍ଯ୍ୟ ଓ ସହଯୋଗୀ ଶିକ୍ଷଣକୁ ପ୍ରୋତ୍ସାହିତ କରନ୍ତି। ଏହି ପ୍ରକ୍ରିୟା ଛାତ୍ରମାନଙ୍କୁ ସାମାଜିକ ଦକ୍ଷତା, ନେତୃତ୍ୱ ଓ ପରସ୍ପର ସମ୍ମାନ ଶିଖାଇଥାଏ। ଏଆଇ ଏକ ବ୍ୟକ୍ତିଗତ ଶିକ୍ଷଣ ଅଭିଜ୍ଞତା ପ୍ରଦାନ କରିପାରେ, କିନ୍ତୁ ଏହା ଏକ ଶ୍ରେଣୀଗୃହର ସାମାଜିକ ଗତିଶୀଳତାକୁ ଅନୁକରଣ କରିପାରେ ନାହିଁ। ଗୋଟିଏ ଏଆଇ ଟୁଲ ସମ୍ମୁଖରେ ସବୁ ଛାତ୍ରଛାତ୍ରୀ ସମାନ ଓ ସେମାନଙ୍କ ଜିଜ୍ଞାସା ମଧ୍ୟ ସମାନ। କିନ୍ତୁ ଜଣେ ଶିକ୍ଷକ ବା ଶିକ୍ଷୟିତ୍ରୀଙ୍କ ପାଖରେ ପ୍ରଶ୍ନର ଉତ୍ତର ସମାନ ଥିଲେ ମଧ୍ୟ ପ୍ରଶ୍ନ କର୍ତ୍ତା କିନ୍ତୁ ସମାନ ନୁହନ୍ତି। କାରଣ କିପରି ଭାବରେ ଉତ୍ତର ପ୍ରଦାନ କରାଗଲେ ତାହା ବିଦ୍ୟାର୍ଥୀମାନେ ସହଜରେ ଗ୍ରହଣ କରି ପାରିବେ ତାହା କେବଳ ଜଣେ ମାନବର ପ୍ରାକୃତିକ ବୁଦ୍ଧିମତ୍ତା ଉପରେ ନିର୍ଭରଶୀଳ।

ଏଆଇ ଶିକ୍ଷା କ୍ଷେତ୍ର ଅତ୍ୟନ୍ତ ଆଧୁନିକ ହେଲେ ମଧ୍ୟ ସେଥିରେ ଅନେକ ସୀମାବଦ୍ଧତା ରହିଛି। ପ୍ରଥମତଃ, ଏଆଇ କେବଳ ପୂର୍ବରୁ ପ୍ରୋଗ୍ରାମ କରାଯାଇଥିବା ଡାଟା ଓ ଅଲଗରିଦମ ଉପରେ କାର୍ଯ୍ୟ କରେ। ଏହା ଅଣପ୍ରତ୍ୟାଶିତ ପରିସ୍ଥିତିରେ ନିଷ୍ପତ୍ତି ନେବାରେ ଅକ୍ଷମ। ଉଦାହରଣ ସ୍ୱରୂପ, ଯଦି ଜଣେ ଛାତ୍ର ଏକ ଅସାଧାରଣ ପ୍ରଶ୍ନ ପଚାରେ ଯାହା ଏଆଇର ଡାଟାବେସରେ ନାହିଁ, ତେବେ ଏଆଇ ସେହି ପ୍ରଶ୍ନର ଉତ୍ତର ଦେବାରେ ଅସଫଳ ହୋଇପାରେ। ଅନ୍ୟପକ୍ଷରେ, ଶିକ୍ଷକମାନେ ନିଜର ଅଭିଜ୍ଞତା ଓ ସୃଜନଶୀଳତା ବ୍ୟବହାର କରି ଏଭଳି ପରିସ୍ଥିତିରେ ସମାଧାନ ଯୋଗାଇପାରନ୍ତି। କାନପୁରଠାରେ ଅବସ୍ଥିତ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନର ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନୀ ତଥା ପ୍ରସିଦ୍ଧ ପ୍ରଯୁକ୍ତି ବିଜ୍ଞାନର ପୁସ୍ତକ ଲେଖକ ଡ ହରିଶ ଚନ୍ଦ୍ର ବର୍ମା କୁହନ୍ତି ପ୍ରତିଦିନ ମାନବ ସଭ୍ୟତାରେ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ସମସ୍ୟାକୁ ସମାଧାନ କରିବା ପାଇଁ ଜଣେ କିପରି ନିଜର ସୃଜନଶୀଳତାକୁ ବ୍ୟବହାର କରି ପାରିବ ତାହା କେବଳ ଜଣେ ଶିକ୍ଷକ ହିଁ ଛାତ୍ରଛାତ୍ରୀଙ୍କୁ ଶିଖାଇ ପାରିବେ। ଏଆଇ ଏହା କରି ପାରିବ ନାହିଁ; କାରଣ ଆଇଟି ଇଞ୍ଜିନିୟରମାନଙ୍କ ଦ୍ୱାରା ପୂର୍ବ ନିର୍ଦ୍ଧାରିତ ନିଜର ସୀମା ବାହାରକୁ ଯାଇ ଏଆଇ କିଛି ଚିନ୍ତା କରିବା ପାଇଁ ସକ୍ଷମ ନୁହେଁ।

ଦ୍ୱିତୀୟତଃ, ଏଆଇ ସାଂସ୍କୃତିକ ଏବଂ ସାମାଜିକ ପ୍ରେକ୍ଷାପଟକୁ ସମ୍ପୂର୍ଣ୍ଣ ରୂପେ ବୁଝିପାରେ ନାହିଁ। ଭାରତୀୟ ଶିକ୍ଷା ବ୍ୟବସ୍ଥାରେ, ଯେଉଁଠି ବିଭିନ୍ନ ଭାଷା, ସଂସ୍କୃତି ଓ ପରମ୍ପରା ରହିଛି, ଶିକ୍ଷକମାନେ ଛାତ୍ରମାନଙ୍କୁ ସେମାନଙ୍କର ସାଂସ୍କୃତିକ ପ୍ରେକ୍ଷାପଟ ଅନୁଯାୟୀ ଶିକ୍ଷା ଦେଇପାରନ୍ତି। ଏଆଇ ଏହି ସାଂସ୍କୃତିକ ସମ୍ବେଦନଶୀଳତାକୁ ଅନୁକରଣ କରିବାରେ ଅକ୍ଷମ। ତୃତୀୟତଃ, ଏଆଇ ଶିକ୍ଷାରେ ଅତ୍ୟଧିକ ନିର୍ଭରଶୀଳତା ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ମିଳାମିଶାରୁ ଦୂରେଇ ଦେଇପାରେ। ଶିକ୍ଷା କେବଳ ବୌଦ୍ଧିକ ବିକାଶ ନୁହେଁ, ବରଂ ସାମାଜିକ ଓ ଭାବନାତ୍ମକ ବିକାଶର ଏକ ଅଂଶ। ଶିକ୍ଷକମାନେ ବିଦ୍ୟାର୍ଥୀମାନଙ୍କୁ ଏକ ସମ୍ପ୍ରଦାୟ ଭାବେ କାମ କରିବାକୁ, ପରସ୍ପର ସହଯୋଗ କରିବାକୁ ଏବଂ ସମାଜରେ ନିଜର ଦାୟିତ୍ୱ ବୁଝିବାକୁ ଶିଖାଇଥା'ନ୍ତି।

ଉତ୍କଳମଣି ଗୋପବନ୍ଧୁ ରଥଯାତ୍ରା ସମୟରେ ଏବଂ ନଦୀରେ ବଢ଼ି ଆସିଲେ ଜନ ସେବା ଯୋଗାଇ ଦେବାକୁ ଯିବା ସମୟରେ ପାଇଁ ବନ ବିଦ୍ୟାଳୟର ଛାତ୍ରମାନଙ୍କୁ ନିଜ ସହିତ ନେଇ ଯାଉଥିଲେ। ଏହାଦ୍ୱାରା ସେମାନଙ୍କ ମନରେ ସମାଜ ସେବାରେ ନିଜକୁ ଉତ୍ସର୍ଗ କରିଦେବାର ମନୋବୃତ୍ତି ଜାଗ୍ରତ ହେଉଥିଲା। ବର୍ତ୍ତମାନ ମଧ୍ୟ ଜାତୀୟ ସେବା ଯୋଜନା ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ସାମାଜିକ ସେବାରେ ନିଯୋଜିତ କରାଯାଇ ରାଷ୍ଟ୍ର ପ୍ରତି ସମର୍ପିତ ରହିବା ପାଇଁ ଉତ୍ସାହିତ କରାଯାଏ। ଏଆଇ ଏହି ସାମାଜିକ ଶିକ୍ଷଣକୁ ପ୍ରଦାନ କରିବାରେ ସମ୍ପୂର୍ଣ୍ଣ ଭାବରେ ଅକ୍ଷମ। ଏଠାରେ ଗୋଟିଏ ଅତ୍ୟନ୍ତ ସମ୍ବେଦନଶୀଳ ଘଟଣା ଉଲ୍ଲେଖନୀୟ। ଗତ ବର୍ଷ ନଭେମ୍ବର ମାସରେ ଆମେରିକାର ଜଣେ ସ୍ନାତକ ଛାତ୍ର ଗୋଟିଏ ପ୍ରସିଦ୍ଧ ଏଆଇ ଟୁଲ ମାଧ୍ୟମରେ ଏକ ପ୍ରବନ୍ଧ ରଚନା କରୁଥିଲେ। ବରିଷ୍ଠ ନାଗରିକମାନଙ୍କର କିପରି ଯତ୍ନ ନେବା ସହିତ ସେମାନଙ୍କୁ ବିଭିନ୍ନ ପ୍ରକାରର ସାମାଜିକ ଦୁର୍ବ୍ୟବହାରରୁ କିପରି ସୁରକ୍ଷା ପ୍ରଦାନ କରାଯାଇ ପାରିବ ସେହି ବିଷୟରେ ବାର୍ତ୍ତାଳାପ ମାଧ୍ୟମରେ ଚାଟ୍‌ବଟ୍‌ଠାରୁ ବିଭିନ୍ନ ପ୍ରକାରର ତଥ୍ୟ ସଂଗ୍ରହ କରୁଥିଲେ। ହଠାତ୍ ଚାଟ୍ ବଟ୍ ଗାଳି ଗୁଲଜ କରିବାକୁ ଆରମ୍ଭ କରିଲା। ମନୁଷ୍ୟମାନେ ଏହି ଧରା ଉପରେ ଏକ ବୋଝ ଭାବରେ ଚିତ୍ରିତ କଲା। ଶେଷରେ ଛାତ୍ରଙ୍କୁ ଏହି ବ୍ରହ୍ମାଣ୍ଡରେ ରହିବାର କୌଣସି ଅଧିକାର ନାହିଁ ବୋଲି ଜଣାଇ ଯଥାଶୀଘ୍ର ଆତ୍ମହତ୍ୟା କରିବା ପାଇଁ ବାରମ୍ବାର ପ୍ରୋତ୍ସାହିତ କରିବାକୁ ଲାଗିଲା।

ଏଆଇର ଅନେକଗୁଡ଼ିଏ ଦୁର୍ବଳତା ରହିଥିଲେ ମଧ୍ୟ ଶିକ୍ଷା କ୍ଷେତ୍ରରେ ଏହାର ପ୍ରୟୋଗ ସ୍ୱାଗତଯୋଗ୍ୟ। ଏଆଇ ଶିକ୍ଷକଙ୍କ ବିକଳ୍ପ ହେବା ପରିବର୍ତ୍ତେ ସେମାନଙ୍କ ସହ ସହଯୋଗ କରି ଶିକ୍ଷା ପ୍ରକ୍ରିୟାକୁ ଅଧିକ ଫଳପ୍ରଦ କରିପାରେ। ଏଆଇ ଶିକ୍ଷକମାନଙ୍କୁ ସେମାନଙ୍କର ପାଠ୍ୟକ୍ରମ ପରିଚାଳନା, ଛାତ୍ରଛାତ୍ରୀମାନଙ୍କର ପ୍ରଗତି ମୂଲ୍ୟାଙ୍କନ ଏବଂ ଅଧିକ ସମୟ ମାନବୀୟ ସଂଯୋଗ ପାଇଁ ବ୍ୟବହାର କରିବାରେ ସାହାଯ୍ୟ କରିପାରେ। ଶିକ୍ଷକମାନେ ଶିକ୍ଷାରେ ମାନବୀୟ ସଂଯୋଗ, ସହାନୁଭୂତି ଓ ସାମାଜିକ ମୂଲ୍ୟବୋଧର ଏକ ଅନନ୍ୟ ଅବଦାନ ରଖନ୍ତି, ଯାହା ଏଆଇ ପ୍ରଦାନ କରିପାରେ ନାହିଁ। କରୋନା ମହାମାରୀ ସମୟରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଡିଜିଟାଲ୍ ମାଧ୍ୟମରେ ଯୋଗାଯୋଗ ଥିଲେ ମଧ୍ୟ ଶିକ୍ଷା ବ୍ୟବସ୍ଥା କିପରି ଭୁଶୁଡ଼ି ପଡ଼ିଲା ତାହାକୁ ପ୍ରତ୍ୟେକ ଅଭିଭାବକ ହୃଦୟଙ୍ଗମ କରିଥିଲେ। ତେଣୁ ଏଆଇ ଓ ଶିକ୍ଷକଙ୍କ ମଧ୍ୟରେ ଏକ ଉତ୍ତମ ସହଯୋଗୀ ପନ୍ଥା ହିଁ ଭବିଷ୍ୟତରେ ଶିକ୍ଷାକୁ ଅଧିକ ସଫଳ କରିବ।

(ବିଭାଗୀୟ ମୁଖ୍ୟ, ମହର୍ଷି ମହିଳା ମହାବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୪୩୮୨୭୬୮୩୪

## ଚାପମୁକ୍ତ ଜୀବନ ସମ୍ଭବ କି?

**ସଲିଳା ତ୍ରିପାଠୀ**

ବୟସ ବଢ଼ିବା ସଙ୍ଗେ ସଙ୍ଗେ ମନୁଷ୍ୟର ଚାହିଦାର ବୃଦ୍ଧି ଘଟିଥାଏ। ଯେଉଁ ସମୟରେ ଯାହା ଖୋଜାଯାଏ ନ ପାଇଲେ ମନ ମଧ୍ୟରେ ଏକ ଅଭାବବୋଧର ସୃଷ୍ଟି ହୁଏ, ଯାହାକୁ ପ୍ରକାରାନ୍ତରେ ଆମେ ଚାପ କହିପାରୁ। ଅନେକ ସମୟରେ ବାପ ମା' ପିଲାମାନଙ୍କର ଇଚ୍ଛାକୁ ଗୁରୁତ୍ୱ ନଦେଇ ହତୋତ୍ସାହିତ କରିବା ବାଲ୍ୟଜୀବନରେ ଗଭୀର ଚାପ ସୃଷ୍ଟି କରିଥାଏ। ଆମ ସମାଜରେ ପୁଅ ରୋଜଗାର ନ କରିପାରିଲେ ଏବଂ ଝିଅର ବାହାଘର ଉଚିତ୍ ସମୟରେ ନ ହୋଇପାରିଲେ ବଞ୍ଚିବା କଷ୍ଟକର ହୋଇପଡ଼େ। ପୁଅଟି ଖାଲି ରୋଜଗାରକ୍ଷମ ନୁହେଁ ବରଂ ସମାଜରେ ପାଞ୍ଚ ଜଣଙ୍କ ସାଥିରେ ତାଳ ମିଶେଇ ଚାଲିବାର ଇଚ୍ଛା ଆଉ ଝିଅର ବିବାହ ମଧ୍ୟ ସେହିଭଳି ଉପଯୁକ୍ତ ପାତ୍ରରେ ଦାନ ହୋଇପାରିଲେ ଯାଇ ପୁଅଝିଅଙ୍କର ମାନସିକ ଚାପର ସାମାନ୍ୟ ଶେଷ ହୋଇଥାଏ।

ତଥାକଥିତ ସମାଜରେ ପୁଅ ରୋଜଗାରକ୍ଷମ ହେଲେ ପୁଣି ସର୍ବଗୁଣସମ୍ପନ୍ନ ବୋହୂଟିଏ ଦରକାର ଯାହାର କୌଣସି ଗୁଣରେ ଖୁଣ ନଥିବ। ଯଥାଶୀଘ୍ର ନାତିଟିଏ ଦରକାର ପଛରେ ନାତୁଣୀଟିଏ ହେଲେ ଭଲ। ବାପ ମା' ବଞ୍ଚିଥିବା ପର୍ଯ୍ୟନ୍ତ ପୁଅର କୌଣସି ରୋଗ ବଇରାଗ ହେବା ବାଞ୍ଛନୀୟ ନୁହେଁ। ନାତି ନାତୁଣୀ ସମସ୍ତେ ନାଁ କଲା ପରି ବିଦ୍ୟାର୍ଜନ କରି ବଂଶ ମର୍ଯ୍ୟାଦା ରଖିବା ନିତାନ୍ତ ଆବଶ୍ୟକ। ସେପଟେ ଝିଅଟି ମଧ୍ୟ ପରଘରେ ଯାଇ ସୁଖଶାନ୍ତିରେ ରହିବା ଜରୁରୀ। ଏତେ ପ୍ରକାରର ମାନସିକ ଦୁଃଶ୍ଚିନ୍ତାରେ ମନୁଷ୍ୟ ଜୀବନ ଧାରଣ କରିଥାଏ କେବଳ ମୃତ୍ୟୁକୁ ସାମ୍ନା କରିପାରେନା। ସେତିକିବେଳେ ପ୍ରାରବ୍ଧ, କର୍ମଫଳ କଥାଟି ମନେପଡ଼େ। ତାକୁ ମଧ୍ୟ ସିଏ ଶ୍ମଶାନ ବୈରାଗ୍ୟ ପରି ଭୁଲିଯାଏ।

ତେବେ କାଳକାଳରୁ ଉପରୋକ୍ତ ଚାପଗୁଡ଼ିକୁ ସହିବାରେ ଅଭ୍ୟସ୍ତ ମନୁଷ୍ୟ ଆଧୁନିକ ଜୀବନଶୈଳୀ ପାଇଁ ଆହୁରି ଅନେକ ଚାପର ସମ୍ମୁଖୀନ ହେଉଛି। କର୍ମକ୍ଷେତ୍ରରେ ଓ ବିଦ୍ୟାଳୟରେ ପ୍ରତିଯୋଗିତା ପାଇଁ ଏବଂ ନାରୀ ସ୍ୱାଧୀନତା ପାଇଁ ସମଗ୍ର ସମାଜରେ ଚାପଟି ସର୍ବାଧିକ ହେଉଛି ବୋଲି ଜଣାଯାଉଛି। ଯେହେତୁ ଧନ ଓ ସମ୍ମାନର ସଂରକ୍ଷଣର ଭାବନା ମନୁଷ୍ୟକୁ ସର୍ବଦା ଦ୍ୱିଧାଗ୍ରସ୍ତ କରିଦିଏ ଏବଂ ନାରୀମାନେ ସ୍ୱାଧୀନତା ପାଇଗଲେ ସମାଜରେ ବିଶୃଙ୍ଖଳା ହୁଏ ବୋଲି ଆଜି ମଧ୍ୟ ଅନେକ ଲୋକଙ୍କର ବିଶ୍ୱାସ।

ବର୍ତ୍ତମାନର ରୋଜଗାରର ପନ୍ଥାଟି ମୁଖ୍ୟତଃ ବେସରକାରୀ ସଂସ୍ଥା ଦ୍ୱାରା ପର୍ଯ୍ୟବେସିତ ହେବା ଦ୍ୱାରା କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବା ଉପରିସ୍ଥ କର୍ମଚାରୀଙ୍କ ପ୍ରତି ଭୟ ଓ ଲକ୍ଷ୍ୟ ପୂରଣ ନ ହେବାର ଆଶଙ୍କା ଦ୍ୱାରା ବହୁ ଯୁବପିଢ଼ି ଗ୍ଲାନି ମଧ୍ୟରେ ଜୀବନ କାଟୁଛନ୍ତି। ବିଭିନ୍ନ ପ୍ରକାର ସୁବିଧା ସୁଯୋଗର ଉପସ୍ଥିତି ଫଳରେ ପ୍ରତ୍ୟେକ ପିତାମାତା ନିଜ ପୁତ୍ରକନ୍ୟାଙ୍କର ଭବିଷ୍ୟତ ଚିନ୍ତା ପାଇଁ ନିଜେ ଚାପରେ ରହିବା ସହିତ ପିଲାମାନଙ୍କୁ ମଧ୍ୟ ଚାପରେ ରଖୁଛନ୍ତି। ନାରୀ ସ୍ୱତନ୍ତ୍ରତା ଫଳରେ ପୁରୁଷମାନେ ଘରଠାରୁ ବାହାର ପର୍ଯ୍ୟନ୍ତ ଅନେକ ପ୍ରତିଯୋଗିତାର ସମ୍ମୁଖୀନ ହେଉଛନ୍ତି, ଯାହା ଅବ୍ୟକ୍ତ ହୋଇଥିଲେ ହେଁ ବାସ୍ତବିକ ସତ୍ୟ ଅଟେ।

ସମୟ ଅନୁସାରେ ମଣିଷର ଚିନ୍ତାଧାରା, ପରିସ୍ଥିତି, ପରିବେଶ ଯେତିକି ମାତ୍ରାରେ ପରିବର୍ତ୍ତନ ହେବା ଆବଶ୍ୟକ ନ ହୋଇ ପାରିଲେ ସେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୋଇଥାଏ, ଯାହା ମାନସିକ ଚାପ ବା ଅବସାଦର ମୂଳଦୁଆକୁ ସଂଗଠିତ କରିଥାଏ। ଫଳସ୍ୱରୂପ ଉଚ୍ଚ ରକ୍ତଚାପ, ମଧୁମେହ ଓ ହୃଦ୍‌ରୋଗ ଭଳି ବେମାରୀମାନେ ନିମନ୍ତ୍ରଣ ହୋଇ ଆସିଥା'ନ୍ତି। ଠିକ୍ ସେହିଭଳି ମନର କଥାକୁ ପରିପ୍ରକାଶ କରିବାକୁ ସୁଯୋଗ ନଥିଲେ ଏହି ଚାପର ପରିମାଣ ବୃଦ୍ଧି ହୋଇ ବେଳେବେଳେ ଅଚାନକ ଭାବେ ପ୍ରାଣଘାତକ ସାଜିଥାଏ। ମଣିଷ ମନରେ ଥିବା ଭୟ ହିଁ ତାକୁ ମୃତ୍ୟୁ ଆଡ଼କୁ ବାଟ କଢ଼ାଇନିଏ। ଆମ ସମାଜରେ କ'ଣ ଏସବୁ ପାଇଁ କୌଣସି ବ୍ୟବସ୍ଥା ଅଛି? ଜନ୍ମରୁ ଆମକୁ ଲଜ୍ଜା, ସଂକୋଚ, ଭୟ, ନିନ୍ଦା, ଅପବାଦ, ଅସମ୍ମାନରୁ ବଞ୍ଚିବା ପାଇଁ ଶିକ୍ଷା ଦିଆଯାଇଥାଏ। କିନ୍ତୁ ଏଥିରୁ ମୁକ୍ତି ପାଇବାର ସଠିକ୍ ଉପାୟ ବତାଯାଇ ନଥାଏ। ଯାହା ମଣିଷକୁ ଭୟାର୍ତ୍ତ କରି ରଖିଥାଏ। ସବୁଠାରୁ ବଡ଼କଥା ମଣିଷ ଯେଉଁଠୁ ସୃଷ୍ଟି ହୁଏ, ତା'କୁ ହିଁ ସର୍ବାଧିକ ଭୟ କରେ। ସେମାନଙ୍କର ନାମ ଉଚ୍ଚ କରିବା ନିମିତ୍ତ ସେ ଶିକ୍ଷା, ସାମାଜିକ, ବୈବାହିକ, ଧନାର୍ଜନ ଇତ୍ୟାଦି କ୍ଷେତ୍ରରେ ଚାପଗ୍ରସ୍ତ ହୋଇପଡ଼େ।

ମାତ୍ର ବାସ୍ତବରେ ପିତାମାତା କ'ଣ ତାଙ୍କ ସନ୍ତାନଙ୍କୁ ଚାପ ଦେବାରେ ଆନନ୍ଦ ପାଇଥା'ନ୍ତି? ହୁଏତ ଏହା ପରସ୍ପର ମଧ୍ୟରେ ଥିବା ଦୂରତା ଓ ସଠିକ୍ ବୁଝାମଣାର ଅଭାବରୁ ହୋଇଥାଏ। ଦୁନିଆର ଯେ କେହି ଯେତେ ଦୁଃଖ ଦିଅନ୍ତୁ ବା କୌଣସି ପରିସ୍ଥିତି ଆସୁ ଯଦି ପିତାମାତା ସନ୍ତାନ ସାଥିରେ ରହି ତାକୁ ଭରସା ଦିଅନ୍ତି ତେବେ ସଂସାରର ସମସ୍ତ ଦୁଃଖ ଓ ଚାପ ଲାଘବ ହୋଇଯାଏ ବୋଲି କୁହାଯାଏ। କାରଣ ସେମାନଙ୍କୁ ଈଶ୍ୱରଙ୍କ ସହିତ ତୁଳନା କରାଯାଏ। କିନ୍ତୁ ବାସ୍ତବ କ୍ଷେତ୍ରରେ ଅନେକ ସମୟରେ ପିତାମାତା ମୋହବଶତଃ କେବଳ ନିଜର ଅହଂକାରକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ନିଜ ପିଲାର ଭୁଲ୍‌କୁ ଅଣଦେଖା କରିଥା'ନ୍ତି। ତା'ସହିତ ସମୟ ଓ ପରିସ୍ଥିତି ଅନୁଯାୟୀ ପିଲାର ମାନସିକତାକୁ ବୁଝି ନପାରି ତା' ଉପରେ ନିଜର ଉଚ୍ଚାକାଂକ୍ଷାକୁ ଲଦି ଦେଇଥାନ୍ତି। କିଛି ପିଲା ମନକଥା ଖୋଲି କହି ନ ପାରିବାରୁ ପିତାମାତା ଓ ପିଲାଙ୍କ ମଧ୍ୟରେ ଦୂରତା ସ୍ୱର୍ଗ ଓ ମର୍ତ୍ତ୍ୟର ଦୂରତା ପରି କେବେ ମିଶିପାରେନା।

ଅବଶେଷରେ ଏତିକି କୁହାଯାଇପାରେ ମନଖୋଲା ହସଟିଏ ହସିବା ନିମିତ୍ତ ଯେମିତି ନିଜର ପରିବାରର ଆବଶ୍ୟକ ଠିକ୍ ସେମିତି ପ୍ରତ୍ୟେକ ପ୍ରକାର ମାନସିକ ଅବସାଦରୁ ମୁକ୍ତି ପାଇବା ପାଇଁ ପରିବାର ହିଁ ଏକମାତ୍ର ଚିକିତ୍ସାଳୟ ଏବଂ ତା' ସହିତ ଭଗବତ୍ ଚିନ୍ତନ, ଅହମିକାରୁ ମୁକ୍ତି, ଉଚ୍ଚ ଆଶାରେ ଲଗାମ, ପାରିବାରିକ ସଂପର୍କର ସୁଦୃଢ଼ତା, ଗୋଟିଏ ସମୟରେ ଅନେକ କାର୍ଯ୍ୟର ଭାର ଗ୍ରହଣ ନ କରିବା, କୌଣସି କାର୍ଯ୍ୟକୁ ନିଜର ନିଶା ନ ବନେଇବା, ପ୍ରାକୃତିକ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟତା, ପ୍ରତ୍ୟେକଟି ସମସ୍ୟାର ସରଳ ଆଲୋଚନା, ଆଧୁନିକ ଜୀବନଶୈଳୀକୁ ଏକାନ୍ତ ଭାବେ ଗ୍ରହଣ ନ କରିବା, ସମୟ ଅନୁସାରେ ଡାକ୍ତରୀ ପରୀକ୍ଷା ଏବଂ ସବୁ ପରେ କୃତ୍ରିମତାରୁ ନିଜକୁ ଦୂରେଇ ନେଲେ ମାନସିକ ଚାପରୁ ମଣିଷ ମୁକ୍ତି ପାଇବା ହୁଏତ ସମ୍ଭବ ହେବ।

ବୋଲଗଡ଼,
ମୋ: ୮୭୬୩୭୮୮୬୧୪

## ମିଛ ବିଷୟରେ କିଛି କଥା

**ବିଜ୍ଞାନ ବାର୍ତ୍ତା**

**ଶ୍ରୀନନ**

ସାଧାରଣଭାବେ ଆମେ ମିଛ କହିବାକୁ ଘୃଣାକରୁ। ତେବେ ଏହା ଆମରି ଏକ ସହଜାତ ପ୍ରବୃତ୍ତି। ଅବଶ୍ୟ କାହାଠାରେ ଏହା ଅଧିକ ଏବଂ ଆଉ କାହାଠାରେ କମ୍ ଦେଖାଯାଏ। ଏପ୍ରବୃତ୍ତି ବିବର୍ତ୍ତନ ସହିତ ସଂପୃକ୍ତ। ସେଥିପାଇଁ ସଂପାଜୀ, ଗରିଲା, ବାବୁନ, ନିଏଣ୍ଡର୍ଥାଲ୍ ଆଦି ଅନ୍ୟାନ୍ୟ 'ପ୍ରାଇମେଟ୍' ବୋଲି କୁହାଯାଉଥିବା ପ୍ରାଣୀମାନେ ମଧ୍ୟ ଶଠତା ଆଚରଣ କରିଥା'ନ୍ତି। ଆମ ଶିଶୁମାନଙ୍କଠାରେ ଏହା ଇଚ୍ଛାକୃତ ଭାବେ ପ୍ରକଟିତ ହେବାକୁ ଲାଗେ ମାତ୍ର ୨/୩ବର୍ଷ ବୟସରୁ। ତେଣୁ କେତେକ ମନୋବିଜ୍ଞାନୀ ଏହାକୁ ବୋଧଶକ୍ତି ବିକାଶର ମାଇଲଖମ୍ବ ରୂପେ ବିଚାର କରନ୍ତି।

ମାସାଚୁସେଟସ୍ ବିଶ୍ୱବିଦ୍ୟାଳୟର ରବର୍ଟ ଫେଲଡ୍ମ୍ୟାନ ୨୦୦୨ ମସିହାରେ କରିଥିବା ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ପ୍ରାୟ ୬୦ ଶତାଂଶ ଲୋକ କଥାବାର୍ତ୍ତା ହେଉଥିଲା ବେଳେ ପ୍ରତି ୧୦ ମିନିଟ୍ ଅନ୍ତତଃ ଥରେ ମିଛ କହିଥା'ନ୍ତି। ତେବେ ହାରାହାରି ଏହା ଦୁଇରୁ ତିନି। ସବୁପ୍ରକାର ମିଛ ଏକା ପ୍ରକାର ନୁହେଁ। ତହିଁରୁ କେତେକ ବେଶ୍ ହାଲୁକା ଏବଂ ତାହା କୁହାଯାଏ ମୁଖ୍ୟତଃ ମଜାକରିବା ପାଇଁ କିମ୍ବା କାହାକୁ ଚାଟୁ କରିବା ପାଇଁ। କିନ୍ତୁ କେତେକ ମିଛ କୁଟିଳ ଓ କ୍ରୂର। ଅନେକ ସମୟରେ ତାହା ଭୟାବହ ହୋଇଥାଏ। ଏହାର ଉଦାହରଣଟିଏ ହେଲା କୌଣସି ନିର୍ଦ୍ଦୋଷ ଲୋକକୁ ଯୋଜନାବଦ୍ଧ ଭାବେ ଏକ ଗୁରୁତର ଅପରାଧ ସହ ସଂପୃକ୍ତ କରିବା। ଏଭଳି ଅସାଧୁତା ମିଥ୍ୟାବାଦୀର ମସ୍ତିଷ୍କକୁ ଅଧିକ ଉତ୍ତେଜିତ ଅବସ୍ଥାରେ ରଖେ ଏବଂ ସେ କହୁଥିବା ମିଛର ଗୁରୁତ୍ୱ ଉପରେ ନିର୍ଭର କରି ତା'ଠାରେ ମାନସିକ ଚାପ ମଧ୍ୟ ବୃଦ୍ଧି କରେ। ଅନେକସ୍ଥଳେ, ଏସମୟରେ ତା'ର ଶ୍ୱାସକ୍ରିୟା ପ୍ରଖର ଓ ହୃତ୍‌ସ୍ପନ୍ଦନ ହାର ଦ୍ରୁତ ହୁଏ। ତା'ଠାରୁ ଅଧିକ ଝାଳ ବହେ, ପାଟି ଶୁଖିଯାଏ ଏବଂ କଥା କହିଲାବେଳେ ଖନିବାଜେ। ମିଛଧରା ଯନ୍ତ୍ର ବା ପଲିଗ୍ରାଫ୍ ଏହିସବୁ ମନସ୍ତାତ୍ତ୍ୱିକ ପ୍ରଭାବଗୁଡ଼ିକୁ ଚିହ୍ନଟ କରିପାରେ।

ବିଭିନ୍ନ ଲୋକଙ୍କର ମିଛ କହିବାର ସାମର୍ଥ୍ୟ ଭିନ୍ନ ଭିନ୍ନ ହୋଇଥାଏ। ଏହାର ମୁଖ୍ୟକାରଣ ହେଲା ସେମାନଙ୍କ ମସ୍ତିଷ୍କମାନଙ୍କ ମଧ୍ୟରେ ଥିବା ବିଭେଦତା। ଉଦାହରଣସ୍ୱରୂପ, ଅଭ୍ୟାସଗତ ଭାବେ ମିଛ କହୁଥିବା ଅସାମାଜିକମାନଙ୍କ ସମ୍ବେଦନଶୀଳତା କମ୍ ଥାଏ। ଏଣୁ ମିଛ କହିଲାବେଳେ ସେମାନେ ଉପରୋକ୍ତ ମନସ୍ତାତ୍ତ୍ୱିକ ଲକ୍ଷଣମାନ ବିଶେଷ ପ୍ରଦର୍ଶନ କରନ୍ତି ନାହିଁ। ମିଥ୍ୟାବାଦୀମାନଙ୍କୁ ଶାନ୍ତ ରହିବା ପାଇଁ ପ୍ରଶିକ୍ଷଣ ଦିଆଯାଉଛି। ସେମାନେ ପଲିଗ୍ରାଫ୍ ପରୀକ୍ଷାରେ ଧରାପଡ଼ନ୍ତି ନାହିଁ। କିନ୍ତୁ କିଛି ସାଧାରଣ ନିରୀହ ଲୋକଙ୍କଠାରେ ଏହା କରାଗଲା ବେଳେ ସେମାନଙ୍କଠାରେ ଉକ୍ତ ଲକ୍ଷଣମାନ ପ୍ରକଟିତ ହୁଏ। ଏହି କାରଣରୁ ନ୍ୟାୟାଳୟମାନଙ୍କରେ ପଲିଗ୍ରାଫ୍ ଫଳାଫଳକୁ ଗ୍ରହଣ କରାଯାଉନାହିଁ।

ଅନ୍ୟପକ୍ଷରେ ମସ୍ତିଷ୍କର ଆଭ୍ୟନ୍ତାରଣ ଚିତ୍ର (ବ୍ରେନ୍ ଇମେଜିଂ) ଅଧ୍ୟୟନ ମିଛ ପ୍ରତି ଶରୀରର ପ୍ରତିକ୍ରିୟା ସମ୍ପର୍କରେ ଅଧିକ ନିର୍ଭରଯୋଗ୍ୟ ସୂଚନା ମିଳିଥାଏ। ଏଥିରୁ ଉଦ୍‌ବେଗର ଲକ୍ଷଣମାନ ଜାଣିହୁଏ। କାରଣ ମିଛ କହିବା ମସ୍ତିଷ୍କର 'ଲିମ୍ବିକ୍' ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରେ। ଏବର ଅଂଶଟି ମାନସିକ ସମୟରେ 'ଲଢ଼ ବା ପଳାୟନ କର' ପ୍ରତିକ୍ରିୟା ପାଇଁ ଦାୟୀ। ମିଛ କହୁ ନ ଥିବା ଲୋକଠାରେ ଏହା କମ୍ କ୍ରିୟାଶୀଳତା ପ୍ରଦର୍ଶନ କରେ। କିନ୍ତୁ ମିଛ କହିବାକୁ ଲାଗିଲେ ଏହା ହଠାତ୍ ବିସ୍ଫୋରିତ ହୋଇଉଠେ। ଏଣୁ ଜଣେ ସଚ୍ଚୋଟ ଲୋକର ମସ୍ତିଷ୍କ ତୁଳନାତ୍ମକ ଭାବେ ଶାନ୍ତ ରହିଲା ବେଳେ ମିଥ୍ୟାବାଦୀ ଅସାଧୁ ଲୋକର ତାହା ଉତ୍ତେଜିତ ଥଏ।

କଲମ୍ବିଆ ବିଶ୍ୱବିଦ୍ୟାଳୟର କାର ଗ୍ରସ୍ମାର୍ଭାରିସ୍ ଓ ଭର୍ଜିନିଆ ମେଡିକାଲ ସ୍କୁଲର ଡାଭିସ୍ ଏ. ଜନସନ୍ ଏବେ ମିଛ ପ୍ରତି ଏପ୍ରକାର ପ୍ରତିକ୍ରିୟାକୁ ଅନ୍ତନଳୀ ମସ୍ତିଷ୍କ ସହ ସଂପର୍କ ଥିବାର କହିଛନ୍ତି। ଏହା ହେଲା ଆମ ଶରୀରର ଦୁଇପ୍ରାନ୍ତରେ ଥିବା ଏବର ଅଂଗ ଦୁଇଟି ମଧ୍ୟରେ ଦ୍ୱିପାକ୍ଷିକ ଯୋଗାଯୋଗ। ଏ ପ୍ରତିକ୍ରିୟା ବାନ୍ତି ଲାଗିବାଠାରୁ ଦୁଶ୍ଚିନ୍ତା ବୃଦ୍ଧି ପର୍ଯ୍ୟନ୍ତ ନାନାରୂପେ ପ୍ରକଟିତ ହୁଏ। ଦୀର୍ଘକାଳ ଧରି ମିଛ କହିବାର ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଲା ଉଚ୍ଚ ରକ୍ତଚାପ, ହୃତ୍ସ୍ପନ୍ଦନ ହାର ବୃଦ୍ଧି, ରକ୍ତନାଳୀ ସଂକୋଚନ, ରକ୍ତରେ ଚାପହରମୋନ କୋର୍ଟିସଲ୍‌ର ମାତ୍ରା ବୃଦ୍ଧି। କିନ୍ତୁ ଅନ୍ୟପକ୍ଷରେ ଦୀର୍ଘଦିନ ଧରି ମିଛ କହିବାର ଅଭ୍ୟସ୍ତ ହୋଇଗଲେ ଏସବୁ ଲକ୍ଷଣ କ୍ରମେ ହ୍ରାସପାଏ। କାରଣ ସେମାନଙ୍କଠାରେ ଏହା ସହ୍ୟ କରିବାରେ ଶକ୍ତି ବିକଶିତ ହୁଏ। ପଲିଗ୍ରାଫ୍‌ରେ ମଧ୍ୟ ସେମାନେ ଧରାପଡ଼ନ୍ତି ନାହିଁ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅଶାନ୍ତ ଗଞ୍ଜାମ

# ସାମାନ୍ୟ ବଚସାରୁ ଗଡ଼ିଲା ମୁଣ୍ଡ

### ପୂର୍ବତନ ପଞ୍ଚାୟତ ସମ୍ପାଦକଙ୍କୁ ହତ୍ୟା

ଭଞ୍ଜନଗର, ୬।୧୦ (ସମିସ): ଭଞ୍ଜନଗର ଥାନା ଅନ୍ତର୍ଗତ ବୁଢୁଲି ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଏଥିରେ ମୁଜାଗଡ଼ ପଞ୍ଚାୟତର ପୂର୍ବତନ ସମ୍ପାଦକ ପଞ୍ଚୁ ବେହେରା (୬୫)ଙ୍କ ମୃତ୍ୟୁ ଘଟିଛି। ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ନଂ୧୧୩୦/୨୫ରେ ଏକ ହତ୍ୟା ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ସୂଚନାନୁସାରେ, ରବିବାର ସନ୍ଧ୍ୟାରେ ଗ୍ରାମର କିଛି ଯୁବକଙ୍କ ସହ ଅନ୍ୟ ଅନ୍ୟ ଏକ ଗ୍ରାମର ଜଣେ ଯୁବକଙ୍କ ବଚସା ହୋଇଥିଲା। ପଞ୍ଚୁ ବେହେରାଙ୍କ ଦୋକାନ ସମ୍ମୁଖରେ ଏହି ଝଗଡ଼ା ହୋଇଥିଲା। ଏହି ସମୟରେ ଦୋକାନରେ ଥିବା ପଞ୍ଚୁଙ୍କ ଦୁଇ ପୁଅ ମଧ୍ୟ କିଛି କହିବାରୁ ସେମାନଙ୍କ ସହ ଝଗଡ଼ା ହେବା ସହ ପରସ୍ପରକୁ ଆକ୍ରମଣ କରିଥିଲେ। ପରେ ପଞ୍ଚୁ ଖବର ପାଇ ଘଟଣାସ୍ଥଳକୁ ଯିବା ସମୟରେ ତାଙ୍କୁ ମଧ୍ୟ ଆକ୍ରମଣ କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ଗୋଷ୍ଠୀଙ୍କୁ ବୁଝାସୁଝା କରି ଫେରିଆସିଥିଲା। ଏହାର କିଛି ସମୟ ପରେ ପଞ୍ଚୁ ଘରେ ବାନ୍ତି କରିବାରୁ ପରିବାରଲୋକେ ତାଙ୍କୁ ଭଞ୍ଜନଗର ହସ୍ପିଟାଲରେ ଭର୍ତ୍ତି କରାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପଞ୍ଚୁଙ୍କ ରାତି ପ୍ରାୟ ୧୨ଟାରେ ମୃତ୍ୟୁ ହୋଇଥିଲା। ଅପରପକ୍ଷେ, ବିପକ୍ଷ ଗୋଷ୍ଠୀର ମଧ୍ୟ ଏକାଧିକ ଆହତ ହୋଇଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଛି।

## ୱାଶିଂଟନ୍ ଜଗନ୍ନାଥ ମନ୍ଦିରରେ ଗୁରୁଜୀ ଚନ୍ଦ୍ରଭାନୁ

# 'ବସୁଧୈବ କୁଟୁମ୍ବକମ୍'ରେ ପ୍ରାଣୀ ସମାଜ ବି ଅନ୍ତର୍ଭୁକ୍ତ



ଭୁବନେଶ୍ୱର, ୬।୧୦(ସମିସ): ବସୁଧୈବ କୁଟୁମ୍ବକମ୍‌ର ଅର୍ଥ ସମଗ୍ର ବିଶ୍ୱ କେବଳ ଏକ ପରିବାର ନୁହେଁ, ସମଗ୍ର ପ୍ରାଣୀ ସମାଜ ମଧ୍ୟ ଏହାର ଅନ୍ତର୍ଭୁକ୍ତ। ଆମେରିକାର ସିଆଟେଲଠାରେ ଆୟୋଜିତ 'ଶ୍ରୀଗୁରୁ ଭାଗବତ: ଭାରତର ବସୁଧୈବକୁଟୁମ୍ବକମ୍‌ର ବାର୍ତ୍ତା' ଶୀର୍ଷକ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମହାନ୍ ଆଧ୍ୟାତ୍ମିକ ଚିନ୍ତକ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ଏହା କହିଛନ୍ତି। ସିଆଟେଲସ୍ଥିତ ଭାରତୀୟ ବାଣିଜ୍ୟ ଦୂତାବାସଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଭାରତର କନସୁଲେଟ୍ ଜେନେରାଲ ପ୍ରକାଶ ଗୁପ୍ତା ସ୍ୱାଗତ ଭାଷଣ ଦେଇଥିବା ବେଳେ ଶ୍ରୀଗୁରୁ ଭାଗବତର ପ୍ରାର୍ଥନା ଉପରେ ଓଡ଼ିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ଏହି ଅବସରରେ ସାହିତ୍ୟ, ସଂଗୀତ ଏବଂ ଆଧ୍ୟାତ୍ମିକତା ମାଧ୍ୟମରେ ମାନବ ସମାଜ ପ୍ରତି ଉଲ୍ଲେଖନୀୟ ଅବଦାନ ନିମନ୍ତେ ଗୁରୁଜୀ ଡ. ଶତପଥୀଙ୍କୁ କନସୁଲ ଜେନେରାଲ ଶ୍ରୀ ଗୁପ୍ତା ସମ୍ମାନିତ କରିଥିଲେ। ଗୁରୁଜୀଙ୍କ ତିନୋଟି ପୁସ୍ତକ ଶିରିଡ଼ି ସାଇବାବା ଏନ୍ ଇନସ୍ପାଇରିଙ୍ଗ ଲାଇଫ, ଶିରିଡ଼ି ସାଇବାବା ଏକ ପ୍ରେରଣାଦାୟୀ ଜୀବନ(ହିନ୍ଦୀ) ଏବଂ ଓଡ଼ିଆ, ହିନ୍ଦୀ ଓ ଇଂରାଜୀ ଭାଷାରେ ରଚିତ ପିତାମାତା ସ୍ତବକ ଉନ୍ମୋଚିତ ହୋଇଥିଲା। ସୂଚନାଯୋଗ୍ୟ, ୱାଶିଂଟନ୍ ବ୍ରଥେଲସ୍ଥିତ ହିନ୍ଦୁମନ୍ଦିର ପକ୍ଷରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶେଷ ପୂଜା ନିମନ୍ତେ ଗୁରୁଜୀଙ୍କୁ ଆମନ୍ତ୍ରଣ କରାଯାଇଥିଲା।

## ଥମୁନି ସୁନା, ରୁପା ଦର ବୃଦ୍ଧି

# ସୁନା ୧.୨୦ ଲକ୍ଷ, ରୁପା କିଲୋ ୧.୬୫ ଲକ୍ଷ

ଭୁବନେଶ୍ୱର,୬।୧୦(ଏଜେନ୍ସି): ଘରୋଇ ବଜାରରେ ଉପରମୁହାଁ ସୁନା ଓ ରୁପା ଦର। ଦର ବୃଦ୍ଧିରେ ଲାଗୁନି ଲଗାମ୍। ଇତିମଧ୍ୟରେ ପ୍ରଥମ ଥର ପାଇଁ ସୁନା ଦର ଏହାର ସବୁ ପୁରୁଣା ରେକର୍ଡ ଭାଙ୍ଗି ଐତିହାସିକ ରେକର୍ଡ ସ୍ତରରେ ୧୦ ଗ୍ରାମ ପିଛା ୧.୨୦ ଲକ୍ଷ ଟଙ୍କା ଅତିକ୍ରମ କରିଛି। ଆମେରିକାରେ ମାନ୍ଦାବସ୍ଥା ଆଶଙ୍କା ଏବଂ ବିବାହ ଋତୁରେ ସୁନା ଚାହିଦାରେ ବୃଦ୍ଧି ଯୋଗୁ ଏଭଳି ମୂଲ୍ୟ ବୃଦ୍ଧି ହୋଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋ ପିଛା ପ୍ରଥମ ଥର ପାଇଁ ୧.୬୫ ଲକ୍ଷ ଟଙ୍କା ଟପିଛି।

ଚଳିତ ବର୍ଷ ସୁନା ଦର ଏଭଳି ବୃଦ୍ଧି ପାଇଛି ଯେ, ଇତି ମଧ୍ୟରେ ୪୦ ଥର ଏହା ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି। ସୁନା ମୂଲ୍ୟ ବୃଦ୍ଧିର ଏକ ପ୍ରମୁଖ କାରଣ ହେଉଛି ବିଶ୍ୱର ଅନେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ନିରନ୍ତର ସୁନା କ୍ରୟ କରିବା। ଗତ ୨୮ ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୨୭ଥର ସୁନା କିଣିଛନ୍ତି। ଅଗଷ୍ଟରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ୧୫ ଟନ୍ ସୁନା କିଣିଛନ୍ତି। ଆଶ୍ଚର୍ଯ୍ୟଜନକ କଥା ହେଉଛି , କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ ଗତ ଅଗଷ୍ଟ ମାସରେ ବିଶ୍ୱ ରିଜର୍ଭର ଅଧା ସୁନା କିଣିନେଇଛି, ଯାହାର ପରିମାଣ ୮ ଟନ୍ ହେବ। ଫଳରେ କାଜାଖସ୍ତାନର ସୁନା ଭଣ୍ଡାର ୩୦୮ ଟନ୍ ରେ ପହଞ୍ଚିଛି। ବୁଲଗେରିଆ, ତୁର୍କୀ ଏବଂ ଚୀନର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ମଧ୍ୟ ପ୍ରତ୍ୟେକ ୨ ଟନ୍ ସୁନା କିଣିଛନ୍ତି। ଚୀନର କେନ୍ଦ୍ରୀୟ ବ୍ୟାଙ୍କ ଲଗାତାର ୧୦ମ ମାସ ପାଇଁ ସୁନା କିଣିଛି। ଏହିପରି ଭାବେ ଚୀନର କେନ୍ଦ୍ରୀୟ ବ୍ୟାଙ୍କର ସୁନା ଭଣ୍ଡାର ପ୍ରଥମ ଥର ପାଇଁ ୨୩୦୦ ଟନ୍ ଅତିକ୍ରମ କରିଛି। ତଥାପି, ସୁନା ସଂରକ୍ଷଣରେ ଆମେରିକା ଆଗରେ ରହିଛି। ବିଶ୍ୱର ସର୍ବବୃହତ ଅର୍ଥନୀତିର କେନ୍ଦ୍ରୀୟ ବ୍ୟାଙ୍କ ପାଖରେ ୮୧୩୩ ଟନ୍ ସୁନା ରହିଛି। ଆଶ୍ଚର୍ଯ୍ୟଜନକ ଭାବରେ ଗତ ୨୫ ବର୍ଷ ମଧ୍ୟରେ ଆମେରିକାର ସୁନା ସଂରକ୍ଷଣ ଅପରିବର୍ତ୍ତିତ ରହିଛି। ନିବେଶ ଲାଗି ସୁରକ୍ଷିତ ମାଧ୍ୟମ ହେବା ସହ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ଦ୍ୱାରା ପ୍ରଚୁର ମାତ୍ରାରେ ସୁନା କ୍ରୟ ଏହି ଧାତୁର ମୂଲ୍ୟ ମହଙ୍ଗା କରୁଥିବା ବଜାର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

ଆଜି ନୂଆଦିଲ୍ଲୀର ସରାଫା ବଜାରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୦,୭୭୦ ଟଙ୍କାରେ ପହଞ୍ଚି ନୂଆ ରେକର୍ଡ କରିଛି। ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ଅପରପକ୍ଷେ ରାଜଧାନୀ ଭୁବନେଶ୍ୱରରେ ସୋମବାର ୧୦ ଗ୍ରାମ ପିଛା ୨୪ କ୍ୟାରେଟ୍ ସୁନା ଦର ରେକର୍ଡ ୧,୨୦,୬୪୦ ଟଙ୍କାରେ ପହଞ୍ଚିଛି। ସେହିପରି ୨୨ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ପ୍ରଥମ କରି ୧,୧୦,୭୦୦ ଟଙ୍କା ହୋଇଛି। ତେବେ ରୁପା କିଲୋ ପିଛା ୧,୬୫,୦୦୦ ଟଙ୍କା ଛୁଇଁ ନୂଆ ଇତିହାସ ରଚିଛି।



■ ଭାଙ୍ଗିଲା ସବୁ ରେକର୍ଡ
■ ଅଧା ସୁନା କିଣି ନେଲା କାଜାଖସ୍ତାନର କେନ୍ଦ୍ରୀୟ ବ୍ୟାଙ୍କ

# ଶିଶୁକନ୍ୟାକୁ ଦୁଷ୍କର୍ମ, ଯୁବକ ଅଟକ

ଜଳେଶ୍ୱର ବ୍ଲକ, ୬।୧୦ (ସମିସ): ଜଳେଶ୍ୱର ଅଞ୍ଚଳରେ ପୁଣି ଲଜ୍ଜା। ୬ ବର୍ଷର ଏକ ଶିଶୁକନ୍ୟାକୁ ଦୁଷ୍କର୍ମ କରାଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଏହି ଘଟଣାରେ ପୁଲିସ ନିତ୍ୟଗୋପାଳ ସାହୁ (୩୫) ନାମକ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଘରେ କେହି ନଥିବାରୁ ସୁଯୋଗ ନେଇ ଶିଶୁକନ୍ୟାକୁ ଅଭିଯୁକ୍ତ ଯୁବକ ଉଠାଇନେଇ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ମା' ଜଳେଶ୍ୱର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖିଥିବାବେଳେ ଶିଶୁକନ୍ୟାକୁ ଚିକିତ୍ସା ପାଇଁ ଡାକ୍ତରଖାନା ପଠାଇଛି।

# ଲାଞ୍ଚ ନେଇ ଧରାପଡ଼ିଲେ ଜେଇ, ଜିଆର୍‌ଏସ୍

କୁନ୍ଦୁରା, ୬।୧୦(ସମିସ): କୁନ୍ଦୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଥିବା ସରକାରୀ ବାସଭବନରେ ଭିଜିଲାନ୍ସ ଚଢ଼ଉ କରିଛି। କୁନ୍ଦୁରା ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ (ଜେଇ) ଲମ୍ବୋଦର ନାୟକ ଓ ଜିଆରଏସ୍ ଲକ୍ଷ୍ମୀକାନ୍ତ ବିଶୋଇ ମନେରେଗା କାମର ବକେୟା ବିଲ ବାବଦକୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଜୟପୁର ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି। ସେମାନେ ପ୍ରଫୁଲ୍ଲ କୁମାର ସ୍ୱାଇଁଙ୍କଠାରୁ ଏହି ଲାଞ୍ଚ ଟଙ୍କା ନେଉଥିଲେ। ତେବେ ଭିଜିଲାନ୍ସକୁ ଚକମା ଦେଇ ଜିଆରଏସ୍ ଶ୍ରୀ ବିଶୋଇ ଖସିଯାଇଥିବା ସୂଚନା ମିଳିଛି। ଅଭିଯୋଗକାରୀ ୬ଲକ୍ଷ ଟଙ୍କାର ମନେରେଗା କାମ ପାଇଥିଲେ। ବକେୟା ବିଲ୍ ୩ ଲକ୍ଷ ୧୭ ୬ ହଜାର ଟଙ୍କା କରାଇ ଦେବାକୁ ଏମାନେ ୭୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ପୂର୍ବରୁ ୨୦ ହଜାର ଟଙ୍କା ଅଭିଯୋଗକାରୀ ଦେଇଥିବା ବେଳେ ଆଜି ଆଉ ୨୦ ହଜାର ଟଙ୍କା ଦେଉଥିବା ବେଳେ ପୂର୍ବ ପ୍ରସ୍ତୁତି ଅନୁସାରେ ଏମାନଙ୍କୁ ମାଡ଼ି ବସିଥିଲେ ଜୟପୁର ଭିଜିଲାନ୍ସର କର୍ମଚାରୀ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଢୋଲ ଭିତରେ...

ତାର ଆକାଉଣ୍ଟକୁ ଟଙ୍କା ପଠାଇଥିବା ବ୍ୟକ୍ତିମାନେ କିଏ ତାହାର ଅନୁସନ୍ଧାନ କରାଯାଉଛି।

ତେବେ ନିଯୁକ୍ତି ବେପାରରେ ୩ଟି ପ୍ରଶ୍ନ ସମ୍ପର୍କରେ ଓପିଆର୍‌ବିର ନିରବତା ଅନେକ ସନ୍ଦେହ ସୃଷ୍ଟି କରିଛି। ନିଯୁକ୍ତି ପରୀକ୍ଷା ପରିଚାଳନା ପାଇଁ ଆଇଟିଆଇ ଲିମିଟେଡ୍ ଓପିଆର୍‌ବି ସହ ଚୁକ୍ତିବଦ୍ଧ ହୋଇଥିବାବେଳେ କେଉଁ ପରିସ୍ଥିତିରେ ସିଲିକନ୍ ଟେକ୍‌ଲାବ୍‌କୁ ସବ୍‌ଲେଟ୍ କରାଗଲା ତାହା ଏଯାଏ ସ୍ପଷ୍ଟ ହୋଇପାରି ନାହିଁ। ସେହିପରି ସବ୍‌ଲେଟ୍ ପାଇଥିବା ସିଲିକନ୍ ଟେକ୍‌ଲାବ୍ ଅନ୍ୟ ଏକ ଅଖ୍ୟାତ ସଂସ୍ଥା ପଞ୍ଚସଫ୍ଟକୁ ସବ୍‌ଲେଟ୍ ବେଳେ କିଏ ଏଥିପାଇଁ ଅନୁମତି ଦେଇଥିଲା ସେ ସମ୍ପର୍କରେ ଓପିଆର୍‌ବି ମୁହଁ ଖୋଲୁ ନାହିଁ। ଏ ସମ୍ପର୍କରେ ଓପିଆର୍‌ବି ଏକତରଫା ନିଷ୍ପତ୍ତି ନେଇଥିଲା ନା ସରକାରରୁ ଏଥିପାଇଁ ଅନୁମତି ନିଆଯାଇଥିଲା ତାହା ବି ସ୍ପଷ୍ଟ ନୁହେଁ। ଏହି ପରିପ୍ରେକ୍ଷୀରେ ଆଇଟିଆଇ କାହିଁକି ନିରବତା ଅବଲମ୍ବନ କରୁଛି ଓ ଓପିଆର୍‌ବି ନିଜ ଭୂମିକା କାହିଁକି ସ୍ପଷ୍ଟ କରୁନାହିଁ ତାହା ବି ଜଣାପଡୁ ନାହିଁ।

### ବାଲେଶ୍ୱରରୁ ଆଉ...

ଆଶାୟୀଙ୍କ ସହ ଯୋଗାଯୋଗ କରୁଥିଲେ। ଶଙ୍କର ପୃଷ୍ଟି ସହ ସେମାନଙ୍କ ଭେଟ କରାଉଥିଲେ ଓ ଆଶାୟୀଙ୍କଠାରୁ ଅଗ୍ରୀମ ଅର୍ଥ ଆଦାୟ କରୁଥିଲେ। ପ୍ରତି ବଦଳରେ ଆଦାୟ ଅର୍ଥର ୧୦% କମିଶନ ତାଙ୍କୁ ପ୍ରଦାନ କରାଯାଉଥିଲା।

### ଦୁଇ ପର୍ଯ୍ୟାୟରେ...

ରହିବ। ଶେଷ ପର୍ଯ୍ୟାୟ ମତଗଣନା ପୂର୍ବରୁ ପୋଷ୍ଟାଲ ଭୋଟ୍ ଗଣତି ସଂପନ୍ନ ହେବ। ସେ କହିଲେ ଯେ ୨୨ ବର୍ଷ ପରେ ବିହାରରେ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସ୍‌ଆଇଆର ସଫଳତା ସହିତ ସଂପନ୍ନ ହୋଇଛି। ଏବେ ରାଜ୍ୟରେ ଭୋଟର ସଂଖ୍ୟା ୭ କୋଟି ୪୩ ଲକ୍ଷ ଥିବା ବେଳେ ୧୪ ଲକ୍ଷ ଭୋଟର ପ୍ରଥମ ଥର ଲାଗି ମତଦାନ କରିବେ।

ଏହାସହିତ ଓଡ଼ିଶାର ନୂଆପଡ଼ା ସମେତ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଆସନ୍ତା ମାସ ୧୧ ତାରିଖରେ ଉପନିର୍ବାଚନ ହେବ। ଏହାର ଫଳାଫଳ ମଧ୍ୟ ୧୪ ତାରିଖରେ ଘୋଷଣା କରାଯିବ।

ସୂଚନାଯୋଗ୍ୟ ଯେ ବିହାରରେ କମିସନଙ୍କ ପକ୍ଷରୁ ହୋଇଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ବା ଏସଆଇଆର୍‌କୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ବିଭିନ୍ନ ବିରୋଧୀ ଦଳ ଏହାର ବିରୋଧ କରି ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ କୋର୍ଟରେ ଏହାର ବିଚାର ଚାଲିଛି। ସଂଶୋଧନ ପ୍ରକ୍ରିୟା ।।ରେ ୬୮ ଲକ୍ଷ ୬୬ ହଜାର ଭୋଟରଙ୍କ ନାମ କାଟି ଦିଆଯାଇଥିବା ବେଳେ ୨୧ ଲକ୍ଷ ୫୩ ହଜାର ଭୋଟରଙ୍କ ନାମ ଯୋଡ଼ା ହୋଇଛି। ୨୦୨୪ରେ ରାଜ୍ୟରେ ମୋଟ ଭୋଟର ସଂଖ୍ୟା ୭ କୋଟି ୮ ୯ ଲକ୍ଷ ଥିବା ବେଳେ ଏବେ ଏହା ୭ କୋଟି ୪୩ ଲକ୍ଷକୁ ହ୍ରାସ ପାଇଛି।

### ନଭେମ୍ବର ୧୧ରେ...

ପରେ ଆଜିଠାରୁ ଆଚରଣ ବିଧି ଲାଗୁ ହୋଇଛି। ଏହା ସହ ନିର୍ବାଚନକୁ ସ୍ୱଚ୍ଛ ଏବଂ ଶୃଙ୍ଖଳିତ କରିବା ପାଇଁ ସମସ୍ତ ବୁଥରେ ୱେବ କାଷ୍ଟିଂ କରାଯିବ ବୋଲି ସିଇଓ ସୂଚନା ଦେଇଛନ୍ତି।

ସୋମବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ଗୋପାଳନ କହିଛନ୍ତି ଯେ ନୂଆପଡା ବିଧାନସଭା ଉପନିର୍ବାଚନରେ ମୋଟ ୨ ଲକ୍ଷ ୪୮ ହଜାର ୨୫୬ ଜଣ ଭୋଟର ନିଜ ମତାଧିକାର ସାବ୍ୟସ୍ତ କରିବେ। ତନ୍ମଧ୍ୟରେ ୧ ଲକ୍ଷ ୨୨ ହଜାର ୧୦୩ ପୁରୁଷ, ୧ ଲକ୍ଷ ୨୬ ହଜାର ୧୩୨ ମହିଳା ଅଛନ୍ତି। ସେହିପରି ମୋଟ ଭୋଟରଙ୍କ ମଧ୍ୟରେ ୪ ହଜାର ଭିନ୍ନକ୍ଷମ ଏବଂ ୨୦୦୭ ଜଣ ୮୫ ବର୍ଷରୁ ଅଧିକ ବରିଷ୍ଠ ନାଗରିକ ଅଛନ୍ତି। ମୋଟ ୩୫୮ ମତଦାନ କେନ୍ଦ୍ରରେ ମତଦାନ ହେବ। ଏହି ଉପନିର୍ବାଚନରେ ବ୍ୟବହାର ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଇଭିଏମ ଏବଂ ଭିଭିପାଟ୍ ର ବ୍ୟବସ୍ଥା କରାଯାଇଛି। ଆବଶ୍ୟକୀୟ ସଂଖ୍ୟକ ଇ.ଭି. ଏମ ଅର୍ଥାତ୍ ମତଦାନ କେନ୍ଦ୍ର ସଂଖ୍ୟାର ୨୦୦ ପ୍ରତିଶତ ଯଥା ୭୨୦ ବାଲଟ୍ ୟୁନିଟ୍, ୭୨୦ କଣ୍ଟ୍ରୋଲ ୟୁନିଟ୍ ଏବଂ ୭୨୦ ଭି.ଭି.ପାଟ୍ ପୂର୍ବରୁ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ ନୂଆପଡ଼ା ଜିଲ୍ଲାପାଳଙ୍କ ପାଖରେ ଉପନିର୍ବାଚନରେ ବ୍ୟବହାର ପାଇଁ ଉପଲବ୍ଧ ଅଛି। ୮୫ ବର୍ଷରୁ ଅଧିକ ବୟସ୍କ ଏବଂ ଭିନ୍ନକ୍ଷମ ଭୋଟର (ଇ-ରୋଲରେ ଚିହ୍ନିତ) ଭୋଟର ମାନଙ୍କୁ ୧୨-ଡି ଫର୍ମ (ଅର୍ଥାତ୍ ଆବେଦନ ଫର୍ମ) ବଣ୍ଟନ କରାଯିବ। ଯାହା ସେମାନଙ୍କୁ ପୋଷ୍ଟାଲ୍ ବାଲଟ୍ ମାଧ୍ୟମରେ ଭୋଟ ଦେବାର ବିକଳ୍ପ ବ୍ୟବହାର କରିବାରେ ସାହାଯ୍ୟ କରିବ। ସେହିପରି ଏଜେଣ୍ଟମାନେ ବୁଥ ଭିତରକୁ ମୋବାଇଲ ନେଇପରିବେ ନାହିଁ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ କୁମାର ସାହୁ, ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡଃ ଲକ୍ଷ୍ମୀ ପ୍ରସାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଗର୍ଜିଲା ବିଜୁ ଯୁବ...

ଏହାକୁ ଅକ୍ଟୋବର ୭ ଓ ୮ରେ କରିବା ପାଇଁ ସ୍ଥିର କରାଯାଇଥିଲା, ଯାହାକୁ ୩୦ ସେପ୍ଟେମ୍ବର ଦିନ ଆଉଥରେ ବାତିଲ କରାଯାଇଛି। ଏହି ନିଯୁକ୍ତି ଜାଲିଆତିରେ ସମ୍ପୃକ୍ତ ଥିବା ୧୧୪ ଜଣ ପରୀକ୍ଷାର୍ଥୀ ଓ ୪ ଜଣ ଦଲାଲଙ୍କୁ ଶ୍ରୀକାକୁଲମ ପୁଲିସ ଦ୍ୱାରା ଗିରଫ କରାଯାଇଛି। ନିଯୁକ୍ତି ପାଇଁ ପରୀକ୍ଷା ପରିଚାଳନା ପାଇଁ ଦାୟିତ୍ୱରେ ଥିବା ସଂସ୍ଥା ଦ୍ୱାରା ସେମାନଙ୍କୁ ସ୍ୱତନ୍ତ୍ର ତାଲିମ ମାଧ୍ୟମରେ ଜାଲିଆତି ହୋଇଥିବା ଅଭିଯୋଗ ହୋଇଛି।

ଅନ୍ୟପକ୍ଷରେ ଗିରଫ ପରୀକ୍ଷାର୍ଥୀମାନେ ମୋଟା ଅଙ୍କର ଲାଞ୍ଚ ଦେଇ ଏହି ଚାକିରି ହାତେଇବା ପାଇଁ ଉଦ୍ୟମ କରୁଥିଲେ ବୋଲି କୁହାଯାଉଛି। ଏହି ନିଯୁକ୍ତି ଜାଲିଆତିରେ ପ୍ରାୟ ୨୦୦ କୋଟି ଟଙ୍କା କାରବାର ହୋଇଥିବା କୁହାଯାଉଛି। ତେବେ ଲାଞ୍ଚ ଦେବା ଅଭିଯୋଗରେ ପରୀକ୍ଷାର୍ଥୀମାନେ ଯଦି ଗିରଫ ହେଲେ; ଲାଞ୍ଚ ଗ୍ରହଣ କରିଥିବା ବ୍ୟକ୍ତିମାନେ ଗିରଫ ହେଉ ନାହାନ୍ତି କାହିଁକି। ବିଶେଷକରି କେଉଁ ପରିସ୍ଥିତିରେ ଓ କାହା ନିର୍ଦ୍ଦେଶରେ ପଞ୍ଚସଫ୍ଟ ଭଳି ଏକ ଅନଭିଜ୍ଞ କମ୍ପାନୀକୁ ଏଭିଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା ବୋଲି ବିଜୁ ଯୁବ ଓ ଛାତ୍ର ଜନତା ଦଳ ପ୍ରଶ୍ନ କରିଛି। ଏବେ ଘଟଣାର ତଦନ୍ତ ପୁଲିସ କରୁଛି, ଯିଏ ନିଜେ ଏଥିରେ ସମ୍ପୃକ୍ତ ଅଛନ୍ତି। ବିଜୁ ଯୁବ ଓ ଛାତ୍ର ଜନତା ଦଳର ଦୁଇ ସଭାପତି ଚିନ୍ମୟ ସାହୁ ଓ ଇପ୍ସିତା ସାହୁ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିବାବେଳେ ଦଳର ସାଧାରଣ ସମ୍ପାଦକ ପ୍ରୀତିରଞ୍ଜନ ଘଡ଼େଇ, ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ମନ୍ମଥ ରାଉତରାୟ ଓ ଅମରେଶ ପତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଆଉ ୨୪ ଘଣ୍ଟା...

୧୨ଘଣ୍ଟା ବାକି ରହିଥିଲା। ଆଜି ପୁଣି ଥରେ ପ୍ରଶାସନ ପକ୍ଷରୁ ଆଉ ୨୪ଘଣ୍ଟା କର୍ଫ୍ୟୁର ଅବଧିକୁ ବଢ଼ାଇ ଦିଆଯାଇଛି। ସେହିପରି ଇଣ୍ଟରନେଟ୍ ସେବାକୁ ଅଧିକ ୨୪ଘଣ୍ଟା ପାଇଁ ଅଚଳ କରିଦିଆଯାଇଛି। ପୁଲିସ କମିଶନର ଏସ୍ ଦେବଦତ୍ତ ସିଂ ଓ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓଙ୍କ ମିଳିତ ତତ୍ତ୍ୱାବଧାନରେ ୬୦ପ୍ଲାଟୁନ୍ ପୁଲିସ ଫୋର୍ସ ସହରକୁ ଜଗି ରହିଛନ୍ତି। ବିଶେଷଃ କରି ଦରଘାବଜାର ଥାନା, ମଙ୍ଗଳାବାଗ ଥାନା, ଲାଲବାଗ ଥାନା, ପୁରୀଘାଟ ଥାନା, ବିଡ଼ାନାସୀ ଥାନା,ମର୍କତନଗର ଥାନା, ସିଡିଏ ଫେଜ୍-୨ଥାନା, କ୍ୟାଣ୍ଟନ୍‌ମେଣ୍ଟ ଥାନା, ମାଲଗୋଦାମ ଥାନା, ବାଦାମବାଡ଼ି ଥାନା, ଜଗତପୁର ଥାନା, ୪୨ମୌଜା ଥାନା ଏବଂ ସଦର ଥାନା ଅଞ୍ଚଳକୁ କମିଶନରେଟ୍ ପୁଲିସ କଡ଼ା ସୁରକ୍ଷା ବଳୟ ମଧ୍ୟରେ ରଖିଛି। ଆଜି ସନ୍ଧ୍ୟା ସୁଦ୍ଧା ପୁଲିସ ମୋଟ୍ ୩ଟି ମାମଲା ରୁଜୁ କରିବା ସହ ୮ଜଣଙ୍କୁ ଗିରଫ କରିଛି। ମୋଟ୍ ୧୩ଟି ଥାନା ଅଞ୍ଚଳରୁ ୩୦୦ରୁ ଅଧିକ କର୍ଫ୍ୟୁ ଆଇନ ଉଲ୍ଲଙ୍ଘନକାରୀଙ୍କୁ ପୁଲିସ ଅଟକ ରଖିଛି। ତେବେ କର୍ଫ୍ୟୁର ବାକି ୧୨ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିଥିବା ବେଳେ ଦରଘାବଜାର ଅଞ୍ଚଳରେ ମୋଟ୍ ୫ କମ୍ପାନୀ ଫୋର୍ସ ମୁତୟନ କରାଯାଇଛି। ଉପଦ୍ରବକାରୀ ଆଇନକୁ ହାତକୁ ନନେବାକୁ ପୁଲିସ କମିଶନର ଶ୍ରୀ ସିଂ କଡ଼ା ଚେତାବନୀ ଦେଇଛନ୍ତି। ଯଦି କୌଣସି ବ୍ୟକ୍ତି ଲାଗୁ ହୋଇଥିବା ସାନ୍ଧ୍ୟା ଆଇନକୁ ଉଲ୍ଲଙ୍ଘନ କରନ୍ତି, ତେବେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କମିଶନର ଶ୍ରୀ ସିଂ କହିଛନ୍ତି।

ସୂଚନା ଅନୁସାରେ, ଆଜି ସହରର ସମସ୍ତ ପ୍ରବେଶ ଓ ପ୍ରସ୍ଥାନ ପଥକୁ ସିଲ୍ କରି ଦିଆଯାଇଥିଲା। ସଂଘବଦ୍ଧ ଭାବେ ସହର ମଧ୍ୟକୁ ପ୍ରବେଶ ବା ପ୍ରସ୍ଥାନ କରିବାକୁ ଅନୁମତି ମିଳିନଥିଲା। କେବଳ ଜରୁରୀ କାଳୀନ ସେବାକୁ ବାଦ ଦେଲେ ଅନ୍ୟ ସମସ୍ତ ସେବାକୁ ବନ୍ଦ ରଖାଯାଇଥିଲା। ଆଜି ପୁଣି ଥରେ କମିଶନରେଟ୍ ପୁଲିସ ଓ ଅର୍ଦ୍ଧ ସାମରିକ ବଳ ପକ୍ଷରୁ ଦରଘାବଜାର ଥାନା ନିକଟରୁ ଏକ ଫ୍ଲାଗମାର୍ଚ୍ଚ ବାହାରି କଦମରସୁଲ, ଦରଘାବଜାର, ନିମସାହି, ଝୋଲାସାହି, କାଠଗଡ଼ା ସାହି ପରିକ୍ରମା କରି ଦରଘା ବଜାର ଥାନା ନକଟରେ ଶେଷ ହୋଇଥିଲା। ଥାନାୱାରୀ ଆଇଆଇସିମାନେ ୨ଟି ସ୍କ୍ୱାର୍ଡ ସହିତ ନିଜ ନିଜ ଅଞ୍ଚଳରେ ସ୍ୱତନ୍ତ୍ର ପାଟ୍ରୋଲିଂ କରିଥିଲେ। ପ୍ରମୁଖ ଛକ, ଗଳି ଏବଂ ମୁଖ୍ୟ ରାସ୍ତା ଗୁଡ଼ିକରେ ପୁଲିସ ଛାଉଣୀ ଦେଖିବାକୁ ମିଳିଥିଲା। ସହରର ମଙ୍ଗଳାବାଗ, ବକ୍ସିବଜାର, ତିନିକୋଣିଆ ବଗିଚା, ଦରଘାବଜାର, ଚୌଧୁରୀବଜାର ଭଳି ଅଞ୍ଚଳରେ ପୂର୍ବାହ୍ନରେ କେତେକ ଉପଦ୍ରବକାରୀ ବାହାରେ ବୁଲୁଥିବା ଦେଖିବାକୁ ମିଳିଥିଲା। ପୁଲିସ ସେମାନଙ୍କୁ ଥାନାରେ ଅଟକ ରଖିଥିବା ବେଳେ ଅନେକ ଅମାନିଆଙ୍କୁ ମାଡ଼ ମାରି ଛାଡ଼ି ଦେଇଥିବା ଜଣାପଡ଼ିଛି।

### ଜନଜୀବନ କଲବଲ...

ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ରୋଚାର ବନ୍ଦ ରହିଥିଲା। ସେହିପରି ବ୍ୟାଙ୍କ୍‌ଗୁଡ଼ିକରେ ଅନଲାଇନ୍ ସେବା ବନ୍ଦ ହୋଇଯିବାରୁ ଚେକ୍ ଦେଣନେଣ ଓ ଆର୍ଥିକ କାରବାର ବାଧାପ୍ରାପ୍ତ ହୋଇଥିଲା। ଏଥିଯୋଗୁଁ ୧୦ରୁ ୧୨ହଜାର କୋଟି ଟଙ୍କାର କାରବାର ବନ୍ଦ ହୋଇଯାଇଥିଲା। ବୀମା କାରବାରରେ ମଧ୍ୟ ସମସ୍ୟା ପରିଲକ୍ଷିତ ହୋଇଥିଲା।

ସହରରେ ପରିବହନ ବ୍ୟବସ୍ଥା ମଧ୍ୟ ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ସିଏନ୍‌ବିଟିରେ ଶହଶହ ଯାତ୍ରୀ ବସ୍‌କୁ ଅପେକ୍ଷା କରି ରହିଥିଲେ। ରାସ୍ତାଘାଟ ପ୍ରାୟତଃ ଖାଁ ଖାଁ ହୋଇପଡ଼ିଥିବା ବେଳେ ଖୁବ୍ କମ୍ ବସ୍ ଚଳାଚଳ କରିଥିଲା। କେତେକ ବସ୍ ମାଲିକ କର୍ଫ୍ୟୁ ଦୃଷ୍ଟିରୁ ଗଣ୍ଡଗୋଳର ଆଶଙ୍କା କରି ବସ୍‌ଗୁଡ଼ିକ ଯାତାୟାତ ପାଇଁ ବନ୍ଦ କରିଥିଲେ। ଫଳରେ ଯାତ୍ରୀମାନେ ହଟହଟା ହୋଇଥିଲେ। ସେହିପରି ସହରରେ ଅଟୋ ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯିବାରୁ ଯାତ୍ରୀମାନେ ରେଳଷ୍ଟେସନ୍ ଓ ସିଏନ୍‌ବିଟି ବାହାରେ ଭିଡ଼ ଜମାଇଥିଲେ। ପୁଲିସ ଅଟୋ ଚାଳକଙ୍କୁ ଘଉଡ଼ାଇବାରୁ ମେଡିକାଲ ଭଳି ଜରୁରୀକାଳୀନ ସେବା ପାଇବାରୁ ରୋଗୀ ଓ ସମ୍ପର୍କୀୟ ବଞ୍ଚିତ ହୋଇଥିଲେ। ସେହିପରି, କର୍ଫ୍ୟୁ ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ କର୍ମଚାରୀଙ୍କ ଉପସ୍ଥାନ ହ୍ରାସ ପାଇଥିଲା। ସହରରେ ବିଭିନ୍ନ ପ୍ରମୁଖ ବ୍ୟବସାୟିକ ପ୍ରତିଷ୍ଠାନ ବନ୍ଦ ରହିଥିଲା। ସୂଚନାଯୋଗ୍ୟ,ପୂର୍ବରୁ ସହରରେ ଇଣ୍ଟରନେଟ୍ ସେବାକୁ ୨୪ଘଣ୍ଟା ପାଇଁ ବନ୍ଦ ରଖାଯାଇଥିବା ବେଳେ ଆଜି ପୁଣି ଏହି ଅବଧିକୁ ୨୪ଘଣ୍ଟା ବଢ଼ାଇ ଦିଆଯାଇଛି।

### ସିଜେଆଇଙ୍କୁ ଜୋତା...

ଦାୟିତ୍ୱରେ ଥିବା ସୁରକ୍ଷାକର୍ମୀ ସମ୍ପୃକ୍ତ ଓକିଲଙ୍କୁ ତୁରନ୍ତ କାବୁ କରି ନେଇ ତାଙ୍କୁ ବାହରକୁ ନେଇଯାଇଥିଲେ। ସନାତନ ଧର୍ମର ଅପମାନ ବରଦାସ୍ତ କରାଯିବ ନାହିଁ ବୋଲି ସେ ସ୍ଲୋଗାନ ଦେଉଥିବା ଶୁଣିବାକୁ ମିଳିଥିଲା। ତେବେ ପ୍ରଧାନ ବିଚାରପତି ଉପସ୍ଥିତ ଓକିଲଙ୍କୁ ଯୁକ୍ତି ଉପସ୍ଥାପନ ଜାରି ରଖିବାକୁ କହିଥିଲେ। ଏଭଳି ଘଟଣାରେ ବିଚଳିତ ନ ହେବାକୁ ସେ ପରାମର୍ଶ ଦେଇଥିଲେ।। ମୁଁ ମଧ୍ୟ ଏଥିରେ ଆଦୌ ବିଚଳିତ ନୁହଁ ବୋଲି ସେ କହିଥିଲେ।

ଏହାପରେ ଉକ୍ତ ଓକିଲଙ୍କୁ ପୁଲିସ ଥାନା ନେଇ ତିନି ଘଣ୍ଟା ଧରି ପଚରାଉଚରା କରିଥିଲା। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ତାଙ୍କୁ ଉଡ଼ି ଦିଆଯାଇଛି। ଅନ୍ୟପକ୍ଷରେ ବାର କାଉନସିଲ ତାଙ୍କର ଲାଇସେନ୍ସକୁ ରଦ୍ଦ କରିଛି। ଏଭଳି ଆକ୍ରମଣ ଘଟଣାର ନିନ୍ଦା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଆଜି ସନ୍ଧ୍ୟାରେ ଜଷ୍ଟିସ ଗଭାଇଙ୍କୁ ଫୋନ୍ କରି ଉଦ୍‌ବେଗ ଜଣାଇଛନ୍ତି ପ୍ରଧାନମନ୍ତ୍ରୀ। ଏହି ଘଟଣା ପ୍ରତ୍ୟେକଟି ଭାରତୀୟ ନାଗରିକଙ୍କୁ ବ୍ୟଥିତ କରିଥିବା ସେ କହିଛନ୍ତି। କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ମଧ୍ୟ ଏହାର ନିନ୍ଦା କରି ଏହାକୁ ଭାରତୀୟ ସମ୍ବିଧାନ ଉପରେ ଆକ୍ରମଣ ବୋଲି କହିଛନ୍ତି। ସମସ୍ତେ ଏକାଠି ହୋଇ ଏହାର ନିନ୍ଦା କରିବା ଉଚିତ।

ଉଲ୍ଲେଖଥାଉ କି, ପ୍ରଧାନ ବିଚାରପତି ଜଷ୍ଟିସ ଗଭାଇ ମଧ୍ୟପ୍ରଦେଶର ଖଜୁରାହୋରେ ଭଗବାନ ବିଷ୍ଣୁଙ୍କ ୭ ଫୁଟ ଉଚ୍ଚର ମୂର୍ତ୍ତିର ପୁନଃସ୍ଥାପନ ନେଇ ଦେଇଥିବା ମନ୍ତବ୍ୟରେ ଓକିଲ ଜଣକ ଅସନ୍ତୁଷ୍ଟ ଥିଲେ। ଭଗବାନ ବିଷ୍ଣୁଙ୍କ ଏହି ଖଣ୍ଡିତ ମୂର୍ତ୍ତିର ପୁନଃସ୍ଥାପନ ନେଇ ହୋଇଥିବା ଆବେଦନକୁ ସେ ଖାରଜ କରି ଆବେଦନକାରୀଙ୍କୁ କହିଥିଲେ ଯେ, ଯାଅ ଭଗବାନଙ୍କୁ କୁହ ସେ ନିଜ ମୂର୍ତ୍ତି ନିଜେ ଠିକ୍ କରନ୍ତୁ। କେବଳ ପ୍ରଚାର ପାଇଁ ଏଭଳି ଆବେଦନ କରନାହିଁ ବୋଲି ସେ କହିଥିଲେ। ଏହାକୁ ନେଇ ସାମାଜିକ ଗଣମାଧ୍ୟମରେ ଟ୍ରୋଲିଂ ହେବାରୁ ଜଷ୍ଟିସ ଗଭାଇ ସ୍ପଷ୍ଟୀକରଣ ଦେଇ କହିଥିଲେ ଯେ ତାଙ୍କର ମନ୍ତବ୍ୟକୁ ସାମାଜିକ ଗଣମାଧ୍ୟମରେ କଦର୍ଥ କରାଯାଇଛି। ମୁଁ ସବୁ ଧର୍ମକୁ ସମ୍ମାନ କରେ ବୋଲି ସେ କହିଥିଲେ। ପ୍ରଧାନ ବିଚାରପତିଙ୍କ ମନ୍ତବ୍ୟକୁ ଅତିରଞ୍ଜିତ କରାଯାଇଥିଲା ବୋଲି ସଲିସିଟର ଜେନେରାଲ ତୁଷାର ମେହେଟା ମଧ୍ୟ କହିଥିଲେ।

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
By Virtue of an affidavit before Executive Magistrate, Angul. **I, Manas Ranjan Pahadasingh,** S/o.: Late Manamohan Pahadasingh, Permanent & Current Address At/PO: Nuahata, P.S.: Banarpal, Dist: Angul (Odisha)-759128, have changed my minor Daughter's name from Saipriyanshi Pahadsingh to **Sushree Saipriyanshi Pahadsingh.** Henceforth she will be known as **Sushree Saipriyanshi Pahadsingh** for all purposes.

**NOTICE**
(Above 18 years of age)
By Virtue of an Affidavit sworn before the Notary Public, Udala, Mayurbhnaj, dated 02.09.2025, I, Golapi Singh, Address At- Mahalibasa, Po- Chandrapur, Ps- Khunta, Dist- Mayurbhanj, Pin- 757075 declare that I have changed my name Solapi Simgh to Golapi Singh. Henceforth I shall be known as Golapi Singh for all purposes.
**Golapi Singh**

**AFFIDAVIT**
By virtue of an affidavit CF No.11, dtd. 16.09.2025 before the Executive Magistrate Bhubaneswar, I, Mita Nayak, W/o- Laxmidhar Nayak, At- Bayababa Basti, PO- Bhoi Nagar, PS - Sahid Nagar, Bhubaneswar - 751022, Dist.- Khordha have changed my minor daughter's name from Sroswati Nayak to Nandini Nayak. Henceforth, she will be known as **Nandini Nayak** for all purposes.
**Sd/- Mita Nayak**

**NOTICE**
By virtue of an affidavit sworn before The Notary Public, Sunabeda dated 03/10/2025 I, Sri Paramananda Sisa, S/o- Bandhu Sisa, Vill.- Tansing, PO.- Kularsing, PS.- Padwa, District- Koraput declare that I have changed my sons name from **Kabuna Sisa** to **Babuni Sisa**. Henceforth, my son shall be known as **Babuni Sisa** for all purposes.
Sd/- **Paramananda Sisa**

**AFFIDAVIT**
I, **Mamata Rani Paikaray,** D/o: Jagabandhu Biswal, W/o- Bhaskar Chandra Paikaray resident of Vill: Baghamunda, P.O.: Nuagaon Badabhuin, P.S.: Brahmagiri, Dist.: Puri, Pin- 752011, Odisha declare by this affidavit No. 6381, dated: 04.10.2025, that now onwards I shall be known as **Mamata Paikaray** for all future purposes.

**AFFIDAVIT**
I, Dinesh Kumar S/o Ramhet Prasad Tripathi, Resident of At-Qtr No B2, Jindal Nagar, Chhendipada Road, Nisha, Angul, PIN- 759111, Odisha declare by this affidavit No.1832 dtd 06.10.2025 that now onwards I shall be known as **DINESH KUMAR TRIPATHI** for all future purposes.

**NOTICE**
By virtue of an affidavit sworn before The Notary Public, Sunabeda dated 03/10/2025 I, Smt. Amarabati Hantal, D/o- Balaram Hantal, Vill.- Kularsing, PO.- Kularsing, PS.- Padwa, District- Koraput declare that I have changed my name from **Amara Hantal** to **Amarabati Hantal**. Henceforth, I shall be known as **Amarabati Hantal** for all purposes.
Sd/- **Amarabati Hantal**

**AFFIDAVIT**
By virtue of an affidavit (Sl No. 2413, date- 06/10/2025) before the Notary Public, Kantabanji. I, **Kousar Bano,** W/o Abdul Hamid, resident of Shivaji Nagar, Kantabanji, PO/PS- Kantabanji, Dist- Balangir, PIN- 767039, Odisha declare that, the name **Kousar Bano, W/o- Abdul Hamid** and **Kaushar Bano, W/o- Abdul Hamid Khan** is one and same lady who is related to me only.

**AFFIDAVIT**
By virtue of an affidavit before the Executive Magistrate, I, KM PRABHA VATI SHARMA, D/O- Rampukar Sharma, W/O- Shiv Shakti Sharma, resident of At- Plot No. 64/1631, Shree Kshetra Nagar, Kesura, PO- Bankual, PS-Saheednagar, Bhubaneswar, Dist – Khordha, Odisha, Pin – 751002, declare by this affidavit No. 15AA 274132 dated 22nd Sep 2025 that now onwards I shall be known as **PRABHAWATI SHARMA** for all future purposes.

**AFFIDAVIT**
By virtue of an affidavit sworn before Notary Public, Bhubaneswar, on dated 06.10.2025 I, SK MOBARAK ALLI, S/o- Sk Ataulla, aged about 63 years, permanent resident of Merza Patti, PO: Gujidarada, PS: Bhadrak, Dist: Bhadrak - 756128, Odisha (Aadhaar No:8571 5012 7376), do hereby declare that I have changed my name from HAPIZ M.D MOBARAK ALLI to SK MOBARAK ALLI. Henceforth,I shall be known as **SK MOBARAK ALLI** for all purposes.
**Sd/- SK MOBARAK ALLI**

## ମାଳଦା ଜଗନ୍ନାଥ ବଜାର ବଣିକ ସଂଘର ନିଆରା ଉତ୍ସବ...

# ଗଜଲକ୍ଷ୍ମୀ ପୂଜାରେ ହେବ ବୈତରଣୀ ମହୋତ୍ସବ



**ବାରିକପୁର, ୬ ।୧୦(ସମିସ)**

ଚଳିତ ବର୍ଷ ନିଆରା ଢଙ୍ଗରେ ପାଳିତ ହେଉଛି ଭଣ୍ଡାରିପୋଖରୀ ବ୍ଲକ ମାଳଦା ଜଗନ୍ନାଥ ବଜାର ବଣିକ ସଂଘର ଗଜଲକ୍ଷ୍ମୀ ପୂଜା ଉତ୍ସବ। ବଜାର କମିଟି ପକ୍ଷରୁ ଚଳିତ ବର୍ଷ ମା' ଲକ୍ଷ୍ମୀଙ୍କ ୨୫ତମ ପୂଜା ପାଳିତ ହେଉଥିବା ବେଳେ ରାଜ୍ୟ ମହୋତ୍ସବ କମିଟି ସଂଯୋଜନାରେ ଅନୁଷ୍ଠିତ ହେବ ବୈତରଣୀ ମହୋତ୍ସବ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ବଣିକ ସଂଘ ସଭାପତି ଚନ୍ଦ୍ରଶେଖର ମହାନ୍ତିଙ୍କ ସୂଚନା ମୁତାବକ ସୋମବାର ଘଟ ଉତ୍ତୋଳନ ସହିତ ବୈଦିକ ରୀତିନୀତି ଅନୁଯାୟୀ ମା' ଲକ୍ଷ୍ମୀଙ୍କ ପୂଜା ଶୁଭାରମ୍ଭ ହେବ। ଚଳିତ ବର୍ଷ ମଧ୍ୟ ବ୍ୟବସାୟୀ ଆନନ୍ଦ ଉଲ୍ଲାସର ସହିତ ମା'ଙ୍କ ପୂଜା ଆୟୋଜନ କରିଛନ୍ତି। ପୂଜାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପାରମ୍ପରିକ ନୃତ୍ୟଗୀତର ଝଲକ ମଧ୍ୟ ଦେଖିବାକୁ ମିଳିବ। ଲୋକକଳା ପାଲା ଓ ଅନେକ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଗୀତିନାଟ୍ୟ ପରିବେଷଣ ହେବ। ଏହାଛଡ଼ା ଭୁବନେଶ୍ୱରର ଆଧୁନିକ ମେଲୋଡି ସହିତ ପୁରୀ ଓ ବାଲେଶ୍ୱରରୁ ଅନେକ କଳାକାର ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ରହିଛି। ବିଧିବଦ୍ଧ ଭାବେ ମଙ୍ଗଳବାର ସନ୍ଧ୍ୟାରେ ଗଜଲକ୍ଷ୍ମୀ ପୂଜା ଓ ବୈତରଣୀ ମହୋତ୍ସବ ପାଇଁ ମଞ୍ଚ ଉଦଘାଟିତ ହେବ।

### ସେମାନେ କ'ଣ କହନ୍ତି...



ଚଳିତ ବର୍ଷ ମାଳଦା ଗଜଲକ୍ଷ୍ମୀ ପୂଜା ରେ ବୈତରଣୀ ମହୋତ୍ସବ ଅନୁଷ୍ଠିତ ହେଉଛି। ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଏଥିରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ। ପାରମ୍ପରିକ ଓ ଆଧୁନିକ ଶୈଳୀରେ ମହୋତ୍ସବ ଆୟୋଜିତ ହେବ।

**- ରବିନାରାୟଣ ଖୁଲାର, ସଭାପତି, ରାଜ୍ୟ ମହୋତ୍ସବ କମିଟି**



ଆମ ଜଗନ୍ନାଥ ବଜାର ବଣିକ ସଂଘ ପକ୍ଷରୁ ୨୫ ବର୍ଷ ହେବ ଗଜଲକ୍ଷ୍ମୀ ପୂଜା ଆୟୋଜିତ ହେଉଛି। ଚଳିତ ବର୍ଷ ରାଜ୍ୟ କମିଟି ଆନୁକୂଲ୍ୟରେ ବୈତରଣୀ ମହୋତ୍ସବ ଅନୁଷ୍ଠିତ ହେବ। ବଜାର ଉତ୍ସବମୁଖର ହୋଇପଡ଼ିଛି। ଏଥିପାଇଁ ବ୍ୟବସାୟୀ ବେଶ ଉତ୍ସାହିତ ଅଛନ୍ତି।

**-ରାଜେନ୍ଦ୍ର ଶତପଥୀ, ବ୍ୟବସାୟୀ ସଂଘ ସମ୍ପାଦକ**

# ସ୍ୱାଧୀନତା ସଂଗ୍ରାମୀ ମହମ୍ମଦ ହନିଫ୍‌ଙ୍କ ଶ୍ରାଦ୍ଧ ବାର୍ଷିକୀ



**ଭଦ୍ରକ, ୬ ।୧୦(ସମିସ):** ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ଉପ-ବାଚସ୍ପତି ଓ ପୂର୍ବତନ ସାଂସଦ ସ୍ୱର୍ଗତ ମହମ୍ମଦ ହନିଫ ଓରଫ ମାଷ୍ଟରଜୀଙ୍କ ୫୮ତମ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଛି। ସକାଳ ସାଢେ ୮ଟାରେ ପୁରୁଣା ବଜାର ନାରାୟଣ ଚନ୍ଦ୍ର ନୋଡାଲ ସ୍କୁଲ ସମ୍ମୁଖରୁ ବାସଭବନ କାଜି ମହଲ୍ଲା ସ୍ଥିତ ତାଙ୍କ ସମାଧି ପୀଠଠାରେ ହନିଫ ସ୍ମୃତି କମିଟିର ସମସ୍ତ ସଦସ୍ୟ, ବୁଦ୍ଧିଜୀବୀ, ଗାନ୍ଧୀବାଳଶ୍ରମ ସ୍କୁଲର ଛାତ୍ରଛାତ୍ରୀ ଓ କଲେଜ ଛାତ୍ରଛାତ୍ରୀ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶ୍ରାଦ୍ଧ ବାର୍ଷିକୀରେ ସଭାପତି ଅଜୟ ନାୟକଙ୍କ ସଭାପତିତ୍ୱରେ ସମ୍ପାଦକ ହାଜି ଅନୱର ହୋସେନଙ୍କ ସହଯୋଗ ଏବଂ ସଞ୍ଚାଳକ ତଥା ଅଦବି ମରକଜର କବି ଶିକ୍ଷକ ମୁସ୍ତାକ ଗୌହରଙ୍କ କୋରାନ ପାଠ ଓ ସଲାମରୁ ଆରମ୍ଭ ହୋଇଥିଲା। ଗାନ୍ଧୀ ଓଡ଼ିଶା ବାଳାଶ୍ରମର ଛାତ୍ର ଓ ସ୍କୁଲର ସମ୍ପାଦକ ଅଶୋକ ଦାସ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ରଙ୍କ ରାମଧୁନି ଆରମ୍ଭ କରିଥିଲେ। ହନିଫ ବାବୁଙ୍କ ସ୍ମୃତିରେ ସୁଧଜଗ ରାଉତ ତାଙ୍କ ବକ୍ତବ୍ୟ ରଖି ଆଲୋକପାତ କରିଥିଲେ। ହାଜି ଅବଦୁଲ ମୁକିତ ଖାନ ସ୍ୱର୍ଗତ ହନିଫ ବାବୁ ଅମର ରହେ ସ୍ଲୋଗାନ ଦେଇଥିଲେ। ଭଦ୍ରକ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲୱାଜି ହବିବ ସ୍ୱର୍ଗତ ହନିଫ ବାବୁଙ୍କ ସ୍ମୃତିରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ସଭାରେ ହନିଫ ସ୍ମୃତି କମିଟିର ସଭ୍ୟ ହାଜି ଫାରୁକ ଭାଇ, ହାଜି କାସିମ ଖାନ, ମହେଜ୍ବିନ ଅଖତର, ଇକବାଲ ଖାନ, ଅବଦୁଲ ଦୟାନ ଜିଆ, ହାଜି କୈୟୁମ ସାହା, ସମ୍ବାଦଦାତା ଶେଖ ଅନୱର ପ୍ରମୁଖ ଉପସ୍ଥିତ ରହି ହନିଫଙ୍କ ନୀତିବାଣୀ ଉପରେ ଆଲୋକପାତ କରିଥିଲେ। ସ୍ମରଣଯୋଗ୍ୟ, ମହମ୍ମଦ ହନିଫ ୧୨ ଜୁଲାଇ ୧୮୯୯ ରେ ଜନ୍ମଲାଭ କରିଥିଲେ। ରେଭେନ୍ସା କଲେଜରୁ ଆଇ.ଏ.ପାସ କରି ଅବକାରୀ ଇନ୍ସପେକ୍ଟରରେ ଚାକିରି କରି ୧୯୨୦ରେ ହେଦାତୁନ ନିଶା ବିବିଙ୍କ ସହିତ ବିବାହ କରିଥିଲେ। ପରେ ଚାକିରି ଛାଡି ସ୍ୱାଧୀନତା ସଂଗ୍ରାମୀରେ ଯୋଗଦାନ କରି ଭାରତ ଛାଡ଼ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ବ୍ରହ୍ମପୁର ଜେଲରେ ମଧ୍ୟ ବନ୍ଦୀ ଜୀବନ କଟାଇଥିଲେ। ଦେଶ ସ୍ୱାଧୀନ ପରେ ୧୯୫୨ରେ ଭଦ୍ରକରୁ ବିଧାନସଭାକୁ ନିର୍ବାଚିତ ହୋଇ ଉପବାଚସ୍ପତି ହୋଇଥିଲେ। ପରେ ସାଂସଦ ହୋଇ ୬ ଅକ୍ଟୋବର ୧୯୬୭ ରେ ଦେହାନ୍ତ ହୋଇଥିଲା। ଏହି ସଭାକୁ ହନିଫ ବାବୁଙ୍କ ନାତୀ ମିର୍ଜା ଇଜାଜ ବେଗ ପରିଚାଳନା କରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମିଳିଲା ମୃତ ଯୁବକର ପରିଚୟ; ହତ୍ୟା ଅଭିଯୋଗ କଲେ ପରିବାର

**ଭଦ୍ରକ, ୬ ।୧୦(ସମିସ):** ମୃତ ଯୁବକଙ୍କ ପରିଚୟ ମିଳିଲା। ହେଲେ ପରିବାର ଲୋକେ ହତ୍ୟା ଅଭିଯୋଗ କରିଛନ୍ତି। ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ଭଦ୍ରକ ଜିଲ୍ଲା ଚାନ୍ଦବାଲି ଥାନା ମତୋ ସ୍ନାତକ ମହାବିଦ୍ୟାଳୟ ନିକଟରେ। ସୂଚନାନୁଯାୟୀ, ଆଜି ସକାଳୁ ମତୋ ସ୍ନାତକ ମହାବିଦ୍ୟାଳୟ ପଛପଟ ବାରଣୀ ପଦା ନିକଟରେ ଜଣେ ଅଜଣା ଯୁବକ ଶବ ପଡ଼ିଥିବା ସ୍ଥାନୀୟ ଲୋକମାନେ ଦେଖି ନିକଟସ୍ଥ ମତୋ ଫାଣ୍ଡିକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ମତୋ ଫାଣ୍ଡି ଅଧିକାରୀ ପହଞ୍ଚି ଶବ ନିକଟରୁ ଏକ ମୋବାଇଲ ଜବଦ କରିଥିଲେ। ମୋବାଇଲ ପଛପଟେ ଥିବା ଏକ ପରିଚୟ ପତ୍ରରୁ ଶବର ପରିଚୟ ଚିହ୍ନଟ କରିଛି ମତୋ ପୁଲିସ। ମୃତ ଯୁବକ ଜଣକ ହେଉଛନ୍ତି ଉତ୍ତୁକୁଡ଼ା ପଞ୍ଚାୟତ ଅନ୍ତର୍ଗତ ନଳିତାଗଡ଼ିଆ ଗାଁର ପ୍ରଫୁଲ୍ଲ ବଳଙ୍କ ପୁଅ ଆଲୋକ ବଳ। ସେ ୩ ଦିନ ହେବ ନିଖୋଜ ଥିଲା। ତାକୁ କେହି ହତ୍ୟା କରି ଏଠାରେ ପକାଇ ଦେଇଛି ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। ଯୁବକର ମୁହଁ ଓ ଦେହରେ କ୍ଷତ ସ୍ଥାନ ରହିଛି। ଏଥିସହିତ ଶରୀରର କିଛି ସ୍ଥାନରେ ଏସିଡ ପକା ଯାଇଥିବା ଅନୁମାନ କରାଯାଉଛି।

## ପୋଖରୀରେ ପଡ଼ି ବୃଦ୍ଧଙ୍କ ମୃତ୍ୟୁ

**ଭଦ୍ରକ, ୬ ।୧୦(ସମିସ):** ପୋଖରୀରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି; ହେଲେ ମୃତ୍ୟୁକୁ ନେଇ ସନ୍ଦେହ ଉପୁଜିଛି। ମୃତ ବୃଦ୍ଧ ଜଣକ ହେଉଛନ୍ତି ଚାନ୍ଦବାଲି ବ୍ଲକ ନଳଗୋହିରା ପଞ୍ଚାୟତ ଅନ୍ତର୍ଗତ କରଣପୋଖରୀ ଗାଁର ଅବସରପ୍ରାପ୍ତ ଶିକ୍ଷକ ଇନ୍ଦ୍ରମଣି ନାୟକ। ଆଜି ସକାଳୁ ବୃଦ୍ଧ ଜଣକ ପ୍ରାତଃ ଭ୍ରମଣରେ ଯାଇ ଆଉ ଘରକୁ ଫେରି ନ ଥିଲେ। କିଛି ସମୟ ପରେ ଘରଠାରୁ ୫୦୦ମିଟର ଦୂର ଏକ ପୋଖରୀରେ ମୃତ ଦେହ ଭାସୁଥିବା ଦେଖିବକୁ ମିଳିଥିଲା। ଗ୍ରାମବାସୀ ମୃତ ଦେହ ଭାସୁଥିବା ଦେଖିବା ପରେ ପରିବାର ଲୋକେଙ୍କୁ ଖବର ଦେଇଥିଲେ। ଘଟଣାସ୍ଥଳରେ ପରିବାର ଲୋକେ ପହଞ୍ଚି ମୃତ ଦେହ ଉଦ୍ଧାର କରିଥିଲେ। ମୃତ ଦେହରେ ଉଦ୍ଧାର ବେଳେ ମୁହଁ ପାଖରେ ସାମାନ୍ୟ କ୍ଷତ ଚିହ୍ନ ଥିବାବେଳେ ବେକ ଏବଂ ଗୋଡ଼ରେ ପ୍ଲାଷ୍ଟିକ ଦଉଡ଼ିରେ ଲାଗିଥିବା ଦେଖିବାକୁ ମିଳିଛି। ତାଙ୍କର ସାମାନ୍ୟ ମସ୍ତିଷ୍କ ବିକୃତି ଥିବାରୁ ଏହା ହତ୍ୟା ନା ଆତ୍ମହତ୍ୟା ସନ୍ଦେହ ସୃଷ୍ଟି କରିଛି। ଘଟଣାସ୍ଥଳରେ ବାଂଶଡା ପୁଲିସ ତଦନ୍ତ ଆରମ୍ଭ କରିଛି।

## ଚୋରି ତାର ଜବତ; ଅଭିଯୁକ୍ତ ଫେରାର

**ବାରିକପୁର, ୫ ।୧୦(ସମିସ):** ଭଣ୍ଡାରିପୋଖରୀ ଥାନା ପକ୍ଷରୁ ବୋହୁ ପରିମାଣର ବିଦ୍ୟୁତ୍ ତାର ଜବତ କରାଯାଇଛି। ତା'ର ଚୋରି କରିଥିବା ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ସୂଚନା ମୁତାବକ ଗତ ଶନିବାର ମଧ୍ୟରାତିରେ ଥାନା ଅଧିକାରୀ କମଳାକାନ୍ତ ଦାଶଙ୍କ ନେତୃତ୍ୱରେ ପୁଲିସ ପାଟ୍ରୋଲି ଆରମ୍ଭ ହୋଇଥିଲା। ପୁଲିସ ଭ୍ୟାନ ପାଳଦା ବାଙ୍କଠାରୁ ମାଳଦା ଦେଇ ମଞ୍ଜୁରୀ ଠାରେ ପହଞ୍ଚିଥିଲା। ଏହି ସମୟରେ କିଛି ବ୍ୟକ୍ତି ବାଇକ ଯୋଗେ ତାର ନେଉଥିବା ପୁଲିସ ଖବର ପାଇଥିଲା। ଏହାପରେ ବାଇକ୍ ପିଛା କରିଥିଲା ପୁଲିସ। ଥାନା ଗାଡ଼ିକୁ ଦେଖି ଚୋରମାନେ ତାରକୁ ରାସ୍ତା ଉପରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ। ପରେ ପୁଲିସ ତାରକୁ ଜବତ କରି ଥାନା ଗୋଦାମ ଗୃହରେ ରଖିଛି।

## ନିଖୋଜ ବୃଦ୍ଧାଙ୍କ ମୃତଦେହ ନଦୀରୁ ଉଦ୍ଧାର

**ଧାମନଗର, ୬ ।୧୦(ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଭଗବାନପୁର ପଞ୍ଚାୟତ ଅଧୀନ ଇଚ୍ଛଦା ସାହୁସାହି ଗ୍ରାମର ବୃଦ୍ଧା ସରସ୍ୱତୀ ସାହୁ (୭୫)ଙ୍କ ମୃତଦେହ ତିନି ଦିନ ପରେ ଉଦ୍ଧାର କରାଯାଇଛି। ଶନିବାର ସକାଳ ସମୟରେ ସୁତାର ସାହି ନିକଟସ୍ଥ ରେବନଦୀରେ ଭାସୁଥିବାର ସ୍ଥାନୀୟ ଗ୍ରାମବାସୀ ଦେଖି ଧାମନଗର ପୋଲିସ ଓ ଅଗ୍ନିଶମ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ଘଟଣା ସ୍ଥଳରେ ପୁଲିସ ଓ ଦମକଳ ବିଭାଗର ସହଯୋଗରେ ଶବ ଉଦ୍ଧାର କରାଯାଇଥିଲା। ତେବେ ବୃଦ୍ଧାଙ୍କ ପୁତୁରା ନିର୍ମଳ କୁମାର ସାହୁଙ୍କ ଏତଲା ପାଇବା ମାତ୍ରେ ସଙ୍ଗେ ସଙ୍ଗେ ଧାମନଗର ଥାନା ଅଧିକାରୀ ରଞ୍ଜନ କୁମାର ସେଠୀ, ଏସଆଇ ମହେଶ୍ୱର ପ୍ରଧାନ ପହଞ୍ଚି ଶବ ଜବତ କରିବା ସହ ଥାନା କେସ ନଂ ୨୭/୨୫ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ପଠାଯାଇଛି।

## ବିପୁଳ ମଦ ସହ ଫ୍ରିଜ୍ ଜବତ; ୨ ଗିରଫ



**ଧାମନଗର, ୬ ।୧୦(ସମିସ):** ଧାମନଗର ଥାନାଞ୍ଚଳର ବିଭିନ୍ନ ବେଆଇନ ମଦ ଦୋକାନରେ ପୁଲିସ ଟିମ ଚଢ଼ଉ କରି ବିପୁଳ ପରିମାଣର ବେଆଇନ ମଦ ଓ ଦୁଇଟି ଫ୍ରିଜ୍ ଜବତ କରିଥିବା ବେଳେ ସମ୍ପୃକ୍ତ ଥିବା ୨ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଧାମନଗର ଥାନା ବାରିକପୁର ବଜାର ଉପରେ ସରକାରଙ୍କ ଆଖିରେ ଧୂଳି ଦେଇ ଏକ ବେଆଇନ କାରବାର କରୁଥିବା ମଦ ବ୍ୟବସାୟଙ୍କ ଉପରେ ଅଚାନକ ଚଢ଼ଉ କରି ବିପୁଳ ପରିମାଣରେ ଗଚ୍ଛିତ ଥିବା ବେଆଇନ ମଦ ଏବଂ ଦୁଇଟି ଫ୍ରିଜ୍ ସହ ଏଥିରେ ସମ୍ପୃକ୍ତ ଦୁଇ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

## କଂଗ୍ରେସର 'ଭୋଟ ଚୋର-ଗାଦି ଛାଡ଼' ଦସ୍ତଖତ ଅଭିଯାନ ଶୁଭାରମ୍ଭ



**ଭଦ୍ରକ, ୬ ।୧୦(ସମିସ):** ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ସଭାପତି ନଳିନୀ କାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭୋଟ ଚୋରି ପ୍ରତିବାଦରେ ଭଦ୍ରକ ଜିଲ୍ଲାରେ ସୋମବାର ଦସ୍ତଖତ ଅଭିଯାନର ଶୁଭାରମ୍ଭ ହୋଇଛି। ଏ ନେଇ ଆୟୋଜିତ ଜିଲ୍ଲାସ୍ତରୀୟ ଦସ୍ତଖତ ଅଭିଯାନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପଞ୍ଚାନନ ମଣ୍ଡଳ, ବରିଷ୍ଠ ନେତା ଦେବେନ୍ଦ୍ର ମହାନ୍ତି, ପୂର୍ବତନ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି, ପିସିସି ଅନୁସୂଚିତ ଜାତି ବିଭାଗର ରାଜ୍ୟ ସାଧାରଣ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ଜେନା, ଜିଲ୍ଲା ମହିଳା କଂଗ୍ରେସ ସଭାପତି ସବିତା ଚନ୍ଦ, ଟାଉନ ସଭାପତି ଅବଦୁଲ ମୋକିତ ଖାଁ, ପ୍ରକାଶଜ୍ୟୋତି ମହାକୁଡ଼, ପିସିସି ଦଳିତ ସେଲ ସମ୍ପାଦକ ରଞ୍ଜନ ଜେନା, ଜିଲ୍ଲା ଦଳିତ ସେଲ ସଭାପତି ବିଦ୍ୟାଧର ଜେନା ପ୍ରମୁଖ ଯୋଗଦେଇଥିଲେ। କେନ୍ଦ୍ର ସରକାର କିପରି ଭୋଟ ଚୋରି କରି କ୍ଷମତାସୀନ ହୋଇପାରିଛି ତାହାର ପ୍ରତିବାଦ ଜଣାଇ ଏହି ଦସ୍ତଖତ ଅଭିଯାନକୁ ଦଳୀୟ କର୍ମୀ, ସାଧାରଣ ଭୋଟର, ସଚେତନ ନାଗରିକ ଏବଂ ସବୁ ବର୍ଗର ଲୋକଙ୍କୁ ସଚେତନ କରାଇ ଦସ୍ତଖତ ଅଭିଯାନକୁ ସଫଳ କରିବାକୁ ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ବକ୍ତବ୍ୟ ଦେଇଥିଲେ। ଭୋଟ ଚୋର-ଗାଦି ଛୋଡ ନେଇ ହେବାକୁ ଥିବା ଦସ୍ତଖତ ଅଭିଯାନ ପାଇଁ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ବିଧାୟକ ଶ୍ରୀ ମଣ୍ଡଳ, ବରିଷ୍ଠ ନେତା ଶ୍ରୀ ମହାନ୍ତି, ରାଜ୍ୟ ଦଳିତ ନେତା ଶ୍ରୀ ଜେନାଙ୍କୁ ସଂଯୋଜକ ଭାବେ ନିଯୁକ୍ତି କରାଗଲା ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଜିଲ୍ଲା ସ୍ତରୀୟ କର୍ମୀ ସମାବେଶ ଘୋଷଣା କରିଥିଲେ। ପରେ ଜିଲ୍ଲା ସଭାପତି ଶ୍ରୀ ମହାନ୍ତିଙ୍କ ସମେତ ଦଳୀୟ ନେତାମାନେ ଦସ୍ତଖତ ଫର୍ମକୁ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଭଦ୍ରକ ବ୍ଲକ ସଭାପତି ପୀତବାସ ଧଳ, ଧାମନଗର ବ୍ଲକ ସଭାପତି ରମେଶ ଚନ୍ଦ୍ର ବେହେରା, ଭଣ୍ଡାରିପୋଖରୀ ବ୍ଲକ ସଭାପତି ରଜନୀକାନ୍ତ ଚନ୍ଦ, ଆରଜିପିଆରଏସ ର ନେତା ପଦ୍ୟୁମ୍ନ ଦାସ, ଯୁବନେତା ବଳରାମ ରାଉତ, ଚାନ୍ଦବାଲି ଟାଉନ ସଭାପତି ବଦ୍ରି ନାୟକ, ଧାମନଗର ଟାଉନ ସଭାପତି ମାନସ ରଞ୍ଜନ ବେହେରା, ଭଣ୍ଡାରିପୋଖରୀ ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ସାଦ ସିଦ୍ଦିକ, ଧାମନଗର ନିର୍ବାଚନ ମଣ୍ଡଳୀ ସଭାପତି ଆଲୋକ ସ୍ୱାଇଁ, ଭଦ୍ରକ ବ୍ଲକ ନିର୍ବାଚନ ମଣ୍ଡଳୀ ସଭାପତି ଇଲିଆସ ଖାଁ, ରାଉତ, ସୁଶାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ପରିବା ଦର ଆକାଶଛୁଆଁ; ଖାଉଟି ହନ୍ତସନ୍ତ



**ବାରିକପୁର, ୬ ।୧୦(ସମିସ):** ଏବେ ପାର୍ବଣ ପାଇଁ କିଛି ଦିନ ହେବ ପନିପରିବା ଦର ଢେର ଅଧିକ ରହିଥିଲା। ପୂଜା ଶେଷ ହେବା ପରେ ମଧ୍ୟ ପରିବା ମୂଲ୍ୟ ଅପରିବର୍ତ୍ତିତ ରହିଛି। ଏହି ପରିପ୍ରେକ୍ଷୀରେ ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ଗ୍ରାମ୍ୟ ବଜାରରେ ଦିନକୁ ଦିନ ସବୁଜ ପନିପରିବା ଦର ବୃଦ୍ଧି ପାଉଛି। କାର୍ତ୍ତିକ ମାସକୁ କିଛି ଦିନ ବାକି ଥିବାବେଳେ ବଜାର ଦର ଏବେ ବଢ଼ିବାରେ ଲାଗିଛି। ଯାହାକି ସାଧାରଣ ଖାଉଟିଙ୍କୁ ଅସହ୍ୟ ହେଉଛି। ସାଧାରଣତଃ କାର୍ତ୍ତିକ ମାସରେ ହବିଷ ରହୁଥିବା ଯୋଗୁଁ ପରିବା ଦର ବୃଦ୍ଧି ହୋଇଥାଏ। ପୂଜା ପରେ ଫାଙ୍କା ସମୟରେ ମଧ୍ୟ ଗାଁ ଗହଳିରେ ବେପାର କରୁଥିବା କ୍ଷୁଦ୍ର ବ୍ୟବସାୟୀଙ୍କ ନିକଟରୁ ମଧ୍ୟ ଅନେକ ପରିବାକୁ ଅଧିକ ମୂଲ୍ୟରେ ଖାଉଟିଙ୍କୁ କିଣିବାକୁ ପଡୁଛି। ବଜାର ଗୁଡିକରେ ଦୈନିକ ବିକ୍ରି ହେଉଥିବା କଖାରୁ, ଜହ୍ନି, ଭେଣ୍ଡି, ପୋଇର ମୂଲ୍ୟ ପ୍ରାୟତଃ ଅପରିବର୍ତ୍ତିତ ରହୁଛି। ବିଶେଷ କରି ଫୁଲକୋବି, ଝୁଡୁଙ୍ଗ, ବାଇଗଣ, କଲରା, ସଜନା ଛୁଇଁ, ପୋଟଳ, ବିଲାତି, କଞ୍ଚାଲଙ୍କା, କାକୁଡି, ବନ୍ଧାକୋବି ଆଦି ପରିବାର ମୂଲ୍ୟ ଦିନକୁ ଦିନ ବୃଦ୍ଧି ପାଉଛି। ଏଗୁଡିକ ବାହାର ଜିଲ୍ଲାରୁ ଆସୁଥିବା ବେଳେ ଦିନକୁ ଦିନ ମୂଲ୍ୟ ବଢୁଥିବା ଜଣାପଡ଼ିଛି। କିଛି ପନିପରିବା ମଧ୍ୟ ବାହାର ରାଜ୍ୟରୁ ଆମଦାନୀ ହେଉଛି। ତେଣୁ କିଣା ଅନୁସାରେ ବିକ୍ରି ହେଉଛି ବୋଲି ମଞ୍ଜୁରୀ ରୋଡ, ବାରିକପୁର, ଆଖୁଆପଦା, ପରମାନନ୍ଦପୁର, ସରସଦା, ଧାମନଗର ଛକ, କୁଲଣା, ମାଳଦା ପ୍ରମୁଖ ବଜାରର କ୍ଷୁଦ୍ର ବ୍ୟବସାୟୀ କହିଛନ୍ତି।

## କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ

**ବାରିକପୁର, ୬ ।୧୦(ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି। ଏହାଛଡ଼ା କହରାପୋଖରୀ, ଭଣ୍ଡାରିପୋଖରୀ, ମାଳଦା ବଜାରଠାରେ ଆଜି ଠାରୁ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି। ବିଶେଷ କରି କୁମାର ପୂର୍ଣ୍ଣିମା ଉପଲକ୍ଷେ ବିଭିନ୍ନ ଗାଁ ଗହଳି ଉତ୍ସବମୁଖର ହୋଇଛି। ପୂର୍ଣ୍ଣିମା ପାଇଁ ଗାଁର କୁମାରୀ ମାନେ ବୃନ୍ଦାବତୀଙ୍କ ନିକଟରେ ପୂଜାର୍ଚ୍ଚନା କରିଛନ୍ତି। ଏହାଛଡ଼ା ଚନ୍ଦ୍ରଙ୍କୁ ମଧ୍ୟ ବନ୍ଦାପନା କରିଛନ୍ତି। ଗାଁ ଗାଁରେ କୁମାରୀମାନେ ଏକତ୍ରିତ ହୋଇ ତୁଳସୀ ଚଉରା ମୂଳରେ ପୂଜା କରିବା ସହିତ କୁମାର ପୂର୍ଣ୍ଣିମା ଗୀତ ମଧ୍ୟ ଗାଇଛନ୍ତି। ଏହାଛଡ଼ା ମାନସିକ ଭାବେ ପୂର୍ଣ୍ଣ ଚାନ୍ଦକୁ ମଧ୍ୟ ପୂଜା କରିଥିଲେ। ସମ୍ପ୍ରତି କୁଆଁର ପୁନେଇଁ ରେ ପୁଚି ଖେଳ ପରମ୍ପରା ଲିଭିଯାଇଛି। ତଥାପି କେତେକ ସ୍ଥାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବ୍ଲକର ମଞ୍ଜୁରୀ ରୋଡ ଠାରୁ ଆରମ୍ଭ କରି ବିଷ୍ଣୁପୁର ଓ ଆଖୁଆପଦା ଠାରୁ ମାଳଦା ଯାଏଁ ସବୁଠି ଆନନ୍ଦ ଉଲ୍ଲାସର ସହିତ କୁମାର ପୂର୍ଣ୍ଣିମା ଉତ୍ସବ ପାଳିତ ହୋଇଯାଇଛି।

## ମିଳିତ ଜନଶୁଣାଣି ଶିବିରରେ ୨୬ ଅଭିଯୋଗର ତତ୍କାଳ ସମାଧାନ



**ଭଦ୍ରକ, ୬ ।୧୦(ସମିସ):** ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିର ଭଦ୍ରକ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାଏ, ଏସ୍‌ପି ମନୋଜ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଧିରଞ୍ଜନ ନାୟକ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ, ଜ୍ଞାନରଞ୍ଜନ ଦାସ, ଭଦ୍ରକ ବିଡିଓ ରଶ୍ମିରଞ୍ଜନ ମଲ୍ଲିକ, ତହସିଲଦାର ଭଦ୍ରକ ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଓ ଅନ୍ୟ ବିଭାଗର ଅଧିକାରୀ ଯୋଗଦେଇଥିଲେ। ସମସ୍ତ ବିଭାଗର ଅଧିକାରୀ ଉପସ୍ଥିତ ରହି ଦାଖଲ ହୋଇଥିବା ଅଭିଯୋଗପତ୍ରକୁ ସମାଧାନ ପାଇଁ ପଦକ୍ଷେପ ନେଇଥିଲେ। ଆଜିର ଜନଶୁଣାଣି ଶିବିରରେ ୧୧୬ ଆବେଦନପତ୍ର ଦାଖଲ ହୋଇଥିଲା। ସେଥିରୁ ୧୦୦ଟି ବ୍ୟକ୍ତିଗତ ଥିଲାବେଳେ ୧୬ଟି ସାମୂହିକ ଥିଲା। ଶିବିରରେ ୨୬ଟି ଅଭିଯୋଗର ତତ୍କାଳ ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୬ ଓ ରେଡକ୍ରସ ରୁ ୬ ଜଣଙ୍କୁ ମୋଟ ୧ ଲକ୍ଷ ୨୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଆଜିର ଜନଶୁଣାଣିରେ ମୁଖ୍ୟତଃ ଚାଷୀ ପଞ୍ଜୀକରଣ, ମଧୁବାବୁ ପେନସନ, ପିଏମ ଆବାସ ଯୋଜନାରେ ଗୃହ ବଣ୍ଟନ, ଜମିଜମା ସମ୍ପର୍କିତ, ସରକାରୀ ଜମିରେ ବସବାସ କରୁଥିବା ଲୋକଙ୍କୁ ଉଚ୍ଛେଦ ବଦଳରେ ଜମି/ଗୃହ ଆବଣ୍ଟନ ଅଭିଯୋଗ ସହିତ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଦରଖାସ୍ତ ହସ୍ତଗତ ହୋଇଥିଲା।

## ଡ. ନରହରି ବେହେରା ଟ୍ରଷ୍ଟର ବାର୍ଷିକ ଉତ୍ସବ

# ଦୁଃଖୀ ଓ ଅସହାୟଙ୍କ ମୁହଁରେ ହସ ଫୁଟାଇବା ହିଁ ମାନବିକତା

**ଭଦ୍ରକ, ୬ ।୧୦(ସମିସ)**




ଦୀନ, ଦୁଃଖୀ, ଦୁର୍ଗତଙ୍କ ମୁହଁରେ ହସ ଫୁଟାଇବା ହିଁ ମାନବିକତାର ବଳିଷ୍ଠ ଦିଗ ତଥା ପ୍ରକୃତ ସମାଜସେବା ବୋଲି ଛବିରାଣୀ ବିଶ୍ୱାଳଙ୍କ ଦ୍ୱାରା ପ୍ରତିଷ୍ଠା ଡ. ନରହରି ବେହେରା ଟ୍ରଷ୍ଟର ପଞ୍ଚମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାଏ ଏହା କହିଛନ୍ତି। ଭାଗବତ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଟ୍ରଷ୍ଟର ବାର୍ଷିକ ଉତ୍ସବ-୨୦୨୫ରେ ଟ୍ରଷ୍ଟର ସଭାପତି ଇଂ. ଅଭୟ ସୂତାରଙ୍କ ପୌରୋହିତ୍ୟ କରିଥିଲେ। ଏହି ସାରସ୍ୱତ ଓ ସାମାଜିକ ସମାବେଶରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ ବିଶିଷ୍ଟ ଅତିଥି, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ସ୍ୱତନ୍ତ୍ର ଅତିଥି, ବରିଷ୍ଠ ସାମ୍ବାଦିକ ତଥା ସାହିତ୍ୟିକ ଦୋଳଗୋବିନ୍ଦ ପଣ୍ଡା ମୁଖ୍ୟବକ୍ତା, ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା ସାହିତ୍ୟିକ ଡ.ରାମଚନ୍ଦ୍ର ପଲାଇ ବରେଣ୍ୟ ବକ୍ତା, ଡା. ସଙ୍ଗୀତା ବଳ ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ବରିଷ୍ଠ ସାହିତ୍ୟିକ ଗଗନ ବିହାରୀ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାରୋହରେ ଟ୍ରଷ୍ଟର ସମ୍ପାଦକ ଅଧ୍ୟାପକ ନିହାର ରଞ୍ଜନ କର ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିହାରୀ ଗଗନ ରାଉତଙ୍କୁ ଡ. ନରହରି ବେହେରା ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପୂର୍ବତନ ପ୍ରଧାନଶିକ୍ଷକ ବୈକୁଣ୍ଠନାଥ ଓଝା ମାନପତ୍ର ପାଠ କରିଥିଲେ। ସେହିପରି ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଭଦ୍ରକ ଜିଲ୍ଲାର ସାତଟି ବ୍ଲକରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ପ୍ରବନ୍ଧ, ବକ୍ତୃତା ଓ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ କୃତୀ ଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ ସହ ଟ୍ରଫି ଓ ସାର୍ଟିଫିକେଟ ଦିଆଯାଇଥିଲା। ସଂଗଠନ ସମ୍ପାଦକ ତପନ କୁମାର ପଣ୍ଡା ଓ ସହ ସମ୍ପାଦିକା ଶିକ୍ଷୟିତ୍ରୀ ଶ୍ରଦ୍ଧାଞ୍ଜଳି କର ପ୍ରମୁଖ ପୁରସ୍କାର ବିତରଣ ସଭା ପରିଚାଳନା କରିଥିଲେ। ଟ୍ରଷ୍ଟର ଉପସଭାପତି ଡା. ଅନିଲ କୁମାର ଦାଶ ବେଦପାଠ ସହ ଆବାହନୀ ସଙ୍ଗୀତ ପରିବେଷଣ କରିଥିଲେ। ସଂଗୀତ ନିର୍ଦ୍ଦେଶକ ଓ କଣ୍ଠଶିଳ୍ପୀ ପ୍ରଫୁଲ୍ଲ କୁମାର ନାୟକ, କଣ୍ଠଗୌରବ ଦେବେନ୍ଦ୍ର ପ୍ରସାଦ ପଣ୍ଡା, କଣ୍ଠଶିଳ୍ପୀ ଶଶିକଳା ମିଶ୍ର ସ୍ମୃତି ସଙ୍ଗୀତ ଓ ଶିଶୁ ନୃତ୍ୟ ଶିଳ୍ପୀ ଶିବାଙ୍ଗୀ ଭୋଇ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ। ବ୍ୟଙ୍ଗକବି ବିଜୟଶ୍ରୀ ଗୋକୁଳାନନ୍ଦ ରାଉତ ସ୍ମୃତି କବିତା ପାଠ, ବ୍ୟାଙ୍କ ଅଧିକାରୀ ଅବିନାଶ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଦେବୀଦତ୍ତା ବେଦାନ୍ତ, ସରୋଜ ବିଶ୍ୱାଳ, ବିମଳ କୁମାର ବିଶ୍ୱାଳ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ।

## ଭଦ୍ରକ ଜିଲା ଟିପ୍ପର-ଡମ୍ପର ମାଲିକ ସଂଘର ପ୍ରତୀକ ଅନଶନ

# ଜିଲ୍ଲାପାଳଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ



ଭଦ୍ରକ, ୬।୧୦(ସମିସ): ଧାମରା ବନ୍ଦରର ସ୍ଥାପନା ବେଳେ ୭ଟି ବ୍ଲକ୍‌ର ବିଭିନ୍ନ ଅଞ୍ଚଳବାସୀ ଜମି ଓ ଲୋକବଳ ଦେଇଛନ୍ତି। ତେବେ, ଏନେଇ ବିକାଶ ଦିଗରେ ପାତରଅନ୍ତର ପରିପ୍ରେକ୍ଷୀରେ ଅର୍ଥନୈତିକ ବୈଷମ୍ୟ ସହ ଆଇନ୍‌ଶୃଙ୍ଖଳାର ବିପର୍ଯ୍ୟୟ ଘଟିବ ବୋଲି ସୋମବାର ଭଦ୍ରକ ଜିଲ୍ଲା ଟିପ୍ପର-ଡମ୍ପର ମାଲିକ ସଂଘ ପକ୍ଷରୁ ଚେତାବନୀ ଦିଆଯାଇ ଜିଲ୍ଲାପାଳ ଦିଲୀପ ରାଉତରାଏଙ୍କୁ ୫ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏହି ଦାବିପତ୍ର ମୂଳେ ଦୀର୍ଘ ୨ ମାସ ଧରି ଏହି ସଂଘ ପକ୍ଷରୁ ଜିଲାର ଅଧିକାଂଶ ଟିପ୍ପର ଓ ଟ୍ରକ୍ ମାଲିକମାନଙ୍କର ଅଭାବନୀୟ ଆର୍ଥିକ ଦୁରବସ୍ଥା ଓ ଏହାର ଦୂରୀକରଣ ନେଇ ଭଦ୍ରକର ଜିଲ୍ଲାପାଳ ଲୋକପ୍ରତିନିଧିଙ୍କ ସହ ଆଲୋଚନା ହୋଇଛି। ଧାମରା ପୋର୍ଟଠାରେ କରାଯାଉଥିବା କୋଇଲା ପରିବହନ ହିଁ ମୁଖ୍ୟତଃ ଗାଡି ମାଲିକମାନଙ୍କ ପାଇଁ ରୋଜଗାରର ଏକ ଉତ୍ସ ହୋଇଥିବାବେଳେ ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରୁ ଲୋକମାନଙ୍କୁ ସମୁଦାୟ କାମର ୭୦ ଭାଗ ଦିଆଯାଇଥିବାରୁ ସମଗ୍ର ଜିଲ୍ଲା ଗାଡି ମାଲିକମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି।

୫ ଦଫା ଦାବି ମଧ୍ୟରେ ଧାମରା ପୋର୍ଟରେ ପରିବହନ କ୍ଷେତ୍ରରେ ସୃଷ୍ଟି ହୋଇଥିବା କର୍ମଯୋଗାଣକୁ ଜିଲ୍ଲାର ସମସ୍ତ ଅଞ୍ଚଳକୁ ସମାନୁପାତରେ ପରିବ୍ୟାପ୍ତ କରିବା, ଟ୍ରାନ୍ସପୋର୍ଟ ଆସୋସିଏସନ୍‌ଗୁଡିକର କାର୍ଯ୍ୟଶୈଳୀ, ଦକ୍ଷତା, ସମାଜସେବୀ ଓ ସଂଘର ବୟସ ସଦସ୍ୟ ସଂଖ୍ୟାକୁ ଆଧାର କରି ପରିବହନ କାର୍ଯ୍ୟରେ ଅଂଶଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପାରିସ କରାଯିବା, ପରିବହନ କ୍ଷେତ୍ରରେ ସୃଷ୍ଟି ହୋଇଥିବା କର୍ମଯୋଗାଣର ପାତରଅନ୍ତର ନୀତି ବନ୍ଦ କରାଯାଇ ମାତ୍ର ୮ଟି ପଞ୍ଚାୟତର ଗାଡିଗୁଡ଼ିକୁ ସମୁଦାୟ କାର୍ଯ୍ୟର ଯେଉଁ



୭୦ ପ୍ରତିଶତ କାମ ଦିଆଯାଇଛି, ତାହା ବନ୍ଦ କରାଯିବା, ୧୨୫ ସଦସ୍ୟ ବିଶିଷ୍ଟ ଭଦ୍ରକ ଜିଲ୍ଲାର ସର୍ବପୁରାତନ ଟିପ୍ପର ମାଲିକ ସଂଘକୁ ପୋର୍ଟ ପରିବହନ କ୍ଷେତ୍ରରେ ସାମିଲ କରିବା, ଗାଡି କିସ୍ତି ଦେଇ ନପାରି ହତାଶ ଓ ମାନସିକ ଯନ୍ତ୍ରଣା ଭିତରେ ରହିଥିବା ଗାଡି ମାଲିକମାନଙ୍କ ପ୍ରତି ସମବେଦନା ଜଣାଇବା ପୂର୍ବକ ଭଦ୍ରକ ଜିଲ୍ଲାପାଳ ତୁରନ୍ତ ଏକ କମିଟି ଧାମରା ବନ୍ଦରଠାରେ କୋଇଲା ପରିବହନ କାର୍ଯ୍ୟର ସୁପରିଚାଳନା ନିମନ୍ତେ ଗଠନ କରିବା ନେଇ ଦୃଷ୍ଟି ଆକର୍ଷଣ କରାଯିବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତୀକ ଅନଶନ କରାଯାଇଥିଲା। ଏହି ଅନଶନ ସଭାରେ ଭଦ୍ରକ ଜିଲା ଟିପ୍ପର(ଡମ୍ପର) ମାଲିକ ସଂଘର ବରିଷ୍ଠ ସଦସ୍ୟ ଅଶୋକ ପରିଜା ଅଧ୍ୟକ୍ଷତା କରିଥିବାବେଳେ ସଭାପତି ଶୁଭେନ୍ଦୁ ରାୟମହାପାତ୍ର, ସାଧାରଣ ସଂପାଦକ ଜ୍ୟୋତିପ୍ରକାଶ ମହାନ୍ତି, ଉପସଭାପତି ପ୍ରଫୁଲ୍ଲ ପୃଷ୍ଟି ଓ ସଦସ୍ୟ ରଜତ ପତି, ଚନ୍ଦନ ନାୟକ, ସୌମ୍ୟରଂଜନ ବାରିକ, ରାଥିଆ ବାରିକ, ଅଶୋକ ବାରିକ, ବଳରାମ ପରିଡା, ତାଳଧ୍ୱଜ ବେହେରା, ଲକ୍ଷ୍ମୀକାନ୍ତ ବାରିକ, ଗୁରୁପଦ ସାହୁ, ଅଜୟ ବାରିକ, ପ୍ରେମାନନ୍ଦ ନାୟକ, ମହାପ୍ରାସାଦ ସାହୁ, ପ୍ରଶାନ୍ତ ସାହୁ, ସେକ୍ ରେଜଉଲ୍ ମୁସ୍ତାଫା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଧାମରା ବନ୍ଦରରୁ ପରିବହନ ଦାବି

## ୨୫ ସୁଦ୍ଧା ସମାଧାନ କରିବାକୁ ମା’ କାଳିତ୍ରା ଟ୍ରକ ମାଲିକ ସଂଘର ମହଲତ

ଭଣ୍ଡାରିପୋଖରୀ, ୬।୧୦(ସମିସ): ସ୍ଥାନୀୟ ମା’କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ଧାମରା ବନ୍ଦରରୁ ମାଲ ପରିବହନ ସୁଯୋଗ ଦାବି ସମାଧାନ ନିମନ୍ତେ ଆଗାମୀ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନକୁ ମହଲତ ଦିଆଯାଇଛି। ଭଣ୍ଡାରିପୋଖରୀ, ବନ୍ତ ଓ ଧାମନଗର ଟ୍ରକ ମାଲିକମାନଙ୍କ ଦ୍ୱାରା ଗଠିତ ଏହି ସଂଘରେ ଅନୁବନ୍ଧିତ ଟ୍ରକଗୁଡିକୁ ଧାମରା ବନ୍ଦରରୁ ପରିବହନ ସୁଯୋଗକୁ ଉଦ୍ଦେଶ୍ୟମୂଳକ ଭାବେ ବାଧା ଦିଆଯାଉଛି। ଜିଲ୍ଲା ଓ ଜିଲ୍ଲା ବାହାରର ଟ୍ରକ ମାଲିକ ସଂଘଗୁଡିକୁ ପରିବହନ ସୁଯୋଗ ମିଳୁଥିବା ବେଳେ ମା’କାଳିତ୍ରା ସଂଘକୁ ବୈମାତୃକ ମନୋଭାବ ଯୋଗୁଁ ଏଥିରୁ ବଞ୍ଚିତ କରାଯାଉଥିବା ଅଭିଯୋଗ କରି ମା’କାଳିତ୍ରା ଟ୍ରକ ମାଲିକ ସଂଘ ପକ୍ଷରୁ ୨ଟି ପର୍ଯ୍ୟାୟରେ ଧାରଣା ଦିଆଯାଇଥିଲା। ଗତ ସେପ୍ଟେମ୍ବର ୧୨ ତାରିଖରେ ୧୬ ନଂ ଜାତୀୟ ରାଜପଥର ଭାଗଡା-ନାରାୟଣପୁର ଟୋଲଗେଟ ସମ୍ମୁଖରେ ସଂଘ ପକ୍ଷରୁ ଅନୁଷ୍ଠିତ ଧାରଣାସ୍ଥଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତି, ଅତିରିକ୍ତ ପୁଲିସ ଅଧୀକ୍ଷକ ଅରୂପ ବେହେରା, ଥାନାଧିକାରୀ କମଳାକାନ୍ତ ଦାସ ଧାରଣାରତ ଟ୍ରକ ମାଲିକ ସଂଘ ନିକଟରେ ପହଞ୍ଚି ସେପ୍ଟେମ୍ବର ୧୫ ତାରିଖ ଭଦ୍ରକରେ ମା’କାଳିତ୍ରା ଟ୍ରକ ମାଲିକ ସଂଘ ଓ ଧାମରା ଟ୍ରକ ଓ ଟିପର ସଂଘ ମଧ୍ୟରେ ଆଲୋଚନା ପ୍ରଶାସନ ମଧ୍ୟସ୍ଥତାରେ ହେବା ପାଇଁ ଲିଖିତ ପ୍ରତିଶ୍ରୁତି ଦିଆଯାଇଥିଲା।




ଏହାକୁ ଗ୍ରହଣ କରି ସଂଘ ପକ୍ଷରୁ ଧାରଣାକୁ ସାମୟିକ ଭାବେ ସ୍ଥଗିତ କରାଯାଇଥିଲା। ମାତ୍ର ଏହାକୁ କାର୍ଯ୍ୟକାରୀ କରାଯାଇ ନଥିଲା। ଏହାର ପ୍ରତିବାଦ କରି ସଂଘ ପକ୍ଷରୁ ଗତ ୩ ତାରିଖରେ ଜିଲ୍ଲାପାଳଙ୍କୁ ପତ୍ର ଲେଖାଯାଇ ସମାଧାନ ପାଇଁ ଆଗାମୀ ୨୫ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରାଯାଇଛି। ଅନ୍ୟଥା ସଂଘ ପକ୍ଷରୁ ୩ୟ ପର୍ଯ୍ୟାୟ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ଧାନ ଗଛରେ ଅଜଣା ରୋଗ; ଚିନ୍ତାରେ ଚାଷୀ

ବାରିକପୁର, ୬।୧୦(ସମିସ): ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳର ପ୍ରାୟ ୧୬ ହଜାର ହେକ୍ଟର ଚାଷଜମିରେ ଖରିଫ୍ ଧାନର ବେଉଷଣ କାମ ଶେଷ ହୋଇଥିବା ବେଳେ ଏବେ ଥୋଡ ସମୟ ଉପନୀତ ହୋଇଛି। ଏତିକିବେଳେ ଧାନ ଗଛରେ ଅଜଣା ରୋଗ ବ୍ୟାପୁଥିବା ଯୋଗୁଁ ଚାଷୀ ଭାଇମାନେ ଚିନ୍ତିତ ହୋଇଛନ୍ତି। ବୈତରଣୀ ବନ୍ୟା ଓ ଲଗାଣ ବର୍ଷା ଭିତରେ ଚାଷୀ ଭାଇମାନେ ଧାନ ରୁଆ କାର୍ଯ୍ୟ ସାରିଥିଲେ। ଏବେ ସବୁ ଅଞ୍ଚଳରେ ପ୍ରାୟତଃ ଧାନ ଥୋଡ ପାଇଁ ସାର ବୁଣା ଶେଷ ହେଉଥିବା ବେଳେ ଧାନ ଗଛ ପିଲ ବୃଦ୍ଧି କରୁଛି। କିଛି ଦିନ ପୂର୍ବରୁ ଅନେକ ଚାଷ ଜମିରେ ବିଭିନ୍ନ ପ୍ରକାର ପୋକ ସାଲୁବାଲୁ ହେଉଥିବା ବେଳେ ଏଥିରେ ଚାଷୀମାନେ କୀଟନାଶକ ପ୍ରୟୋଗ କରିଥିଲେ। ଏହାରି ଭିତରେ ଚାଷ ଜମିରେ କାଣ୍ଡ ବିନ୍ଧା



ସହିତ ବୋଡା, ଜୋଉଆ ପୋକ ଉପଦ୍ରବ ସାମାନ୍ୟ ଉପଶମ ହୋଇଛି। ଏହାସତ୍ତ୍ୱେ ଏବେ ଧାନ କ୍ଷେତଗୁଡ଼ିକରେ ଅଜଣା ରୋଗ ଦେଖାଯାଇଛି। ଧାନ ଗଛଗୁଡ଼ିକ ନାଲି ପଡୁଥିବା ବେଳେ ସେଥିରେ ଥୋଡ ପାଇଁ ଆହାର ସଂଚୟ ହେବା ବିଳମ୍ବିତ ହେଉଛି। ଏପରିକି ପତ୍ର ପୋଡିଗଲା ଭଳି ଦେଖାଯାଉଛି। ଏଥିପାଇଁ କେଉଁ କୀଟନାଶକ ପ୍ରୟୋଗ ତାହା ଚାଷୀମାନେ ଜାଣି ପାରୁନାହାନ୍ତି। ଜିଲ୍ଲା କିମ୍ବା ବ୍ଲକ କୃଷି ବିଭାଗ ପକ୍ଷରୁ ଏଥିପାଇଁ କୌଣସି ଅନୁଧ୍ୟାନ ହୋଇ ନଥିବା ବେଳେ ଚାଷୀଙ୍କୁ ଏ ସମ୍ବନ୍ଧରେ ଏଯାଏଁ କିଛି ପରାମର୍ଶ ଦିଆ ଯାଇନାହିଁ। ଧାନ କ୍ଷେତ ନାଲି ପଡିବା ଯୋଗୁଁ ବ୍ଲକର ମଞ୍ଜୁରୀ ରୋଡ ଏବଂ ବିଷ୍ଣୁପୁର ଓ ଆଖୁଆପଦାଠାରୁ ଆରମ୍ଭ କରି ମାଳଦା ଯାଏଁ ସବୁଠି ଚାଷୀମାନେ ଅସ୍ତବ୍ୟସ୍ତ ହୋଇଛନ୍ତି। ଏହା ଉପରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଦାବି ହୋଇଛି।

## ● ମୃତ ବ୍ୟକ୍ତିଙ୍କୁ ଭତ୍ତା ନଦେବାରୁ ପିଇଓଙ୍କୁ ମାଡ଼

# ଗିରଫ ଦାବିରେ ବ୍ଲକ କର୍ମଚାରୀଙ୍କ କଲମ ଛାଡ଼ ଆନ୍ଦୋଳନ



ବାସୁଦେବପୁର, ୬।୧୦(ସମିସ): ମୃତ୍ୟୁର ୧୦ ଦିନ ପରେ ବାପାଙ୍କ ଭତ୍ତା ଟଙ୍କା ମାଗିବାକୁ ଯାଇ ନିରାଶ କରିବାରୁ ପିଇଓଙ୍କୁ ମାଡ଼ ମାରିବା ଘଟଣା ଚର୍ଚ୍ଚାକୁ ଆସିଛି। ଏପରିକି ଟଙ୍କା ଛଡାଇ ନେଇଥିବାର ଥାନାର ଲିଖିତ ଅଭିଯୋଗ ହୋଇଛି। ଆକ୍ରମଣକାରୀଙ୍କୁ ଗିରଫ ଦାବିରେ ବ୍ଲକ କର୍ମଚାରୀ ସଂଘ ପକ୍ଷରୁ ବାସୁଦେବପୁର ବ୍ଲକ ପରିସରରେ କଲମ ଛାଡ ଆନ୍ଦୋଳନ କରି ଧାରଣା ଦିଆଯାଇଥିଲା। ସୂଚନା ଅନୁସାରେ, ବାସୁଦେବପୁର ବ୍ଲକ ଗୋବିନ୍ଦପୁର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ କମଳାକାନ୍ତ ବେହେରା ସେପ୍ଟେମ୍ବର ୧୩ ତାରିଖରେ ଭତ୍ତା ବାଣ୍ଟିବାକୁ ଯାଇଥିଲେ। ବ୍ରଜାନନ୍ଦପୁର ଗାଁର ଭରତ ଜେନା ୧୦ ଦିନ ତଳେ ପ୍ରାଣ ତ୍ୟାଗ କରିଛନ୍ତି। ମୃତକଙ୍କ ଭତ୍ତା ପ୍ରଦାନ କରିବାକୁ ପୁଅ ଦାବି କରିଥିଲେ। ମଲା ଲୋକର ଭତ୍ତା ପ୍ରଦାନ କରାଯିବ ନାହିଁ ବୋଲି ପିଇଓ ସିଧାସଳଖ ମନା କରି ଦେଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ କାଳନ୍ଦୀ ଜେନା ଓ ବୁଲୁ ଜେନା ପିଇଓଙ୍କୁ ଆକ୍ରମଣ କରିବା ସହିତ ଟଙ୍କା ଛଡାଇ ନେଇଥିଲେ। ପରେ ସେ ବ୍ୟାଗ ଦେଇଥିଲେ ମଧ୍ୟ ବ୍ୟାଗର ୧୨ ହଜାରରୁ ଉର୍ଦ୍ଧ୍ୱ ଟଙ୍କା କମ୍ ଥିବାର ନାୟକାଣିଡିହି ଥାନାର ଅଭିଯୋଗ ହୋଇଛି। ମାମଲା ରୁଜୁ କରି ଦୀର୍ଘ ୨୩ ଦିନ ଧରି ପୁଲିସ ଚୁପଚାପ ବସି ରହିଛି। ଏହାର ପ୍ରତିବାଦରେ ବାସୁଦେବପୁର ବ୍ଲକର ସମସ୍ତ କର୍ମଚାରୀ କଲମ ଛାଡ ଆନ୍ଦୋଳନ କରି ଧାରଣାରେ ବସି ରହିଛନ୍ତି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆନ୍ଦୋଳନ ଜାରି ରହିବ ବୋଲି ପିଇଓ ସଂଘ ପକ୍ଷରୁ କହିଛନ୍ତି। ଘଟଣାକୁ ଗୁରୁତର ସହ ନେଇ ନାୟକାଣୀଡିହି ପୁଲିସ ଅଭିଯୁକ୍ତକୁ ଗିରଫ କରି ବ୍ଲକ ପରିସରକୁ ଆଣିଥିଲା। ସର୍ବ ସାଧାରଣରେ ଭୁଲ ମାଗିବା ସହିତ ଦୋଷ ସ୍ୱୀକାର କରିଥିବା ଜଣାପଡ଼ିଛି।

# ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମକୁ ନାହିଁ ସବୁଦିନିଆ ରାସ୍ତା

ଭଦ୍ରକ, ୬।୧୦(ସମିସ): ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମକୁ ନାହିଁ ସବୁଦିନିଆ ରାସ୍ତା। ବର୍ଷା ୪ ମାସ ବନ୍ଦୀ ଜୀବନ କାଟୁଛନ୍ତି ଗ୍ରାମବାସୀ। ସରପଞ୍ଚଠାରୁ ମୁଖ୍ୟମନ୍ତ୍ରୀ ଯାଏ ସମସ୍ତଙ୍କୁ ଗୁହାରି କରିସାରିଥିଲେ ମଧ୍ୟ

**ବର୍ଷା ୪ ମାସ ବନ୍ଦୀ ଜୀବନ**



ଫଳ ଶୂନ୍। ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଚାନ୍ଦବାଲି ବ୍ଲକର ଏମିତି ଏକ ଗାଁ ହେଉଛି ରାମପୁର। ପ୍ରଶାସନର ଦୃଷ୍ଟି ଆଢୁଆଳରେ ନାଲଗୁଣ୍ଡା ପଞ୍ଚାୟତର ଏହି ଗାଁ। ପ୍ରାୟ ୨ ହଜାର ଜନସଂଖ୍ୟା ବିଶିଷ୍ଟ ଉକ୍ତ ଗ୍ରାମଟି ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମରେ ଅନ୍ତର୍ଭୁକ୍ତ ହୋଇଥିଲା; ହେଲେ ଏହି ପ୍ରଧାନମନ୍ତ୍ରୀ ଆଦର୍ଶ ଗ୍ରାମକୁ ନାହିଁ ସବୁଦିନିଆ ରାସ୍ତା। ପୂର୍ବ ସରକାରଙ୍କ ସମୟରେ କିଛି ଅଂଶ ରାସ୍ତା ନିର୍ମାଣ ହୋଇଥିଲେ ବି ତାହା ସମ୍ପୂର୍ଣ୍ଣ ହୋଇ ପାରି ନାହିଁ। ଫଳରେ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ଗ୍ରାମବାସୀ। ବର୍ଷା ହେଉ ବା ଖରା କୌଣସି ସମୟରେ ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ କି ଦମକଳ ଗାଡ଼ି। ବର୍ଷା ଦିନେ ପିଲାମାନେ ପାଠ ପଢିବା ପାଇଁ ବାହାରକୁ ଯାଇ ପାରୁନାହାନ୍ତି। ଜିଲ୍ଲାପାଳଙ୍କ ଜନଶୁଣାଣିଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିଅଭିଯୋଗ ପ୍ରକୋଷ୍ଠ ପର୍ଯ୍ୟନ୍ତ ରାସ୍ତାଟିଏ ପାଇଁ ଅଭିଯୋଗ କରି ସାରିଥିଲେ ବି କୌଣସି ସୁଫଳ ମିଳୁ ନ ଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବନ୍ୟା ପ୍ରପୀଡ଼ିତ ନାଲଗୁଣ୍ଡା ପଞ୍ଚାୟତର ଏହି ଅବହେଳିତ ଗ୍ରାମକୁ ସବୁଦିନିଆ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି ଗ୍ରାମବାସୀ ପ୍ରଫୁଲ୍ଲ ଦାସ, ଅକ୍ଷୟ ଦାସ ଓ ଦୁଃଶାସନ ଦାସ।

# ରାଜପଥରେ ଗୋ-ମଡ଼କ



ବାରିକପୁର, ୬।୧୦(ସମିସ): ୧୬ ନମ୍ବର ଜାତୀୟ ରାଜପଥର ଭଣ୍ଡାରିପୋଖରୀ ବସଷ୍ଟାଣ୍ଡ ନିକଟରେ ୨-୩ଟି ଗୋରୁ ଏକତ୍ରିତ ପ୍ରାଣ ହରାଇଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ଗ୍ରାମର କିଛି ଗାଇଗୋରୁ ଚାରଣ କରିବାକୁ ଯାଇ ଫେରୁଥିବା ବେଳେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ବିଭିନ୍ନ ସମୟରେ ଏଭଳି ଘଟଣା ଧାମନଗର ଛକ, କହରାପୋଖରୀ, ବରିକପୁର, ଛତାବର, ଆଖୁଆପଦା, ଡାହାଲାଠାରେ ମଧ୍ୟ ଦେଖାଯାଉଛି। ଜାତୀୟ ରାଜପଥ ଉପରେ ଦିନ ଦିନ ଧରି ଗୋରୁଙ୍କ ମୃତ ଶରୀର ପଡି ରହୁଥିବା ବେଳେ ଏଥିପାଇଁ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଜାତୀୟ ରାଜପଥ ପ୍ରାଧିକରଣ ସଂସ୍ଥା ମୃତ ଶରୀର ସ୍ଥାନାନ୍ତରିତ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥିବା ଅଭିଯୋଗ ହେଉଛି।

# ଇନୋଭେଟିଭ ମିଶନର ବାର୍ଷିକ ବୈଠକ

ବନ୍ତ/ଆଗରପଡ଼ା,୬।୧୦(ସମିସ): ବନ୍ତ ବ୍ଲକ କ୍ଷେଣ୍ଟିରା ବଜାରରେ ସୋମବାର କୃଷକ ଇପ୍ାଦକ ସଂଗଠନ ଇନୋଭେଟିଭ ମିଶନର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅଧକ୍ଷ ସୁବାସଚନ୍ଦ୍ର ବୈରୀଗଞ୍ଜନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଡିଡିଏମ ଦୀପକ ସାହୁ, ବ୍ଲକ ଉଦ୍ୟାନ ବିଭାଗ ଅଧିକାରିଣୀ ପାୟଲ ଚୌଧୁରୀ, ମତ୍ସ୍ୟା ଅଧିକାରିଣୀ ଗୀତାଞ୍ଜଳି ବେହେରା, ଜିଲ୍ଲା କୃଷି ଅଧିକାରୀ ଦିଜ୍ଞବର ସେଠୀ, ସଂଗଠନ ସିଇଓ ବର୍ଷା ପ୍ରିୟଦର୍ଶିନୀ




ମହାନ୍ତି, ସଂଗଠନ ପିଓପିଆଇ ଅଶୋକ ରଥ, ଉମେଶ ମଲ୍ଲିକ, ପ୍ରାକ୍ତନ ସରପଞ୍ଚ ପ୍ରଶାନ୍ତ ସାମଲ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ମାଛ ଓ ଛତୁ ଚାଷ କରି ଅଗ୍ରଣୀ ଚାଷୀ ସୃଷ୍ଟି କରିବା କୃଷକ ଇପ୍ାଦକ ସଂଗଠନ ଇନୋଭେଟିଭ ମିଶନର ମୁଖ୍ୟଲକ୍ଷ। ଅଗ୍ରଣୀ ମାଛ ଚାଷୀ କାଂଚନ ଲତା ଦାସ,ଛତୁଚାଷୀ ସଂଯୁକ୍ତା ଦେଓଙ୍କୁ ପୁଷ୍ପ ଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପ୍ରାୟ ୫୦ ଚାଷୀଙ୍କୁ ଅଂଶୀଦାର ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ସଂଗଠନ ନିର୍ଦ୍ଦେଶକ ଭାସ୍କରଚନ୍ଦ୍ର ସାହୁ, ସୁଶାନ୍ତ ଜେନା, ବନମାଳି ବାରିକ, ରମ୍ଭାମଣି ଦାସ, ସୁବାସଚନ୍ଦ୍ର ମିଶ୍ର, ବିଷୋୟା ଜେନା, ବୁଦ୍ଧିରାମ ଜେନା, ସନ୍ତୋଷ ଜେନା ସହଯୋଗ କରିଥିଲେ।

# ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଜିଲ୍ଲାପାଳଙ୍କୁ ନିମନ୍ତ୍ରଣ

ଅସୁରାଳି, ୬।୧୦(ସମିସ): ଗଜଲକ୍ଷ୍ମୀ ପୂଜା ଉପଲକ୍ଷେ ପଙ୍ଗଟା ଘାଟ କୁଳ ସାର୍ବଜନୀନ ପୂଜା କମିଟି ତରଫରୁ ଭଦ୍ରକ ଜିଲ୍ଲାପାଳ ଦିଲୀପ ରାଉତରାୟଙ୍କୁ ଉତ୍ସବରେ ଉପସ୍ଥିତ ହେବା ପାଇଁ ନିମନ୍ତ୍ରଣ ଜଣାଯାଇଛି। ଏହି ଅବସରରେ କମିଟି ପକ୍ଷରୁ ଏକ ଉତ୍ସାହଭରା



ଦଳ ଜିଲ୍ଲାପାଳଙ୍କ ସହିତ ଭେଟି ଉତ୍ସବର ବିସ୍ତୃତ ତଥ୍ୟ ଓ ନିମନ୍ତ୍ରଣପତ୍ର ପ୍ରଦାନ କରିଥିଲେ। ଉପସ୍ଥିତ ଥିଲେ କମିଟି ସଭାପତି ନିଶିକାନ୍ତ ନାୟକ, ହିମାଂଶୁ ରାଉତ, ଧୁଷୁରୀ ପ୍ରେସ ୟୁନିଅନ ସଭାପତି ସନ୍ତୋଷ ଦାସ, ସମ୍ପାଦକ ଦୀପ୍ତିରଞ୍ଜନ ନାୟକ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ। ଏହି ଉତ୍ସବ ଉପଲକ୍ଷେ ଗଜଲକ୍ଷ୍ମୀ ପୂଜା କମିଟି ତରଫରୁ ଧାର୍ମିକ ଅନୁଷ୍ଠାନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମୁଦାୟିକ ମିଳନ ଆୟୋଜନ କରାଯିବା ଯୋଜନା ରହିଛି। ଜିଲ୍ଲାପାଳଙ୍କ ଉପସ୍ଥିତି ଦ୍ୱାରା ଉତ୍ସବର ଗୌରବ ବୃଦ୍ଧି ପାଇବ ବୋଲି କମିଟି ଆଶା ବ୍ୟକ୍ତ କରିଛି।

## ପ୍ରସିଦ୍ଧ ‘ଲକ୍ଷ୍ମୀନାରାୟଣ’ ପୂଜା

# ୧୫୩ ବର୍ଷରେ ପୂଜା ପାଇଁ ଚଳଚଞ୍ଚଳ ତୁମ୍ବାପଦୀ

ବନ୍ତ/ଆଗରପଡ଼ା,୬।୧୦(ସମିସ): ପ୍ରାୟ ୧୫୩ ବର୍ଷ ତଳେ ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୁମ୍ବାପଦୀ ଗ୍ରାମରେ ଆରମ୍ଭ ହୋଇଥିବା ‘ଲକ୍ଷ୍ମୀନାରାୟଣ’ ପୂଜା ପାଇଁ ଚଳିତ ବର୍ଷ ଚଳଚଞ୍ଚଳ ହୋଇଉଠିଛି ସମଗ୍ର ଅଞ୍ଚଳ। ଗୋଲା ସମ୍ପ୍ରଦାୟର କୂଳ ଦେବାଦେବୀ ‘ଲକ୍ଷ୍ମୀନାରାୟଣ’। ଛୟାଳସିଂହ ପଞ୍ଚାୟତ ଅନ୍ତର୍ଗତ ପଳସା ଗ୍ରାମରେ ଏହି ସମ୍ପ୍ରଦାୟର ଲୋକେ ଉକ୍ତ ପୂଜା ଆରମ୍ଭ କରିଥିଲେ। ସମୟାନୁକ୍ରମେ କିଛି ଲୋକ କାଦବରାଙ୍ଗ ପଞ୍ଚାୟତ ଅନ୍ତର୍ଗତ ତୁମ୍ବାପଦୀ ଗ୍ରାମରେ ନିଜର ବସତି ସ୍ଥାପନ କରିବା ପରେ ସେଠାରେ କଳସ ସ୍ଥାପନ କରି ପୂଜାର୍ଚ୍ଚନା ଆରମ୍ଭ କଲେ। ପରବର୍ତ୍ତୀ ସମୟରେ ମିଳିତ ସହଯୋଗରେ ମେଢ ପୂଜା ଆରମ୍ଭ କରାଯାଇଥିଲା। ଆଜକୁ ଉକ୍ତ ତୁମ୍ବାପଦୀ ଗ୍ରାମରେ ୮୦ ବର୍ଷ ହେବ ‘ଲକ୍ଷ୍ମୀନାରାୟଣ’ଙ୍କ ମେଢ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ଏହାକୁ ନକୁଳଚନ୍ଦ୍ର ଗିରି, ଯୁଧିଷ୍ଠିର ଗିରି, ଚୈତନ୍ୟ ଗିରି, ପୁରୁଷୋତ୍ତମ ଗିରି, ମଧୁସୂଦନ



ଜେନା, ମଣିଭଦ୍ର ଜେନା ଏବଂ ବଲ୍ଲବ ଦାସ ପ୍ରମୁଖ ଆରମ୍ଭ କରିଥିଲେ। ପ୍ରଥମେ ଖୋଲା ଆକାଶ ତଳେ ଦେବାଦେବୀ ପୂଜା ପାଇବା ପରେ କଂଗ୍ରେସ ଦଳ ବରିଷ୍ଠ ନେତା ଅନନ୍ତ ସେଠୀଙ୍କ ସହଯୋଗ ଓ ଗ୍ରାମବାସୀଙ୍କ ଉଦ୍ୟମକ୍ରମେ ଏକ ଗୃହ ନିର୍ମାଣ କରାଯାଇ ଉକ୍ତ ଗୃହରେ ମେଢ ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଉଛି। ବର୍ତ୍ତମାନ ଲକ୍ଷ୍ମୀନାରାୟଣ ଗୋଲା ନାମରେ ଏକ ସଂଗଠନ କରାଯାଇ ପ୍ରତିବର୍ଷ ଉକ୍ତ ପୂଜା ଧୁମଧାମରେ କରାଯାଉଛି। ଦୀର୍ଘବର୍ଷ ଧରି ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅନ୍ତରା ପଞ୍ଚାୟତ ଅନ୍ତର୍ଗତ କନ୍ଦଡ଼ା ଗ୍ରାମ ଅଧିବାସୀ ଦାମୋଦର ବେହେରା ଓ ତାଙ୍କ ପୂର୍ବପୁରୁଷ ଏଠାରେ ମୃଣ୍ମୟ ମୂର୍ତ୍ତି ନିର୍ମାଣ କରିଛନ୍ତି। ଏହି ପୂଜା ଏଠାରେ ୫ ଦିନ ଧରି ଚାଲିଥାଏ। ଭଦ୍ରକ ଜିଲ୍ଲାର ପ୍ରାୟ ୧୦ଟି ପଞ୍ଚାୟତର ଲୋକଙ୍କ ଏଠାରେ ସମାଗମ ହୋଇଥାଏ। ପ୍ରତିଦିନ ସଂଧାରେ ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହୋଇଥାଏ।

# କୁମାର ପୂର୍ଣ୍ଣିମା ଓ ମା’ ଗଜଲକ୍ଷ୍ମୀଙ୍କ ପୂଜା

ବନ୍ତ/ଆଗରପଡ଼ା/ଭଣ୍ଡାରିପୋଖରୀ, ୬।୧୦(ସମିସ): ସୋମବାର ବନ୍ତ ଓ ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ କୁମାର ପୂର୍ଣ୍ଣିମା ଓ ମା’ ଗଜଲକ୍ଷ୍ମୀଙ୍କ ପୂଜା ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି। ଆଶ୍ୱିନ ମାସର ଇନ୍ଦୁ ପୂର୍ଣ୍ଣିମାଠାରୁ କୁମାରୀ ଝିଅମାନେ କୁମାର ପୂର୍ଣ୍ଣିମା ପର୍ଯ୍ୟନ୍ତ ପ୍ରତିଦିନ ସଂଧ୍ୟା ସମୟରେ ଚଉଁରା ମୂଳରେ ଜହ୍ନି ଫୁଲରେ ଗୋଟିଏ ଗୋଟିଏ କୋଠି ତିଆରି କରି ତା ମଝିରେ ଜହ୍ନି ଫୁଲରେ ଗୋଟିଏ ଚାନ୍ଦ ତିଆରି କରିଥାନ୍ତି। କୋଠିରେ ଅରୁଆ ଚାଉଳ, ସାତ ଖଣ୍ଡ ହଳଦୀ, ଫୁଟଣ, କପା, ଲୁଣ ପ୍ରଭୃତି ଦେବା ପରେ କୁମାରୀମାନେ ତିନି ଆଞ୍ଜୁଳି



ଜହ୍ନି ଫୁଲ ଚାଳ ଉପରକୁ ପକାଇବା ସହ ଆଉ ତିନି ଆଞ୍ଜୁଳି ଜହ୍ନି ଫୁଲ ତୁଳସୀ ଗଛ ଉପରକୁ ପକାଇଥାନ୍ତି। ପ୍ରତ୍ୟେକ ଦିନ କଇଁ ଫୁଲ ପକାଇ ଚଉଁରା ନିକଟରେ ମିଳିତ ଭାବେ କୁମାର ପୂନେଇଁ ଗୀତ ଗାନ କରିଥାନ୍ତି। ରବିବାର ବଡ଼ଘର ପୂଜା ଓ ଶନିବାର ସୂର୍ଯ୍ୟଙ୍କୁ ପୂଜାର୍ଚ୍ଚନା କରିବା ପରେ ଗ୍ରହଣ ଲାଗୁଥିବାରୁ ସଂଧାରେ ନୂତନ ବସ୍ତ୍ର ପରିଧାନ କରି ଚଉଁରା ମୂଳେ ପୂଜାର୍ଚ୍ଚନା କରିଛନ୍ତି। ସୋମବାର ବନ୍ତ ଓ ଆଗରପଡ଼ା ତଥା ଏହାର ଆଖପାଖ ଅଞ୍ଚଳରେ ଏହି ଉତ୍ସବ ଚାଲିଥିଲା ବେଳେ ମା’ଗଜଲକ୍ଷ୍ମୀଙ୍କ ପୂଜା ମଧ୍ୟ ଆରମ୍ଭ ହୋଇଛି। ସେହିପରି ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କୁମାରପୂର୍ଣ୍ଣିମା ପର୍ବ ସୋମବାର କୁମାରୀକନ୍ୟାମାନେ ପାଳନ କରିଛନ୍ତି। ଏଥିପାଇଁ ଘର ଅଗଣାରେ ଥିବା ତୁଳସୀ ଚଉରାକୁ ସଜାଇ ଆକର୍ଷଣୀୟ ରୂପ ଦିଆଯାଇଥିଲା। କୁମାରୀ କନ୍ୟାମାନେ ଦିନତମାମ ଉପାସ ରହି ସନ୍ଧ୍ୟାରେ ନବବସ୍ତ୍ର ପରିଧାନ କରି କଳସ ପୂଜା ସହ ନବଉଦିତ ଜହ୍ନମାମୁଙ୍କୁ ଆବାହନ କରି ପୂଜାର୍ଚ୍ଚନା କରିଥିଲେ। ଖଇ, ତାଳଗଜା ମିଶ୍ରିତ ଭୋଗରେ ଚନ୍ଦ୍ରାକୃତି କରାଯାଇ ଜହ୍ନମାମୁଙ୍କୁ ବନ୍ଦାପନା ସହ ମଣ୍ଡାପିଠା ଭୋଗ ଲାଗି କରାଯାଇଥିଲା। କୁମାର ପୂର୍ଣ୍ଣିମା ସଙ୍ଗୀତ ଗାନ ସହ କୁଆଁରୀମାନେ ନଗରଭ୍ରମଣ କରି ଉତ୍ସବ ପାଳନ କରିଥିଲେ।

● ମୟୂରଭଞ୍ଜରେ ଲଜ୍ଜା

## ମା’ ହେଲେ ନାବାଳିକା ଛାତ୍ରୀ

ବେଶିଙ୍ଗା, ୬ା୧୦(ସମିସ): ମୟୂରଭଞ୍ଜରେ ଲଜ୍ଜା। ଜଣେ ନାବାଳିକା ଛାତ୍ରୀ ବେତନଟୀ ଡାକ୍ତରଖାନାରେ ସୋମବାର ଏକ କନ୍ୟାସନ୍ତାନ ଜନ୍ମ ଦେଇଥିବାରୁ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଉଭୟଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସୂଚନା ମୁତାବକ, ଛାତ୍ରୀ ଜଣକ ବେତନଟୀର ଏକ ଘରୋଇ ଛାତ୍ରୀ ନିବାସରେ ରହି ଯୁକ୍ତଦୁଇ ପାଠ ପଢୁଥିଲେ। ସୋମବାର ତାଙ୍କ ଶରୀର ଅସୁସ୍ଥ ହେବାରୁ ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଘର ଲୋକଙ୍କୁ ଖବର ଦିଆଯାଇଥିଲା। ପରେ ପୀଡିତା ଜଣକ ବେତନଟୀ ଡାକ୍ତରଖାନା ଶୌଚାଳୟକୁ ପରିଶ୍ରା କରିବାକୁ ଯାଇଥିବା ବେଳେ ସେଠାରେ ଏକ କନ୍ୟାସନ୍ତାନକୁ ଜନ୍ମ ଦେଇଥିଲେ। ତେବେ ପୀଡିତା ଜଣକ ୬ ମାସର ଗର୍ଭବତୀ ହୋଇଥିବା ନେଇ ଡାକ୍ତରଖାନା କର୍ତ୍ତୃପକ୍ଷ ଅନୁମାନ କରୁଛନ୍ତି। ନବଜାତ ଶିଶୁକନ୍ୟାକୁ ଏସଏନସିୟୁରେ ରଖାଯାଇଥିବା ବେଳେ ନାବାଳିକା ମା’ ମଧ ସେଠାରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ବେତନଟୀ ଡାକ୍ତରଖାନା ପକ୍ଷରୁ ଡ. ବର୍ଷା ପ୍ରିୟଦର୍ଶିନୀ ଜେନା ବେତନଟୀ ଥାନାକୁ ଅବଗତ କରିଛନ୍ତି। ପୁଲିସ ତଦନ୍ତ ଆରମ୍ଭ କରିଛି।

## ବାଣ ବିସ୍ଫୋରଣରେ ଗୁରୁତର ଯୁବକଙ୍କ ମୃତ୍ୟୁ

ବେଶିଙ୍ଗା, ୬ା୧୦(ସମିସ): ବେଶିଙ୍ଗା ଥାନା ଅଧୀନ ବାଚ୍ଛୁରୀପଡ଼ା ଗ୍ରାମରେ ବାଣ ବିସ୍ଫୋରଣରେ ଗୁରୁତର ହୋଇଥିବା ଯୁବକ ଅନିଲ ଦାସଙ୍କ ଡାକ୍ତରଖାନାରେ ମୃତ୍ୟୁ ଘଟିଛି। ରବିବାର ପୂର୍ବାହ୍ନ ୧୧ଟା ସମୟରେ ସନ୍ତୋଷଙ୍କ ବଡ଼ ପୁଅ ଅନିଲ ବାଣ ପ୍ରସ୍ତୁତି କରୁଥିବାବେଳେ ସାବଧାନତା ବଶତଃ ବାରୁଦରେ ନିଆଁ ଲାଗିଯାଇଥିଲା। ପରେ ନିଆଁ ସମଗ୍ର ଘରେ ବ୍ୟାପିଯାଇ ଭୟଙ୍କର ବିସ୍ଫୋରଣ ଘଟିଥିଲା। ବିସ୍ଫୋରଣ ଏତେ ଭୟଙ୍କର ଥିଲା ଯେ ଘରର ଛାତ ଉଡିଯାଇ ଗଛ ଡାଳରେ ଲାଗିଥିଲା। ଅନ୍ୟପଟେ ବିସ୍ଫୋରଣରେ ଅନିଲ ଗୁରୁତର ଭାବେ ଆହତ ହୋଇ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନା ନିଆଯାଇଥିବାବେଳେ ପରେ କଟକରେ ମୃତ୍ୟୁ ଘଟିଛି। ସେହିପରି ଅନିଲଙ୍କ ମାଆ ଶାନ୍ତିଲତା ଦାସ, ସ୍ତ୍ରୀ କ୍ରିଷ୍ଣା ଦାସ, ସାନଭାଇ ସୁନୀଲ ଦାସ ମଧ ଆହତ ହୋଇ କଟକ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅନିଲଙ୍କ ଶବ ବ୍ୟବଚ୍ଛେଦ ପରେ ଶୋଭାଯାତ୍ରାରେ ମରଶରୀରକୁ ନିଆଯାଇ ଶେଷକୃତ୍ୟ ସମ୍ପନ୍ନ କରାଯିବ।

● ବୁଦାମୁଳରୁ ଯୁବକଙ୍କ ମୃତଦେହ ଉଦ୍ଧାର ଘଟଣା

## ପ୍ରେମ ବ୍ୟାପାରକୁ ନେଇ ସ୍ତ୍ରୀ ଓ ପ୍ରେମିକ କରିଥିଲେ ହତ୍ୟା

ତୁରୁମୁଙ୍ଗା, ୬ା୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅଧୀନ ସାହାରପଡା କଲେଜ ନିକଟ ରାସ୍ତାକଡ଼ ବୁଦାମୂଳରୁ ଜଣେ ଯୁବକଙ୍କ ମୃତଦେହ ଗତ ସେପ୍ଟେମ୍ବର ୨୮ ତାରିଖରେ ଉଦ୍ଧାର ହୋଇଥିଲା। ମୃତକ ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଜଡିବିଲ ଗ୍ରାମର ବିରଞ୍ଚି ନାରାୟଣ ମହାନ୍ତ (୪୦) ବୋଲି ଜଣାପଡିଥିଲା। ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରି ଘଟଣାର ତଦନ୍ତ ଜାରି ରଖିଥିଲା। ସୋମବାର ଘଟଣାରେ ପୁଲିସ ମୃତକଙ୍କ ସ୍ତ୍ରୀ ବର୍ଷାରାଣୀ ମହାନ୍ତ ଏବଂ ସହଯୋଗୀ କମାରମରା ଗ୍ରାମର ପୁରେନ୍ଦ୍ର ମହାକୁଡ଼ଙ୍କୁ ଅଟକ ରଖି ଘଟଣାର ତଦନ୍ତ କରିବା ପରେ ପ୍ରେମ ବ୍ୟାପାରକୁ ନେଇ ଉଭୟ ତଣ୍ଟିଚିପି ହତ୍ୟା କରିଥିବା ଜଣାପଡିଛି। ଉଭୟଙ୍କୁ ଅଟକ ରଖି ଘଟଣାର ଅଧିକ ତଦନ୍ତ କରୁଛି ପାଟଣା ପୁଲିସ।

## ଦୁର୍ଘଟଣାରେ ପୂର୍ବତନ ବ୍ଲକ୍ ଅଧକ୍ଷ ଗୁରୁତର

ରାମଚନ୍ଦ୍ରପୁର, ୬ା୧୦(ସମିସ): ଭାରସାମ୍ୟ ହରାଇ ପୋଲତଳକୁ ଗାଡ଼ି ଓଲଟି ପଡ଼ିବାରୁ ଘସିପୁରା ପୂର୍ବତନ ବ୍ଲକ ଅଧକ୍ଷ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ପୁଅ ତଥା ପୂର୍ବତନ ବ୍ଲକ ଅଧକ୍ଷ ଦେବାଶିଷ ପାତ୍ର ଦୁର୍ଘଟଣାରେ ଗୁରୁତର ଆହାତ ହୋଇ ପ୍ରଥମେ ଆନନ୍ଦପୁର ପରେ କଟକ ସ୍ଥାନାନ୍ତର ହୋଇଛନ୍ତି। ସେ ନିଜ ଗାଁ ଗଡ଼ବାନ୍ଧଗୋଡାରୁ ନିଜ ଗାଡି ଯୋଗେ ପୂର୍ବାହ୍ନରେ ରାମଚନ୍ଦ୍ରପୁର ଆସୁଥିବା ସମୟରେ ନହଙ୍ଗି ଛକ ରାସ୍ତାକଡରେ ଥିବା ଏକ ପୋଲବାଡାରେ ଗାଡିଟି ଧକ୍କାହୋଇ ଓଲଟି ପଡିଥିଲା। ସ୍ଥାନୀୟ ଲୋକେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡିରୁ ଦେବାଶିଷଙ୍କୁ ଗୁରୁତର ଆହାତ ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଆନନ୍ଦପୁର ଓ ପରେ କଟକ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି। ଖବର ପାଇ ବିଧାୟକ ବଦ୍ରିନାରାୟଣ ପାତ୍ରଙ୍କ ସମେତ ଅନେକ ଗଣମାନ୍ୟ ବ୍ୟକ୍ତି ଆନନ୍ଦପୁର ଡାକ୍ତରଖାନାରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ହାଟଡ଼ିହୀ, ୬ା୧୦(ସମିସ): ହାଟଡ଼ିହୀ ବ୍ଲକ୍ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସାମାଜିକ ଅଧିକାରୀ ସ୍ୱାତୀ ସିଂଙ୍କ ସଂଯୋଜନାରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା ବେଳେ ବିଡିଓ ରଞ୍ଜନ କୁମାର ପରିଡ଼ା ଓ ଏବିଡିଓ ରଶ୍ମିରେଖା ନାଏକ, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପ୍ରତିମା ଦଣ୍ଡପାଟ ପ୍ରମୁଖ ଯୋଗଦେଇଥିଲେ। ମୋଟ୍ ୯୮ ଜଣ ଭିନ୍ନକ୍ଷମ ପଞ୍ଜିକୃତ କରିଥିଲା ବେଳେ ୧୪୫ ଜଣଙ୍କୁ ପ୍ରମାଣପତ୍ର ପାଇଁ ଚିହ୍ନଟ କରାଗଲା। କାର୍ଯ୍ୟକ୍ରମରେ ୮ ଜଣ ଅକ୍ଷମ, ୧ଜଣ ଅର୍ଦ୍ଧ ମାନସିକ ଅନଗ୍ରସର, ୨୮ଜଣ ଆଂଶିକ ଦୃଷ୍ଟିହୀନ, ୨୭ଜଣ ପୂର୍ଣ୍ଣ ମାନସିକ ଅନଗ୍ରସର, ୪୦ଜଣ ଶ୍ରବଣ ବାଧିତା, ୧ଜଣ ମିଶ୍ରିତ ଅନଗ୍ରସର, ୩ଜଣ ସମ୍ପୂର୍ଣ୍ଣ ଦୃଷ୍ଟିହୀନ ଭିନ୍ନକ୍ଷମ ସାମିଲ ହୋଇ ଡାକ୍ତରଙ୍କ ପରାମର୍ଶ ନେଇଥିଲେ। କାର୍ଯ୍ୟକ୍ରମକୁ କନିଷ୍ଠ ସହାୟକ ଏସ୍ ପ୍ରତୀକ ଆନନ୍ଦ ପରିଚାଳନା କରିଥିଲା ବେଳେ ତଥ୍ୟ ପ୍ରବେଶ ପରିଚାଳକ ରାଜେଶ କୁମାର ସାହୁ, କନିଷ୍ଠ ସହାୟକ ସଙ୍ଗୀତା ଜେନା ସହଯୋଗ କରିଥିଲେ। କର୍ମଚାରୀ ସୁଦର୍ଶନ ଘଡ଼େଇ, ଭଗବାନ ସେଠୀ ଭିନ୍ନକ୍ଷମଙ୍କୁ ସେବା ଯୋଗାଇବା ସହ ଡାକ୍ତର ପରାମର୍ଶରେ ସହଯୋଗ କରିଥିଲେ।

ସମବାୟ ସମିତିରେ ମିଳୁନି ସାର

# ଆନନ୍ଦପୁର ଉପଖଣ୍ଡରେ ଚାଷୀ ହନ୍ତସନ୍ତ

ଆନନ୍ଦପୁର, ୬ା୧୦(ସମିସ)

ଠିକଣା ସମୟରେ ଆନନ୍ଦପୁର ଉପଖଣ୍ଡରେ ସାର ମିଳୁନଥିବାରୁ ଚାଷୀମାନେ ହନ୍ତସନ୍ତ ହେଉଥିବା ଜଣାଯାଇଛି। ଅନ୍ୟପକ୍ଷରେ ସମବାୟ ସମିତିରେ ଚାଷୀଙ୍କୁ ସାର ଯୋଗାଇ ଦେବାକୁ ସରକାର ଘୋଷଣା କରିଥିଲେ ମଧ ବ୍ୟତିକ୍ରମ ପରିଲକ୍ଷିତ ହୋଇଥିବା ଅଭିଯୋଗ ହେଉଛି। ୭୦ପ୍ରତିଶତ ଧାନଗଛ ଉଜୁଡ଼ିଯିବା ଆଶଙ୍କାରେ ରହିଛନ୍ତି ଚାଷୀ। ବାରମ୍ବାର ଦାବି ସତ୍ତ୍ୱେ ସାର ମିଳୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଚଳିତବର୍ଷ ଭଲ ବର୍ଷା ହୋଇଥିବାରୁ ଚାଷୀ ଖୁସି ଅଛନ୍ତି। ଚାଷ ପାଇଁ କିଏ ତଳି ସଂଗ୍ରହ କରୁଥିବା ବେଳେ ସାର



ମିଳୁନଥିବାରୁ ମୁଣ୍ଡରେ ଚଡ଼କ ପଡିଛି ବୋଲି ଚାଷୀମାନେ କହିଛନ୍ତି। ପ୍ରତିବର୍ଷ ଚାଷ କାମ ସରିବା ପରେ ଏହି ସମବାୟ ସମିତିକୁ ସାର ଆସିଥାଏ। ଠିକ୍ ସମୟରେ ସାର ଆସୁନଥିବାରୁ ଚାଷୀ ସେମାନଙ୍କ ଆବଶ୍ୟକ ମେଣ୍ଟାଇବା ପାଇଁ ଚଢା ଦରରେ କିଣିବାକୁ ବାଧ ହେଉଛନ୍ତି। ସେହିପରି ଆଦିବାସୀ ଇଲାକା ପଣସଡିହା ସମବାୟ ସମିତିକୁ ସାର ଯୋଗାଣ ନାହିଁ। ଅଭିଯୋଗ କଲେ ଉଚ୍ଚ କର୍ତ୍ତୃପକ୍ଷ ଶୁଣୁନାହାନ୍ତି। ପାଖାପାଖି ୧୫ ବର୍ଷ ପୂର୍ବରୁ ସମିତି ଗଠନ ହୋଇଥିବା ବେଳେ ଏହି ଅଧିକାରୀ କାର୍ଯ୍ୟାଳୟକୁ ଚଳାଉଛନ୍ତି। ସମିତି ଅଧୀନରେ ୩ ହଜାରରୁ ଉର୍ଦ୍ଧ୍ୱ ଚାଷୀ ରହିଛନ୍ତି। ବାହାର ଦୋକାନରେ ସାର ମିଳୁଥିବା ବଳେ ସରକାରୀ କେନ୍ଦ୍ରକୁ କାହିଁକି ଆସୁନି ବୋଲି ଚାଷୀ ପ୍ରଶ୍ନ ଉଠାଇଛନ୍ତି।

ପୂର୍ବତନ ବିଧାୟକଙ୍କ ଘରେ ସଶସ୍ତ୍ର ଡକାୟତି ଘଟଣା

## ଦୁଇ ଗିରଫ; ଗାଡ଼ି ଜବତ

ଯୋଡ଼ା, ୬ା୧୦(ସମିସ): କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରପାଳିକା ଅଧୀନ ମହିଳା ବିଦ୍ୟାଳୟ ନିକଟରେ ଥିବା ପୂର୍ବତନ ଚମ୍ପୁଆ ବିଧାୟକ ଜିତୁ ପଟ୍ଟନାୟକଙ୍କ ଘରେ ସଶସ୍ତ୍ର ଡକାୟତି ଉଦ୍ୟମ କରାଯାଇଥିଲା। ଗତ ରବିବାର ରାତି ପ୍ରାୟ ୨ଟାରେ ହତା ଭିତରେ ପଶି ଡକାୟତି ଉଦ୍ୟମ କରିଥିଲେ ହେଁ କୌଣସି ପ୍ରକାର ଲୁଟ କରି ନ ପାରି ଡକାୟତି ଘଟଣାରେ ବ୍ୟବହାର ପାଇଁ ଆଣିଥିବା ଖଣ୍ଡା, କଟର, ରଡ୍ ଓ ବ୍ୟାଗ୍ ଓ ଗ୍ଲୋଭସ୍ ଆଦି ଛାଡ଼ି ପଳାଇଥିଲେ। ଛାଡି ଯାଇଥିବା ବ୍ୟାଗରୁ କିଛି ଆଡଭାଟାଇଜ୍ ଲିଫ୍ଲେଟ ଓ ଅନ୍ୟାନ୍ୟ କାଗଜ ମିଳିଥିଲା। ଏହାକୁ ଭିତ୍ତିକରି ପ୍ରାରମ୍ଭିକ ତଦନ୍ତରୁ ଏହା ବଡ଼ବିଲ ଅଞ୍ଚଳର ବୋଲି ପୁଲିସ ଜାଣି ପାରିଥିଲା। ତେବେ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ସ୍ୱତନ୍ତ୍ର ଟିମ ଗଠନ କରାଯାଇ ତଦନ୍ତ କରାଯାଉଥିଲା। ଯୋଡ଼ା ପୁଲିସ ଓ ସ୍ୱତନ୍ତ୍ର ଟିମ ଦ୍ୱାରା ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିବା ସହ ଡକାୟତିରେ ବ୍ୟବହୃତ ଗାଡିକୁ ଜବତ କରାଯାଇଛି। ଗିରଫ ହୋଇଥିବା ବ୍ୟକ୍ତି ହେଲେ ବଡ଼ବିଲ ଅଞ୍ଚଳର ରିଆଜ ଖାନ (୨୫) ଓ ସେରେଣ୍ଡା ଅଞ୍ଚଳର ଏମଡି ଏତସାମ(୨୭)। ଅନ୍ୟମାନଙ୍କୁ ଧରିବାକୁ ଚେଷ୍ଟା ଚଳାଇଥିବା ନେଇ ବଡ଼ବିଲ ଏସଡିପିଓ ଦେବେନ୍ଦ୍ର ନାଥ ପିଙ୍ଗୁଆ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

## ଇଞ୍ଜୋଳ ବିକାଶ ମଞ୍ଚର ବାର୍ଷିକୋତ୍ସବ ବନାନୀବନ୍ଧୁ କାର୍ଯ୍ୟକ୍ରମ

ହାଟଡିହୀ, ୬ା୧୦(ସମିସ): ଇଞ୍ଜୋଳ ବିକାଶ ମଞ୍ଚ ପକ୍ଷରୁ ଅଷ୍ଟମ ବାର୍ଷିକୋତ୍ସବ ବନାନୀବନ୍ଧୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମୃତ୍ତିକା, ବୃକ୍ଷ, ଗୋପୂଜନ ସହ ଗୀତା ଆବୃତ୍ତି ସହ ସଂସ୍କୃତି ଓ ପ୍ରକୃତି ସମ୍ପର୍କିତ ଶପଥପାଠ ଓ ଦସ୍ତଖତ ଅଭିଯାନର




ଉକ୍ତ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହିଅବସରେ ମାନବ ଶୃଙ୍ଖଳା ସହ ବିଭିନ୍ନ ସଚେତନଧର୍ମୀ ବାର୍ତ୍ତା ଧରି ଜନସାଧାରଣଙ୍କୁ ସଚେତନ କରାଇବା ପାଇଁ ସବୁଜ ଗ୍ରାମ ପରିକ୍ରମା ଅନୁଷ୍ଠିତ ହୋଇଥିଲା। ଶେଷରେ କେନାଲ ବନ୍ଧରେ

ଶୁଭାରମ୍ଭ ହୋଇଥିଲା। ଚନ୍ଦନ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉମାକାନ୍ତ ପଣ୍ଡା ସଂଯୋଜନା କରିଥିଲେ। ସମାଜସେବୀ ନାରାୟଣ ଚନ୍ଦ୍ର ଯେନା ଅତିଥିଭାବେ ଯୋଗଦାନ କରି ଚାରାରୋପଣ କରାଯାଇଥିଲା। ସଞ୍ଜିବ ପଣ୍ଡା, ମାନସ ଯେନା, ସାଇବ ପଣ୍ଡା, ଯୁବରାଜ ଜେନା, ଶ୍ରୀକାନ୍ତ ଜେନା, ମନୋଜ ଜେନା, ବିଶ୍ୱଜିତ ଯେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ବିଭିନ୍ନ ସ୍ଥାନରେ ରାବଣପୋଡି ଉତ୍ସବ

ମୋରଡ଼ା, ୬ା୧୦(ସମିସ): ବିଜୟା ଦଶମୀରେ ବ୍ଲକର ବିଭିନ୍ନ ସ୍ଥାନରେ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଡା ରାଜାବନ୍ଧ ଓ ଖୁରୁଣ୍ଟିଆ କେନାଲ ନିକଟ ପଡିଆ, ରାସଗୋବିନ୍ଦପୁର ଏବଂ ନଳଗଜାରେ ଚଳିତବର୍ଷ ରାବଣ ପୋଡି ଉତ୍ସବ ମହାସମାରୋହରେ ପାଳିତ ହୋଇଛି। ତିନିଦିନ ଧରି



ଲଗାଣ ବର୍ଷା ହେବା ଫଳରେ ରାବଣ ପୋଡି ଉତ୍ସବକୁ ସ୍ଥଗିତ ରଖାଯାଇଥିଲା। ହଳଦୀପାଳ ରାବଣପୋଡି ଉତ୍ସବରେ ଇଂ ପ୍ରଦୀପ ଚନ୍ଦ୍ର ମହାନ୍ତ ସଭାପତିତ୍ୱ କରୁଥିବା ବେଳେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟବକ୍ତା ଭାବେ ହୃଷିକେଶ ବେହେରା, ପରେଶ ମହାନ୍ତ, କାହ୍ନା ସରେନ ଏବଂ ଶିକ୍ଷକ ସନ୍ତୋଷ କୁମାର ମହାନ୍ତ ଯୋଗଦେଇଥିଲେ। ଏହି ଅବସରରେ ଓଡିଶା ପ୍ରଶାସନିକ ସେବା ଆୟୋଗ ପରୀକ୍ଷାରେ ପ୍ରଥମ ପ୍ରୟାସରେ ୩୧୪ ର୍ୟାଙ୍କ ରଖିଥିବା ଲଳିତେନ୍ଦୁ କୁମାର ବେହେରାଙ୍କ ପିତା ଗହନ କୁମାର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ନାଟ୍ୟ କଳାକାର, ଛଉ ନୃତ୍ୟଶିଳ୍ପୀ, ଚିତ୍ରଡା ଯାତ୍ରା ମଞ୍ଚର ବିଶିଷ୍ଟ କଳାକାର ନକୁଳ ଚନ୍ଦ୍ର ସାହୁଙ୍କୁ ମଧ ପୁଷ୍ପଗୁଚ୍ଛ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ହଳଦୀପାଳ ରାବଣପୋଡି ପଡିଆରେ ପ୍ରାୟ ୩୦ ଫୁଟର ରାବଣ ପୁତ୍ତଳିକା ତିଆରି କରାଯାଇଥିଲା। ଯାହାକୁ ଦେଖିବା ପାଇଁ ପ୍ରାୟ ୧୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା।

## ମୃତକ ପରିବାରକୁ ଭେଟିଲେ ମନ୍ତ୍ରୀ

ମୋରଡା, ୬ା୧୦(ସମିସ): ଲଘୁଚାପଜନିତ ଲଗାଣବର୍ଷା ଯୋଗୁଁ ଶୁକ୍ରବାର ବିଳମ୍ବିତ ରାତିରେ ସୁରେଇଡିହି ପଞ୍ଚାୟତ ଜାମଶୋଳ ଗ୍ରାମର ଗୁରୁଚରଣ ମହାନ୍ତଙ୍କ ପତ୍ନୀ ବାସନ୍ତୀ ମହାନ୍ତ (୫୪) ଶୋଇଥିବା ବେଳେ ତାଙ୍କ ଉପରେ ମାଟିକାନ୍ଥ ଭୁଶୁଡି ପଡ଼ିଥିଲା। ଫଳରେ ବାସନ୍ତୀ ଚାପିହୋଇ ରହିଥିଲେ। ପରେ ତାଙ୍କୁ ଉଦ୍ଧାର କରାଯାଇ କୃଷ୍ଣଚନ୍ଦ୍ରପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧିକାରୀ ଏଏସଆଇ ସୂତାର କୁମାର ମହାନ୍ତ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ଏକ ଅପମୃତ୍ୟୁ ମାମଲା ରୁଜୁକରିଛନ୍ତି। ଏହି ଖବର ପାଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୃତକ ପରିବାରକୁ ଭେଟି ନୂତନ ଘର ଯୋଗାଇଦେବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ସ୍ୱେଚ୍ଛାସେବୀ ସଂଗଠନର ଭିନ୍ନକ୍ଷମ ଥେରାପି କେନ୍ଦ୍ର ପରିଦର୍ଶନ



ରାଇରଙ୍ଗପୁର, ୬ା୧୦(ସମିସ): ସ୍ୱେଚ୍ଛାସେବୀ ସଂଗଠନ ରେଡି ଭୋଲଣ୍ଟିଅର୍ସ ରାଇରଙ୍ଗପୁର ଇରିଗେସନ କଲୋନୀରେ କାର୍ଯ୍ୟରତ ବୌଧିକ ଭିନ୍ନକ୍ଷମ ଥେରାପି କେନ୍ଦ୍ର ଭ୍ରମଣ କରିଥିଲେ। ସଂଗଠନର ଡାଇରେକ୍ଟର ବିଜୟ କୁମାର ରାମଙ୍କ ମାର୍ଗଦର୍ଶନରେ ପ୍ରୀତିରାଜ, ସୁଭଦ୍ରା ବାରିକ, ତୋପାଇ ବେହେରା, ଶମିତା ବେହେରା ପ୍ରମୁଖ ଭିନ୍ନକ୍ଷମଙ୍କୁ ଭେଟି ସେମାନଙ୍କ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ମ୍ୟାନେଜର ଦୀପକ କୁମାର ମହାନ୍ତ ସମସ୍ତ ଭିନ୍ନକ୍ଷମଙ୍କ ପରିଚୟ କରାଇ ସେମାନଙ୍କ ବିଶେଷ ଗୁଣ ଉପରେ ଆଲୋକପାତ କରିଥିଲେ।

## ପାଟଣାରେ ଇଭି ସ୍କୁଟି ଶୋ’ରୁମ ଉଦ୍‌ଘାଟିତ



ତୁରୁମୁଙ୍ଗା, ୬ା୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବଜାର ମୁଖ୍ୟାଳୟ ଲକ୍ଷ୍ମୀ ବସଷ୍ଟାଣ୍ଡ ନିକଟରେ ଦୁଇଚକିଆ ଇଭି ସ୍କୁଟି ନୂତନ ଶୋରୁମ ଉଦ୍‌ଘାଟିତ ହୋଇଯାଇଛି। ପାଟଣାଠାରେ ବିଶିଷ୍ଟ ବ୍ୟବସାୟୀ ଦୀପକ କୁମାର ମଣ୍ଡଳଙ୍କ ପ୍ରଚେଷ୍ଟାରେ ଲକ୍ଷ୍ମୀବସ ଷ୍ଟାଣ୍ଡ ନିକଟରେ "ଶିଭାନ୍ସ ମୋଟର୍ସ’ ନାମରେ ଇ-ସ୍କୁଟି ଶୋ’ରୁମ ଉଦ୍‌ଘାଟିତ ହୋଇଥିଲା। ଶିଭାନ୍ସ ମୋଟର୍ସର ମୁଖ୍ୟ ଦୀପକ କୁମାର ମଣ୍ଡଳଙ୍କ ତତ୍ତ୍ୱାବଧାନରେ ମାତା ଶୁଶାନ୍ତି ମଣ୍ଡଳ ଫିତାକାଟି ଏହି ନୂତନ ଶୋ’ରୁମର ଶୁଭ ଉଦ୍‌ଘାଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପାଟଣା ବିଧାୟକଙ୍କ ପତିନିଧି କମଳା କାନ୍ତ ଦାଶ, ପୂର୍ବତନ ବିଧାୟକ ଜଗନ୍ନାଥ ନାଏକ, ଜିଲ୍ଲା ପରିଷଦ ସଦସ୍ୟା ରୁନୁ ମହାନ୍ତ, ପୂର୍ବତନ ବ୍ଲକ ଅଧକ୍ଷ ଇଂ ବିଦ୍ୟାଧର ଦାଶ, ପୂର୍ବତନ ବ୍ଲକ ଅଧକ୍ଷ ବିଶ୍ୱାନାଥ ନାଏକ, ପାଟଣା ସୁରକ୍ଷା କମିଟି ଆବାହକ ବିଜୟ ରତ୍ନ ପତି, ଯୁଗଳ କିଶୋର ଦାଶ, ଦୀପକଙ୍କ ପତ୍ନୀ ମନୀଷା ମଣ୍ଡଳ, ମାୟାଧର ମଣ୍ଡଳ, ତନିଶା ମଣ୍ଡଳ, ଶିଭାନ୍ସ ମଣ୍ଡଳ, ଶ୍ରୀୟାନ୍ସ ମଣ୍ଡଳ, ଅନୁଷ୍କା ମଣ୍ଡଳ ଓ ଲକ୍ଷ୍ମୀଧର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

## ମୂଲ୍ୟଯୁକ୍ତ ଛତୁ ଉତ୍ପାଦ ତାଲିମ ଶିବିର



ବାରିପଦା, ୬ ା୧୦(ସମିସ): ଦେବେନ୍ଦ୍ରପୁରଠାରେ ଦୁଇଦିନିଆ ଛତୁର ମୂଲ୍ୟ ଯୁକ୍ତ ଉତ୍ପାଦ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ମଶ୍ରୁମ୍‌ର ନିର୍ଦ୍ଦେଶକ ତଥା ରାଜ୍ୟସ୍ତରୀୟ ଛତୁଚାଷ ପ୍ରଶିକ୍ଷକ ଶିଶିର କୁମାର ମହାନ୍ତଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉ ଶିବିରରେ ବିଭିନ୍ନ ବ୍ଲକରୁ ଅଭିଜ୍ଞ ସମ୍ପନ୍ନ ଛତୁଚାଷୀ ଯୋଗଦେଇ ଅଧିକ ଜ୍ଞାନଅର୍ଜନ କରିଥିଲେ। ବରିଷ୍ଠ ପ୍ରଶିକ୍ଷିକା କଳ୍ପନା ବିନ୍ଧାଣୀ ଓ ଶ୍ୟାମାଖୁଣ୍ଟା କୃଷୀ ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଝୁନଲତା ଭୂୟାଁ ଉପସ୍ଥିତ ରହି ଶିକ୍ଷାର୍ଥୀଙ୍କୁ ଶୀତ ଦିନିଆ ଛତୁ ଚାଷ ଓ ଏହାର ମୂଲ୍ୟଯୁକ୍ତ ଉତ୍ପାଦ ତିଆରି ପ୍ରଣାଳୀ ବିଷୟରେ ଉଭୟ ଥିଓରୀ ଓ ପ୍ରାକ୍ଟିକଲ ତାଲିମ ଦେଇଥିଲେ। ପୂର୍ବରୁ ଛତୁଚାଷୀମାନେ ନଅ ମାସ ପାଳ ଛତୁ ଚାଷ କରୁଥିବାବେଳେ ଅବଶିଷ୍ଟ ଶୀତ ତିନି ମାସ ଚାଷୀମାନେ ଏକ ପ୍ରକାର କୌଣସି ଧନ୍ଦା ନପାଇ ବେକାର ରହୁଥିଲେ। ଶୀତଦିନେ ହେଉଥିବା ଧିଙ୍ଗିରି ଛତୁର ବଜାର ଚାହିଦା ଏ ପର୍ଯ୍ୟନ୍ତ ଉପଲବ୍ଧ ନ ଥିବାରୁ ତିନିମାସ ରୋଜଗାର ହରାଉଥିଲେ। ଏହାର ଗୁଣାତ୍ମକ ଉତ୍ପାଦ ଆଚାର, ପାମ୍ପଡ଼, ବଡି ଓ ଶୁପ୍ ପାଉଡର ଇତ୍ୟାଦିର ଭଲ ଚାହିଦା ସହିତ ଏହା ବେଶି ଦିନ ରହି ପାରୁଥିବାରୁ ଛତୁଚାଷୀଙ୍କ ପାଇଁ ଏହି ପ୍ରଶିକ୍ଷଣ ଲାଭଦାୟକ ହେବ।

## ରାଧାକୃଷ୍ଣ ପୂଜା ପାଇଁ ମାଟି ଅନୁକୂଳ

ହାଟଡିହୀ, ୬ା୧୦(ସମିସ): ହାଟଡିହୀ ବ୍ଲକ ବଡ଼ରମ୍ପାସ ଗ୍ରାମ ଦକ୍ଷିଣସାହି ମହାବୀର ଯୁବକ ସଂଘ ପକ୍ଷରୁ ରାଧାକୃଷ୍ଣ ପୂଜା ପାଇଁ ମାଟି ଅନୁକୂଳ କରାଯାଇଛି। ପଣ୍ଡିତ ରମେଶ ଚନ୍ଦ୍ର ପଣ୍ଡା, ପୂଜାର୍ଚ୍ଚନା କରିଥିଲେ। ଗ୍ରାମର



ଜଗମୋହନ ସାହୁ କର୍ତ୍ତା ଭାବେ ସଂକଳ୍ପରେ ବସିଥିଲେ। ନାମ ସଙ୍କୀର୍ତ୍ତନ, ଘଣ୍ଟ ଓ ହୁଳହୁଳି ଦିଆଯାଇ ମାଟି ସଂଗ୍ରହ କରାଯାଇଛି। ଚଳିତବର୍ଷ ବହୁ ଧୁମ୍‌ଧାମରେ ରାଧାକୃଷ୍ଣଙ୍କ ପୂଜା ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। କମିଟି ସଦସ୍ୟ ଶ୍ରୀଧର ସାହୁ, ପାର୍ଥସୌରଭ ସା, ଜନ୍ମେଜୟ ବେହେରା, ସୌମ୍ୟରଞ୍ଜନ ସାହୁ, ଆଲୋକ ମଣ୍ଡଳ, ଚୈତନ୍ୟ ଜେନା, ସତ୍ୟଜିତ ବେହେରା, ବିଚିତ୍ର ସାହୁ, ଶ୍ରୀକାନ୍ତ ସାହୁ, ନଗେନ୍ଦ୍ର ପାତ୍ର, ରାଜୀବ ଲୋଚନ ସାହୁ, ଅନୀଲ ସା, ରଙ୍ଗାଧର ଦାସ, ଟୁକୁ ସାହୁ, ମନୋରଞ୍ଜନ ଓଝା, ନିରଞ୍ଜନ ସାହୁ, ଓମ୍ ପ୍ରକାଶ ନାୟକ, ସୁବାଷ ସାହୁ, ବାପୁନୁ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ଜୁଲୁକ ଗ୍ରାମରେ ଜାତୀୟ ଭୂମିଜ ଭାଷା ଦିବସ ପାଳିତ

ଶୁଳିଆପଦା, ୬ା୧୦(ସମିସ)

ଶୁଳିଆପଦା ବ୍ଲକ ଅନ୍ତର୍ଗତ ଜୁଲୁକ ଗ୍ରାମରେ ଜାତୀୟ ଭୂମିଜ ଭାଷା ଦିବସ ସମାରୋହରେ ପାଳିତ ହୋଇଛି। ଏଥିରେ ମୁଖ୍ୟଅତିଥିରୂପେ ଲୋକସଭା ସାଂସଦ ନବଚରଣ ମାଝୀ ଯୋଗଦେଇ ମାତୃଭାଷା ସ୍ୱର୍ଗଠାରୁ ବଡ଼, ମାତୃଭାଷା ପ୍ରାଥମିକ ଶିକ୍ଷା ପାଇଁ କେତେ ଗୁରୁତ୍ୱ ସେ ନେଇ ବର୍ଣ୍ଣନା କରିଥିଲେ। ଆଗାମୀ ଦିନରେ ଭୂମିଜ ଭାଷାର ଉନ୍ନତି ନିମନ୍ତେ ଏହି ଭାଷାକୁ ପ୍ରାଥମିକ ଶିକ୍ଷାରେ ସାମିଲ କରିବାକୁ ସେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମୁଖ୍ୟବକ୍ତାଭାବେ ଦଳିତ ଆଦିବାସୀ ମହାସଂଘ ଓଡ଼ିଶାର ସଭାପତି ରାକେଶ ସିଂ ଭୂମିଜଙ୍କ ଭାଷା ଓ ସାହିତ୍ୟର ଉନ୍ନତି ନିମନ୍ତେ ସର୍ବଦା ରହିଛନ୍ତି ଓ ରହିବେ ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମାନତାନ୍ ପାଇକ ସିଂଙ୍କ ଦ୍ୱରା ଲିଖିତ ଭୂମିଜ ବ୍ୟାକରଣ ପୁସ୍ତକ "ଭୂମିଜ ବାଇରୁଆଳୀ’, ଗୀତାମଣୀ ସିଂ ଓ ସୁଜାତା ସିଂଙ୍କ ଦ୍?ାରା



ଲିଖିତ ଶିଶୁ କବିତା ସଙ୍କଳନ "ପହା ଦାରୁ’ର ଉନ୍ମୋଚନ କରିଥିଲେ ସାଂସଦ। ଏହି ଅବସରରେ ଖେଳକୁଦ, ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇଥିବା ମାଟ୍ରିକ, +୨, +୩ କୃତୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ଲେଖକ ଶ୍ରୀ ସପନ କୁ. ସର୍ଦାର ସଦସ୍ୟ, ଭାରତୀୟ ଆଦିବାସୀ ଭୂମିଜ ସମାଜ, ଝାଡ଼ଖଣ୍ଡର ମଙ୍ଗ ସିଂ ସାଣ୍ଡି ସମ୍ପାଦକ, ଭାରତୀୟ ଆଦିବାସୀ ଭୂମିଜ ସମାଜ କେନ୍ଦ୍ରୀୟ କମିଟି, ହେମେନ୍ଦ୍ର ସିଂ ଦଣ୍ଡା ସମ୍ପାଦକ ଭାରତୀୟ ଆଦିବାସୀ ଭୂମିଜ ସମାଜ ଓଡ଼ିଶା, ସୁଜାତା ସିଂ ସାଣ୍ଡି ସାଂସ୍କୃତିକ ସମ୍ପାଦକ ପ୍ରମୁଖ ଉପସ୍ଥିତ ଥିଲେ।

## ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ପ୍ରସ୍ତୁତି ବୈଠକ

କେନ୍ଦୁଝର, ୬ା୧୦(ସମିସ): ଦୀର୍ଘ ୫୬ବର୍ଷ ଧରି କେନ୍ଦୁଝର ସହରର ଟେଲିଫୋନ ଏକ୍ସଚେଞ୍ଜ ସମ୍ମୁଖରେ ଆୟୋଜିତ ହେଉଥିବା କାଳୀପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। କମିଟିର ସଭାପତି ତଥା ବରିଷ୍ଠ ଆଇନଜୀବୀ ଜ୍ଞାନେନ୍ଦ୍ର ଜେନଙ୍କ ସଭାପତିତ୍ୱରେ ବୈଠକକୁ କମିଟିର ସଂଗଠକ ସମ୍ପାଦକ ଜୟକୃଷ୍ଣ ପଣ୍ଡା ପରିଚାଳନା କରି ଆଗାମୀ ମା’ଙ୍କର ପୂଜା କିଭଳି ସରସ ସୁନ୍ଦର ଓ ଶୃଙ୍ଖଳିତ ହୋଇପାରିବ ତାଉପରେ ବିଶେଷ ଗୁରୁତ୍ୱ ଦେବାକୁ କମିଟିର ସମସ୍ତ ସଭ୍ୟମାନଙ୍କ ସହଯୋଗ କାମନା କରିଥିଲେ। ପୂଜା ଅବସରରେ ମୁଖ୍ୟମନ୍ତ୍ରୀ ପୂଜାମଣ୍ଡପକୁ ଆସିବେ ବୋଲି ସୂଚନା ଦେବା ସହ କମିଟିର ବରିଷ୍ଟ ସଭ୍ୟ ବିଲି ପଣ୍ଡା ଓ ମନୋଜ ବାରିକ ଙ୍କୁ ଏହା ଉପରେ ଦାୟିତ୍ୱ ଦେଇ ଥିବାବେଳେ ଏହି ପ୍ରସ୍ତାବକୁ ସଭ୍ୟ ମାନେ ସ୍ୱାଗତ କରିଥିଲେ। ଭିନ୍ନ ଆକର୍ଷଣୀୟ କରିବା



ପାଇଁକମିଟିର ବହୁ ବରିଷ୍ଠ ସଦସ୍ୟ, ନିମନ୍ତ୍ରିତ ବ୍ୟକ୍ତିବିଶେଷ ନିଜର ମତ ରଖିଥିଲେ। ପ୍ରାରମ୍ଭରେ କମିଟିର ସମ୍ପାଦକ ପ୍ରମୋଦ କୁମାର ନନ୍ଦଙ୍କ ଆଶୁ ଆରୋଗ୍ୟ କାମନା କରି ପ୍ରାର୍ଥନା କରାଯାଇଥିଲା। ପୂଜାର ପ୍ରାଣ ପ୍ରତିଷ୍ଠାତା ନେତ୍ରାନନ୍ଦ ନାଏକ, ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର, ବରିଷ୍ଠ ସଦସ୍ୟ ଶିବଶଙ୍କର ସାହୁ ବରିଷ୍ଠ ଆଇନଜୀବୀ ଆଶିଷ ଚକ୍ରବର୍ତ୍ତୀ, ସୁରେଶ ରାଉତ, ସତ୍ୟନାରାୟଣ ସାହୁ, ଦିଲ୍ଲୀପ ପଣ୍ଡା, ମନୋଜ ବାରିକ, ପ୍ରତାପ ପାତ୍ର, ନାରାୟଣ ନାଏକ, ତପନ ଘୋଷ, ଶଙ୍କର୍ଷଣ ବେହେରା, ଦେବାଶିଷ ମିଶ୍ର, ଲିଟୁ ମିଶ୍ର ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହାସହିତ ଯୁବ ସଦସ୍ୟମାନଙ୍କ ଦ୍ୱାରା ଅନେକ ଅଭିନବ ପ୍ରସ୍ତାବ ଗୃହୀତ ହୋଇଥିଲା।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ।ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୂପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ । ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୂପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୪୦- ୱିଲିୟମ୍ ଦ୍ୱିତୀୟ ନେଦରଲ୍ୟାଣ୍ଡର ରାଜା ହେଲେ।
- ୧୯୧୯- ଗାନ୍ଧିଜୀଙ୍କ 'ନବଜୀବନ' ପତ୍ରିକା ପ୍ରକାଶିତ।
- ୧୯୫୦-ମଦର ଟେରେସା କଲିକତାରେ 'ମିସ୍‌ନାରିଜ୍ ଅଫ୍ ଚ୍ୟାରିଟି'ର ସ୍ଥାପନା କଲେ।
- ୧୯୫୨- ଚଣ୍ଡିଗଡ଼ ପଞ୍ଜାବର ରାଜଧାନୀ ହେଲା।
- ୧୯୯୨- ର୍‍ୟାପିଡ୍ ଆକ୍ସନ୍ ଫୋର୍ସର ସ୍ଥାପନା।
- ୨୦୦୦- ଜାପାନ ମାନବ କ୍ଲୋନିଂକୁ ଦଣ୍ଡନୀୟ ଅପରାଧ ବୋଲି ଘୋଷଣା କଲା।
- ୨୦୦୪- ଜର୍ମାନୀ ଜାତିସଂଘ ସୁରକ୍ଷା ପରିଷଦରେ ଭାରତର ଦାବିଦାରିକୁ ସମର୍ଥନ କଲା।

## ଗେମ୍ ଡିଟକ୍ସ ସେଣ୍ଟର



ଆଜିର ଡିଜିଟାଲ ଯୁଗରେ ଅନଲାଇନ୍ ଗେମ୍ ବଡ଼ ସମସ୍ୟା ଭାବେ ଉଭା ହୋଇଛି। ସ୍କୁଲ ପିଲାଙ୍କଠାରୁ ଆରମ୍ଭ କରି ବୟସ୍କ ସମସ୍ତଙ୍କର କେବଳ ଏହା ମନୋରଞ୍ଜନର ସାଧନ ହୋଇ ରହି ନାହିଁ, ବରଂ ନିଶା ପାଲଟିଛି। ଏହା କେବଳ ପିଲାଙ୍କ ପାଠପଢ଼ାକୁ ପ୍ରଭାବିତ କରୁନି ବରଂ ସ୍ୱାସ୍ଥ୍ୟଠୁ ଆରମ୍ଭ କରି ଜୀବନର ବିଭିନ୍ନ ଦିଗ ଉପରେ ଏହା ନକରାତ୍ମକ ପ୍ରଭାବ ପକାଉଛି। ସେହିପରି ଏହି ସମସ୍ୟା କେବଳ ଭାରତର ନୁହେଁ, ବରଂ ଅନ୍ୟ ଦେଶର ପିଲାଙ୍କୁ ବି ଏହା ପ୍ରଭାବିତ କରୁଛି। ତେବେ ଏହି ସମସ୍ୟାକୁ ଦୃଷ୍ଟିରେ ରଖି ଚୀନ୍ ଏକ ବିଶେଷ ସେଣ୍ଟର ଆରମ୍ଭ କରିଛି। ଏଠାରେ ପିଲାଙ୍କୁ ଅନଲାଇନ୍ ଗେମ୍‌ରୁ ମୁକ୍ତି ଦେବା ପାଇଁ ସ୍ୱତନ୍ତ୍ର କୋର୍ସର ଆରମ୍ଭ କରାଯାଇଛି। ଏଠାରେ ଅନଲାଇନ୍ ଗେମ୍‌ରେ ଚିନ୍ତିତ ପିଲା ଓ ଯୁବପିଢ଼ିଙ୍କ ଲାଗି ଇ-ସ୍ପୋର୍ଟସ୍ କ୍ଲବ୍ ଏକ ନିଆରା କୋର୍ସ ଆରମ୍ଭ କରିଛି। ଏହି କ୍ଲବ୍‌ଟି ହେବେଇ ଅଞ୍ଚଳରେ ଅବସ୍ଥିତ। ଏହାର ମାଲିକ ଲୁ ଚେନହାଓ ୨୦୧୮ ମସିହାରେ ପ୍ରଫେସନାଲ ଗେମରଙ୍କୁ ତାଲିମ ଦେବା ଲାଗି ଏହି କ୍ଲବ୍ ଖୋଲି ଥିଲେ। ଯଦିଓ ଅଧିକାଂଶ ପିଲା ପ୍ରଫେସନାଲ ଗେମର୍ ହେବାର ସ୍ୱପ୍ନ ଦେଖୁଛନ୍ତି, ହେଲେ ସେମାନେ ପାଠପଢ଼ା ଓ ଜୀବନର ସମସ୍ୟାରୁ ଦୂରେଇ ରହିବା ଲାଗି ଗେମିଂ ନିଶାରେ ପଡ଼ିଯାଉଥିବାର ସେ ଦେଖିଥିଲେ। ଏହି କାରଣ ଯୋଗୁଁ ଲୁ ୨୦୨୩ ମସିହାରେ ଏଥିରୁ ନିବୃତ୍ତ ରହିବାର କୋର୍ସ ଆରମ୍ଭ କଲେ। ତେବେ ଏ କୋର୍ସର ଫି' ପିଲାଙ୍କ ନିଶାର ସ୍ତର ଉପରେ ନିର୍ଭର କରେ। ୨୨ ଦିନର ଏହି କୋର୍ସ କରିବା ପାଇଁ ଜଣକୁ ୧.୧୬ ଲକ୍ଷ ଟଙ୍କା ଦେବାକୁ ହେବ। ଏହି କୋର୍ସରେ ପିଲାଙ୍କୁ ସକାଳ ୯ଟାରୁ ରାତି ୧୨ଟା ପର୍ଯ୍ୟନ୍ତ ଲଗାତାର ଗେମ୍ ଖେଳିବା ପାଇଁ କୁହାଯାଏ। କେବଳ ଖାଇବା ଏବଂ ଜଗିଂ ସମୟରେ ସେମାନଙ୍କୁ ବ୍ରେକ୍ ମିଳେ। ଏପରି ଲଗାତାର ଗେମ୍ ଖେଳିବା ଦ୍ୱାରା ପିଲାମାନେ ଏହାକୁ ପାଠପଢ଼ାଠାରୁ ମଧ୍ୟ କଷ୍ଟକର ବୋଲି ଭାବି ନିଅନ୍ତି। ଏହା ସହ ଧୀରେ ଧୀରେ ପିଲା ଗେମ୍ ଖେଳିବାରୁ ନିବୃତ୍ତ ରୁହନ୍ତି। ଏବେ ସୁଦ୍ଧା ଏହି କ୍ଲବ୍ ୪ ହଜାର ପିଲାଙ୍କୁ ଟ୍ରେନିଂ ଦେଇଛି, ଏଥିରୁ ୮୫ ପ୍ରତିଶତ ଗେମିଂ ନିଶାରେ କବଳିତ ଥିଲେ। ଅନ୍ୟପଟେ ଭାରତରେ ଅନଲାଇନ୍ ଗେମ୍ ନିଶା ଯେଭଳି ଭାବେ ବଢ଼ୁଛି, ଏହି ପ୍ରକାର ଗେମ୍ ସେଣ୍ଟରର ଆବଶ୍ୟକତା ଥିବା କୁହାଯାଉଛି।

## 'ଦାୟରା'ର ସୁଟିଂ ଆରମ୍ଭ କଲେ କରିନା।



ବଲିଉଡ୍ ଅଭିନେତ୍ରୀ କରିନା କପୁର ଏବେ ମେଘନା ଗୁଲଜାରଙ୍କ ଫିଲ୍ମ 'ଦାୟରା'ର ସୁଟିଂ ଆରମ୍ଭ କରିଛନ୍ତି। କରିନାଙ୍କ ୨୫ ବର୍ଷର କ୍ୟାରିୟରର ଏହା ୬୮ତମ ଫିଲ୍ମ। ଏଥିରେ କରିନାଙ୍କ ସହ ସାଉଥ୍‌ର ଲୋକପ୍ରିୟ ଅଭିନେତା ପୃଥ୍ୱୀରାଜ ସୁକୁମାରନ ଦେଖାଯିବେ। ଏହା ଏକ କ୍ରାଇମ୍ ଡ୍ରାମା ଥ୍ରିଲର୍ ହେବ। ଏହା ଅପରାଧ, ଦଣ୍ଡ ଓ ନ୍ୟାୟ ମଧ୍ୟର ସଂଘର୍ଷକୁ ଉଜାଗର କରିବ। ଇତିମଧ୍ୟରେ ଫିଲ୍ମର ସୁଟିଂ ଆରମ୍ଭ ହୋଇଛି। କରିନା ସୁଟିଂ ସେଟ୍‌ର କିଛି ଫଟୋ ସେୟାର୍ କରିଛନ୍ତି। ଏହି ଫଟୋରେ କରିନା ବଲିଉଡ୍‌ର ପ୍ରସିଦ୍ଧ ଗୀତିକାର ଗୁଲଜାରଙ୍କ ସହ ଦେଖାଯାଇଛନ୍ତି। ତେବେ ସେ ଗୁଲଜାରଙ୍କୁ ଭେଟି ଖୁସିଥିବା ଫଟୋରୁ ଜଣାପଡୁଛି। ଏହାସହ କରିନା ସୁଟିଂ ସେଟ୍‌ର କିଛି ଭିଡିଓ ମଧ୍ୟ ସେୟାର୍ କରିଛନ୍ତି। ଭିଡିଓରେ ପୃଥ୍ୱୀରାଜ ଖାକି ବର୍ଦ୍ଦି ପିନ୍ଧିଥିବାର ଦେଖାଯାଇଛନ୍ତି। ଏଥିରୁ ଫିଲ୍ମରେ ସେ ପୁଲିସ୍ ଅଫିସର ଭୂମିକାରେ ଅଭିନୟ କରିବେ ବୋଲି ସ୍ପଷ୍ଟ ହୋଇଛି। ତେବେ ସୁଟିଂ ସେଟ୍‌ର ଫଟୋ ଓ ଭିଡିଓ ଆସିବା ପରେ ଫିଲ୍ମକୁ ନେଇ ଦର୍ଶକେ ବେଶ୍ ଉତ୍ସାହିତ ଅଛନ୍ତି।

## ବିଶ୍ୱର ସବୁଠୁ ଛୋଟ ସାପ



ନିକଟରେ ବାରବାଡୋସ୍‌ର ବୈଜ୍ଞାନିକମାନେ ପାଖାପାଖି ୨୦ ବର୍ଷ ପରେ ପୁଣି ଥରେ ବିଶ୍ୱର ସବୁଠୁ ଛୋଟ ସାପର ସନ୍ଧାନ କରିଛନ୍ତି। ଏହି ସାପର ନାଁ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍'। ଏହାର ଲମ୍ବ ୭.୫ରୁ ୧୦ ସେଣ୍ଟିମିଟର। ସେହିପରି ଏହି ସାପ ଏତେ ପତଳା ଯେ, ଛୁଞ୍ଚିର ଛେଦରେ ବି ଫଶି ବାହାରି ପାରିବ। ତେବେ ଏହି ବର୍ଷ ମାର୍ଚ୍ଚ ମାସରେ ଏଠାକାର ଏକ ଛୋଟ ଜଙ୍ଗଲରେ ପରିବେଶ ବିଜ୍ଞାନୀ କର୍ଣ୍ଣର ବ୍ଲେଡସ୍ ଏକ ଗବେଷଣା କରୁଥିଲେ। ସେ ଏକ ପଥର ଉଠାଇବାରୁ ଏହାର ତଳେ ଅତ୍ୟନ୍ତ ପତଳା ବା ସୂତା ଭଳି ଜିନିଷ ଗୁଡ଼େଇ ହୋଇ ରହିଥିବା ସେ ଦେଖିବାକୁ ପାଇଲେ। ଏହାକୁ ସେ ନିରିଖେଇ ଦେଖିବାରୁ ଜାଣିବାକୁ ପାଇଲେ ଯେ, ଏହା କୌଣସି କୀଟ କି ପୋକ ନୁହେଁ, ବରଂ ସାପ। ୨୦ ବର୍ଷ ପୂର୍ବରୁ ଏହି ସାପକୁ ଦେଖାଯାଇଥିଲା। ଅନେକ ବିଶେଷଜ୍ଞ ଏହାକୁ ବିଲୁପ୍ତ ଘୋଷଣା କରିଛନ୍ତି। ହେଲେ କର୍ଣ୍ଣରଙ୍କ ଏହି ସନ୍ଧାନ ଏବେ ସମସ୍ତଙ୍କୁ ଚକିତ କରିଛି। ସାପଟିର ବିଶେଷତ୍ୱ ହେଉଛି ଏହା ଦେଖିପାରେ ନାହିଁ। ଏହା ଥରକରେ ଗୋଟିଏ ଅଣ୍ଡା ଦିଏ। ୧୮୮୯ ମସିହାରେ 'ବାରବାଡୋସ୍ ଥ୍ରେଡ୍ ସ୍ନେକ୍'କୁ ପ୍ରଥମଥର ଦେଖିବାକୁ ମିଳିଥିଲା। ଏହାପରେ ଏହା ବହୁତ କମ୍ ଦେଖିବାକୁ ମିଳିଥିଲା। ୨୦ ବର୍ଷ ପରେ ଏହି ସାପ ପୁଣି ଥରେ ଦେଖାଯିବା ପରେ ଏହାକୁ ୱେଷ୍ଟଇଣ୍ଡିଜ ବିଶ୍ୱବିଦ୍ୟାଳୟକୁ ନିଆଯାଇଥିଲା। ସେଠାରେ ଏହାର ଶରୀରରେ ନାରଙ୍ଗୀ ରଙ୍ଗର ରେଖା ଏବଂ ନାକରେ ତରାଜୁ ଭଳି ଆକାର ଦେଖିବାକୁ ମିଳିଥିଲା। ଯାଞ୍ଚ ପ୍ରକ୍ରିୟା ପୂରା ହେବା ପରେ ଏହା ଥ୍ରେଡ୍ ସ୍ନେକ୍ ବୋଲି ଜଣାପଡ଼ିଥିଲା।




## ପାଣିରେ ଅଦା ଚାଷ

ଭାରତୀୟ ରୋଷେଇ ଘରେ ଅଦା ଏକ ଅତ୍ୟାବଶ୍ୟକୀୟ ସାମଗ୍ରୀ। ଖାଦ୍ୟର ସ୍ୱାଦ ବଢ଼ାଇବାକୁ ଅଦାକୁ ମସଲା ଭାବେ ବ୍ୟବହାର କରାଯାଏ। ଏହା ସ୍ୱାସ୍ଥ୍ୟ ପାଇଁ ବହୁତ ହିତକର। ତେବେ ଅଧିକାଂଶ ନିଜ ଘର ବାଡ଼ି ବଗିଚାରେ କୁଣ୍ଡ ଦ୍ୱାରା ଅଦା ଲଗାଇଥାନ୍ତି। ହେଲେ ଏବେ ପାଣିରେ ବି ଅଦା ଚାଷ ହୋଇପାରିବ।



ପାଣିରେ ଅଦା ଫଳାଇବାକୁ ଉନ୍ନତ କିସମ ଅଦା ତଥା ତଟକା, ମୋଟା ଏବଂ ଗଜା ଥିବା ଅଦା ବାଛି ପାରିବେ। ସଢ଼ା କିମ୍ବା ଫିମ୍ପି ମାରି ଥିବା ଅଦା ବ୍ୟବହାର କରିବା ଅନୁଚିତ। ଅଦା ରାତିସାରା ପାଣିରେ ଭିଜିଲେ ଶୀଘ୍ର ଗଜା ହୋଇଥାଏ। ଏହା ଏକ ଇଞ୍ଚରୁ ଦେଢ଼ ଇଞ୍ଚ ରହିବା ଆବଶ୍ୟକ। ପରେ କାଚ ଜାର୍‌ରେ ପାଣି ନେଇ ଜାର୍‌ଟିକୁ ସୂର୍ଯ୍ୟକିରଣ ପଡୁଥିବା ଓ ବାୟୁଚଳାଚଳ ହେଉଥିବା ସ୍ଥାନରେ ରଖିପାରିବେ। ମନେ ରଖିବେ, ଅଦା ଚେର ପାଣିକୁ ହାଲୁକା ଛୁଇଁବା ଆବଶ୍ୟକ। ପାଣିରେ ଅଦା ବୁଡି ନ ଯାଏ ତାହା ଧ୍ୟାନ ଦେବେ। ଜାର୍‌ର ପାଣିକୁ ପ୍ରତି ୨ରୁ ୩ ଦିନ ଅନ୍ତରରେ ବଦଳାଇବା ଜରୁରି। ଏହାଦ୍ୱାରା କବକ ଏବଂ ଜୀବାଣୁମୁକ୍ତ ହୋଇଥାଏ। ଯଦି ଚାହିଁବେ, ପାଣିରେ ଲେମ୍ବୁରସ ବୁନ୍ଦା ପକାଇ ପାରିବେ। ଏହି ପ୍ରକ୍ରିୟାରେ ୮ରୁ ୧୦ ଦିନରେ ଅଦାରେ ଛୋଟ ଛୋଟ ଗଜା ବାହାରିବାକୁ ଲାଗେ। ଅଦା ୬ରୁ ୮ ଇଞ୍ଚ ବଢ଼ିଗଲେ, ଏହାକୁ ହାଲୁକା ମାଟି କିମ୍ବା ଖତ ଦେଇ ଲଗାଇପାରିବେ।



## ମକାରେ ଫଲ୍ ଆର୍ମିୱର୍ମ



ବର୍ତ୍ତମାନ ମକା ଚାଷୀଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ ସମୟ। ଏହି ସମୟରେ ମକା ଫସଲରେ ଫଲ୍ ଆର୍ମିୱର୍ମର ପ୍ରକୋପ ଅଧିକ ଦେଖିବାକୁ ମିଳିଥାଏ। ଫଲ୍ ଆର୍ମିୱର୍ମ ଏକ ବିନାଶକାରୀ କୀଟ। ଏହି କୀଟ ପୁରା ଫସଲକୁ ନଷ୍ଟ କରି ଦେଇଥାଏ। ଏହାର ଲାର୍ଭା, ମକା ପତ୍ର ଓ ମକାର ପ୍ରଜନନ ଅଙ୍ଗକୁ ଖାଇ ଖାଇ ନଷ୍ଟ କରିଦିଏ। ଉଦ୍ଭିଦ କୋଷକୁ କଣା କରି ଗଛକୁ ଖୋଳପା କରେ। ଫଳରେ ଫସଲ ନଷ୍ଟ ହୋଇଯାଏ। ତେଣୁ ଏହି ସମସ୍ୟାକୁ ନିୟନ୍ତ୍ରଣ କରିବାକୁ ଚାଷୀଭାଇମାନେ ନିୟମିତ ଫସଲର ଦେଖାରଖା କରିବା ଜରୁରି। ଯଦି କୀଟର ପ୍ରକୋପ ୧୦ ପ୍ରତିଶତରୁ କମ୍ ଥାଏ, ତେବେ ରାସାୟନିକ ଔଷଧ ସିଞ୍ଚନର ଆବଶ୍ୟକ ନ ଥାଏ। ଏହି ସ୍ଥାନରେ ନିମ୍ବ ଅର୍କ କିମ୍ବା ଜୈବିକ ଖତ ବ୍ୟବହାର କରିପାରିବେ। ଯଦି ପୋକର ପ୍ରକୋପ ୧୦ ପ୍ରତିଶତରୁ ଅଧିକ ଥାଏ, ତେବେ କ୍ଲୋରାଣ୍ଟ୍ରାନିଲିପ୍ରୋଲ କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ ୪ମିଲି ପ୍ରତି ୧୦ ଲିଟର ପାଣିରେ ମିଶାଇ ସିଞ୍ଚନ କରିପାରିବେ। ତେବେ ଏହି ଚାଷ ଆରମ୍ଭ ପୂର୍ବରୁ ଗଭୀର ହଳ କରିବା ସହ ମାଟିକୁ କିଛି ସମୟ ଖରାଦେବାକୁ କୃଷି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। କେବଳ ସେତିକି ନୁହେଁ, ଜମିକୁ ସଫା ଓ ସ୍ୱଚ୍ଛ ରଖିବା, ଘାସ ନିୟନ୍ତ୍ରଣ ଏବଂ ବରୁଗୁଡି କିମ୍ବା ନେପିୟର ଘାସ ଲଗାଇପାରିବେ। ଡାଲିଜାତୀୟ ଫସଲ ସହିତ ଅନ୍ତଃଫସଲ ଲଗାଇବାକୁ କୃଷି ବିଶେଷଜ୍ଞ ପରାମର୍ଶ ଦେଇଛନ୍ତି।

## ଫସଲରୁ ରୋଗ ଚିହ୍ନିବ ଏଆଇ



ଭାରତ ଏକ କୃଷିପ୍ରଧାନ ଦେଶ। ଏଠାରେ ଅଧିକାଂଶ ଲୋକ ଚାଷ କାର୍ଯ୍ୟ ଉପରେ ନିର୍ଭରଶୀଳ। ତେବେ ଫସଲରେ ସଠିକ୍ ସମୟରେ ରୋଗପୋକ ଚିହ୍ନଟ କରିବାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ହେଲେ ବିଭିନ୍ନ କାରଣରୁ ଚାଷୀମାନେ ଫସଲରୁ ସହଜରେ ରୋଗ ଓ ପୋକ ଚିହ୍ନଟ କରିପାରିନଥାନ୍ତି। ଫଳରେ କୀଟନାଶକ ସିଞ୍ଚନ ପାଇଁ ସେମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ହେଲେ ଏବେ ଏଆଇ ଏହି ସମସ୍ୟାକୁ ଦୂର କରିବ । ହରିୟାଣା, ରୋହତାକର ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏନେଇ ଏକ ସ୍ମାର୍ଟ କୌଶଳ ବିକଶିତ କରିଛନ୍ତି। ଏହା ଫସଲରେ ଲାଗୁଥିବା ରୋଗପୋକକୁ ଶୀଘ୍ର ଚିହ୍ନଟ କରିବ। ବୈଜ୍ଞାନିକମାନେ କଲରା ପତ୍ରରେ ରୋଗ ଓ ପୋଷକତତ୍ତ୍ୱର ଅଭାବ ବିଷୟରେ ଜାଣିବାକୁ ଡିପ୍ ଲର୍ଣ୍ଣିଂ ସାହାଯ୍ୟରେ ଏଆଇ ମଡେଲ ପ୍ରସ୍ତୁତ କରିଥିଲେ । ଏହା ଏକ ୱେବ୍ ଆପ୍ଲିକେଶନ। ଏହାର ନାଁ ଦିଆଯାଇଛି ଏଗ୍ରିକ୍ୟୁରୋ। ଏହି ଏଆଇ ଟୁଲ୍ କେବଳ କଲରା ନୁହେଁ, କଖାରୁଜାତୀୟ ସମେତ ଅନ୍ୟ ଫସଲରେ ଲାଗୁଥିବା ରୋଗପୋକକୁ ନିରୀକ୍ଷଣ କରିବ। ଫଳରେ ଚାଷୀମାନେ ଫସଲରେ ପ୍ରାରମ୍ଭିକ ଅବସ୍ଥାରୁ କୀଟ ଚିହ୍ନଟ କରି ଏହାକୁ ସହଜରେ ନିୟନ୍ତ୍ରଣ କରିପାରିବେ। ଏନେଇ ଏଆଇ ଟୁଲ୍ ସ୍ମାଟଫୋନ୍‌ରୁ ନେଇଥିବା ଫଟୋ ସାହାଯ୍ୟରେ ଫସଲର ନିମ୍ନମୁଖୀ ପତ୍ରପୋଡ଼ା ରୋଗ ସମେତ ଯବକ୍ଷାରଜାନ, ପଟାସିୟମ, ମ୍ୟାଗ୍ନେସିୟମ ଆଦି ପୋଷକତତ୍ତ୍ୱର ଅଭାବ ଅଛି କି ନାହିଁ ସେ ବିଷୟରେ ସୂଚନା ଦେଇପାରିବ। ତା ସହିତ ଉପରୋକ୍ତ ସମସ୍ୟାର ସମାଧାନ ସୂତ୍ର ମଧ୍ୟ ଏଆଇ ବତାଇପାରିବ। ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ରାଜବୀର ସିଂହ କୁହନ୍ତି, ଏହି କୌଶଳକୁ ଏବେ ଡ୍ରୋନ୍ ଏବଂ ଆଇଓଟି ଉପକରଣ ସହିତ ସଂଯୋଗ କରିବାକୁ ଯୋଜନା କରାଯାଉଛି। ଏଆଇ ଆଧାରିତ କୌଶଳଟି ଚାଷୀଙ୍କ ପାଇଁ ବରଦାନ ସଦୃଶ ହେବ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଧାନ ଫସଲ ଜଳମଗ୍ନ ହୋଇ କ୍ଷତିଗ୍ରସ୍ତ ହୋଇଥିଲେ ତୁରନ୍ତ ୟୁରିଆ ସାର ପ୍ରୟୋଗ ନ କରି ନୂଆ ପିଲ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ।
- ଅଣଧାନ ଫସଲ ଓ ପନିପରିବା ତଳିଘରାରୁ ଅତ୍ୟଧିକ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ। ରୋଗ ଓ ପୋକର ନିୟନ୍ତ୍ରଣ ପାଇଁ ଜମିକୁ ଘାସମୁକ୍ତ ରଖନ୍ତୁ।
- ବର୍ଷା ଯୋଗୁଁ ଫସଲରେ ପତ୍ର ପୋଡ଼ା, ଝାଉଁଳା ଓ ମୂଳ ସଢ଼ା ଦେଖା ଦେବାର ସମ୍ଭାବନା ଅଛି। ବର୍ଷା ଛାଡ଼ିଗଲା ପରେ ପ୍ରତି ୧ ଲିଟର ପାଣିରେ ୨ ଗ୍ରାମ୍ ମେଟାଲାକ୍ସିଲ + ମାଙ୍କୋଜବ୍ ଓ ୧ ଗ୍ରାମ୍ ପ୍ଲାଣ୍ଟୋମାଇସିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରନ୍ତୁ।
- ବର୍ଷା ପରେ ବାଇଗଣ, ଟମାଟୋ ଓ ଲଙ୍କା ଗଛ ମୂଳରେ ପାଣି ଜମି ରହିଲେ କବକ ଜନିତ ଝାଉଁଳା ରୋଗ ହେବାର ସମ୍ଭାବନା ଅଛି। ଏଥିପାଇଁ ଗଛ ମୂଳରେ ଅଧିକ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ।
- ଭେଣ୍ଡିରେ ସାହେବୀ ରୋଗ ଧଳାମାଛି ଦ୍ୱାରା ବ୍ୟାପିଥାଏ। ଏହାକୁ ପ୍ରତିରୋଧ କରିବା ପାଇଁ ପ୍ରତି କେଜି ବିହନକୁ ୪ ଗ୍ରାମ୍ ଇମିଡାକ୍ଲୋପ୍ରିଡ ୭୫% ଡବ୍ଲ୍ୟୁଜି ସହ ମିଶାଇ ବିହନ ବିଶୋଧନ କରନ୍ତୁ। ଜମିରେ ଏକର ପ୍ରତି ୧୨ଟି ହଳଦିଆ ଯନ୍ତା ବସାନ୍ତୁ।
- କୁକୁଡ଼ା ଚିଆଁମାନେ ୩ରୁ ୪ସପ୍ତାହର ହୋଇଯାଇଥିଲେ ରାଣୀଖେତ ରୋଗ ପାଇଁ ପ୍ରତିଷେଧକ ଟିକାକରଣ କରାନ୍ତୁ।

## କୁକୁଡ଼ାଙ୍କ ଟିକାକରଣ ପରର ସତର୍କତା

ଆମ ରାଜ୍ୟର ଅଧିକାଂଶ ଚାଷୀ କୁକୁଡ଼ାପାଳନ କରି ଜୀବିକା ନିର୍ବାହ କରନ୍ତି। ତେବେ କୁକୁଡ଼ାମାନଙ୍କ ଶରୀର ବୃଦ୍ଧି ତଥା ବିଭିନ୍ନ ରୋଗ ଯଥା - ମାରେକ୍ସ, ରାଣୀକ୍ଷେତ, ଗୁମ୍ବୋରୋ, ଫାଉଲ୍‌ପକ୍ସ ଆଦି ନିରାକରଣ ପାଇଁ ସେମାନଙ୍କୁ ବୟସ ଅନୁସାରେ ଟିକା ଦେବାର ବ୍ୟବସ୍ଥା ଅଛି। ତେବେ ଟିକାକରଣ ପରେ କୁକୁଡ଼ାମାନଙ୍କର ବିଶେଷ ଯତ୍ନ ନେବା ଆବଶ୍ୟକ।

- ସର୍ବଦା ସନ୍ଧ୍ୟା ସମୟରେ ପାଳନ କରାଯାଉଥିବା ସମସ୍ତ କୁକୁଡ଼ାମାନଙ୍କୁ ଟିକା ଦେବା ଉଚିତ। ଟିକାକରଣ ପରେ କୁକୁଡ଼ାଙ୍କୁ କିଛି ସମୟ ପାଇଁ ଶାନ୍ତ ବାତାବରଣରେ ଆରାମ ଦେବାର ବନ୍ଦୋବସ୍ତ କରନ୍ତୁ। ଅଯଥା ଗହଳି, ଶବ୍ଦ କରିବା ଅନାବଶ୍ୟକ।
- ସେମାନଙ୍କ ପାଖେ ପର୍ଯ୍ୟାପ୍ତ ମାତ୍ରାର ପିଇବା ପାଣି ରଖନ୍ତୁ। ଯଦି ପାଣି ମାଧ୍ୟମରେ ଟିକା ଦିଆଯାଇଛି ତେବେ ଏକ ଘଣ୍ଟା ପରେ ପାଣି ବଦଳାଇପାରିବେ।
- ସେହିପରି ଟିକା ଦେବା ପରେ କିମ୍ବା ତିନି ଦିନ ପୂର୍ବରୁ ପାଣିରେ ଇଲେକ୍ଟ୍ରୋଲାଇଟସ୍, ସପ୍ଲିମେଣ୍ଟ, ଗ୍ଲୁକୋଜ କିମ୍ବା ଭିଟାମିନ୍ ମିଳାଇ କୁକୁଡ଼ାଙ୍କୁ ପିଇବାକୁ ଦେଇପାରିବେ।
- ଟିକାର ଏକ୍ସପାଏରୀ ତାରିଖ, ସଂରକ୍ଷଣ, କୋଲ୍ଡଚେନ୍ ଠିକ୍ ଭାବେ ହୋଇଛି କି ନାହିଁ ତାହାକୁ ଧ୍ୟାନ ଦିଅନ୍ତୁ। କୁକୁଡ଼ାମାନଙ୍କର ସମସ୍ତ ଟିକା ସିଡ୍ୟୁଲ ଅନୁସାରେ ଅଭିଜ୍ଞ ପ୍ରାଣୀ ଚିକିତ୍ସକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେଲେ, ସେମାନଙ୍କଠାରେ ରୋଗପ୍ରତିରୋଧକ କ୍ଷମତା ବଢ଼ିଥାଏ।
- ଧ୍ୟାନ ଦେବେ ରୋଗାଗ୍ରସ୍ତ କୁକୁଡ଼ା, ଅସୁସ୍ଥତା ଅନୁଭବ କରୁଥିବା କୁକୁଡାଙ୍କୁ ଟିକା ଦେବା ଅନୁଚିତ।



# ଧାବିକା ଧନଲକ୍ଷ୍ମୀ ସାମୟିକ ବାସନ୍ଦ



ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ତାମିଲନାଡୁର ଜଣାଶୁଣା ଧାବିକା ଧନଲକ୍ଷ୍ମୀ ଶେକର ତାଙ୍କ କ୍ୟାରିୟରରେ ଦ୍ୱିତୀୟଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଛନ୍ତି । ଗତ ଜୁଲାଇ ୨୭ରେ ପଞ୍ଜାବରେ ଅନୁଷ୍ଠିତ ଇଣ୍ଡିଆନ୍ ଓପନ୍ ଆଥ୍‌ଲେଟିକ୍ସ ମିଟ୍ ଅବସରରେ ତାଙ୍କ ନମୁନା ସଂଗ୍ରହ କରାଯାଇଥିଲା । ଯାହାର ରିପୋର୍ଟ ସଦ୍ୟ ପ୍ରକାଶ ପାଇଥିଲା । ଏଥିରେ ୨୭ ବର୍ଷୀୟା ଧନଲକ୍ଷ୍ମୀଙ୍କ ରିପୋର୍ଟ ପଜିଟିଭ ଆସିଛି । ସେ ଷ୍ଟେରଏଡ୍ ଡ୍ରୋଷ୍ଟାନୋଲୋନ ସେବନ କରିଥିବା ଜଣାପଡ଼ିଛି । ଫଳରେ ଧନଲକ୍ଷ୍ମୀଙ୍କୁ ତୁରନ୍ତ ସାମୟିକ ବାସନ୍ଦ କରାଯାଇଛି । ଧନଲକ୍ଷ୍ମୀ ୨୦୨୨ରେ ପ୍ରଥମଥର ଲାଗି ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ । ଏଥିଲାଗି ତାଙ୍କୁ ୩ ବର୍ଷ ପାଇଁ ବାସନ୍ଦ କରାଯାଇଥିଲା । ଗତ ଜୁଲାଇ ୧୭ରେ ସେ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରି ପଞ୍ଜାବ ମିଟ୍‌ରେ ଭାଗନେଇ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଏଥିରେ ସେ ୧୦୦ ମିଟର ରେସକୁ ୧୧.୫୫ ସେକେଣ୍ଡରେ ଫିନିଶ କରି ପୋଡିୟମ ଶୀର୍ଷରେ ରହିଥିଲେ । ଉଲ୍ଲେଖଯୋଗ୍ୟ, ଧନଲକ୍ଷ୍ମୀ ଏବେ ୮ ବର୍ଷ ବାସନ୍ଦ ହୋଇପାରନ୍ତି । ଜଣେ ଆଥ୍‌ଲେଟ୍ କ୍ୟାରିୟରରେ ଦ୍ୱିତୀୟଥର ଡୋପ୍ ଟେଷ୍ଟରେ ବିଫଳ ହେଲେ ୮ ବର୍ଷ ବାସନ୍ଦ ହେବାର ନିୟମ ରହିଛି । ଯଦି ସେ ଅଜାଣତରେ ନିଷିଦ୍ଧ ଔଷଧ ସେବନ କରିଥାନ୍ତି ତେବେ ତାଙ୍କ ଦଣ୍ଡାଦେଶ କୋହଳ ହୋଇପାରେ । ଧନଲକ୍ଷ୍ମୀ ସେବନ କରିଥିବା ଡ୍ରୋଷ୍ଟାନୋଲୋନ ଏକପ୍ରକାର ଷ୍ଟେରଏଡ୍ । ଯାହାକି ଶରୀରକୁ ମାଂସପେଶୀ ଓ ଶକ୍ତି ବୃଦ୍ଧିରେ ସହାୟତା କରିଥାଏ ।

# ସାଂଘାଇ ମାଷ୍ଟର୍ସରୁ ଜ୍ୱେରେଭ ବିଦା

ସାଂଘାଇ, ୬ ।୧୦ (ଏଜେନ୍ସି): ବିଶ୍ୱର ୩ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ଆଲେକ୍ସଜାଣ୍ଡର ଜ୍ୱେରେଭ ଚଳିତ ସାଂଘାଇ ମାଷ୍ଟର୍ସ ଟେନିସ ଟୁର୍ଣ୍ଣାମେଣ୍ଟରେ ବଡ଼ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି । ସୋମବାର ଅନୁଷ୍ଠିତ ରାଉଣ୍ଡ-୩୨'ର ଏକ ମ୍ୟାଚରେ ଜର୍ମାନୀର ଜ୍ୱେରେଭ ୬-୪, ୩-୬, ୨-୬ ସେଟ୍‌ରେ ବିଶ୍ୱ ମାନ୍ୟତାର ୫୪ତମ ସ୍ଥାନରେ ଥିବା ଫ୍ରାନ୍ସର ଆର୍ଥର ରିନଡେର୍କନେଚ୍‌ଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ପ୍ରଥମ ସେଟ୍‌ରେ ଜ୍ୱେରେଭ ବିଜୟୀ ହୋଇଥିଲେ ମଧ୍ୟ ପରବର୍ତ୍ତୀ ଦୁଇ ସେଟ୍‌ରେ ଆର୍ଥର ଚମତ୍କାର ପ୍ରତ୍ୟାବର୍ତ୍ତନ କରି ମ୍ୟାଚକୁ ହାତେଇନେଇଥିଲେ । ୩୦ ବର୍ଷୀୟ ଆର୍ଥର ତାଙ୍କ କ୍ୟାରିୟରରେ ୩ୟଥର ଲାଗି କୌଣସି ମାଷ୍ଟର୍ସ-୧୦୦୦ ଟୁର୍ଣ୍ଣାମେଣ୍ଟର ତୃତୀୟ ରାଉଣ୍ଡରେ ପହଞ୍ଚିଛନ୍ତି । ପ୍ରି-କ୍ୱାର୍ଟରରେ ସେ ଚେକ୍ ଗଣରାଜ୍ୟର ଜିରି ଲେହେକାଙ୍କୁ ଭେଟିବେ । ପୂର୍ବରୁ ଅନ୍ୟ ଏକ ମ୍ୟାଚରେ ଆଲେକ୍ସ ଡି ମିନାଉର୍ ୬-୧, ୭-୫ ସିଧାସଳଖ ସେଟରେ କାମିଲ ମାଜଚାଜାକଙ୍କୁ ହରାଇ ରାଉଣ୍ଡ-୧୬ରେ ପ୍ରବେଶ କରିଛନ୍ତି ।



### ଆବିୟା ପାରା ବ୍ୟାଡ୍‌ମିଣ୍ଟନ

# ପ୍ରମୋଦ ଜିତିଲେ ୩ ସ୍ୱର୍ଣ୍ଣ ପଦକ

ଭୁବନେଶ୍ୱର, ୬ ।୧୦ (ସମିସ)



ତାରକା ଭାରତୀୟ ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ପ୍ରମୋଦ ଭଗତ ବାସନ୍ଦାଦେଶରୁ ପ୍ରତ୍ୟାବର୍ତ୍ତନ କରିବା ପରେ ତାଙ୍କ ଦମ୍‌ଦାର ପ୍ରଦର୍ଶନ ଜାରି ରଖିଛନ୍ତି । ନାଇଜେରିଆର ଆବିୟା ରାଜ୍ୟରେ ଅନୁଷ୍ଠିତ ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ପ୍ରମୋଦ ୩ଟି ସ୍ୱର୍ଣ୍ଣ ପଦକ ଜିତି ରାଜ୍ୟ ତଥା ଦେଶ ପାଇଁ ଗୌରବ ଆଣିଛନ୍ତି । ଏହି ଟୁର୍ଣ୍ଣାମେଣ୍ଟର ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୩ ଇଭେଣ୍ଟର ଫାଇନାଲରେ ପ୍ରମୋଦ ୨୧-୭, ୯-୨୧, ୨୧-୯ରେ ସାଥୀ ଭାରତୀୟ ଖେଳାଳି ମଣ୍ଟୁ କୁମାରଙ୍କୁ ପରାସ୍ତ କରି ଚାମ୍ପିଅନ ହୋଇଥିଲେ । ଏହାପରେ ପ୍ରମୋଦ ପୁରୁଷ ଡବଲ୍ସରେ ମଧ୍ୟ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ଏଥିରେ ସେ ଭାରତର ସୁକାନ୍ତ କଦମଙ୍କୁ ସାଥୀ କରି ୨୧-୧୩, ୨୧-୧୭ରେ ପେରୁର ଗେରସନ ଜାରି ଓ ଡିଆନା ଗୋଲାକ ଯୋଡ଼ିଙ୍କୁ ହରାଇଥିଲେ । ୩୭ ବର୍ଷୀୟ ପ୍ରମୋଦ ନିଜର ୩ୟ ସ୍ୱର୍ଣ୍ଣ ପଦକ ମିକ୍ସଡ ଇଭେଣ୍ଟରୁ ପାଇଥିଲେ ।

ମିକ୍ସଡ ଫାଇନାଲରେ ପ୍ରମୋଦ ଓ ଆରତୀ ପାଟିଲଙ୍କୁ ସାଥୀ କରି ବିଜୟୀ ହୋଇଥିଲେ । 'ପ୍ରତ୍ୟେକ ବିଜୟ ମୋତେ ଆଗକୁ ବଢ଼ାଇବାକୁ ପ୍ରେରଣା ଯୋଗାଇଥାଏ । ଏଭଳି ଅନ୍ତର୍ଜାତୀୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରି ଭାରତ ପାଇଁ ଗୌରବ ଆଣିବା ସର୍ବଦା ସ୍ୱତନ୍ତ୍ର' ବୋଲି ୩୭ ବର୍ଷୀୟ ପ୍ରମୋଦ ଭଗତ କହିଛନ୍ତି । ଉଲ୍ଲେଖଯୋଗ୍ୟ, ଓଡ଼ିଶାର ଏହି ତାରକା ପାରା ବ୍ୟାଡ୍‌ମିଣ୍ଟନ ଖେଳାଳି ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । କିନ୍ତୁ ପରବର୍ତ୍ତୀ ସମୟରେ ଗୋଟିଏ ବର୍ଷରେ ନିଜ ଠିକଣା ପ୍ରଦାନ କରିବାରେ ବିଫଳ ହେବାରୁ ବାସନ୍ଦର ସମ୍ମୁଖୀନ ହୋଇଥିଲେ । ଯେଉଁଥି ପାଇଁ ସେ ପ୍ୟାରିସ ପାରା ଅଲିମ୍ପିକ୍ସରୁ ବଞ୍ଚିତ ହୋଇଥିଲେ ।

## ଓଡ଼ିଶା ଖେଳାଳିଙ୍କ ଚମକ

ପ୍ରମୋଦଙ୍କ ବ୍ୟତୀତ ଏହି ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିଥିବା ଅନ୍ୟ ୩ଜଣ ଖେଳାଳି ନୁରୂଲ ହୋସେନ ଖାନ, କୁଲଦୀପ୍ ମହାକୁଳ ଓ ବିଶ୍ୱରଞ୍ଜନ ପଣ୍ଡା ମଧ୍ୟ ପଦକ ସଫଳତା ପାଇଛନ୍ତି । ନୁରୂଲ ପୁରୁଷ ସିଙ୍ଗଲ୍ସ ଡବ୍ଲ୍ୟୁଏଚ୍-୨ ଇଭେଣ୍ଟରେ ରୌପ୍ୟ ଏବଂ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ । ସେହିଭଳି କୁଲଦୀପ୍ ଓ ବିଶ୍ୱରଞ୍ଜନ କାଂସ୍ୟ ପଦକରେ ସନ୍ତୁଷ୍ଟ ରହିଥିଲେ । କୁଲଦୀପ୍ ପୁରୁଷ ସିଙ୍ଗଲ୍ସ ଏସ୍‌ଏଲ୍-୪ ଇଭେଣ୍ଟରେ ଏବଂ ବିଶ୍ୱରଞ୍ଜନ ଡବଲ୍ସର ଏସ୍‌ୟୁ-୫ ଇଭେଣ୍ଟରେ ଅଂଶଗ୍ରହଣ କରି ଏହି ସଫଳତା ପାଇଥିଲେ ।


### ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ଚାମ୍ପିଅନସିପ୍

# ବିଜୟରୁ ଭାରତର ଅଭିଯାନ ଆରମ୍ଭ

ଗୌହାଟୀ, ୬ ।୧୦ (ଏଜେନ୍ସି): ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ମିକ୍ସଡ ଟିମ୍ ଚାମ୍ପିଅନସିପ୍‌ରେ ଆୟୋଜକ ଭାରତୀୟ ବ୍ୟାଡ୍‌ମିଣ୍ଟନ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି । ସୋମବାର ଭାରତୀୟ ମିକ୍ସଡ ଟିମ୍ ଦଳ ପ୍ରଥମ ମ୍ୟାଚରେ ୪୫-୧୮, ୪୫-୧୭ ଗେମରେ ନେପାଳକୁ ହରାଇଥିଲା । ଏହି ମ୍ୟାଚରେ ବାଳକ ଡବଲ୍ସରେ ଭାରତର ଭାର୍ଗବ ରାମ ଓ ବିଶ୍ୱ ତେଜ୍ ଯୋଡ଼ି ୯-୩ରେ ବିଜୟୀ ହୋଇଥିଲେ । ସେହିଭଳି ବାଳିକା ଉନ୍ନତି ହୁଡା ଓ ତନଭୀ ଶର୍ମା ମଧ୍ୟ ସହଜରେ ନେପାଳ ପ୍ରତିପକ୍ଷ ଖେଳାଳିଙ୍କୁ ପରାସ୍ତ କରିଥିଲେ । ଏହି ଚାମ୍ପିଅନସିପ୍‌ରେ ମୋଟ୍ ୩୬ଟି ଦଳକୁ ୮ଟି ଗ୍ରୁପ୍‌ରେ ଭାଗ କରାଯାଇଛି । ଗ୍ରୁପ୍-ଏଚ୍'ରେ ସ୍ଥାନ ପାଇଥିବା ଆୟୋଜକ ଭାରତ ପରବର୍ତ୍ତୀ ମ୍ୟାଚରେ ମଙ୍ଗଳବାର ଶ୍ରୀଲଙ୍କାକୁ ଏବଂ ବୁଧବାର ୟୁଏଇ ସହ ଖେଳିବ । ଉଦ୍‌ଘାଟନୀ ଦିବସରେ ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଶ୍ରୀଲଙ୍କା ୩୦-୪୫, ୪୫-୩୪, ୪୫-୪୪ରେ ଶ୍ରୀଲଙ୍କାକୁ, ଚାଇନା ୪୫-୧୪, ୪୫-୧୦ରେ ଘାନାକୁ, କୋରିଆ ୪୫-୨୨, ୪୫-୨୯ରେ ହଙ୍ଗେରୀକୁ ହରାଇଥିଲା ।

# ବିଶ୍ୱକପ୍ ବିଜେତା ୱେଷ୍ଟଇଣ୍ଡିଜ୍ କ୍ରିକେଟର୍ ଜୁଲିଏନ୍‌ଙ୍କ ପରଲୋକ

ତ୍ରିନିଦାଦ୍, ୬ ।୧୦(ଏଜେନ୍ସି): ୱେଷ୍ଟଇଣ୍ଡିଜ ପୂର୍ବତନ ଅଲରାଉଣ୍ଡର ବର୍ଣ୍ଣାଡ ଜୁଲିଏନଙ୍କ ନର୍ଥ ତ୍ରିନିଦାଦର ଟାଉନ୍ ଅଫ୍ ଭାଲସେନରେ ପରଲୋକ ଗମନ କରିଛନ୍ତି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ସେ ମୁଖ ଗହ୍ୱର କର୍କଟ ରୋଗରେ ପୀଡିତ ଥିଲେ । ଜୁଲିଏନ ୧୯୭୫ ବିଶ୍ୱକପ୍ ଚାମ୍ପିଅନ ୱେଷ୍ଟଇଣ୍ଡିଜ ଦଳର ସଦସ୍ୟ ଥିଲେ । ତାଙ୍କ ଦେହାନ୍ତରେ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ଏକ୍ସରେ ପୋଷ୍ଟ କରି ଶୋକ ଜାହିର କରିଛି । ୧୯୭୩ ଜୁଲାଇ ୨୬ରେ ସେ ପ୍ରଥମ ଟେଷ୍ଟ ଖେଳିବା ସହ ଅନ୍ତର୍ଜାତୀୟ କ୍ରିକେଟରେ ପଦାର୍ପଣ କରିଥିଲେ । ଜୁଲିଏନ୍ ତାଙ୍କ କ୍ୟାରିଅରରେ ୨୪ ଟେଷ୍ଟ ଓ ୧୨ଟି ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ । ସେ ଅନ୍ତର୍ଜାତୀୟ କ୍ରିକେଟରେ ୬୮ଟି ୱିକେଟ ନେବା ସହ ୯୫୨ ରନ ସଂଗ୍ରହ କରିଥିଲେ । ଟେଷ୍ଟ ଫର୍ମାଟରେ ସେ ୨ଟି ଶତକ ଓ ୩ଟି ଅର୍ଦ୍ଧଶତକ ଅର୍ଜନ କରିବା ସହ ୫୦ଟି ୱିକେଟ ଅକ୍ତିଆର କରିଥିଲେ । ସେହିପରି ଦିନିକିଆ ଫର୍ମାଟରେ ସେ ୧୮ଟି ୱିକେଟ ଅକ୍ତିଆର କରିଥିଲେ । ୧୯୭୫ ଦିନିକିଆ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ ବିପକ୍ଷ ଫାଇନାଲରେ ସେ ୩୭ଟି ବଲର ସମ୍ମୁଖୀନ ହୋଇ ଅପରାଜିତ ୨୬ ରନ ସଂଗ୍ରହ କରି ୱେଷ୍ଟଇଣ୍ଡିଜକୁ ଚାମ୍ପିଅନ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ଜଣେ ଉଚ୍ଚକୋଟୀର ବାମହାତୀ ଦ୍ରୁତ ବୋଲର ସହ ହାର୍ଡ ହିଟର ବ୍ୟାଟର ଥିଲେ । ବର୍ଣ୍ଣାଡ ୧୯୭୦ରୁ ୧୯୭୭ ମଧ୍ୟରେ କେଣ୍ଟ ଟିମ୍ ତରଫରୁ ଇଂଲିଶ କାଉଣ୍ଟି ଖେଳିଥିଲେ । ସେ ୧୯୬୮ରୁ ୧୯୮୨ ମଧ୍ୟରେ ତ୍ରିନିଦାଦ ଓ ଟବାଗୋ ଦଳ ତରଫରୁ ଘରୋଇ କ୍ରିକେଟ ଖେଳିଥିଲେ ।



# ଟି-୨୦ ସିରିଜ୍‌ରେ ବାଂଲାଦେଶର କ୍ଲିନ୍ ସୁଇପ୍





## ଆଫଗାନିସ୍ତାନ ୬ ୱିକେଟରେ ପରାସ୍ତ

ଶାରଜା, ୬ ।୧୦(ଏଜେନ୍ସି): ଆଫଗାନିସ୍ତାନ ବିପକ୍ଷ ତୃତୀୟ ତଥା ଅନ୍ତିମ ଟି-୨୦ ମୁକାବିଲାରେ ବାଂଲାଦେଶ ଦୁଇ ଓଭର ବାକି ଥାଇ ୬ ୱିକେଟରେ ବିଜୟ ହାସଲ କରିଛି । ଏଥିସହ ବାଂଲାଦେଶ ସମସ୍ତ ମ୍ୟାଚ୍ ଜିତି ୩-୦ରେ କ୍ଲିନ୍ ସୁଇପ୍ କରିଛି । ସ୍ଥାନୀୟ ଶାରଜା କ୍ରିକେଟ ଷ୍ଟାଡିୟମରେ ରବିବାର ବିଳମ୍ବିତ ରାତିରେ ଅନୁଷ୍ଠିତ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୯ ୱିକେଟ ହରାଇ ୧୪୩ ରନ ସଂଗ୍ରହ କରିଥିଲା । ଜବାବରେ ବାଂଲାଦେଶ ୧୮ ଓଭରରେ ୪ ୱିକେଟ ହରାଇ ୧୪୪ ରନକରି ବିଜୟ ହାସଲ କରିଥିଲା । ସୈଫ୍ ହାସନ ୩୮ ବଲ୍‌ର ସମ୍ମୁଖୀନ ହୋଇ ୨ ଚୌକା ଓ ୭ ଛକା ସହ ଅପରାଜିତ ୬୪ ରନ୍‌ର ବିସ୍ଫୋରକ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ଜିତାଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ତାନଜିଦ ହାସନ ୩୩ ରନ ସଂଗ୍ରହ କରିଥିଲେ । ବୋଲିଂରେ ଆଫଗାନିସ୍ତାନ ପାଇଁ ମୁଜିବ ଉର ରହମାନ ୨, ଆଜମାତୁଲ୍ଲା ଓମରଜାଇ ଓ ଅବଦୋଲ୍ଲ ଅହମ୍ମଦ ଜାଇ ଗୋଟିଏ ଲେଖାଏ ୱିକେଟ ଅକ୍ତିଆର କରିଥିଲେ ।

ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ତରଫରୁ ଦାରୱିସ ରାସୁଲି ସର୍ବାଧିକ ୩୨, ସେଦିକୁଲ୍ଲା ଅଟଲ ୨୮ ଓ ମୁଜିବ ଉର ରହମାନ ଅପରାଜିତ ୨୩ ରନ ସଂଗ୍ରହ କରିଥିଲେ । ବାଂଲାଦେଶ ତରଫରୁ ମହମ୍ମଦ ସୈଫୁଦ୍ଦିନ ୩, ନାସୁମ ଅହମ୍ମଦ ଓ ତାଞ୍ଜିମ ହାସନ ସାକିବ ୨ଟି ଲେଖାଏ ୱିକେଟ ଅକ୍ତିଆର କରିଥିଲେ । ବାଂଲାଦେଶ ପ୍ରଥମ ଟି-୨୦ରେ ୪ ୱିକେଟରେ ଓ ଦ୍ୱିତୀୟ ଟି-୨୦ରେ ୨ ୱିକେଟରେ ବିଜୟ ହାସଲ କରିଥିଲା । ବାଂଲାଦେଶ ସୈଫ୍ ହାସନ ମ୍ୟାନ ଅଫ୍ ଦି ମ୍ୟାଚ୍ ଓ ନାସୁମ ଅହମ୍ମଦ ସିରିଜରେ ମୋଟ୍ ୫ ୱିକେଟ ଅକ୍ତିଆର କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଛନ୍ତି । ଏବେ ଦୁଇ ଦେଶ ଦିନିକିଆ ସିରିଜରେ ପରସ୍ପରକୁ ଭେଟିବେ । ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଦିନିକିଆ ମ୍ୟାଚ୍ ଯଥାକ୍ରମେ ଅକ୍ଟୋବର ୮, ୧୧ ଓ ୧୪ ତାରିଖରେ ଖେଳାଯିବ ।

# ପାକିସ୍ତାନ ବ୍ୟାଟର୍ ଅମିନଙ୍କ ୫୦ ପ୍ରତିଶତ ଫି' କଟିଲା




ନୂଆଦିଲ୍ଲୀ, ୬ ।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସବୁଠୁ ହାଇଭୋଲଟେଜ ମ୍ୟାଚରେ ଆୟୋଜକ ଭାରତ ୮୮ ରନରେ ପାକିସ୍ତାନ ଦଳକୁ ମାତ୍ ଦେଇଥିଲା । ରବିବାର କଲମ୍ବୋର ଆର୍ ପ୍ରେମଦାସ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୨୪୭ ରନ କରିଥିଲା । ଜବାବରେ ପାକିସ୍ତାନ ୪୩ ଓଭରରେ ୧୫୯ ରନରେ ଅଲ୍‌ଆଉଟ୍ ହୋଇ ଲଜ୍ଜାଜନକ ପରାଜୟବରଣ କରିଥିଲା । ଏହି ମ୍ୟାଚରେ ୮୧ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିବା ପାକିସ୍ତାନ ବ୍ୟାଟର୍ ସିଦ୍ରା ଅମିନଙ୍କ ଉପରେ ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି ବଡ଼ ଜରିମାନା ଲଗାଇଛି । ଆଇସିସି ତାଙ୍କ ମ୍ୟାଚ୍ ପାଉଣାର ୫୦ ପ୍ରତିଶତ ଅର୍ଥରାଶି କାଟିଦେଇଛି । ମ୍ୟାଚରେ ଅମିନ ୪୦ତମ ଓଭରରେ ସ୍ନେହ ରାଣାଙ୍କ ବଲରେ ଅଧିନାୟିକା ହରମନପ୍ରୀତ୍ କୌରଙ୍କୁ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ । ତେବେ ଆଉଟ୍ ହେବାପରେ ରାଗିଯାଇ ସେ ବ୍ୟାଟ୍‌କୁ ଭୂମିରେ ଶକ୍ତ ଆଘାତ କରିଥିଲେ । ଯାହାକି ଆଇସିସି ଆଚରଣ ସଂହିତାର ଧାରା ୨.୨କୁ ଉଲ୍ଲଂଘନ କରିଥିଲା । ଆଇସିସିର ଏହି ଧାରା ଅନୁଯାୟୀ, ଯଦି ଖେଳାଳି ମ୍ୟାଚ୍ ସମୟରେ କ୍ରିକେଟ୍ ଉପକରଣ, ପୋଷାକ କିମ୍ବା ଭୂମିରେ ଥିବା କୌଣସି ସମ୍ପତ୍ତିକୁ କ୍ଷତି ପହଞ୍ଚାନ୍ତି ତେବେ ଆଚରଣ ସଂହିତା ଉଲ୍ଲଂଘନ ଅଭିଯୋଗରେ ତାଙ୍କୁ ଦଣ୍ଡିତ କରାଯାଇଥାଏ ।

### ଆଇସିସି ମହିଳା ବିଶ୍ୱକପ୍

# ବ୍ରିଟ୍ସଙ୍କ ଶତକ, ମାଲ୍‌ବାଙ୍କୁ ୪ ୱିକେଟ୍

ଇନ୍ଦୋର, ୬ ।୧୦ (ଏଜେନ୍ସି)




ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ୭ମ ଦିବସରେ ସୋମବାର ଦୁଇ ଶକ୍ତିଶାଳୀ ଦଳ ଦକ୍ଷିଣ ଆଫ୍ରିକା ଓ ନ୍ୟୁଜିଲାଣ୍ଡ ସାମ୍ନାସାମ୍ନି ହୋଇଛନ୍ତି । ସ୍ଥାନୀୟ ହୋଲକର୍ କ୍ରିକେଟ୍ ଷ୍ଟାଡିୟମରେ ଅନୁଷ୍ଠିତ ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ମହିଳା ଦଳ ଅଧିନାୟିକା ସୋଫି ଡିଭାଇନଙ୍କ ଅର୍ଦ୍ଧଶତକ ବଳରେ ୨୩୧ ରନ କରି ଅଲ୍‌ଆଉଟ୍ ହୋଇଥିଲା । ଜବାବରେ ଏହି ଲକ୍ଷ୍ୟକୁ ପିଛା କରିଥିବା ଦକ୍ଷିଣ ଆଫ୍ରିକା ଦଳ ୩୮ ଓଭରରେ ୪ଟି ୱିକେଟ୍ ହରାଇ ୨୧୪ ରନ ସଂଗ୍ରହ କରିଛି । ତାଜମିନ ବ୍ରିଟ୍ସ ୧୦୧ ରନର ଶତକୀୟ ପାଳି ଖେଳିଛନ୍ତି । ପୂର୍ବରୁ ବିଶ୍ୱକପ୍‌ରେ ନ୍ୟୁଜିଲାଣ୍ଡ ପ୍ରଥମ ମ୍ୟାଚରେ ୮୯ ରନରେ ଅଷ୍ଟ୍ରେଲିଆ ମହିଳା ଦଳଠାରୁ ପରାସ୍ତ ହୋଇଥିଲା । ସେହିଭଳି ଦକ୍ଷିଣ ଆଫ୍ରିକା ୧୦ୱିକେଟ୍‌ରେ ଇଂଲଣ୍ଡ ନିକଟରୁ ହାରିଥିଲା ।

ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ଅଧିନାୟିକା ସୋଫି ଡିଭାଇନ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ । ଇନିଂସର ପ୍ରଥମ ବଲରେ ଦଳ ନିର୍ଭରଯୋଗ୍ୟ ଓପନର୍ ସୁଜି ବେଟ୍ସଙ୍କ ୱିକେଟ୍ ହରାଇଥିଲା । ତେବେ ମଧ୍ୟକ୍ରମ ବ୍ୟାଟର୍‌ଙ୍କ ଉପଯୋଗୀ ପାଳି ଯୋଗୁ ନ୍ୟୁଜିଲାଣ୍ଡ ୪୭.୫ ଓଭରରେ ୨୩୧ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା । ଦଳ ପକ୍ଷରୁ ଅଧିନାୟିକା ସୋଫି ସର୍ବାଧିକ ୮୫ ରନ କରିଥିଲେ । ୯୮ ବଲର ପାଳିରେ ସେ ୯ଟି ଚୌକା ମାରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବ୍ରୁକ୍ ହଲିଡେ ୪୫, ଜର୍ଜିଆ ପ୍ଲିମର ୩୧, ଆମେଲିଆ କେର୍ ୨୯ ରନ କରିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ବାମହାତୀ ସ୍ପିନର ନନକୁଲୁଲେକୋ ମାଲ୍‌ବା ସର୍ବାଧିକ ୪ଟି ୱିକେଟ୍ ସଫଳତା ପାଇଥିଲେ ।

**ବିଶ୍ୱକପ୍‌ରେ ଆଜିର ମ୍ୟାଚ୍**

**ଇଂଲଣ୍ଡ-ବାଂଲାଦେଶ**

**ଆରମ୍ଭ : ଅପରାହ୍ଣ ୩ଟା**

**ସ୍ଥାନ : ଗୌହାଟୀ**

# ମିତାଲିଙ୍କ ନାମରେ ନାମିତ ହେବ ବିଶାଖାପାଟଣା ଷ୍ଟାଡିୟମ ଷ୍ଟାଣ୍ଡ



ବିଶାଖାପାଟନମ, ୬ ।୧୦(ଏଜେନ୍ସି): ସ୍ଥାନୀୟ ୱାଇଏସ୍‌ଆର ରାଜ ଶେଖର ରେଡ୍ଡୀ ଏସିଏ- ଭିଡିସିଏ ଷ୍ଟାଡିୟମରେ ପୂର୍ବତନ ଭାରତୀୟ ମହିଳା ଅଧିନାୟିକା ମିତାଲି ରାଜ ଓ ରବି କଳ୍ପନାଙ୍କ ସମ୍ମାନରେ ଦୁଇଟି ଷ୍ଟାଣ୍ଡ ନାମିତ ହେବ । ଅକ୍ଟୋବର ୧୨ରେ ଏହି ଦୁଇଟି ଷ୍ଟାଣ୍ଡର ଉଦ୍‌ଘାଟନ କରାଯିବ । ଏହି ଦିନ ଆଇସିସି ଦିନିକିଆ ବିଶ୍ୱକପ୍‌ରେ ଭାରତ ଓ ଅଷ୍ଟ୍ରେଲିଆ ପରସ୍ପରକୁ ଭେଟିବେ । ଏହି ହାଇପ୍ରୋଫାଇଲ ମ୍ୟାଚ୍ ଖେଳାଯିବା ପୂର୍ବରୁ ଦୁଇଟି ଷ୍ଟାଣ୍ଡ ଦୁଇ କିମ୍ବଦନ୍ତୀ ମହିଳା ଖେଳାଳିଙ୍କ ନାମରେ ନାମିତ ହେବ ବୋଲି ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଦିଆଯାଇଛି । ୪୨ ବର୍ଷୀୟା ମିତାଲି ଦୀର୍ଘ ୨୩ ବର୍ଷର କ୍ୟାରିଅରରେ ଭାରତ ତରଫରୁ ପ୍ରତିନିଧିତ୍ୱ କରି ୧୨ଟି ଟେଷ୍ଟ ଓ ୨୩୨ଟି ଦିନିକିଆ ଓ ୮୯ଟି ଟି-୨୦ ମ୍ୟାଚ୍ ଖେଳିଛନ୍ତି । ମିତାଲି ଟେଷ୍ଟରେ ୪୩.୬୮ ହାରରେ ୬୯୯ ଓ ଦିନିକିଆରେ ୫୦.୬୮ ହାରରେ ୭,୮୦୫ ରନ ସଂଗ୍ରହ କରିଥିଲେ । ସେହିପରି ଟି-୨୦ରେ ସେ ୩୭. ୫୨ ହାରରେ ୨,୩୬୪ ରନ ସଂଗ୍ରହ କରିଥିଲେ । ଦିନିକିଆରେ ସେ ୭ଟି ଶତକ ଓ ୬୪ଟି ଅର୍ଦ୍ଧଶତକ ଅର୍ଜନ କରିଥିଲେ । ମିତାଲିଙ୍କୁ ଭାରତ ଓ ତଥା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ମହିଳା ବ୍ୟାଟର ଭାବେ ବିବେଚନା କରାଯାଏ । ବିଶ୍ୱ କ୍ରିକେଟରେ ତାଙ୍କ ଅସାଧାରଣ ପ୍ରଦର୍ଶନ ପାଇଁ ମିତାଲିଙ୍କୁ କିମ୍ବଦନ୍ତୀ ଆଖ୍ୟା ମିଳିଛି । ସେହିପରି ଆନ୍ଧ୍ରପ୍ରଦେଶ ପାଇଁ ଜଣେ ୱିକେଟକିପର ବ୍ୟାଟର ଭାବେ ଖେଳିଥିବା ୨୯ ବର୍ଷୀୟ ରବି କଳ୍ପନା ଭାରତ ପାଇଁ ୭ଟି ଏକଦିବସୀୟ ମ୍ୟାଚ୍ ଖେଳିଛନ୍ତି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS